

ଇଂଲଣ୍ଡ ବିପକ୍ଷରେ ଖେଳିବେନି ରୋହିତ! ପୃଷ୍ଠା ୬

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 33 | ISSUE 7 | ଭାଗ ୩୩ | ସଂଖ୍ୟା ୭ | Bhubaneswar | Saturday 29 March 2025 | Page 8 Rs. 4.00 | ● ଭୁବନେଶ୍ୱର ଶନିବାର ୨୯ ମାର୍ଚ୍ଚ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା



# ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିକାଶର ମୂଳମନ୍ତ୍ର: ମୁଖ୍ୟମନ୍ତ୍ରୀ

**ଅତ୍ୟାଧୁନିକ ଗବେଷଣା ମାଧ୍ୟମରେ ରାଜ୍ୟକୁ ଶୀର୍ଷରେ ପହଞ୍ଚାଇବା ଲକ୍ଷ୍ୟ**

**ଡିପ୍‌ଟେକ୍ ଓ ଫ୍ରଣ୍ଟିୟର ଟେକ୍ନୋଲୋଜି ଉପରେ ସରକାରଙ୍କ ଧ୍ୟାନ**

ଭୁବନେଶ୍ୱର,୨୮।୩(ସଂଚାର ବ୍ୟୁରୋ): ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ହିଁ ବିକାଶର ମୂଳମନ୍ତ୍ର। ବିଜ୍ଞାନର ଉପଯୋଗ ସାଧାରଣ ଜନତାଙ୍କ ସୁବିଧା ସୁଯୋଗକୁ ଆଖି ଆଗରେ ରଖି ସ୍ଥାୟୀ ପରିବର୍ତ୍ତନ ଆଣିବାରେ ନିୟୋଜିତ ହେବା ଉଚିତ। ଏଥିପାଇଁ ତୃଣମୂଳ ସ୍ତରରେ ଗବେଷଣା ହେବା ସହ ବିଜ୍ଞାନ ଓ କାରିଗରୀ କ୍ଷେତ୍ରରେ ବ୍ୟାପକ ଉନ୍ନତି ଆଣି ଅର୍ଥନୈତିକ ଓ ପ୍ରଗତିର ଶୀର୍ଷ ସ୍ଥାନରେ ଆମ ରାଜ୍ୟକୁ ପହଞ୍ଚାଇବା ମୂଳ ଉଦ୍ଦେଶ୍ୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନ କନଭେନସନ ସେଣ୍ଟରରେ ଓଡ଼ିଶା ବିଜ୍ଞାନ ଏକାଡେମୀ ପକ୍ଷରୁ ଆୟୋଜିତ 'ବୈଜ୍ଞାନିକ ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରଦାନ ଉତ୍ସବ' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦାନ ଅବସରରେ କହିଛନ୍ତି।

ସେ କହିଛନ୍ତି ଯେ ଅନ୍ତର୍ଜାତୀୟ ସ୍ତରରେ ଆଗକୁ ବଢ଼ିବାକୁ ହେଲେ ବୈଜ୍ଞାନିକ ଆବିଷ୍କାର ଓ ଉଦ୍ଭାବନକୁ ବ୍ୟବହାର କରି ମାନବ ସମାଜର ବିକାଶ ପାଇଁ ଦୀର୍ଘସ୍ଥାୟୀ ଯୋଜନା କରିବାକୁ ପଡ଼ିବ। ବିଜ୍ଞାନ ଓ କାରିଗରୀର ଉନ୍ନତି ସହ ଆମକୁ କୃଷି, ସ୍ୱାସ୍ଥ୍ୟ, ଶକ୍ତି, ଶିକ୍ଷା ଓ ପରିବେଶ ବିଷୟରେ ଉନ୍ନତ ଜ୍ଞାନକୌଶଳ ତଥା ଯନ୍ତ୍ରପାତି ଉଦ୍ଭାବନ ଉପରେ ➪ପୃଷ୍ଠା-୬

# ଭୟାବହ ଭୂମିକମ୍ପ: ୧୪୪ ମୃତ





ନେପିଡ,୨୮।୩: ଆଜି ସକାଳେ ଭୟାବହ ଭୂମିକମ୍ପରେ ଏକରକମ ଛାର୍‌ଖାର୍ ହୋଇଛି ମିଆଁମାର। ରିକ୍ଟର ସ୍କେଲ୍‌ରେ ଏହି ଭୂମିକମ୍ପର ତୀବ୍ରତା ୭.୭ ରେକର୍ଡ ହୋଇଥିବା ବେଳେ ଏଥିରେ ବଡ଼ ବଡ଼ କୋଠା ଭୁଶୁଡ଼ି ପଡ଼ିବା ସହ ରାସ୍ତାଘାଟ ଫାଟି ଆଁ କରିଥିବା ଭଳି ବିକଳ ଦୃଶ୍ୟ ଦେଖିବାକୁ ମିଳିଛି। ପରବର୍ତ୍ତୀ ସମୟରେ ଦ୍ୱିତୀୟ ଥର ମଧ୍ୟ ଭୂମିକମ୍ପ ଅନୁଭୂତ ହୋଇଥିବା ବେଳେ ଏହାର ତୀବ୍ରତା ୬.୪ ରହିଥିଲା। ଏହି ଭୂମିକମ୍ପରେ ପାଖାପାଖି ୧୪୪ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ହଜାରେରୁ ଊର୍ଦ୍ଧ୍ୱ ନିଖୋଜ ଥିବା କୁହାଯାଇଛି। ଉଦ୍ଧାର କାର୍ଯ୍ୟ ଜାରି ରହିଥିବାରୁ ଏନେଇ

- ମିଆଁମାର ଛାରଖାର, ଥାଇଲାଣ୍ଡ ବି ଥରିଲା
- ହଜାରେରୁ ଊର୍ଦ୍ଧ୍ୱ ନିଖୋଜ
- ରିକ୍ଟର ସ୍କେଲ୍‌ରେ ୭.୭ ତୀବ୍ରତା
- ଭୁଶୁଡ଼ିଲା ଅଟ୍ଟାଳିକା, ଫାଟିଲା ରାସ୍ତା
- ଉଦ୍ଧାର କାର୍ଯ୍ୟ ଜାରି
- ହସ୍ପିଟାଲ୍‌ରେ ବିକଳ ଚିତ୍ର
- ସହାୟତା ଲୋଡ଼ିଲେ ଶାସନ ମୁଖ୍ୟ

ସରକାରୀ ଭାବେ କୌଣସି ଠୋସ୍ ସୂଚନା ଦିଆଯାଇନାହିଁ। ମୃତାହତମାନଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଉଥିବା ବେଳେ ସେଠାକାର ଦୃଶ୍ୟ ➪ପୃଷ୍ଠା-୬

## ମୋଦି ଦେଲେ ସହାୟତା ପ୍ରତିଶ୍ରୁତି

ନୂଆଦିଲ୍ଲୀ: ମିଆଁମାର ସହ ଥାଇଲାଣ୍ଡ୍‌ର କେତେକ ଅଞ୍ଚଳରେ ଆଜି ଘଟିଥିବା ଶକ୍ତିଶାଳୀ ଭୂମିକମ୍ପ ପରିପ୍ରେକ୍ଷୀରେ ଭାରତ ପକ୍ଷରୁ ସହାୟତାର ହାତ ବଢ଼ାଇବା ସକାଶେ ପ୍ରତିଶ୍ରୁତି ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସେଠାରେ ସୃଷ୍ଟି ହୋଇଥିବା ବିପର୍ଯ୍ୟସ୍ତ ପରିସ୍ଥିତି ନେଇ ପ୍ରଧାନମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିବା ସହ ଚିନ୍ତା ପ୍ରକଟ କରିଛନ୍ତି। ଏଥିସହ ପ୍ରଧାନମନ୍ତ୍ରୀ ଭାରତ ଉଭୟ ପ୍ରଭାବିତ ଦେଶ ପାଇଁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବା ପ୍ରସ୍ତୁତ ➪ପୃଷ୍ଠା-୬

## ସମବେଦନା ଜଣାଇଲେ ମୋହନ

ଭୁବନେଶ୍ୱର: ମିଆଁମାର ଓ ଥାଇଲାଣ୍ଡ୍‌ରେ ହୋଇଥିବା ଭୟାବହ ଭୂମିକମ୍ପରେ ପାଖାପାଖି ୧୫୦ ଲୋକ ମୃତ୍ୟୁବରଣ କରିଥିବା ବେଳେ ସହସ୍ରାଧିକ ନିଖୋଜ ହୋଇଯାଇଛନ୍ତି। ଏହି ଦୁଃଖଦ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିବା ସହ ସମବେଦନା ଜଣାଇଛନ୍ତି। ସେ ତାଙ୍କ ସୋସିଆଲ୍ ମିଡିଆ 'ଏକ୍ସ'ରେ ଏନେଇ ଉଲ୍ଲେଖ କରିଛନ୍ତି ଯେ ମିଆଁମାର, ➪ପୃଷ୍ଠା-୬

## ୨% ବଢ଼ିଲା କେନ୍ଦ୍ର କର୍ମଚାରୀଙ୍କ ମହଙ୍ଗା ଭତ୍ତା

**ଉପକୃତ ହେବେ ୧.୧ କୋଟି କର୍ମଚାରୀ ଓ ପେନ୍‌ସନ୍‌ଭୋଗୀ**

ନୂଆଦିଲ୍ଲୀ,୨୮।୩(ସଂଚାର ବ୍ୟୁରୋ): କେନ୍ଦ୍ର ସରକାରଙ୍କ ପକ୍ଷରୁ ସରକାରୀ କର୍ମଚାରୀଙ୍କୁ ଏକ ବଡ଼ ଉପହାର ମିଳିଛି। ସମସ୍ତ କେନ୍ଦ୍ରୀୟ କର୍ମଚାରୀଙ୍କ ପାଇଁ ମହଙ୍ଗା ଭତ୍ତା (ଡିଏ) ୨ ପ୍ରତିଶତ ବୃଦ୍ଧି କରିଛନ୍ତି ସରକାର। ଏ ସଂକ୍ରାନ୍ତ ପ୍ରସ୍ତାବକୁ ଆଜି କେନ୍ଦ୍ର କ୍ୟାବିନେଟ୍ ବୈଠକରେ ମଞ୍ଜୁରୀ ମିଳିଛି। ପୂର୍ବରୁ ଏହା ୫୩ ପ୍ରତିଶତ ରହିଥିବା ବେଳେ ସଦ୍ୟ ବୃଦ୍ଧି ପରେ ଏହା ୫୫ ପ୍ରତିଶତରେ ପହଞ୍ଚିଛି। ଏହି ନିଷ୍ପତ୍ତିର ଫାଇଦା ପାଖାପାଖି ୧.୧ କୋଟି କେନ୍ଦ୍ର କର୍ମଚାରୀ ଓ ପେନ୍‌ସନ୍‌ଭୋଗୀ ଉପକୃତ ହେବେ। ➪ପୃଷ୍ଠା-୬

## ପ୍ରଦୀପ ଜେନା ଓଇଆର୍‌ସି ଅଧ୍ୟକ୍ଷ



ଭୁବନେଶ୍ୱର,୨୮।୩(ସଂଚାର ବ୍ୟୁରୋ): ଅବସରପ୍ରାପ୍ତ ଆଇଏଏସ ଅଫିସର୍ ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କୁ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ ମିଳିଛି। ରାଜ୍ୟ ସରକାର ଶ୍ରୀ ଜେନାଙ୍କୁ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି)ର ଅଧ୍ୟକ୍ଷ ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି। ଏହି ପଦବୀଟି ବରିଷ୍ଠ ଆଇଏଏସ ସୁରେଶ ମହାପାତ୍ରଙ୍କ ଅବସର ପରେ ଖାଲି ପଡ଼ିଥିଲା। ଶ୍ରୀ ମହାପାତ୍ର ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ଭାବେ ନିଯୁକ୍ତି ପାଇବା ପରେ ଏହି ପଦବୀରେ ସେବେଠାରୁ ଆଉ କାହାରିକୁ ନିଯୁକ୍ତି ମିଳିପାରିନାହିଁ। ୧୯୮୯ ବ୍ୟାଚ୍ ଓଡ଼ିଶା କ୍ୟାଡରର ଏହି ➪ପୃଷ୍ଠା-୬

**ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ଦ୍ୱାଦଶାହ**

# ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଶ୍ରଦ୍ଧାଞ୍ଜଳି





ଭୁବନେଶ୍ୱର,୨୮।୩(ସଂଚାର ବ୍ୟୁରୋ): ଆଜି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ଦ୍ୱାଦଶାହ ଅବସରରେ ସ୍ଥାନୀୟ ସ୍ୱାଧୀନତା ସଂଗ୍ରାମୀ ପଡ଼ିଆରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଦୁଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଡା. ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସକାଶେ ରାଷ୍ଟ୍ରୀୟ ନେତୃବୃନ୍ଦଙ୍କ ସମେତ ବଡ଼ ବଡ଼ ନେତା ଓ ମନ୍ତ୍ରୀଙ୍କ ଭିଡ଼ ମଧ୍ୟ ଲାଗିଥିଲା। ତାଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ନେତାମାନେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଏଥିରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଉମା ଭାରତୀ, ସାଂସଦ ଅନୁରାଗ ଠାକୁର, ତେଜସ୍ୱୀ ସୁରିୟା, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ସହ ଆହୁରି ଅନେକ ରାଜ୍ୟର ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ନେତା ସାମିଲ୍ ଥିଲେ। ସେହିପରି ଯୋଗ ଗୁରୁ ବାବା ରାମଦେବ ବି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜ୍ଞାପନ କରିଛନ୍ତି। ଏହାଛଡ଼ା ଡାକ୍ତର ପ୍ରଧାନଙ୍କ ଦ୍ୱାଦଶାହରେ ଗୋ-ପୂଜନ କରାଯାଇଛି। ବରିଷ୍ଠ ବିଜେପି ନେତା କାଳନ୍ଦୀ ସାମଲ ଅନୁଗୁଳ ରନ୍ତଲେଇସ୍ଥିତ ଶ୍ରୀ ଗୋପାଳ ଗୋ-ଶାଳାରେ ସ୍ୱତନ୍ତ୍ର ରୀତିନୀତିରେ ଗୋ-ପୂଜନ କରିଛନ୍ତି। ସାମୂହିକ ହୋମ ଯଜ୍ଞ ବି ହୋଇଥିବା ଜଣାପଡ଼ିଛି।

ଏହାଛଡ଼ା କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ନିର୍ବାଚନମଣ୍ଡଳୀର ମା' ଦରିଆ ରାମଚଣ୍ଡୀ ପୀଠ ରାମନଗରରେ ସ୍ୱର୍ଗତଃ ପ୍ରଧାନଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଉକ୍ତ ସଭାରେ ବହୁ ସଂଖ୍ୟାରେ ବିଜେପି କର୍ମୀ ଯୋଗ ଦେଇ ପ୍ରଥମେ ଗୋବରୀ ନଦୀ କୂଳରେ ସାମୂହିକ ତିଳତର୍ପଣ କରିଥିଲେ। ପରେ ମା' ରାମଚଣ୍ଡୀଙ୍କ ମନ୍ଦିରକୁ ଯାଇ ସେମାନେ ସ୍ୱର୍ଗତଃ ପ୍ରଧାନଙ୍କ ଉଦ୍ଦେଶ୍ୟରେ ସାମୂହିକ ଦୀପଦାନ କରିଥିଲେ।

# ୨ରୁ ଖାତାଦେଖା, ମେ' ୧୫ରେ ଫଳ

- କପି କରି ଧରାପଡ଼ିଛନ୍ତି ୩୦୦
- ୧୪୮ କେନ୍ଦ୍ରରେ ଦେଖାଯିବ ଖାତା
- ୧୬ ହଜାର ଶିକ୍ଷକ ନିଯୁକ୍ତ

ଭୁବନେଶ୍ୱର,୨୮।୩(ସଂଚାର ବ୍ୟୁରୋ): ଇତିମଧ୍ୟରେ ରାଜ୍ୟରେ ଯୁକ୍ତ ଦୁଇ ପରୀକ୍ଷା ଶେଷ ହୋଇଛି। ଏଥିସହ ଆସନ୍ତା ୨ ତାରିଖରୁ ଖାତା ଦେଖା ଆରମ୍ଭ ହେବ ଏବଂ ମେ' ୧୫ ତାରିଖ ସୁଦ୍ଧା ଫଳାଫଳ ପ୍ରକାଶ ପାଇବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ସୂଚନା ଦିଆଯାଇଛି। ଏହି ଖାତାଦେଖାକୁ ଧାର୍ଯ୍ୟ ସମୟ ସୁଦ୍ଧା ପ୍ରକାଶ ପାଇବା ସକାଶେ ପ୍ରାୟ ୧୬ ହଜାର ଶିକ୍ଷକଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଚଳିତ ବର୍ଷ ଖାତାଦେଖା ସକାଶେ ୭୮ ଅଫ୍‌ଲାଇନ୍ କେନ୍ଦ୍ର ସମେତ ମୋଟ ୧୪୮ଟି କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଖାତାଦେଖା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସକାଶେ ୭୦ଟି ଅନ୍‌ଲାଇନ୍ କେନ୍ଦ୍ର ବ୍ୟବସ୍ଥା ମଧ୍ୟ ହୋଇଛି। ଅନ୍ୟପକ୍ଷରେ ଚଳିତତ ବର୍ଷର ଯୁକ୍ତ ଦୁଇ ପରୀକ୍ଷାରେ ମୋଟ ୩୦୦ ପରୀକ୍ଷାର୍ଥୀ କପି କରି ଧରାପଡ଼ିଛନ୍ତି। ତେବେ ଚଳିତ ବର୍ଷ ଏମପିରେ ବୁକ ହୋଇଥିବା ଛାତ୍ରଛାତ୍ରୀଙ୍କୁ ବଡ଼ ଆଶ୍ୱସ୍ତି ମିଳିବ। ମୂଲ୍ୟାୟନ ସମୟରେ ସେମାନଙ୍କ ସମସ୍ୟାକୁ ବିଚାରକୁ ନିଆଯିବା ସହ ଅନ୍ୟମାନଙ୍କ ଖାତା ସହ ସେମାନଙ୍କ ଖାତା ବି ଦେଖାଯିବ। ଫଳରେ ସାଧାରଣ ପରୀକ୍ଷା ଫଳ ସାଙ୍ଗରେ ସେମାନଙ୍କ ଫଳ ବି ପ୍ରକାଶ ପାଇପାରିବ। ଏଥିସହ ଯେଉଁ ଶିକ୍ଷକମାନେ ଖାତା ମୂଲ୍ୟାୟନ ପାଇଁ ଆସିବେ ନାହିଁ ସେମାନଙ୍କ ଉପରେ କଡ଼ା ନଜର ରହିଛି। ଯୁକ୍ତ ଦୁଇ ପରୀକ୍ଷା ଖାତାଦେଖା ଆରମ୍ଭ ପୂର୍ବରୁ ପରିଷଦ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହୋଇଛି। ଏଥର କୌଣସି ଭୁଲ ନଥାଇ ତ୍ରୁଟିପୂର୍ଣ୍ଣ ଭାବେ ଏମପିରେ ବୁକ ହୋଇଥିବା ପରୀକ୍ଷାର୍ଥୀ ଖାତାକୁ ବିଚାରକୁ ନେଇ ସେମାନଙ୍କ ପରୀକ୍ଷା ଫଳ ସାଧାରଣ ପରୀକ୍ଷାର୍ଥୀଙ୍କ ସହ ଏକା ସାଙ୍ଗରେ ପ୍ରକାଶ ପାଇବ। ଏନେଇ କାଉନସିଲ ପକ୍ଷରୁ ଗଠିତ ସ୍ୱତନ୍ତ୍ର କମିଟିର ଯାଞ୍ଚ ସମୟରେ ଏହି ବର୍ଗର ପରୀକ୍ଷାର୍ଥୀମାନେ ସେମାନଙ୍କ ପକ୍ଷ ରଖିବାର ସୁଯୋଗ ପାଇବେ। ଯଦି ସେମାନେ ଭୁଲରେ ବୁକ୍ ହୋଇଥିବେ, ତା'ହେଲେ ସେମାନଙ୍କୁ କ୍ଷମା ଦିଆଯିବ ଓ ପରୀକ୍ଷା ଫଳ ସ୍ୱାଭାବିକ ଭାବେ ପ୍ରକାଶ ପାଇବ। ଚଳିତ ବର୍ଷଠାରୁ ଏହି ନୂଆ ନିୟମ ଲାଗୁ ହେବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି। ପୂର୍ବରୁ ଭୁଲରେ ଏମପିରେ ବୁକ ହେଉଥିବା ଛାତ୍ରଛାତ୍ରୀଙ୍କ ପରୀକ୍ଷା ଫଳ ସାଧାରଣ ପରୀକ୍ଷା ଫଳ ପ୍ରକାଶ ପାଇବାର ପ୍ରାୟ ତିନି ମାସ ପରେ ପ୍ରକାଶ ପାଉଥିଲା। ଫଳସ୍ୱରୂପ ➪ପୃଷ୍ଠା-୬

**ବିଜେବି ଜମି ଜବରଦଖଲ ମାମଲା**

# ଚିହ୍ନଟ ପାଇଁ ତହସିଲଦାରଙ୍କୁ ଚିଠି ଲେଖିଲେ କଲେଜ ଅଧ୍ୟକ୍ଷ



'ସଂଚାର' ପ୍ରଭାବ

- ✪ ନିଜ ଜମି ପାଇବାକୁ ଖୋଲିଲା ବାଟ
- ✪ ତଡ଼ା ଖାଇବେ ଜବରଦଖଲକାରୀ

**ଭୁବନେଶ୍ୱର,୨୮।୩(ସଂଚାର ବ୍ୟୁରୋ):** ବିଜେବି କଲେଜକୁ ରାଜ୍ୟ ସରକାର ଯୋଗାଇ ଦେଇଥିବା ମୂଲ୍ୟବାନ ଜମି ହଡ଼ପ ସଂକ୍ରାନ୍ତରେ ଲଗାତାର 'ସଂଚାର'ରେ ଖବର ପ୍ରକାଶିତ ହେବା ପରେ ନିଜ ଜମିକୁ ଖୋଜୁଥିବା ବିଜେବି କଲେଜ କର୍ତ୍ତୃପକ୍ଷ ଶେଷରେ ଭୁବନେଶ୍ୱର ତହସିଲଦାରଙ୍କୁ ଜମି ଚିହ୍ନଟ ପାଇଁ ଚିଠି ଲେଖିଛନ୍ତି। ଏବେ ତହସିଲଦାରଙ୍କ ପଦକ୍ଷେପକୁ ବିଜେବି କଲେଜ କର୍ତ୍ତୃପକ୍ଷ ଅପେକ୍ଷା କରିଥିବା ବେଳେ ହଡପ ଜମି ଶୀଘ୍ର କଲେଜ ହାତକୁ ଫେରିବାର ଆଶା ଉଜ୍ଜ୍ୱଳ ହୋଇଛି। ବିଜେବି କଲେଜ କର୍ତ୍ତୃପକ୍ଷ ନିଜ ଛାତ୍ରଛାତ୍ରୀଙ୍କ ପାଇଁ କୋଠା ନିର୍ମାଣ କରିବାକୁ ବାହାରିବା ପରେ ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ସରକାର ଯୋଗାଇ ଦେଇଥିବା ମୂଲ୍ୟବାନ ଜମିର ଟେର ପାଇଥିଲେ। ପିଲାଙ୍କ ଚାପ ବଢ଼ିବାରୁ କଲେଜ କର୍ତ୍ତୃପକ୍ଷ ସରକାରଙ୍କୁ ଜମି ଯୋଗାଇ ଦେବା ପାଇଁ ଚିଠି ଲେଖିଥିଲେ। ହେଲେ ସରକାର ଜମି ଯୋଗାଇବେ କ'ଣ, କଲେଜ କର୍ତ୍ତୃପକ୍ଷଙ୍କୁ ଅବଗତ କଲେ ଯେ କଲେଜକୁ ୨୭ ଏକର ଜମି ଯୋଗାଇ ଦିଆଯାଇଥିଲା। ଘର ତିଆରି ପରେ ସେଥିରୁ ଅନେକ ଜମି ଏବେ ବି ବଳକା ରହିଛି। ବଳକା ଜମି ଉପରେ ଆବଶ୍ୟକ ଘର ତିଆରି ➪ପୃଷ୍ଠା-୬

● କିଟ୍‌ରେ ନେପାଳୀ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା

# ୪ ସପ୍ତାହରେ ରିପୋର୍ଟ ଦାଖଲ ପାଇଁ ଏନଏଚଆରସି ନିର୍ଦ୍ଦେଶ




ଭୁବନେଶ୍ୱର,୨୮।୩(ସଂଚାର ବ୍ୟୁରୋ): କିଟ୍ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରୀଙ୍କ ମୃତ୍ୟୁ ମାମଲାରେ ଜାତୀୟ ମାନବାଧିକାର କମିଶନ୍ (ଏନ୍‌ଏଚ୍‌ଆର୍‌ସି)ଙ୍କ ଦୁଇଜଣିଆ ଟିମ୍ ତଦନ୍ତ କରିଥିବା ବେଳେ ଏହି ରିପୋର୍ଟ ୪ ସପ୍ତାହ ମଧ୍ୟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ମାମଲାରେ କିଟ୍ କର୍ତ୍ତୃପକ୍ଷଙ୍କ ଅଡ଼ୁଆ ବଢ଼ିଛି। କାରଣ ଛାତ୍ରୀଙ୍କ ଆତ୍ମହତ୍ୟା ପାଇଁ କିଟ୍ କର୍ତ୍ତୃପକ୍ଷଙ୍କୁ କମିଶନ୍ ଦାୟୀ କରିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟର ଆଇଆରଓ, ବିଶ୍ୱବିଦ୍ୟାଳୟର ଅଧିକାରୀ, ଶୃଙ୍ଖଳାଗତ କମିଟି ତଥା କଲେଜ ➪ପୃଷ୍ଠା-୬



## କାନ ଡେରିଥା

କଂଗ୍ରେସ କର୍ମୀ ପୂଜାରୀ ହୋଇବେ
ବିଜେପି ଯେ କହୁଅଛି
ପୋଲିସ ବାଲାଙ୍କ କଲର ଧରିବେ
କିଏ ସାହସ ଦେଇଛି
କେମିତି ସବୁ ହେଉଛି...
ଉତେଜିତ ହେଲେ ଭୁଲଭାଲ ହୁଏ
ଇତିହାସ ସାକ୍ଷୀ ଅଛି।

■ ଦେବାଶିଷ

# କଂଗ୍ରେସ ନିଶକୁ ନିଜ ନିଶ ଭାବି ମୋଡୁଛି ବିଜେଡି

**ଭୁବନେଶ୍ୱର,୨୮।୩(ସଂଚାର ବ୍ୟୁରୋ):** ଓଡ଼ିଆରେ ସୁନ୍ଦର କଥାଟିଏ ଅଛି 'ମୋର ନିଶ ନାହିଁ, ମୋ ଭାଇର ନିଶ ଅଛି'। ପର ନିଶକୁ ଦେଖି ଛାତି ଫୁଲେଇ ଚାଲୁଥିବା ଲୋକ ଉଦ୍ଦେଶ୍ୟରେ ଥିବା ଏହି ଓଡ଼ିଆ ଲଘୁକଥାଟି ଏବେ ରାଜ୍ୟ ବିଜେଡି ପାଇଁ ପ୍ରଯୁଜ୍ୟ ବୋଲି ଆଲୋଚନା ଚାଲିଛି। କାରଣ କଂଗ୍ରେସ ଏବେ ରାଜଧାନୀରେ ନିଶ ଫୁଲାଇ ଚାଲୁଥିବା ବେଳେ ବିଜେଡି ସେହି ନିଶକୁ ନିଜର ଭାବି ମୋଡୁଥିବା ଭଳି ଦୃଶ୍ୟମାନ ହେଉଛି ।

ରାଜ୍ୟ ବିଧାନସଭାରେ ମାତ୍ର ୧୪ ଜଣ ସଦସ୍ୟ ଥିବା କଂଗ୍ରେସ ହଠାତ୍ ରାତାରାତି ଚର୍ଚ୍ଚାର ବଳୟକୁ ଆସିଯାଇଛି। ରାଜନୀତି ଦୌଡ଼ରେ ବିଜେଡିକୁ ବହୁ ପଛରେ ଛାଡିଦେଇଛି ଦଳ। ଝିମିଟି ଖେଳରୁ ମହାଭାରତ ଭଳି କଂଗ୍ରେସର ସମସ୍ତ ସଦସ୍ୟ ବିଧାନସଭାରୁ ନିଲମ୍ବିତ ହେବା ସହିତ ରାଜଧାନୀରେ ବିଧାନସଭା ଘେରାଉ କରି ଚର୍ଚ୍ଚାରେ ରହିଛନ୍ତି। ଲଗାତାର ୩/୪ ହେଲା ଗଣମାଧ୍ୟମର ଶିରୋନାମା ଦଖଲ କରିଛି ଦଳ। ପ୍ରତିଦିନ ନୂଆ ନୂଆ ଗୋଟି ଚଳାଉଛନ୍ତି ନିଲମ୍ବିତ ବିଧାୟକ। ଦଳ ପ୍ରତି ମଧ୍ୟ ଲୋକଙ୍କର ସହାନୁଭୂତି ରହିଥିବା ଲକ୍ଷ୍ୟ କରାଯାଉଛି।

ଏଭଳି ସ୍ଥିତିରେ ମୁଖ୍ୟ ବିରୋଧୀଦଳ କିନ୍ତୁ କ'ଣ କରିବ, ସେଥିନେଇ ଦ୍ୱନ୍ଦ୍ୱରେ ରହିଛି। କଂଗ୍ରେସ କାର୍ଯ୍ୟକୁ ସମର୍ଥନ କରିବ କି ନାହିଁ, ତାହାକୁ ନେଇ ଦ୍ୱନ୍ଦ୍ୱରେ ଥିବା ବେଳେ ଏବେ ନିଜକୁ ପଛରେ ପଡୁଥିବା ଦେଖି ବିଜେଡିର



କୁହାଳିଆ ନେତାମାନେ ଗଣମାଧ୍ୟମରେ ବିବୃତ୍ତି ପରେ ବିବୃତ୍ତି ରଖୁଛନ୍ତି। କଂଗ୍ରେସକୁ ସୁହାଇଲା ଭଳି ମନ୍ତବ୍ୟମାନ ବି ଦେଉଛନ୍ତି। ପୁଲିସକୁ ଗାଳି ଦେଇ କଂଗ୍ରେସର ନିକଟତର ହେବାର ଉଦ୍ୟମ କରୁଛନ୍ତି। ତେବେ ବିଜେଡି ନେତାଙ୍କ ଏଭଳି ଆଚରଣ ଦେଖି ସେମାନେ କଂଗ୍ରେସ ନିଶକୁ ନିଜ ନିଶ ଭାବି ମୋଡ଼ିବା ଆରମ୍ଭ କରିଥିବା ତାଙ୍କରି ଦଳର କର୍ମୀମାନେ ଛିଗୁଲେଇବା ଆରମ୍ଭ କରିଛନ୍ତି।

**ପଛରେ ପଡ଼ିବା ପରେ ନିଦ ଭାଙ୍ଗୁଛି**

**ସ୍ଥିତି ରକ୍ଷା ପାଇଁ ଦେଉଛନ୍ତି ବିବୃତ୍ତି**

କିଛି କର୍ମୀଙ୍କ ମତ ହେଉଛି, ବଜେଟ୍ ଅଧିବେଶନ ସରିବାକୁ ବସିଥିଲେ ମଧ୍ୟ ବିଜେଡି କୌଣସି ଗୋଟିଏ ପ୍ରସଙ୍ଗକୁ ଧରି ରଖିପାରିଲା ନାହିଁ। ଅଥଚ କଂଗ୍ରେସ ନାରୀ ନିର୍ଯାତନା ପ୍ରସଙ୍ଗକୁ ନେଇ ପ୍ରଥମରୁ ଆରମ୍ଭ କରିଥିବା ଲଢ଼େଇକୁ ବିଧାନସଭାରୁ ରାଜରାସ୍ତାକୁ ନେଇ ଆସିବାରେ ସକ୍ଷମ ହୋଇଛି। ନିଜ ଦଳର ଟୋକା-ବୁଢ଼ା ସମସ୍ତଙ୍କୁ ଏକାଠି କରିପାରିଲା। ଗଣମାଧ୍ୟମକୁ ନିଜ ପଟକୁ ନେଇପାରିଲା। ହେଲେ ଦରଦାମ ବୃଦ୍ଧିଠାରୁ ପୋଲାଭରମ ପର୍ଯ୍ୟନ୍ତ ଉଠାଇଥିବା ଗୋଟିଏ ହେଲେ ପ୍ରସଙ୍ଗକୁ ବିଜେଡି ଧରି ରଖିପାରିଲା ➪ପୃଷ୍ଠା-୬

## ଆଉ ୮ ସହରରେ ଗଡ଼ିବ ଆମ ବସ୍

# କେନ୍ଦ୍ରାପଡ଼ାକୁ ଅଣଦେଖା



**କେନ୍ଦ୍ରାପଡ଼ା,୨୮।୩ (ସଂଚାର ବ୍ୟୁରୋ):** ରାଜ୍ୟ ରାଜନୀତିରେ ସବୁଠାରୁ ଚର୍ଚ୍ଚିତ ଜିଲ୍ଲା କୁହାଯାଉଥିବା କେନ୍ଦ୍ରାପଡ଼ା ଏବେ ପ୍ରତାରିତ ହେଉଥିବା ଦେଖିବାକୁ ମିଳୁଛି। ଏହି ଜିଲ୍ଲାରୁ ବିଜୁ ପଟ୍ଟନାୟକ, ବୈଜୟନ୍ତ ପଣ୍ଡା, ବିଜୟ ମହାପାତ୍ର, ଅତନୁ ସବ୍ୟସାଚୀ ନାୟକଙ୍କ ଭଳି ବଳିଷ୍ଠ ନେତା ପ୍ରତିନିଧିତ୍ୱ କରିଛନ୍ତି। ହେଲେ ବଳିଷ୍ଠ ରାଜନେତାଙ୍କ ପ୍ରତିନିଧିତ୍ୱ କ୍ଷେତ୍ର ବିଭିନ୍ନ ସମୟରେ ଅଣଦେଖା ହୋଇ ଆସୁଛି। ଶିଳ୍ପ ସ୍ଥାପନ କଥା ହେଉ ଅବା ମେଡିକାଲ୍ କଲେଜ ସ୍ଥାପନ। ସର୍ବ ପୁରାତନ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟ ମାନ୍ୟତା ହେଉ ଅବା ପର୍ଯ୍ୟଟନ ସ୍ଥଳୀର ବିକାଶ। ଏସବୁ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରତାରଣାର ଶିକାର ହୋଇଛି।

ଏବେ ଆଉ ଏକ ଘଟଣା କେନ୍ଦ୍ରାପଡ଼ା ପାଇଁ ଦୁଃଖ ପାଲଟିଛି। ଜିଲ୍ଲାବାସୀଙ୍କ ଦୀର୍ଘଦିନର ଦାବି ହେଉଥିବା ଆମ ବସ୍ ସହରରେ ଚାଲି ପାରିଲା ନାହିଁ। ଏବେ ଆଉ ୮ ସହରରେ ଆମ ବସ୍ ଗଡିବ ବୋଲି କ୍ୟୁଟ୍ର ୪୯ତମ ପରିଷଦ ବୈଠକରେ ନିଷ୍ପତ୍ତି ହୋଇଛି। ଅନୁଗୁଳ, ଝାରସୁଗୁଡ଼ା, କେନ୍ଦୁଝର, ଯାଜପୁର, ବାରିପଦା, ଜୟପୁର, ବାଲେଶ୍ୱର ଓ ରାୟଗଡ଼ାରେ ଆମ ବସ୍ ସେବା ଆରମ୍ଭ ହେବାକୁ ନିଷ୍ପତ୍ତି ହୋଇଥିଲା ବେଳେ କେନ୍ଦ୍ରାପଡ଼ାର ନାମ ନଥିବା କେନ୍ଦ୍ରାପଡ଼ା ଜିଲ୍ଲା ପାଇଁ ଆଉ ଏକ ପ୍ରତାରଣା ବୋଲି ଆଲୋଚନା ହେଉଛି। କାହିଁକି ଓ କଣ ପାଇଁ କେନ୍ଦ୍ରାପଡ଼ା ସବୁବେଳେ ଅଣଦେଖା ହେଉଛି? ନିର୍ବାଚିତ ଜନପ୍ରତିନିଧି ମାନଙ୍କ ଉଦାସିନତା ପାଇଁ ଏମିତି ଘଟଣା ବାରମ୍ବାର ଦେଖିବାକୁ ମିଳୁଛି ବୋଲି କହିଛନ୍ତି ବୁଦ୍ଧିଜୀବୀ। କେବେ କେନ୍ଦ୍ରାପଡ଼ାରେ ଆମ ବସ୍ ସେବା ଆରମ୍ଭ ହେବ ତାହାକୁ ସମସ୍ତଙ୍କର ନଜର।

## ବଢୁଛି ତାତି, କମୁଛି ଭୂତଳ ଜଳସ୍ତର

# ଏବେଠୁ ଦେଖାଦେଲାଣି ପାନୀୟ ଜଳ ସଙ୍କଟ



**ଆଲି,୨୮।୩ (ସଂଚାର ବ୍ୟୁରୋ):** ଗ୍ରୀଷ୍ମ ଆରମ୍ଭରୁ ବଢ଼ିଛି ତାତି, ଅସ୍ତବ୍ୟସ୍ତ କଲାଣି ଜୀବନ। କାମ ନ ଥିଲେ ଲୋକେ ବାହାରକୁ ଯିବାକୁ ଡରିଲେଣି। ବାହାରକୁ ବାହାରିଲେ ମୁଣ୍ଡରେ ଓଦା କପଡା ଓ ଛତା ଦେଇ ବାହାରିଛନ୍ତି। ଏମିତିକି ସକାଳୁ ସକାଳୁ କାମ ସାରି ଘରକୁ ଫେରି ଆସୁଛନ୍ତି। ଦିନ ଦଶଟା ସୁଦ୍ଧା ରାସ୍ତା ଘାଟ ଶୁନ ଶାନ ହୋଇଯାଇଛି। ଅନ୍ୟପଟେ ଆଲି ଲୋକଙ୍କ ହେଡ଼ କ୍ୱଟର ହୋଇ ଥିବାରୁ ସରକାରୀ କାର୍ଯ୍ୟାଳୟ ବ୍ଲକ୍, ତହସିଲ, ଥାନ, କୋର୍ଟ ମେଡିକାଲ ଥିବାରୁ ହଜାର ହଜାର ଲୋକ ଆସି ନିଜର କାର୍ଯ୍ୟ କରି ଫେରିଯାଆନ୍ତି। କିନ୍ତୁ ଗ୍ରୀଷ୍ମ ତାତିକୁ ଝାଞ୍ଜି ପବନ ହୋଉ ଥିବାରୁ ତାହା ସମ୍ଭବ ହୋଇ ପାରୁନାହିଁ।

ସେହିପରି ଗ୍ରୀଷ୍ମ ଆରମ୍ଭରୁ ପାନୀୟ ଜଳର ସଙ୍କଟ ଦେଖା ଦେଲାଣି। ଯେମିତିକି ଗାଡିଆ ପୋଖରୀ ନଦୀ ପାଣି ସୁଖିବାକୁ ଲାଗିଲାଣି। ଏମିତିକି ଭୂତଳ ଜଳ ସ୍ତର କମିବା ଦ୍ୱାରା ନଳକୂପ ଚାପିଲେ କୋଉଠି ଲୁଣା ପାଣି ତ କୋଉଠି କଳଙ୍କି ପାଣି ଆସୁଚି ତ କୋଉଠି ପାଣି ଧୀରେ ଧୀରେ ବାହାରୁଛି। ଅନେକ ପଞ୍ଚାୟତରେ ଟ୍ୟୁବ୍ୱେଲ ଖରାପ ହୋଇ ପଡ଼ିଛି। ଅଧିଅଂଶ ପଞ୍ଚାୟତରେ ଇଲେଟ୍ରି ବିଲ ପଇଠ ହୋଇ ନ ଥିବାରୁ ସରକାରଙ୍କ ବସୁଧା ଯୋଜନାବି ଠପ ହୋଇ ପଡ଼ିଛି। ସେପଟେ ମେଘା ଜଳପ୍ରକଳ୍ପ କାମ ଶେଷ ହେବାର ନାଧରୁନି। ଯାହା ଫଳରେ ଲୋକ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ଗୋଟିଏ ପଟେ ଗ୍ରୀଷ୍ମ ପ୍ରବାହରେ ତାପମାତ୍ରା ବଢ଼ିଛି ଅନ୍ୟପଟେ ଭୂତଳ ଜଳସ୍ତର କମୁ ଥିବାରୁ ପାଣି ସଙ୍କଟରେ ତ୍ରାହି ତ୍ରାହି ଡାକୁଛନ୍ତି ଲୋକେ। ଲୋକଙ୍କ ବିଶ୍ରାମ ସ୍ଥଳୀ ପାଲଟିଛି ବଡ ବଡ ଗଛ। ସରକାରୀ ସ୍ତରରେ କୋଉଠି ବି ଜଳ ଛତ୍ର କିମ୍ବା ବିଶ୍ରାମ ସ୍ଥଳୀ ଖୋଲା ହୋଇ ପାରିନାହିଁ। ଯଦିବା ଜଳଛତ୍ର ଖୋଲା ହୋଇଥିବ ତାହା କେବଳ କାଗଜ ପତ୍ର ସୀମିତ। ଏହା ଆଲି ପ୍ରଶାସନର କାର୍ଯ୍ୟ ଦକ୍ଷତା ଉପରେ ବଡ ପ୍ରଶ୍ନବାଚି ହୋଇ ଛିଡା ହୋଇଛି। ଅନ୍ୟ ପଟେ ଛକ ଛକରେ ଜଳ ଛତ୍ର ଖୋଲିବା ସହ ପଞ୍ଚାୟତରେ ପାଇବା ପାଣି ସମସ୍ୟାର ସମାଧାନ କରିବାକୁ ବ୍ଲକ୍ ପ୍ରଶାସନକୁ ସାଧାରଣରେ ଦାବି ଜୋର୍ ଧରିଛି ।

## ରାଜନଗରରେ ନୂତନ ବିଡିଓଙ୍କ ଦାୟିତ୍ୱ ଗ୍ରହଣ

**ରାଜନଗର,୨୮।୩ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକର ନୂତନ ବିଡିଓ ଭାବରେ ରବି ନାରାୟଣ ଆଚାର୍ଯ୍ୟ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ଆଚାର୍ଯ୍ୟ କେନ୍ଦ୍ରାପଡ଼ା ଡେପୁଟି କଲେକ୍ଟର ଭାବରେ କାର୍ଯ୍ୟ କରୁଥିଲେ। ଜିଲ୍ଲାପାଳ ସ୍ମୃତି ରଂଜନ ପ୍ରଧାନ ଶ୍ରୀ ଆଚର୍ଯ୍ୟଙ୍କୁ ବିଡିଓ ଭାବରେ ନିଯୁକ୍ତି କରିଥିବା ଜଣାପଡ଼ିଛି। ଜଣେ ଦକ୍ଷ ପ୍ରଶାସକ ଭାବରେ ଶ୍ରୀ ଆଚାର୍ଯ୍ୟଙ୍କ ଜିଲ୍ଲାରେ ସୁନାମି ରହିଛି। ରାଜନଗର ବ୍ଲକରେ ବାରମ୍ବାର ବିଡିଓଙ୍କ ବଦଳି ଯୋଗୁଁ ରାଜନଗର ରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେବାରେ ଲାଗିଛି।

## ପଟ୍ଟାମୁଣ୍ଡାଇକୁ ଗର୍ବ ଓ ଗୌରବ ରାଜ୍ୟପାଳ ପୁରସ୍କୃତ ଚିତ୍ରଶିଳ୍ପୀ ରାଜେନ୍ଦ୍ର ଦାଶ



**ପଟ୍ଟାମୁଣ୍ଡାଇ,୨୮।୩ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ମୁନିସିପାଲିଟି ଅନ୍ତର୍ଗତ ବେଲତଳ ଗ୍ରାମର ଚିତ୍ରଶିଳ୍ପୀ ରାଜେନ୍ଦ୍ର କୁମାର ଦାଶ ଉକ୍ତ ଅଚଂଳର ସର୍ବପୁରାତନ ମନ୍ମଥନାଥ ଉଚ୍ଚବିଦ୍ୟାଳୟରେ ଅଧ୍ୟୟନ କରି ପଟ୍ଟାମୁଣ୍ଡାଇ କଲେଜରେ ବିଏ ପାସ (ଇତିହାସ ବିଭାଗ)ରେ କରିଥିଲେ। ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟରୁ ୩ ବର୍ଷିଆ କୋର୍ସ ଚିତ୍ରକଳା (ଭାସ୍କର) ପାଠ୍ୟକ୍ରମ ଶେଷ କରିଥିଲେ। ବର୍ତ୍ତମାନ ପଟ୍ଟାମୁଣ୍ଡାଇ ଗ୍ଲୋବାଲ ବ୍ରିଲିଆଟଂ ସ୍କୁଲରେ ଚିତ୍ରକଳା ଶିକ୍ଷକତା ଜୀବନ ଆରମ୍ଭ କରି କଳା ଶିକ୍ଷକ ଭାବେ ମହାମହୀମ ରାଜ୍ୟପାଳଙ୍କ ଠାରୁ ପୁରସ୍କୃତ ହୋଇ ଆମ୍ଭ ଅଚଂଳ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ବିଗତରେ କଟକ ସହିଦ ଭବନରେ ଉତ୍କଳ ରତ୍ନ ପୁରସ୍କାର ଓ କେନ୍ଦ୍ରାପଡ଼ାର ଭାଗବତପୁର ପଞ୍ଚାୟତ ଅନ୍ତର୍ଗତ ବାଲିଆହାଟ ସ୍ଥିତ ଶିଶୁ ମନ୍ଦିର ନିକଟରେ ଅନୁଷ୍ଠିତ ମଧୁ ସାଗର ମହୋତ୍ସବ ଅନ୍ତିମ ଦିବସରେ 'ମଧୁ ସାଗର ରତ୍ନ ଉପାଧି' ପାଇ କେନ୍ଦ୍ରାପଡ଼ା ଜିଲ୍ଲା ପାଇଁ ଗର୍ବ ଓ ଗୌରବ ଆଣିଥିବାରୁ ପଟ୍ଟାମୁଣ୍ଡାଇର ବହୁ ବୁଦ୍ଧିଜୀବି ଶିକ୍ଷାବିତ୍ ଓ ବିଭିନ୍ନ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତାମାନେ ତାଙ୍କ ବାସଭବନ ଠାରେ ଚିତ୍ରଶିଳ୍ପୀ ରାଜେନ୍ଦ୍ର ଦାଶଙ୍କୁ ଭେଟି ବହୁ ପ୍ରଶଂସା କରିବା ସହିତ ଆଗାମୀ ଦିନରେ ତାଙ୍କର ଚିତ୍ରକଳା ସାରା ବିଶ୍ୱ ଦରବାରରେ ପହଁଚାଇବା ପାଇଁ ପ୍ରୟାସ ଜାରି ରଖିବାକୁ ଆର୍ଶିବାଦ କରିବାର ଦେଖିବାକୁ ମିଳିଛି।

## ଚିତ୍ରୋତ୍ପଳା ନଦୀଘାଟରେ ୪୩ତମ ବାରୁଣୀସ୍ନାନ



**ମାର୍ଶାଘାଇ,୨୮।୩ (ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ଗରଜଙ୍ଗା ଗ୍ରାମ ନିକଟ ଚିତ୍ରୋତ୍ପଳା ନଦୀ ଘାଟରେ ୪୩ତମ ବାର୍ଷିକ ବାରୁଣୀସ୍ନାନ ଗୁରୁବାର ଭୋରରେ ଅନୁଷ୍ଠିତ ହୋଇଯାଇଛି । ଏଥି ସହିତ ବାରୁଣୀ ପଡିଆରେ ଅନୁଷ୍ଠିତ ହେବାକୁ ଥିବା ଯାତ୍ରା ଉତ୍ସବ ପୂଜା ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପୁଣ୍ୟତୋୟା ଚିତ୍ରୋତ୍ପଳା ନଦୀରେ ବାରୁଣୀ ସ୍ନାନ କରିଲେ ପୁଣ୍ୟ ପ୍ରାପ୍ତ ହୋଇଥାଏ ବୋଲି ବିଶ୍ୱାସ ରହିଛି । ତେଣୁ ଗରଜଙ୍ଗା ସମେତ ଆଖ ପାଖ ଗ୍ରାମର ଶହ ଶହ ମହିଳା ପୁରୁଷ ଶ୍ରଦ୍ଧାଳୁ ଗୁରୁବାର ଭୋର ସମୟରେ ଚିତ୍ରୋତ୍ପଳା ନଦୀରେ ବାରୁଣୀ ବୁଡ଼ ପକାଇଥିଲେ । ୧୦୮ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ବାରୁଣୀସ୍ନାନ ବୁଡ଼ ପକାଇବା ପରେ ଚିତ୍ରୋତ୍ପଳା ନଦୀର ମହାଦେବମନ୍ଦିର ଘାଟରୁ କଳସରେ ଜଳ ନେଇ ସଂକୀର୍ତ୍ତନ, ଶଙ୍ଖ, ତୁରୀ ବାଦ୍ୟ ସହିତ ଶୋଭାଯାତ୍ରାରେ ଯାଇ ବାରୁଣୀ ଯାତ୍ରା ପଡ଼ିଆ ପୂଜା ମଣ୍ଡପରେ ସ୍ଥାପନ କରିଯାଇ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା । ଏହି ବାରୁଣୀ ସ୍ନାନମେଳାରେ ଅପେରା ପରିବେଷଣ କରାଯିବା ସହିତ ଶତାଧିକ ଉଠାଦୋକାନୀ ବାରୁଣୀ ପଡିଆରେ ପସରା ମେଲିଛନ୍ତି । ଏହି ମେଳା ୫ ଦିନ ପାଳନ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ମିଳିଛି ।

## ପୂର୍ବତନ ସରପଞ୍ଚଙ୍କ ଶ୍ରଦ୍ଧାଞ୍ଜଳି ସଭା



**କେନ୍ଦ୍ରାପଡ଼ା,୨୮।୩ (ସଂଚାର ବ୍ୟୁରୋ):** କଂସାର ପଞ୍ଚାୟତର ପୂର୍ବତନ ସରପଞ୍ଚ ଜ୍ୟୋସ୍ନାମୟୀ ପଣ୍ଡାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ମହାନ୍ତି, କେନ୍ଦ୍ରାପଡ଼ା ପୌରପାଳିକା ଅଧ୍ୟକ୍ଷା ସରିତା ସାହୁ , କଂସାର ପଞ୍ଚାୟତର ସରପଞ୍ଚ ସରୋଜିନୀ ନାୟକ, ଓସ୍ତପୁର କୃଷି ସମବାୟ ସମିତିର ସଭାପତି ପ୍ରଦ୍ୟୁମ୍ନ କୁମାର ଜେନା,ପ୍ରଫୁଲ୍ଲ କୁମାର ରାଉତ, ବଂଶୀ ଧର ସାମଲ ,ଚନ୍ଦ୍ରକାନ୍ତ ବେହେରା ବିଜେଡ଼ି ଯୁବ ନେତା ରାଜେଶ କୁମାର ଦାସ , ରଞ୍ଜିତ କୁମାର ସାହୁ, ହିରନ୍ୟ କୁମାର ପଣ୍ଡା, ସମାଜ ସେବୀ ରାଜେଶ କୁମାର ପଣ୍ଡା , କେନ୍ଦ୍ରାପଡ଼ା ପୌରପାଳିକାର ପୂର୍ବତନ ଅଧକ୍ଷ ସରୋଜ ସାହୁ ଅନ୍ୟ ମାନଙ୍କ ମଧ୍ୟରେ ରାଜେନ୍ଦ୍ର ବିଶ୍ୱାଳ, ଗଣେଶ ନାୟକ, ନିତ୍ୟାନନ୍ଦ ମହାନ୍ତି, ମନୋଜ କୁମାର ନାୟକ ଓ ସମାଜ ସେବୀ ନିରଞ୍ଜନ ପରିଡ଼ା ପ୍ରମୁଖ ଯୋଗଦେଇ ସ୍ମୃତି ଚରଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଅମର ଆତ୍ମାର ସଦଗତି କାମନା କରିଥିଲେ।

## ଅଧ୍ୟକ୍ଷାଙ୍କୁ ଗାଦିଚ୍ୟୁତ ପାଇଁ ଅନାସ୍ଥା

# ଦସ୍ତଖତ ଯାଞ୍ଚ, ୫ରେ ପଡ଼ିବ ଭୋଟ୍

**କେନ୍ଦ୍ରାପଡ଼ା/ମହାକାଳପଡ଼ା,୨୮।୩ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ପଞ୍ଚାୟତ ସମିତି ଅଧ୍ୟକ୍ଷା କଳ୍ପନା ରାଉତଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି ୪୨ ସରପଞ୍ଚ ଓ ସମିତି ସଭ୍ୟ। ଅଧ୍ୟକ୍ଷାଙ୍କ ଅସହଯୋଗ ପାଇଁ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀରେ ବିକାଶ ମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ କରି ୩୧ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ଅନାସ୍ଥା ପ୍ରସ୍ତାବ ଆଗତ କରିଛନ୍ତି। ଅନାସ୍ଥା ପ୍ରସ୍ତାବରେ ମୋଟ ୪୨ ଜଣ ଦସ୍ତଖତ କରିଥିବା ବେଳେ ଆଜି କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ ଅରୁଣ ନାୟକଙ୍କ ଉପସ୍ଥିତରେ ସମସ୍ତଙ୍କର ଦସ୍ତଖତ ଯାଞ୍ଚ କରାଯାଇଥିଲା। ପ୍ରସ୍ତାବ ଦେଇଥିବା ୪୨ ଜଣଙ୍କ ମଧ୍ୟରୁ ୪୧ ଜଣ ସଦସ୍ୟ ଉପସ୍ଥିତ ରହିଥିବା ସୂଚନା ମିଳିଛି। ଆସନ୍ତା ଏପ୍ରିଲ ୫ ତାରିଖରେ ଅନାସ୍ଥା ଭୋଟ୍ କରାଯିବ ବୋଲି ଉପଜିଲ୍ଲାପାଳ ନିଷ୍ପତ୍ତି କରିଛନ୍ତି।

**ଏବେଠୁ ବଳ କଷାକଷି ହେଲେଣି ଶାସକ ଓ ବିରୋଧି**

ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ଏବେ ବିଜେପି ଅଧୀନରେ। ଏକଦା ଅତନୁଙ୍କ ଗଡ଼ ଥିବା ମହାକାଳପଡ଼ାରେ ଏବେ ଗେରୁଆ ରଙ୍ଗ ହୋଇଛି। ଅତନୁଙ୍କ ଅଧୀନରେ ମହାକାଳପଡ଼ା ଓ ମାର୍ଶାଘାଇ ବ୍ଲକ୍ ଅଧ୍ୟକ୍ଷା ରହିଥିଲା। ଅତନୁ କ୍ଷମତା ଗାଦିରୁ ହଟିବା ପରେ ଅତନୁଙ୍କ ପାଣିପାଗ ଏବେ ପୁରା ଗୋଳିଆ। କ୍ଷମତା ତ ଗଲା ଏବେ ଶେଷ ଆଶା ବୋଲି କୁହାଯାଉଥିବା ଅଧ୍ୟକ୍ଷା ବି ଟଳମଳ। ଏଥିମଧ୍ୟରୁ ମହାକାଳପଡ଼ା ଅଧ୍ୟକ୍ଷା କଳ୍ପନା ରାଉତଙ୍କ ବିରୋଧରେ ସରପଞ୍ଚ ଓ ସଭ୍ୟମାନେ ମେଳି ହୋଇ ଅନାସ୍ଥା ଆଣିବା ମହାକାଳପଡ଼ାର ରାଜନୈତିକ ପାଣିପାଗକୁ ଆହୁରି ସରଗରମ କରିଛି। ସମର୍ଥନ ଦେଇଥିବା ସମିତି ସଭ୍ୟ ଓ ସରପଞ୍ଚ ଶେଷ ପର୍ଯ୍ୟନ୍ତ ରହିବେ କି କରଛଡା ଦେବେ ତାହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ। ଭୋଟ୍ ତାରିଖ ଘୋଷଣା ପରେ ଏବେଠୁ ଶାସକ ଓ ବିରୋଧି ନେତାମାନେ ବଳକଷାକଷି ହେବା ଆରମ୍ଭ କରିଥିବା ଦେଖିବାକୁ ମିଳିଛି।

## ଆରମ୍ଭ ହେଲା ସୁରକ୍ଷା ବାଡ଼ ନିର୍ମାଣ ପାଇଁ କାମ



ସଂଚାର ପ୍ରଭାବ

**ମହାକାଳପଡ଼ା,୨୮।୩ (ସଂଚାର ବ୍ୟୁରୋ):** ସଂଚାରରେ ଖବର ପ୍ରସାରଣ ଓ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ସଦସ୍ୟମାନଙ୍କ ଉଦ୍ୟମ ଫଳରେ ବିପଦ ସଙ୍କୁଳ ଅବସ୍ଥାରେ ଥିବା ମୁକୁଳା ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ସୁରକ୍ଷା ବାଡ଼ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛି ବିଦ୍ୟୁତ ବିଭାଗ। ଯେଉଁଥିପାଇଁ ଗ୍ରାମବାସୀ ଦୈନିକ ଖବରକାଗଜ ସଂଚାର ଓ ମହାକାଳପଡ଼ା ୟୁଥ୍ ଗ୍ରୁପକୁ ଧନ୍ୟବାଦ ଜଣାଇଛନ୍ତି। ମହାକାଳପଡ଼ା ବ୍ଲକ ବଳିପାଳ ପଞ୍ଚାୟତ ବାଲିସାହି ଗ୍ରାମର ଶ୍ମଶାନ ଗୃହ ପାଖରେ ଏହି ବିପଦପୂର୍ଣ୍ଣ ଟ୍ରାନ୍ସଫର୍ମର ରହିଛି। ସୁରକ୍ଷା ବାଡ଼ ନଥିବାରୁ ଜନଜୀବନ ହାନୀ ହେବାର ଭୟ ରହିଛି। ଶବଦାହ କରିବାକୁ ଏହି ବାଟ ଦେଇ ଲୋକମାନେ ଯାତାୟତ କରୁଛନ୍ତି। ବୁଲା ଗାଇ ଗୋରୁ ମଧ୍ୟ ଚଲା ବୁଲା କରୁଛନ୍ତି। ମୁକୁଳା ଟ୍ରାନ୍ସଫର୍ମର ପାଇଁ କେତେବେଳେ ଯେ ଦୁର୍ଘଟଣା ଘଟି ପାରେ ବୋଲି ଅଭିଯୋଗ ହେଉଥିଲା। ଲୋକମାନଙ୍କ ଜନଜୀବନ ସୁରକ୍ଷା ପାଇଁ ଟ୍ରାନ୍ସଫର୍ମରର ଚତୁଃପାର୍ଶ୍ୱରେ ସୁରକ୍ଷା ବାଡ଼ ତିଆରି କରିବାକୁ ବାଲିସାହି ଗ୍ରାମବାସୀ ଦାବି କରିବା ପରେ ଦୈନିକ ଖବରକାଗଜ ସଂଚାରରେ ଖବର ପ୍ରକାଶ ପାଇଥିଲା। ଯାହାକୁ ଗୁରୁତର ସହ ନେଇ ବିଭାଗ ତରଫରୁ ତତ୍ପରତା ଦେଖିବାକୁ ମିଳିଛି। ଆଜି ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ସୁରକ୍ଷା ବାଡ଼ ନିର୍ମାଣ ପାଇଁ କାମ ଆରମ୍ଭ ହୋଇଛି।

## ଜାତୀୟ ତମାଖୁ ନିୟନ୍ତ୍ରଣ ଦିବସ ପାଳିତ

**ରାଜନଗର,୨୮।୩ (ସଂଚାର ବ୍ୟୁରୋ):** ରାଜନଗରବ୍ଲକ କେରଡ଼ାଗଡ଼ସ୍ଥିତ ଶ୍ରୀ ଜଗନ୍ନାଥ ହାଇସ୍କୁଲ୍ ପରିସରରେ ଜାତୀୟ ତମାଖୁ ସେବନ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ପଣ୍ଡାଙ୍କ ପୌରେହିତରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜନଗର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ବରିଷ୍ଠ ଚିକିତ୍ସକ ଡ. ଆଦିତ୍ୟ ନାରାୟଣ ପ୍ରଧାନ, ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ ତରୁଲତା ନାୟକ, ହିମାଂଶୁ ଶେଖର ଦାସ ପ୍ରମୁଖ ଯୋଗ ଦେଇ ଜାତୀୟ ତମାଖୁ ନିୟନ୍ତ୍ରିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ଏବଂ ବାଳକ ବାଳିକାମାନେ ତମାଖୁ ଭଳି ମାରାତ୍ମକ ପଦାର୍ଥ ଠାରୁ ଦୂରେଇ ରହିବା ସହିତ ସୁସ୍ଥ ନିରାମୟ ଜୀବନ ଧାରଣ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ପ୍ରତି ବର୍ଷ ତମାଖୁ ସେବନ କରି ଅମୂଲ୍ୟ ଜୀବନ କିପରି ବ୍ୟାଧି ଗ୍ରସ୍ତ ହେଉଛି ଏହା ଠାରୁ ଛାତ୍ରଛାତ୍ରୀଙ୍କୁ ଦୂରେଇ ରହିବା ପାଇଁ ପରାମର୍ଶ ଦେଇଥିଲେ। ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ବିଦେଶୀ ମଦ ଦୋକାନ ବନ୍ଦ ପାଇଁ ମହିଳାଙ୍କ ଦାବି




**କେନ୍ଦ୍ରାପଡ଼ା,୨୮।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଅନ୍ତର୍ଗତ ଚାନ୍ଦି ବାଉଁଶମୂଳ ପଂଚାୟତ ବଜାରରେ ଥିବା ଏକ ବିଦେଶୀ ଠିପି ଖୋଲା ମଦ ଦୋକାନକୁ ହଟାଇବା ପାଇଁ ସ୍ଥାନୀୟ ଅଂଚଳର ମହିଳା ଜିଲ୍ଲପାଳ କାର୍ଯ୍ୟାଳୟ ଆଗରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି।

ଏହି ଦାବିପତ୍ର ରେ ସେମାନେ ଉଲ୍ଲେଖ କରିଛନ୍ତି ଯେ, ମଦ ଦୋକାନ ନିକଟରେ ମନ୍ଦିର, ସ୍କୁଲ ରହିଛି । ମହିଳା ଓ ସ୍କୁଲ ଛାତ୍ରଛାତ୍ରୀଙ୍କ ଯିବା ଆସିବାରେ ବ୍ୟାପକ ଅସୁବିଧା ହେଉଛି । ଏଥି ସହିତ ଅସାମାଜିକ ଯୁବକ ମାନେ ମଦ ପିଇ ସେଠାରେ ଆଡ୍ଡା ଜମାଇ ଯାତାୟତ କରୁଥିବା ଲୋକଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରୁଛନ୍ତି । ମଦ ଦୋକାନ ନିକଟରେ ଗ୍ରାମ ଦେବତୀ ମନ୍ଦିର, ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର, ପ୍ରାଥମିକ ବିଦ୍ୟାଳୟ ଗୁଡିକ ରହିଛି । ତେଣୁ ତୁରନ୍ତ ଏହି ମଦ ଦୋକାନ ବନ୍ଦ କରିବା ପାଇଁ ପ୍ରଦିପ ମିଶ୍ର, ଅନିରୁଦ୍ଧ ରାଉତ, ରଂଜିତା ରାଉଳ, ରେଣୁକା ଦାସ, ଲୋଚନ ପଲାଇ ପ୍ରମୁଖ ଦାବି କରିଛନ୍ତି ।

## ସରକାରୀ ନିର୍ଦ୍ଦେଶକୁ ଫୁ

# ଅସୁରେଶ୍ୱରରେ ବେଧଡ଼କ ଚାଲିଛି ଚୋରା ମଦ ଚାଲାଣ



**ନିଶ୍ଚିନ୍ତକୋଇଲି,୨୮।୩ (ସଂଚାର ବ୍ୟୁରୋ):** କଟକ ଚାନ୍ଦବାଲି ମୁଖ୍ୟ ସଡକର ମାତ୍ର କିଛି ଦୂରତାରେ କଟିକଟା ନରେନ୍ଦ୍ରପୁର ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱରେ ଗଢିଉଠିଥିବା ବିଦେଶି ଠିପି ବନ୍ଦ ମଦ ଦୋକାନରୁ ଏବେ ଖୋଲମଖୋଲା ବେଧଡକ ଭାବେ ଚୋରା ମଦ ଚାଲାଣ ହେଉଥିବା ଦେଖିବା ପାଇଁ ମିଳୁଛି। ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନକୁ ବେଧଡ଼କ ଭାବେ ଚୋରା ମଦ ଚାଲାଣ ହେଉଥିବା ବେଳେ ଅବକାରୀ ବିଭାଗ ଚେଇଁ ଶୋଇଛି। ଏହି ମଦ ଦୋକନଟି ସରକାରଙ୍କ ସବୁ ନୀତି ନିୟମକୁ ଖୋଲାଖୋଲି ଭାବେ ଉଲଙ୍ଘନ କରୁଥିବାର ସାଧାରଣରେ ଅଭିଯୋଗ ହୋଇଛି। ମଦ ଦୋକାନରେ ସ୍କୁଲ କଲେଜ ଛାତ୍ରଙ୍କୁ ଅବାଧରେ ମଦ ବିକ୍ରୟ କରାଯାଉଥିବାର ମଧ୍ୟ ଅଭିଯୋଗ ହୋଇଛି। ପ୍ରଶାସନ ତରଫରୁ ଏଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସାଧାରଣରେ ଦାବି ହୋଇଛି ।

ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଓ କଟିକଟା ଗ୍ରାମପଂଚାୟତ ସୀମାନ୍ତରେ ଥିବା କଟିକଟା-ଜୟପୁର ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱର ପଶ୍ଚିମଖଣ୍ଡଭୋଲ ମୌଜାରେ ଏହି ଠିପି ବନ୍ଦ ସରକାରୀ ବିଦେଶୀ ମଦ ଦୋକାନରେ ଦିନ ଦିପ୍ରହରରେ ମଦୁଆ ମାନେ ଖୋଲାଖୋଲି ଭାବେ ମଦପିଇ ରାସ୍ତାରେ ବୋତଲ୍ ଗଡ଼େଇ ଚାଲିଛନ୍ତି। ଏହି ମଦ ଦୋକାନ ସମସ୍ତ ସରକାରୀ ନୀତି ନିୟମକୁ ଉଲଙ୍ଘନ କରି ପୂର୍ତ୍ତ ବିଭାବ ରାସ୍ତା ପାର୍ଶ୍ୱରେ ଖୋଲାଯାଇଥିବା କାରଣରୁ ଦୈନନ୍ଦିନ ଏଠାରେ ଛୋଟବଡ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନୀ ହେବା ସହ ଏହି ଦୋକାନରେ ସରକାରୀ ନିର୍ଦ୍ଧାରିତ ମୂଲ୍ୟ ଠାରୁ ଅଧିକ ମୂଲ୍ୟ ଶୋଷଣ କରି ନିଆଯାଉଥିବାର ଅଭିଯୋଗ ହୋଇଛି। ସେହିପରି ଭାବେ ଏହି ଦୋକାନ ସରକାରୀ ନିୟମର ବହୁ ପୂର୍ବରୁ ଖୋଲାଯାଇ ରାତ୍ରର ବିଳମ୍ବିତ ପ୍ରହରରେ ବନ୍ଦ କରାଯାଉଥିବାର ଅଭିଯୋଗ ହୋଇଛି।

ଏହି ସ୍ଥାନର ଅଳ୍ପ ଦୂରରେ ମନ୍ଦିର ଓ ବିଦ୍ୟାଳୟ ରହିଥିବାରୁ ପ୍ରତିଦିନ ପୂଜାର୍ଚ୍ଚନା କରିବା ନିମନ୍ତେ ଯୁବତୀ, ମହିଳା ଓ ଶ୍ରଦ୍ଧାଳୁମାନେ ଆସିବା ସହ ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଯାଆନ୍ତି। ମାତ୍ର ରାସ୍ତା ପାର୍ଶ୍ୱରେ ମଦ୍ୟପଙ୍କ ଉତ୍ପାତ ଯୋଗୁ ଶ୍ରଦ୍ଧାଳୁ ଓ ଛାତ୍ରଛାତ୍ରୀମାନେ ଭୟଭୀତ ହୋଇପଡୁଥିବାର ଅଭିଯୋଗ ହୋଇଛି। ଏହି ମଦ ଦୋକାନରୁ ସ୍ଥାନୀୟ ଅଂଚଳର ବିଭିନ୍ନ ସ୍ଥାନକୁ ବାଇକଯୋଗେ ଅବାଧରେ ବିକ୍ରୟ ନିମନ୍ତେ ମଦ ପଠାଯାଉଥିବାର ଅଭିଯୋଗ ହୋଇଛି । ଏପରିକି ସ୍କୁଲ କଲେଜ ଛାତ୍ର ଛାତ୍ରୀଙ୍କୁ ମଧ୍ୟ ଅବାଧରେ ମଦ ବିକ୍ରୟ କରାଯାଇ ସରକାରୀ ନିୟମକୁ ଖୋଲାଖୋଲି ଭାବେ ଉଲଙ୍ଘନ କରାଯାଉଥିବାର ଅଭିଯୋଗ ହୋଇଛି । ଏସମ୍ପର୍କରେ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାର ଅଭିଯୋଗ ହୋଇଛି । ପ୍ରଶାସନ ତରଫରୁ ତୁରନ୍ତ ଏହି ମଦ ଦୋକାନ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ନଚେତ ଆଗାମୀ ଦିନରେ ସ୍ଥାନୀୟ ଲୋକେ ବାଧ୍ୟ ହୋଇ ଆନ୍ଦୋଳାନତ୍ମକ ପନ୍ଥା ଅବଲମ୍ବନ କରିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ମତ ପ୍ରକାଶ ପାଇଛି ।

## ମତ୍ସ୍ୟଜୀବୀ ସଚେତନତା ଶିବିର

**ରାଜନଗର,୨୮।୩ (ସଂଚାର ବ୍ୟୁରୋ):** ରାଜନଗର ବନ୍ୟ ପ୍ରାଣୀ ଡିଭିଜନ ପକ୍ଷରୁ ଦିନିକିଆ ମତ୍ସ୍ୟଜୀବୀ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସାଗର ତଟବର୍ତ୍ତି ରାଜନଗର ମତ୍ସ୍ୟଜିବୀ ମାନେ ନିଜର ଜୀବନ ଜୀବିକା ପାଇଁ ହୁଲି ଡଙ୍ଗା ସାହାଯ୍ୟରେ ଭିତରକନିକାକୁ ସଂଯୋଗ କରୁଥିବା ନଦୀ ଓ ମୁହାଣ ନିକଟରେ ମାଛ ଧରିବା ସମୟରେ ଅଧିକାଂଶ ସମୟରେ ସେମାନେ ବ୍ୟବହାର କରୁଥିବା ଜାଲ ଡଙ୍ଗାରେ ଗୁଡ଼ାଇ ହୋଇ ପଡୁଥିବା ଅଲିଭିରେଡଲି କଇଁଛ ଓ ଡଲଫିନଙ୍କ ଜୀବନ ପ୍ରତି ବିପଦ ଦେଖା ଯାଉଛି। ଏଥିରୁ ସତର୍କ କିପରି ଅବଲମ୍ବନ କରିବେ ଏ ନେଇ ଗୁପ୍ତି ବନବିଭାଗ ସମ୍ମିଳନୀ କକ୍ଷରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ରାଜନଗର ଡିଏଫଓ ସୁଦର୍ଶନ ଗୋପୀନାଥ ଯାଦବ ମୂଖ୍ୟ ଅତିଥି ଭାବେ ଯୋଗ ଦେଇ ମତ୍ସ୍ୟଜିବୀ ମାନଙ୍କୁ ମୂଲ୍ୟବାନ ପରାମର୍ଶ ସହ ପ୍ରକୃତିର ବରଦାନ କଇଁଛ ଓ ଡଲଫିନ ଆମର ଜାତୀୟ ସମ୍ପତି ଭାବି ସଚେତନ ରହିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାଣୀ ଗବେଷକ ତଥା ବୈଜ୍ଞାନିକ ସ୍ମୃତି ରଂଜନ ବେହେର ବୈଷୟିକ ଦିଗ ଉପରେ ମତ୍ସ୍ୟଜୀବୀ ମାନଙ୍କୁ ବୁଝାଇ ଥିଲେ। ଏଥିରେ ଏସିଏଫ ପୁନମ ହୀରା ହାଁସଦା, ମାନସ କୁମାର ଦାସ, ରେଞ୍ଜ ଅଫିସର ଚିତ୍ତ ରଂଜନ ବେହୁରା, ପ୍ରମୁଖ ଯୋଗ ଦେଇଥିଲେ।

# ସ୍ୱାସ୍ଥ୍ୟସେବା ଓ ପରିଚ୍ଛନ୍ନତାରେ ରାଜନଗର ଶ୍ରେଷ୍ଠ




**କାୟାକଳ୍ପ ମୂଲ୍ୟାୟନ**

**ରାଜନଗର,୨୮।୩ (ସଂଚାର ବ୍ୟୁରୋ):** ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ୱଚ୍ଛତା, ସ୍ୱାସ୍ଥ୍ୟସେବା, କର୍ମଚାରୀଙ୍କ ଦକ୍ଷତାକୁ ଅନୁଶୀଳନ କରି କାୟାକଳ୍ପ ପୁରସ୍କାର ପ୍ରଦାନ କରାଯାଇଛି। ଷ୍ଟେଟ ଲେବଲ ଆୱାର୍ଡ ନୋମିନେସନ କମିଟି ସାରା ଓଡିଶାର ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିବା ପରେ ଏହି ପୁରସ୍କାର ଘୋଷଣା କରାଯାଇଛି। ସାରା ଓଡିଶାରେ ୨୨୪ଟି ସବ ଡିଭିଜନାଲ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ କାୟାକଳ୍ପ ପୁରସ୍କାର ପ୍ରଦାନ କରାଯାଇଛି। ଜି ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ୧ମ ସ୍ଥାନ ଅଧିକାର କରିଥିବା ବେଳେ ୧୨ ତମ ସ୍ଥାନରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି। ରାଜ୍ୟର ୨୨୪ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ସବଡିଭିଜିନାଲ ସ୍ୱାସ୍ଥ୍ୟ କେନ୍ଦ୍ରର ଆକଳନ କରାଯାଇ ରାଜନଗର ୧୨ତମ ସ୍ଥାନ କରିଛି। ଏହି ତାଲିକାରେ କେନ୍ଦ୍ରାପଡା ଜିଲ୍ଲାର ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ୩୩ନମ୍ବର ସ୍ଥାନରେ ଥିବା ବେଳେ ଆଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ୪୧ ତମ ସ୍ଥାନରେ, ପଟ୍ଟାମୁଣ୍ଡାଇସ୍ଥିତ ସବ ଡିଭିଜିନାଲ ସ୍ୱାସ୍ଥ୍ୟ କେନ୍ଦ୍ର ୪୨ତମ ସ୍ଥାନରେ ରହିଛି। ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ୫୧ତମ ସ୍ଥାନରେ ଥିବା ବେଳେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ୫୭ତମ ସ୍ଥାନରେ ଓ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ୬୨ତମ ସ୍ଥାନ ଓ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ୯୯ତମ ସ୍ଥାନରେ ରହିଛି। ସେହିପରି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ମୂଲ୍ୟାୟନରେ କେନ୍ଦ୍ରାପଡା ଜିଲ୍ଲାର ଅଣ୍ଡରା ଓ ତାଳଚୁଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରଥମ ସ୍ଥାନରେ ରହିଛନ୍ତି।

ଆଜି କାୟାକଳ୍ପ ପୁରସ୍କାର ଘୋଷଣାରେ ରାଜନଗର ରାଜ୍ୟର ୧୨ତମ ସ୍ଥାନରେ ଓ ଜିଲ୍ଲାରେ ପ୍ରଥମ ସ୍ଥାନ ପାଇଛି। ଏହି ପୁରସ୍କାର ରାଶି ବାବଦକୁ ସ୍ୱାସ୍ଥ୍ୟ କେନ୍ଦ୍ରର ଉନ୍ନତି ପାଇଁ ୧ ଲକ୍ଷ ଟଙ୍କା ମିଳିବ। ରାଜନଗର ରୋଗୀ କଲ୍ୟାଣ ସମିତିର ଅଧ୍ୟକ୍ଷ ତଥା ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡା ଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ, ଜିଲ୍ଲାର ପ୍ରଶାସନିକ ଅଧିକାରୀଙ୍କ ସମେତ ସମସ୍ତ ପ୍ରଶାସନିକ ଅଧିକାରୀ, ରୋଗୀ କଲ୍ୟାଣ କମିଟିର ସଦସ୍ୟଙ୍କ ପରାମର୍ଶ, ଉପଦେଶ ଓ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ ଓ ସହାନୁଭୂତି ଯୋଗୁଁ ଏବଂ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମଚାରୀଙ୍କ ଆପ୍ରାଣ ପ୍ରଚେଷ୍ଟା ଓ କାର୍ଯ୍ୟ ଦକ୍ଷତା ଯୋଗୁଁ ଏହା ସମ୍ଭବ ହୋଇଥିବାରୁ ସମସ୍ତଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାଃ. ରଶ୍ମୀ ରଂଜନ ମହାନ୍ତି ଧନ୍ୟବାଦ ଦେଇଛନ୍ତି।

## ମୌନବ୍ରତ ଭଗବାନ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# କଣ୍ଟେଶ୍ୱରୀ କ୍ରିକେଟ କ୍ଲବକୁ ହରାଇ ବାଲକାଟି ଚାମ୍ପିଅନ



**ଆଲି,୨୮।୩ (ସଂଚାର ବ୍ୟୁରୋ):** ଆଲି ବ୍ଲକ୍ ପ୍ରଗତି ସ୍ପୋର୍ଟିଂ କ୍ଲବ, ବେତା ଆନୁକୁଲ୍ୟରେ ଚାଲିଥିବା ୧୬ତମ ମୌନବ୍ରତ ଓ ପ୍ରଥମ ଭଗବାନ ନାୟକ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦଯାପିତ ହୋଇଯାଇଛି। ଦିବଂଗତ ସମାଜସେବୀ, କ୍ରୀଡ଼ାବିତ, ସମବାୟବିତ ତତସହିତ ପ୍ରମୁଖ ଅଗ୍ରଣୀ ଖବର କାଗଜର ପୂର୍ବତନ ଆଲି ବ୍ଲକ ସାମ୍ବାଦିକ ଭଗବାନ ନାୟକଙ୍କ ଅକାଳ ବିୟୋଗରେ ତାଙ୍କ ସ୍ମୃତି ଉଦେଶ୍ୟରେ ଆୟୋଜିତ ହୋଇଥିବା ଏହି କ୍ରିକେଟ ଟୁର୍ନାମେଣ୍ଟର ଉଦଯାପନୀ ଦିବସରେ ସେହି ମହାନ ବ୍ୟକ୍ତିତ୍ୱଙ୍କୁ ମନେପକାଇ ତାଙ୍କ ସ୍ମୃତିଚାରଣ କରାଯିବା ସହ ଦୁଇ ମିନିଟ ନିରବ ପାର୍ଥନା କରାଯାଇଥିଲା। ଆଜିର ମ୍ୟାଚରେ ବାଲକାଟିର ରୁକ୍ମଣୀ କ୍ରିକେଟ କ୍ଲବ୍ ମାଣିକପାଟଣାର କଣ୍ଟେଶ୍ୱରୀ କ୍ରିକେଟ କ୍ଲବକୁ ହରାଇ ଚାମ୍ପିଅନ ହୋଇଛି। ମାଣିକପାଟଣାର କଣ୍ଟେଶ୍ୱରୀ କ୍ରିକେଟ କ୍ଲବ୍ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୯୧ ରନ୍ ସଂଗ୍ରହ କରିଥିଲା। ଜବାବରେ ବାଲକାଟିର ରୁକ୍ମଣୀ କ୍ରିକେଟ କ୍ଲବ ୯.୨ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ପୂରଣ କରିବା ସହିତ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଥିଲା।

ପ୍ରଗତି ସ୍ପୋର୍ଟିଂ କ୍ଲବ ପକ୍ଷରୁ ପ୍ରଦୀପ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଜିଲ୍ଲା ଯୋଜନା ବୋର୍ଡ ସଦସ୍ୟ ଭୀଷ୍ମ ମହାନ୍ତି, ପୂର୍ବତନ ସରପଞ୍ଚ ପ୍ରଦ୍ୟୁମ୍ନ ଦାଶ, ବରିଷ୍ଠ ସାମ୍ବାଦିକ ତଥା କବି ପ୍ରମୋଦ ମଲ୍ଲିକ ଓ ବରିଷ୍ଠ ନାଗରିକ ଶ୍ରୀଧର ମହାନ୍ତି, ନିରନଞ୍ଜନ ପରିଡ଼ା ଅତିଥି ଭାବେ ଯୋଗଦେଇ ଚାମ୍ପିଅନ ଦଳ ରୁକ୍ମଣୀ କ୍ରିକେଟ କ୍ଲବ ବାଲକାଟି, ରନର୍ସଅପ୍ ଦଳ ମାଣିକପାଟଣାର କଣ୍ଟେଶ୍ୱରୀ କ୍ରିକେଟ କ୍ଲବ୍ ସହିତ ମ୍ୟାନ୍ ଅଫ୍ ଦ ମ୍ୟାଚ୍ କାହ୍ନୁ ବରଜ ଓ ମ୍ୟାନ ଅଫ ଦି ସିରିଜ୍ ଭାବେ ବିଶ୍ୱଜିତ ମଳିକଙ୍କୁ ଟ୍ରଫି ପ୍ରଦାନ କରିଥିଲେ।

# ଛାତ୍ରଛାତ୍ରୀଙ୍କ ପାଇଁ କୃଷି ବିଦ୍ୟାନିଧି ଯୋଜନା ବରଦାନ

- ଚଳିତ ଶିକ୍ଷାବର୍ଷରେ ଦିଆଯାଇଛି ୫୩.୫୭ କୋଟି ଅନୁଦାନ
- ଉପକୃତ ହୋଇଛନ୍ତି ୧୩୯୨୩ ଛାତ୍ରଛାତ୍ରୀ

**ଭୁବନେଶ୍ୱର,୨୮।୩(ସଂଚାର ବ୍ୟୁରୋ):** ଓଡ଼ିଶା ସରକାର ସର୍ବଦା କୃଷି ଓ କୃଷକଙ୍କୁ ପ୍ରାଧାନ୍ୟ ଦେଇ ଆସିଛନ୍ତି। କେବଳ କୃଷକ ନୁହଁନ୍ତି, ସେମାନଙ୍କ ପୁଅଝିଅଙ୍କ ଶିକ୍ଷାକୁ ଅଗ୍ରାଧିକାର ଦେଉଆସିଛନ୍ତି। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧୀନରେ ସିଏମ କିସାନ ଯୋଜନା ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହି ଯୋଜନା ଅଧୀନରେ ରାଜ୍ୟର ଚାଷୀ ମାନଙ୍କୁ ସଶକ୍ତ କରିବା ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛିଏବଂ ସେମାନଙ୍କ ପୁଅ ଝିଅଙ୍କ ଉଚ୍ଚଶିକ୍ଷା ପାଇଁ ମଧ୍ୟ ସରକାର ଅତ୍ୟନ୍ତ କଲ୍ୟାଣକାରୀ 'କୃଷି ବିଦ୍ୟା ନିଧି' ଯୋଜନା ପ୍ରଣୟନ କରିଛନ୍ତି । ଏହି ଯୋଜନା ଅନ୍ତର୍ଗତବୈଷୟିକ ଓ ବୃତ୍ତିଗତ ବିଷୟରେ ଉଚ୍ଚଶିକ୍ଷା ପାଇଁ ସିଏମ୍ କିସାନ ହିତାଧିକାରୀ କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ ଚାଷୀ ଭାଇ ଭଉଣୀଙ୍କ ପୁଅ ଝିଅଙ୍କୁ ବାର୍ଷିକ ଟ୍ୟୁସନ ଫି' ବା ପଢ଼ା ଖର୍ଚ୍ଚ କୃଷି ବିଭାଗ ପକ୍ଷରୁ ଯୋଗାଇ ଦିଆଯାଉଛି। ଏହାଛଡ଼ା ହଷ୍ଟେଲ ଖର୍ଚ୍ଚ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ। ଏହି ଯୋଜନା ଅନୁଯାୟୀ ସରକାରୀ, ବେସରକାରୀ ତଥା ଜାତୀୟ ସ୍ତରର ଶିକ୍ଷାନୁଷ୍ଠାନରେ ଡାକ୍ତରୀ, ଇଞ୍ଜିନିୟରିଂ, ନର୍ସିଂ, ଡିପ୍ଲୋମା ଇଞ୍ଜିନିୟରିଂ, ବିବିଏ, ବିସିଏ ଭଳି ବୃତ୍ତିଗତ ଶିକ୍ଷା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି।

ସରକାରୀ ଅନୁଷ୍ଠାନ ପାଇଁ ପ୍ରକୃତ ଫି'କୁ ଛାତ୍ରବୃତ୍ତି ଆକାରରେ ଦିଆଯାଉଥିବା ବେଳେ ଘରୋଇ ଶିକ୍ଷାନୁଷ୍ଠାନ ପିଁ ସର୍ବାଧିକ ବାର୍ଷିକ ରାଶି ସ୍ଥିର କରାଯାଇଛି ଯେପରିକି, ବି ଟେକ୍ ଇଞ୍ଜିନିୟରିଂ ପାଇଁ ବାର୍ଷିକ ୬୦ ହଜାର ଟଙ୍କା, ଏମ୍‌ଟେକ୍ ଇଞ୍ଜିନିୟରିଂ ପାଇଁ ବାର୍ଷିକ ୬୬ ହଜାର ଟଙ୍କା, ଏମବିଏ ପାଠ୍ୟକ୍ରମ ପାଇଁ ୬୫ ହଜାର ଟଙ୍କା, ୪ ରୁ ୫ ବର୍ଷିଆ ଡାକ୍ତରୀ ଶିକ୍ଷା ନିମନ୍ତେ ବାର୍ଷିକ ୩୬,୯୫୦ ଟଙ୍କା ସ୍କଲାରସିପ୍, ୪ବର୍ଷିଆ ବି ଫାର୍ମ ନିମନ୍ତେ ବାର୍ଷିକ ୩୫ ହଜାର ଟଙ୍କା, ନର୍ସିଂ ଶିକ୍ଷା ପାଇଁ ୧୯ ହଜାର ୪୫୦ ଟଙ୍କା, ଦୁଇ ବର୍ଷିଆ ଡାକ୍ତରୀ ଶିକ୍ଷାରେ ସ୍ନାତକ ପାଇଁ ବାର୍ଷିକ ୫୮ ହଜାର ଟଙ୍କା, ଆର୍କିଟେକ୍ଚର ପାଠ୍ୟକ୍ରମ ପାଇଁ ୬୦ ହଜାର ଟଙ୍କା ଇତ୍ୟାଦି ପ୍ରଦାନ କରାଯାଉଛି । ପାଠ୍ୟକ୍ରମ ଶେଷ ପର୍ଯ୍ୟନ୍ତ ଜଣେ ଶିକ୍ଷାର୍ଥୀ ଏହାର ସୁବିଧା ପାଉଛନ୍ତି। ଚଳିତ ବର୍ଷ କୃଷି ବିଦ୍ୟାନିଧି ଯୋଜନାରେ ସମୁଦାୟ ୧୩୯୨୩ ଜଣ ଛାତ୍ରଛାତ୍ରୀ ଉପକୃତ ହୋଇଥିବା ବେଳେ ଏଥିରେ ୫୯୨ ଜଣ ମେଡିକାଲ, ୪୪୯୨ ଜଣ ଇଞ୍ଜିନିୟରିଂ, ୪୫୬୪ ଜଣ ପଲିଟେକନିକ, ୧୪୧୭ ଜଣ ନର୍ସିଙ୍ଗ, ୫୧୦ ଜଣ ଏମସିଏ, ୧୬୪ ଜଣ କୃଷି ଓ ଆନୁସଙ୍ଗିକ ଶିକ୍ଷାର୍ଥୀ ସାମିଲ। ଏଥିମଧ୍ୟରୁ ୫୫ ଜଣ ଏନ୍‌ଆଇଟି ଓ ଆଇଆଇଏମ୍ ଭଳି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ। ଏଥିନିମନ୍ତେ ରାଜ୍ୟ ସରକାର ଚଳିତବର୍ଷ ୫୩ କୋଟି ୫୬ ଲକ୍ଷ ୯୪ ହଜାର ୪୦୫ ଟଙ୍କାର ଅନୁଦାନ ପ୍ରଦାନ କରିଛନ୍ତି। ଏହି ଛାତ୍ରବୃତ୍ତି ରାଶି ଛାତ୍ରଛାତ୍ରୀଙ୍କ ଆଧାର ସଂଯୋଜିତ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ପ୍ରଦାନ କରାଯାଉଛି। ଏହା ସେମାନଙ୍କୁ ଭବିଷ୍ୟତରେ ଜଣେ ଜଣେ ସଫଳ ନାଗରିକ ଭାବେ ଗଢ଼ିବାରେ ସହାୟକ ହେବ।



ଶୁକ୍ରବାର ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଆସାମ ମୁଖ୍ୟମନ୍ତ୍ରୀ ଡ. ହିମନ୍ତ ବିଶ୍ୱଶର୍ମା ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି।

## ଲାଞ୍ଚ ନେବା ଅଭିଯୋଗରେ ଡାକ୍ତରଙ୍କୁ ତିନି ବର୍ଷ ଜେଲ୍



**ଫୁଲବାଣୀ,୨୮।୩ (ସଂଚାର ବ୍ୟୁରୋ):** ସରକାରୀ କାର୍ଯ୍ୟ ପାଇଁ ଲାଞ୍ଚ ନେବା ଅଭିଯୋଗରେ ଆଜି ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଜନୈକ ଡାକ୍ତରଙ୍କୁ ତିନି ବର୍ଷ ସଶ୍ରମ ଜେଲଦଣ୍ଡ ଆଦେଶ ଦେଇଛନ୍ତି । ଏଥିସହ ତାଙ୍କୁ ୫ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦେୟ ଅଧିକ ତିନି ମାସ ଜେଲ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଡାକ୍ତର ଜଣକ ହେଲେ ଫିରିଙ୍ଗିଆର ତତ୍କାଳୀନ ବ୍ଲକ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ନିଶିଥ ନିଶାନ୍ତ ମାଲୁ। ଡ. ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଇନଚାର୍ଜ ଭାବେ କାର୍ଯ୍ୟରତ ଥିଲେ। ସେଠାରେ ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀ ଥିବା ବେଣୁପାଣି ଦିଗାଲଙ୍କ ଆରସିଏମ ବିଲ କରିଦେବା ପାଇଁ ସେ ୭ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ୨୦୨୧ ମାର୍ଚ୍ଚ ୩୧ ତାରିଖ ଦିନ ଡ ମାଲୁ ଏହି ଲାଞ୍ଚ ଟଙ୍କା ଗ୍ରହଣ କରୁଥିବାବେଳେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ବ୍ରହ୍ମପୁର ଭିଜିଲାନ୍ସ ଟିମ୍ ତାଙ୍କୁ ମାଡି ବସିଥିଲେ।

## ବ୍ରହ୍ମପୁର ମଣ୍ଡଳ କାରାଗାରକୁ ଏଫ୍‌ଏସ୍‌ଏସ୍‌ଏଆଇର 'ଇଟ୍ ରାଇଟ୍ କ୍ୟାମ୍ପସ୍' ମାନ୍ୟତା

**ଭୁବନେଶ୍ୱର,୨୮।୩ (ସଂଚାର ବ୍ୟୁରୋ):** ୧୬୨ ବର୍ଷ ପୁରୁଣା ବ୍ରହ୍ମପୁର ମଣ୍ଡଳ କାରାଗାରକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ଥିବା ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ (ଏଫଏସଏସଏଆଇ) ଦ୍ୱାରା 'ଇଟ ରାଇଟ କ୍ୟାମ୍ପସ' ମାନ୍ୟତା ମିଳିଛି। ଦେଶର ପାଖାପାଖି ୧୦୦ଟି କାରାଗାର ମଧ୍ୟରେ ଓଡ଼ିଶାର ଏହି କାରାଗାର ସଦ୍ୟତମ ଅନୁଷ୍ଠାନ ଭାବେ ଏଫଏସଏସଏଆଇ ମାନ୍ୟତା ଲାଭ କରିଛି । ତିନି ତାରକା ରେଟିଂ ସହିତ ୨୪ ମାର୍ଚ୍ଚ ୨୦୨୫ ରୁ ୨୩ ମାର୍ଚ୍ଚ ୨୦୨୭ ପର୍ଯ୍ୟନ୍ତ ଦୁଇ ବର୍ଷ ପାଇଁ ବୈଧ ଏହି ସମ୍ମାନଜନକ ପ୍ରମାଣପତ୍ର ବ୍ରହ୍ମପୁର ମଣ୍ଡଳ କାରାଗାରର କଏଦୀମାନଙ୍କ ପାଇଁ



ସୁରକ୍ଷିତ, ସୁସ୍ଥ ଏବଂ ଦୀର୍ଘସ୍ଥାୟୀ ଖାଦ୍ୟ ଅଭ୍ୟାସ ଯୋଗାଇବା ପାଇଁ ଜେଲର ପ୍ରତିବଦ୍ଧତାକୁ ସ୍ୱୀକାର କରିଥାଏ।

ଏଫଏସଏସଏଆଇ ଦ୍ୱାରା 'ଇଟ୍ ରାଇଟ୍ କ୍ୟାମ୍ପସ୍' ପଦକ୍ଷେପର ଉଦ୍ଦେଶ୍ୟ ହେଉଛି କାର୍ଯ୍ୟସ୍ଥଳୀ, ଶିକ୍ଷାନୁଷ୍ଠାନ ଏବଂ ଡାକ୍ତରଖାନା ସମେତ ବିଭିନ୍ନ ଅନୁଷ୍ଠାନିକ ବ୍ୟବସ୍ଥାରେ ଖାଦ୍ୟ ସୁରକ୍ଷା ଏବଂ କଲ୍ୟାଣର ସଂସ୍କୃତିକୁ ପ୍ରୋତ୍ସାହିତ କରିବା। ବ୍ରହ୍ମପୁର ମଣ୍ଡଳ କାରାଗାର ଏଫଏସଏସଏଆଇର କଠୋର ମୂଲ୍ୟାଙ୍କନ ମାନଦଣ୍ଡ ପାଳନ କରିବାରେ ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ କରିଛି । ୧ ହଜାର କଏଦୀଙ୍କ ଖାଦ୍ୟ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ପ୍ରତି ଏହା ଉତ୍ସର୍ଗୀକୃତ ପ୍ରଦର୍ଶନ କରିଛି। ଏହି ପ୍ରମାଣପତ୍ର ପ୍ରକ୍ରିୟାରେ ଏକ ଏଫଏସଏସଏଆଇ ପାନେଲଭୁକ୍ତ ଏଜେନ୍ସି ଦ୍ୱାରା ପରିଚାଳିତ ଏକ ବ୍ୟାପକ ଅଡିଟ୍ ସାମିଲ ଥିଲା। ଏହି ଅଡିଟ୍ ମୌଳିକ ସ୍ୱଚ୍ଛତା, ଖାଦ୍ୟ ପ୍ରସ୍ତୁତି ଅଭ୍ୟାସ ଏବଂ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଖାଦ୍ୟ ସାରଣୀ ଅନୁଯାୟୀ ପୁଷ୍ଟିକର ଖାଦ୍ୟର ବ୍ୟବସ୍ଥା ସମେତ ଅତ୍ୟାବଶ୍ୟକ ପରିମାପକ ସହିତ ଜେଲର ଅନୁପାଳନକୁ ମୂଲ୍ୟାଙ୍କନ କରିଥିଲା।

କାରାଗାର ଏବଂ ସଂଶୋଧନ ସୁବିଧା ପାଇଁ 'ଇଟ ରାଇଟ କ୍ୟାମ୍ପସ' ପ୍ରମାଣପତ୍ରକୁ ବିସ୍ତାର କରି, କଏଦୀ ଏବଂ ଜେଲ୍ କର୍ମଚାରୀଙ୍କ ସମେତ ସମସ୍ତଙ୍କ ପାଇଁ ନିରାପଦ ଓ ପୁଷ୍ଟିକର ଖାଦ୍ୟ ପାଇବା ସୁନିଶ୍ଚିତ କରିବା ଲାଗି ଏଫଏସଏସଏଆଇ ଏହାର ପ୍ରତିବଦ୍ଧତାକୁ ରେଖାଙ୍କିତ କରେ।

ବ୍ରହ୍ମପୁର ମଣ୍ଡଳ କାରାଗାରର ସଫଳତା ଖାଦ୍ୟ ପ୍ରସ୍ତୁତି ଏବଂ ପରିଚାଳନା ପ୍ରତି ଏହାର ସୂକ୍ଷ୍ମ ଆଭିମୁଖ୍ୟ ଦ୍ୱାରା ସୂଚିତ କରିଥାଏ। କଠୋର ସୁରକ୍ଷା ନିୟମକୁ ପାଳନ କରି ଦୈନିକ ୧,୦୦୦ କଏଦୀଙ୍କୁ ଖାଦ୍ୟ ପ୍ରସ୍ତୁତି ଏବଂ ପରିବେଷଣ ପାଇଁ ଜେଲ୍ ସ୍ୱଚ୍ଛ ଅବସ୍ଥାକୁ ସୁନିଶ୍ଚିତ କରିଥାଏ। ଖାଦ୍ୟ ସୁରକ୍ଷା ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ଆହୁରି ପ୍ରଦର୍ଶନ କରି, ୫୦ ଜଣ ଜେଲ୍ କର୍ମଚାରୀ ଏବଂ କଏଦୀ ସଫଳତାର ସହ ଏଫଏସଏସଏଆଇର ଖାଦ୍ୟ ସୁରକ୍ଷା ତାଲିମ ଏବଂ ପ୍ରମାଣପତ୍ର (ଏଫଓଏସଟିଏସି) କାର୍ଯ୍ୟକ୍ରମ ସମାପ୍ତ କରିଛନ୍ତି, ଯାହା ସେମାନଙ୍କୁ ମୌଳିକ କ୍ୟାଟରିଂ ବା ଖାଦ୍ୟ ପ୍ରସ୍ତୁତି ଓ ବିତରଣ ଅଭ୍ୟାସରେ ଅତ୍ୟାବଶ୍ୟକ ଜ୍ଞାନ ଏବଂ ଦକ୍ଷତାରେ ସଜ୍ଜିତ କରିଛି।



# ବିଧାନସଭା ଖବର

## ରାଜ୍ୟରେ ୨୫୪୨ ଇଂରାଜୀ ମାଧ୍ୟମ ବିଦ୍ୟାଳୟ

**ଭୁବନେଶ୍ୱର,୨୮।୩(ସଂଚାର ବ୍ୟୁରୋ):** ରାଜ୍ୟରେ ୨୫୪୨ ସଂଖ୍ୟକ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ରହିଛି। ଏଥିମଧ୍ରୁ ୧୮୯୯ ଟି ଘରୋଇ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପ୍ରଥମଶ୍ରେଣୀ ପାଠପଢ଼ା ସୁବିଧା ରହିଛି । ଏହିସବୁ ବିଦ୍ୟାଳୟରେ ନାମ ଲେଖାଇବାପାଇଁ ଆବେଦନ ଓ ନାମଲେଖାଫି ଆଦାୟ ସଂକ୍ରାନ୍ତରେ ସରକାରଙ୍କର ଏପର୍ଯ୍ୟନ୍ତ କୌଣସି ନିର୍ଦ୍ଦେଶନାମା ନାହିଁ। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ମନ୍ତ୍ରୀ କହିଛନ୍ତି ଯେ ଘରୋଇ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଫି ଆଦାୟ ସଂକ୍ରାନ୍ତରେ ରଜ୍ୟା ସରକାର ୧୯୯୬ ମସିହାରେ ଜାରି କରିଥିବା ସଙ୍କଳ୍ପରେ ଏହିସବୁ ବିଦ୍ୟାଳୟଗୁଡିକ ପ୍ରଦାନ କରୁଥିବା ସୁବିଧା ସୁଯୋଗ ଅନୁଯାୟୀ ଫି ନେବବାର ବ୍ୟବସ୍ଥା ରହିଛି । ରାଜଧାନୀରେ ୩୯୩ଟି ଇଂରାଜୀ ମାଧ୍ୟମ ବିଦ୍ୟାଳୟ ରହିଛି । ଏହିସବୁ ବିଦ୍ୟାଳୟରେ ନାମଲେଖା ଆବେଦନ ପାଇଁ ତଥା ନାମଲେଖା ସମୟରେ ନିଆଯାଉଥିବା ଅର୍ଥ ସରକାରଙ୍କର ନିୟନ୍ତ୍ରଣାଧିନ ନୁହେଁ ବୋଲି ମନ୍ତ୍ରୀ ତାଙ୍କ ଉତ୍ତରରେ କହିଛନ୍ତି ।

## ୩ ଜିଲ୍ଲାରେ ବରିଷ୍ଠ ନାଗରିକଙ୍କୁ ଚିକିତ୍ସା ସୁବିଧା

ବାର୍ଦ୍ଧକ୍ୟଜନିତ ସ୍ୱାସ୍ଥ୍ୟ ସମସ୍ୟାର ଉପସମ ନିମନ୍ତେ ବୃଦ୍ଧ ବୃଦ୍ଧାମାନଙ୍କ ଭୌତିକ ଓ ଅନ୍ୟାନ୍ୟ ଚିକିତ୍ସା ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ୬ଟି ଜିଲ୍ଲାରେ ବାର୍ଦ୍ଧକ୍ୟ ଅକ୍ଷମତା ଉପଶମ କେନ୍ଦ୍ର ଖୋଲିବା ନିମନ୍ତେ ପଦକ୍ଷେପ ନିଆଯାଇଥିଲା । ଏଥି ମଧ୍ୟରୁ ବର୍ତ୍ତମାନ ୩ଟି ଜିଲ୍ଲା ମୟୁରଭଞ୍ଜ, କନ୍ଧମାଳ, ସମ୍ବଲପୁର ଜିଲ୍ଲାରେ ଉପଶମକେନ୍ଦ୍ର ଗୁଡିକରେ ବରିଷ୍ଠ ନାଗରିକମାନଙ୍କୁ ଚିକିତ୍ସା ସୁବିଧା ମିଳୁଛି । ଆଉ ୩ଟି ଜିଲ୍ଲା ଖୋର୍ଦ୍ଧା, କଟକ ଓ ଗଞ୍ଜାମ ଜିଲ୍ଲାରେ ଏଗୁଡିକୁ ଶୀଘ୍ର କାର୍ଯ୍ୟକ୍ଷମ ପାଇଁ ପଦକ୍ଷେପ ନିଆଯାଉଛି । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନରେ ଏହି ସୂଚନା ଦେଇଛନ୍ତି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ମୟୁଭଞ୍ଜ ଜିଲ୍ଲାରେ ଥିବା ଜେରିଆଟିକ ୱାଡରେ ୨୦୨୧-୨୨ ରୁ ୨୦୨୪-୨୫ ବର୍ଷ ମଧରେ ମୋଟ୍ ୧୩୯୫ ଜଣ ବରିଷ୍ଠ ନାଗରିକଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଥିବାବେଳେ ଏହି ସମୟରେ କନ୍ଧମାଳ ଜିଲ୍ଲାରେ ୨୬୪ ଜଣଙ୍କୁ ଏବଂ ସମ୍ବଲପୁର ଜିଲ୍ଲାରେ ୧୬୯୨ ଜଣ ବରିଷ୍ଠ ନାଗରିକ ଚିକିତ୍ସା ସୁବିଧା ପାଇଛନ୍ତି ।

## ପୁରୁଣା ପଦ୍ଧତିରେ ଚାଲିଛି ମଧ୍ୟାହ୍ନଭୋଜନ ୱେବସାଇଟ୍

ବର୍ତ୍ତମାନ ମଧ୍ୟାହ୍ନ ଭୋଜନ ଆପ୍ଲିକେଶନଟି ପୁରୁଣା ପଦ୍ଧତିରେ କାର୍ଯ୍ୟକାରୀ ହେଉଛି । ଏହାକୁ ନୂତନ ପଦ୍ଧତିରେ କାର୍ଯ୍ୟାକାରୀ ପାଇଁ ଏନଆଇସିକୁ ୩୪,୩୫,୦୮୪ ଟଙ୍କା ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଛି। ଆପ୍ଲିକେଶନର ସମ୍ପୂର୍ଣ୍ଣ ଉନ୍ନତିକରଣ ପରେ ଏନଆଇସିକୁ ଧାର୍ଯ୍ୟ ଅର୍ଥର ୬୦ପ୍ରତିଶତ ପୂରଣ କରାଯିବ ବୋଲି ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି ଯେ ମଧାହ୍ନଭୋଜନ ଡାଟା ସେଣ୍ଟର ଏନଆଇସି ଦ୍ୱାରା ପରିଚାଳିତ ହେଉଛି ଏବଂ ଏହାର ଡାଟା ସର୍ଭର ଓକାକ୍ ରେ ରହିଛି । ପ୍ରାରମ୍ଭରେ ଏନ୍‌ଆଇସିକୁ ୱେବସାଇଟ୍ ତିଆରି ଏବଂ ସେବା ପ୍ରଦାନ ପାଇଁ ୧,୪୫,୫୮୨ ଟଙ୍କା ୨୦୧୨ ମସିହାରେ ପ୍ରଦାନ କରାଯାଇଥିଲା । ଏହା ପରଠାରୁ ପ୍ରତି ଛଅମାସକୁ ଥରେ ୱେବସାଇଟ୍ ଓ ଏସଏମଏସ୍ ସେବା ପାଇଁ ୨୦୧୭ ଅଗଷ୍ଟ ପର୍ଯ୍ୟନ୍ତ ଅର୍ଥ ପ୍ରଦାନ କରାଯାଉଥିଲା । ତେବେ କୋଭିଡ ମହାମାରୀ ସମୟରେ ୱେବସାଇଟ୍‌ଟି ସଠିକ ଭାବେ କାର୍ଯ୍ୟକାରୀ ହେଉନଥିଲା । ମହାମାରୀ ପରେ ଡାଟା ସେଣ୍ଟର ପୁନଃ ଉନ୍ନତିକରଣ ପାଇଁ ୨୦୨୩ ନଭେମ୍ବର ମାସରେ ୯,୧୧,୮୪୮ ଏବଂ ୭,୫୦,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା।

### ରାଉରକେଲାରେ ପୁଣି ଗୁଳିକାଣ୍ଡ

## ଆକ୍ରମଣରେ ଯୁବକ ଗୁରୁତର

**ରାଉରକେଲା,୨୮।୩(ସଂଚାର ବ୍ୟୁରୋ):** ରାଉରକେଲାରେ ପୁଣି ଗୁଳିକାଣ୍ଡ ଘଟିଛି। ଗତ ମାସ ୪ ନମ୍ବର ସେକ୍ଟରରେ ଘଟିଥିବା ଗୁଳିକାଣ୍ଡ ଘଟଣା ସ୍ଥାନୀୟ ଲୋକଙ୍କ ମନରୁ ଲିଭିନଥିବା ବେଳେ ଗତକାଲି ରାତିରେ ଦେଓଗାଁ ନିକଟସ୍ଥ ଏକ ହୋଟେଲରେ ଗୁଳିକାଣ୍ଡ ଘଟିଛି। ଦେଓଗାଁର ମା' ତାରିଣୀ ହୋଟେଲରେ ଜଣେ ଯୁବକଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିବା ଜଣାପଡ଼ିଛି। ଉକ୍ତ ଯୁବକଙ୍କୁ କେତେକ ଦୁର୍ବୃତ୍ତ ବାଇକରେ ଗୋଡାଉଥିବା ସମୟରେ ସେ ଜୀବନ ବିକଳରେ ନିକଟସ୍ଥ ହୋଟେଲ ଭିତରେ ପଶି ଯାଇଥିଲେ। କିନ୍ତୁ ଉକ୍ତ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ୩ ଜଣ ଦୁର୍ବୃତ୍ତ ହୋଟେଲ ଭିତରେ ପଶି ଭୁଜାଲିରେ ଆକ୍ରମଣ କରିଥିଲେ। ଆକ୍ରମଣରେ ଯୁବକ ଦିବ୍ୟଜ୍ୟୋତି ମହାନ୍ତି ଗୁରୁତର ଭାବେ ଆହତ ହୋଇଛନ୍ତି। ଏଥିସହ ଉକ୍ତ ଦୁର୍ବୃତ୍ତମାନେ ସ୍ଥାନୀୟ ଲୋକଙ୍କୁ ଭୟଭୀତ କରିବା ସକାଶେ ହୋଟେଲ ଭିତରେ ଓ ବାହାରେ ୨ ରାଉଣ୍ଡ ଗୁଳି ଚଳାଇଥିଲେ। ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଏଥିସହ ଏହି ଘଟଣାରେ ୨ ଜଣଙ୍କୁ ଅଟକ ରଖି ପୁଲିସ ପଚରାଉଚରା ମଧ୍ୟ କରୁଛି।

## ବେଦାନ୍ତ 'ୱାଶ୍'ର ବାୟୋ-ଶୌଚାଳୟ ଓ ସୌରଚାଳିତ ବୋରୱେଲ୍

**ଝାରସୁଗୁଡା,୨୮।୩(ସଂଚାର ବ୍ୟୁରୋ):** ବେଦାନ୍ତ ଆଲୁମିନିୟମ୍ ଏହାର ଫ୍ଲାଗସିପ୍ ଯୋଜନା ଜଳ, ପରିମଳ ଏବଂ ସ୍ୱଚ୍ଛତା (ୱାଶ୍) ପଦକ୍ଷେପ ଅଧୀନରେ ଝାରସୁଗୁଡା ଜିଲ୍ଲାର କୁରାଲୋଇର ପ୍ରମୁଖ ସ୍ଥାନରେ ଜଳ ବିଶୋଧକ ସହିତ ବାୟୋ-ଶୌଚାଳୟ ଏବଂ ସୌର ଚାଳିତ ବୋର-ୱେଲ୍ ସ୍ଥାପନ କରିଛି ଯାହା ୫୫୦୦ ରୁ ଅଧିକ ଲୋକଙ୍କୁ ଉପକୃତ କରିଛି ।



ଏହାର ଉଦଘାଟନୀ ସମାରୋହରେ ଯୋଗ ଦେଇ ଏବଂ ଏହି ଅଞ୍ଚଳର ସ୍ୱଚ୍ଛ ଜଳ ଏବଂ ଉନ୍ନତ ପରିମଳ ଭିତ୍ତିଭୂମିର ଆବଶ୍ୟକତା ଉପରେ ଆଲୋକପାତ କରି ବେଲପାହାଡ଼ ପୌରାଧ୍ୟକ୍ଷ ଶ୍ରୀ ନିମୟ ଚରଣ ପଣ୍ଡା କହିଛନ୍ତି ଯେ ଭୂତଳ ଜଳରେ ଅଧିକ ପରିମାଣର ଲୌହ ଅଂଶ ଥିବାରୁ ଏହି ଅଞ୍ଚଳରେ ପାନୀୟ ଜଳର ଉପଲବ୍ଧତା ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା । ଯେହେତୁ ଗ୍ରୀଷ୍ମ ମାସ ଆରମ୍ଭରୁ ଜଳର ଅଭାବ ଏବଂ ସ୍ୱଚ୍ଛ ପରିମଳ ଭିତ୍ତିଭୂମି ଅନ୍ୟ ଏକ ଜରୁରୀ ଆବଶ୍ୟକତା ଥିଲା ତାହାର ସମାଧାନ କରିବା ଏବଂ ଆମ ଅଞ୍ଚଳରେ ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଏବଂ ସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିଥିବାରୁ ମୁଁ ବେଦାନ୍ତ ଆଲୁମିନିୟମକୁ ଧନ୍ୟବାଦ ଜଣାଉଛି । ବେଦାନ୍ତର ଗୋଷ୍ଠୀ ସ୍ୱାସ୍ଥ୍ୟ ପଦକ୍ଷେପ ଉପରେ ଆଲୋକପାତ କରି କୋଇଲା ଖଣିର ସିଇଓ ଡାଭିଡ ଷ୍ଟୋନ କହିଛନ୍ତି ଯେ ଆମର ପ୍ରୟାସ ମିଳିତ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି) ସହିତ ଘନିଷ୍ଠ ଭାବରେ ଯୋଡ଼ି ହୋଇଛି, ବିଶେଷ କରି ଏସଡିଜି ୬, ଯାହା ସ୍ୱଚ୍ଛ ଜଳ ଏବଂ ପରିମଳ ଉପରେ ଧ୍ୟାନ ଦେଇଥାଏ । ଏହି ଅଞ୍ଚଳରେ ନିରାପଦ ପାନୀୟ ଜଳର ଉପଲବ୍ଧତା ବୃଦ୍ଧି କରିବା ଏବଂ ପରିମଳ ଭିତ୍ତିଭୂମିରେ ଉନ୍ନତି ଆଣିବା ଦ୍ୱାରା, ଆମେ ସୁସ୍ଥ, ଅଧିକ ସହନଶୀଳ ସମ୍ପ୍ରଦାୟ ସୃଷ୍ଟି କରିବା ଏବଂ ଯେଉଁ କ୍ଷେତ୍ରରେ କାର୍ଯ୍ୟ କରୁଛୁ ସେଠାରେ ସ୍ଥାୟୀ ବିକାଶ କରିବା ଆମର ଲକ୍ଷ୍ୟ ।

ଉଲ୍ଲେଖନୀୟ କଥା ହେଉଛି, ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରଣନୀତିକ ଭାବରେ ସ୍ଥାପିତ ବାୟୋ-ଶୌଚାଳୟ ଏକ "ଏନାରୋବିକ୍ ବାୟୋ-ଡାଇଜେଷ୍ଟର୍ ସିଷ୍ଟମ୍" ମାଧ୍ୟମରେ କାର୍ଯ୍ୟ କରେ ଯେଉଁଠାରେ ସ୍ୱତନ୍ତ୍ର ଭାବରେ ବିକଶିତ ବ୍ୟାକ୍ଟେରିଆ ବର୍ଜ୍ୟବସ୍ତୁକୁ ଅପଘଟିତ କରି ଏହାକୁ ପାଣି, ମିଥେନ୍ ଏବଂ କାର୍ବନ ଡାଇଅକ୍ସାଇଡରେ ପରିଣତ କରେ ଯାହା ହାତରେ ବର୍ଜ୍ୟବସ୍ତୁ ଅପସାରଣର ଆବଶ୍ୟକତାକୁ ସମାପ୍ତ କରିଥାଏ ଏବଂ ସ୍ଥାୟୀ ପରିମଳକୁ ପ୍ରୋତ୍ସାହିତ କରେ। ଏହାବ୍ୟତୀତ ସୌରଶକ୍ତି ଚାଳିତ ବୋରୱେଲ ଏବଂ ଜଳ ବିଶୋଧକଗୁଡ଼ିକ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରୁଥିବା ଲୋକଙ୍କୁ ପାନୀୟ ଜଳ ଯୋଗାଇଥାଏ ।

## 'ଆଜିର ରେବତୀ'ର ଅଡିଓ ରିଲିଜ୍, ୧୧ରେ ଶୁଭମୁକ୍ତି

**ଭୁବନେଶ୍ୱର,୨୮।୩(ସଂଚାର ବ୍ୟୁରୋ):** ଓଡ଼ିଆ ପରମ୍ପରା ଓ ସମାଜଚେତନା ଭିତ୍ତିକ ଓଡ଼ିଆ ସିନେମା 'ଆଜିର ରେବତୀ' ଆସନ୍ତା ୧୧ ଏପ୍ରିଲରେ ମୁକ୍ତିଲାଭ କରିବାକୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଯାଇଥିବା ବେଳେ ଆଜି ଏହାର ଅଡିଓ ରିଲିଜ୍ ହୋଇଛି। ସବୁ ଗୀତ ଆଗାମୀ ଦିନରେ ପ୍ରକାଶ ମ୍ୟୁଜିକ୍ ୟୁଟ୍ୟୁବ ଚ୍ୟାନେଲରେ ଉପଲବ୍ଧ ହେବ। ଆଜିର ଅଡିଓ ରିଲିଜ୍ ଉତ୍ସବରେ ଚଳଚ୍ଚିତ୍ରର ପ୍ରଯୋଜକ ରମେଶ ବାରିକ, କାହାଣୀକାର ଡ଼. ବଦ୍ରି ମିଶ୍ର, ଚିତ୍ରନାଟ୍ୟ ଏବଂ ସଂଳାପ ଲେଖକ ଶ୍ୟାମା ପ୍ରସାଦ ମିଶ୍ର, ପ୍ରଚାର ଓ ପ୍ରସାର ମୁଖ୍ୟ ମିଡ଼ିଆ ପ୍ଲାନର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ, ପ୍ରଯୋଜକ ସଚ୍ଚିକାନ୍ତ ଜେନା, ମୁଖ୍ୟ ଅଭିନେତ୍ରୀ ଶୀତଲ ପାତ୍ର, ଅଭିନେତା ସୁକାନ୍ତ ରଥ, ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦ, ଗୀତିକାର ବାପୁ ଗୋସ୍ୱାମୀ, କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢ଼ୀ, ସ୍ୱୟଂ ପାଢ଼ୀ, ସତ୍ୟଜିତ ପ୍ରଧାନ ଓ ସବିଶେଷ ମିଶ୍ର ଉପସ୍ଥିତ ଥିଲେ ।




ଗାଳ୍ପିକ ତଥା ଗୀତିକାର ଡ଼. ମିଶ୍ର ଦୀର୍ଘ ୨୫ ବର୍ଷ ପୂର୍ବେ ସୃଷ୍ଟି କରିଥିବା କ୍ଷୁଦ୍ର ଗଳ୍ପ ରେବତୀର କାହାଣୀକୁ ନେଇ ସିନେ ଦୁନିଆର ଅଭିଜ୍ଞ ସଂଳାପକାର ଶ୍ୟାମା ପ୍ରସାଦ ମିଶ୍ର 'ଆଜିର ରେବତୀ'ର ସଂଳାପ ରଚନା କରିଛନ୍ତି। ଅଦ୍ୟାବଧି ୨୫ଟି ସିନେମାର ପ୍ରଯୋଜନା ଦାୟିତ୍ୱ ତୁଲାଇସାରିଥିବା ଯୁବ ପ୍ରଯୋଜକ ଶ୍ରୀ ବାରିକ ଏହି ସିନେମାର ପ୍ରଯୋଜନା କରିଛନ୍ତି। ସେହିପରି ନିର୍ଦ୍ଦେଶକ ଶୁଭାଂଶୁ ଦାସ ମୁମ୍ବାଇକୁ ନିଜ କର୍ମକ୍ଷେତ୍ର କରିଥିବା ବେଳେ ବିଶିଷ୍ଟ ଚିତ୍ର ଉତ୍ତୋଳନକାରୀ ଭାବେ ଅନେକ ଓଡ଼ିଆ, ହିନ୍ଦୀ ଓ ଅନ୍ୟାନ୍ୟ ଭାଷାର ଚଳଚ୍ଚିତ୍ର କ୍ଷେତ୍ରରେ କାର୍ଯ୍ୟ କରିଛନ୍ତି। ତରଙ୍ଗ ପ୍ରଯୋଜିତ 'ପୁଷ୍କରା' ମାଧ୍ୟମରେ ନିର୍ଦ୍ଦେଶନା କ୍ଷେତ୍ରରେ ପାଦ ଥାପିଥିବା ଶ୍ରୀ ଦାସ 'ଆଜିର ରେବତୀ'ର ମଧ୍ୟ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି। 'ଆଜିର ରେବତୀ'ରେ ମୁଖ୍ୟ ଭୂମିକାରେ ନାୟିକା ଶୀତଲ ପାତ୍ର, ପୁଷ୍ପା ପଣ୍ଡା, ପୃଥ୍ୱୀରାଜ ନାୟକ, କୋଲ୍‌କାତା ଫିଲ୍ମ ଷ୍ଟାର ବୋନି ସେନଗୁପ୍ତା, ସୁକାନ୍ତ ରଥ, ରବି ମିଶ୍ର, ଉଷଶୀ ମିଶ୍ର ପ୍ରମୁଖ ଅଭିନୟ କରିଛନ୍ତି। ଭାଙ୍ଗି ଯାଉଥିବା ସମାଜକୁ ଗଢି ତୋଳିବା, ଉଜୁଡି ଯାଉଥିବା ସଂସାରକୁ ସଜାଡି ଦେବା ସହିତ ନାରୀ ଶିକ୍ଷା କୁ ନେଇ ଓଡ଼ିଆ ସିନେମା "ଆଜିର ରେବତୀ" ଓଡ଼ିଆ ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରି ପାଇଁ ଏକ ଆନ୍ଦୋଳନ ଓ ବିପ୍ଳବ ସୃଷ୍ଟି କରିବ ବୋଲି ପ୍ରଯୋଜନା ସଂସ୍ଥା ଦୃଢୋକ୍ତି ପ୍ରକାଶ କରିଛନ୍ତି। ଆସନ୍ତା ୧୧ରେ ଏହି ଦ୍ୱିଭାଷୀ ଚଳଚ୍ଚିତ୍ର ଓଡ଼ିଶା ଓ କୋଲିକତାରେ ମୁକ୍ତିଲାଭ କରିବ।

## ଭୁବନେଶ୍ୱର ଜିଲ୍ଲା ଦାବି ନେଇ କୋର୍ଟ ସମ୍ମୁଖରେ ଓକିଲଙ୍କ ବିକ୍ଷୋଭ ଓ ଦସ୍ତଖତ ସଂଗ୍ରହ

**ଭୁବନେଶ୍ୱର,୨୮।୩ (ସଂଚାର ବ୍ୟୁରୋ):** ବିଭିନ୍ନ ଅନୁଷ୍ଠାନ ସମୂହର ମିଳିତ ସ୍ୱର - 'ମିଳିତ ମଞ୍ଚ'ର ଶାଖା ଭୁବନେଶ୍ୱର ଜିଲ୍ଲା ଅଭିଯାନ ପକ୍ଷରୁ ଭୁବନେଶ୍ୱରକୁ ସ୍ୱତନ୍ତ୍ର ଜିଲ୍ଲା କରିବାକୁ ଦାବି କାରି ଭୁବନେଶ୍ୱର କୋର୍ଟ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ଏଥି ସହ ଦୁଇ ଦିନିଆ ଦସ୍ତଖତ ସଂଗ୍ରହ ଆରମ୍ଭ କରାଯାଇଥିଲା। କୋର୍ଟ ଗେଟ୍ ସମ୍ମୁଖରେ ଭୁବନେଶ୍ୱର ଓକିଲ ସଂଘର ବରିଷ୍ଠ ଆଇନଜୀବୀ, ମହିଳା ଓ ଯୁବ ଆଇନଜୀବୀ ଏଥିରେ ସାମିଲ ହୋଇ ଭୁବନେଶ୍ୱରକୁ ସ୍ୱତନ୍ତ୍ର ଜିଲ୍ଲା ଦାବି କରିଥିଲେ। ସେମାନେ କହିଥିଲେ ବର୍ତ୍ତମାନ ଭୁବନେଶ୍ୱରର ଜନସଂଖ୍ୟା ଯଥେଷ୍ଟ ବଢ଼ିଗଲାଣି। ୧୯୯୨ର ଜିଲ୍ଲା ଗଠନ ବେଳେ ଏହାର ଲୋକସଂଖ୍ୟା ଥିଲା ୧୧ଲକ୍ଷ । ମାତ୍ର ଏବେ ଏହା ବଢ଼ି ୨୩ଲକ୍ଷରେ ପହଞ୍ଚିଲାଣି । । ଭୁବନେଶ୍ୱରରେ ସବୁ ସରକାରୀ କାର୍ଯ୍ୟାଳରେ କାର୍ଯ୍ୟକରୁଥିବା ବେଳେ ୩ନିର୍ବାଚନ ମଣ୍ଡଳିରେ ଲୋକ ସଂଖ୍ୟା ୧୩ଲକ୍ଷରେ ପହଞ୍ଚିଲାଣି । ଭୁବନେଶ୍ୱରରୁ ଜଣେ ସାଧାରଣ ଲୋକ ସେଠାରୁ ଖୁରୁଧାରେ ପହଞ୍ଚିବାକୁ ପ୍ରାୟ ୫ଘଣ୍ଟାରୁ ଅଧିକ ସମୟ ଲାଗୁଛି। ସେହିପରି ବାଲିଅନ୍ତା ବାଲିପାଟଣା ଖୁରୁଧାକୁ ଗଲେ ସକାଳୁ ସନ୍ଧ୍ୟା ହୋଇଯିବ।




୧୩ ଜିଲ୍ଲା ପୂର୍ନଗଠନ ପୂର୍ବରୁ ମଧ୍ୟ ଜଷ୍ଟିସ୍ ଦାସ କମିଶନ ତାଙ୍କ ରିପୋର୍ଟରେ ଭୁବନେଶ୍ୱରକୁ ରାଜସ୍ୱ ଜିଲ୍ଲା ଗଠନ ପାଇଁ ସୁପାରିଶ କରିଥିଲେ । ଭୁବନେଶ୍ୱରକୁ ଜିଲ୍ଲା ଗଠନ ପାଇଁ ତତ୍କାଳୀନ ମନ୍ତ୍ରୀ ସ୍ୱର୍ଗତଃ ସତ୍ୟପ୍ରିୟ ମହାନ୍ତି ପ୍ରସ୍ତବ ରଖି ବହୁ କାର୍‌ଯ୍ୟାଳୟ ଏଠାରେ ସ୍ଥାପନା କରିଥିଲେ । ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ନନ୍ଦିନୀ ଶତପଥୀ ମଧ୍ୟ ଭୁବନେଶ୍ୱରକୁ ଜିଲ୍ଲା ମାନ୍ୟତା ଦେବା ପାଇଁ ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ । ଏହି କମିଟି ମଧ୍ୟ ଜିଲ୍ଲା କରିବାକୁ ସୁପାରିଶ କରିଥିଲେ । ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ହେଉକି ଭୁବନେଶ୍ୱରର ବିଭିନ୍ନ ସମସ୍ୟା ଦେଖା ଦେଲେ ଜିଲ୍ଲାପାଳ ସଙ୍ଗେ ସଙ୍ଗେ ଉପସ୍ଥିତ ହୋଇ ସମାଧାନ କରିପାରିବେ । ପ୍ରାୟ ସବୁ ରାଜଧାନୀ ଜିଲ୍ଲା ହୋଇଥିବା ବେଳେ ଆଉ କେତେଦିନ ସବ୍‌ଡିଭିଜନ୍ ଅଧିନରେ ରହିବା ବୋଲି ମଞ୍ଚର ଆବାହକ ଲିଙ୍ଗରାଜ ସାହୁ କହିଥିଲେ। ଏପରି ବହୁ କାରଣ ପାଇଁ ଭୁବନେଶ୍ୱରକୁ ସ୍ୱତନ୍ତ୍ର ଜିଲ୍ଲା କରିବା ଆବଶ୍ୟକ ଥିବାରୁ ଆଇନଜୀବୀମାନେ ଏଥିରେ ସାମିଲ ହୋଇଥିଲେ। ପ୍ରାୟ ଏକ ହଜାରରୁ ଉର୍ଦ୍ଧ ଆଇନଜୀବୀ ସ୍ୱାକ୍ଷର ଦେଇଥିଲେ। ପ୍ରକାଶ ଥାଉକି, ପୂର୍ବରୁ ମଞ୍ଚ ପକ୍ଷରୁ ଭୁବନେଶ୍ୱର ପ୍ରାୟ ସବୁ ପୂଜା କମିଟିର ମୁଖ୍ୟ, ଭୁବନେଶ୍ୱର ବାଲିଯାତ୍ରା, ଭୁବନେଶ୍ୱର ଉପକଣ୍ଠର ଗ୍ରାମବାସୀ, ବାଲିପାଟଣା, ବାଲିଅନ୍ତା, ନଖରା ଆଦି ଅଞ୍ଚଳରୁ ୨୦ହଜାର ମୁରବୀଙ୍କ ଲିଙ୍ଗରାଜ ସାହୁଙ୍କ ଆବାହକତ୍ୱରେ ଦସ୍ତଖତ ସଂଗ୍ରହ କରାଯାଇଛି। ଆଜି ଏହି ଅଭିଯାନରେ ରାଜ୍ୟ ଆଇନଜୀବୀ ପରିଷଦର ସଭ୍ୟ ଆତ୍ମପ୍ରକାଶ ମହାନ୍ତି, ଓକିଲ ସଙ୍ଘ ପୂର୍ବତନ ସଭାପତି ଦୁର୍ଗା ପ୍ରସାଦ ମିଶ୍ର, ପୂର୍ବତନ ଉପସଭାପତି ଶିଳାଭଦ୍ର ଶାସ୍ତ୍ରୀ, ଅଞ୍ଜନ ସାମନ୍ତରାୟ, ପୂର୍ବତନ ସମ୍ପାଦକ ପ୍ରଶାନ୍ତ କୁମାର ସାହୁ, ବରିଷ୍ଠ ଆଇନଜୀବି ହରପ୍ରିୟା ସାମନ୍ତରାୟ, ପ୍ରସନ୍ନ ମିଶ୍ର, ସରୋଜ କୁମାର ସାହୁ, ଶୁଭ୍ରାଂଶୁ ଭୂଷଣ ମିଶ୍ର, ଅକ୍ଷୟ କୁମାର ଦାସ, ମୁରଲି ମନୋହର ପାତ୍ର, ବିମଳ କିଶୋର ଦାସ, ଲକ୍ଷ୍ମୀପ୍ରସାଦ ମହାପାତ୍ର ଆଦି ସାମିଲ ହୋଇଥିଲେ।

## 'ଅନଲକିଂ ଦ ପାୱାର ଅଫ ଡାଟା ଏକ୍ସଚେଞ୍ଜ ଫର ସ୍ମାର୍ଟ ଗଭର୍ଣ୍ଣାନ୍ସ'ଶୀର୍ଷକ ଆଇଡିଆ ଫୋରମ୍

**ଭୁବନେଶ୍ୱର,୨୮।୩ (ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ସହଯୋଗରେ ଡାଟା, ପଲିସି ଏବଂ ଇନୋଭେସନ୍ ସେଣ୍ଟର (ଡିପିଆଇସି) ଦ୍ୱାରା ଆଜି ଲୋକ ସେବା ଭବନ ସ୍ଥିତ କନଭେନସନ ସେଣ୍ଟର ସମ୍ମିଳନୀ କକ୍ଷରେ 'ଅନଲକିଂ ଦ ପାୱାର ଅଫ୍ ଡାଟା ଏକ୍ସଚେଞ୍ଜ ଫର୍ ସ୍ମାର୍ଟ ଗଭର୍ଣ୍ଣାନ୍ସ' ଉପରେ ଏକ ଆଇଡିଆ ଫୋରମ୍ ଆୟୋଜନ କରାଯାଇଥିଲା । ଏହି ଅବସରରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ସେଣ୍ଟର ଅଫ୍ ଡାଟା ଫର୍ ପବ୍ଲିକ୍ ଗୁଡ୍ (ସିଡିପିଜି) , ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ , ବାଙ୍ଗାଲୋରର ବିଶେଷଜ୍ଞଙ୍କ ସମେତ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବ ଏବଂ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।



ଏହି ଅବସରରେ ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା କହିଥିଲେ ଯେ ନୂତନ "ରାଜ୍ୟ ଡାଟା ନୀତି" ପ୍ରଣୟନ କରିବା ଦିଗରେ ନିଷ୍ପତ୍ତି ନେଇ ଓଡ଼ିଶା ନିଜ ଡାଟା ଗଭର୍ଣ୍ଣାନ୍ସ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ସୋପାନ ରେ ପହଁଚିଛି । ଏହି ନୂତନ ନୀତି ଆନ୍ତଃ କାର୍ଯ୍ୟକାରିତା, ଉପଲବ୍ଧତା ଏବଂ ପ୍ରମାଣ ଆଧାରିତ ନିଷ୍ପତ୍ତି ନେବାରେ ରାଜ୍ୟ ସରକାରଙ୍କୁ ସାହାଯ୍ୟ କରିବ । ସେ ଆହୁରି ମଧ୍ୟ କହିଛନ୍ତି ଯେ ରାଜ୍ୟ ଏକ ନମନୀୟ ଏବଂ ମାପନୀୟ ଡାଟା ଇକୋସିଷ୍ଟମ ନିର୍ମାଣ ଦିଗରେ କାର୍ଯ୍ୟ କରୁଛି ଯାହା ସରକାରୀ ବିଭାଗ ଏବଂ ନୀତି ନିର୍ମାତାଙ୍କୁ ଦୀର୍ଘକାଳୀନ ସ୍ଥିରତା ଏବଂ ନମନୀୟତା ସୁନିଶ୍ଚିତ କରିବା ସହିତ ଅଧିକ ପ୍ରଭାବଶାଳୀ ଭାବରେ ତଥ୍ୟ ବ୍ୟବହାର କରିବାକୁ ସଶକ୍ତ କରିବ ।

ସେଣ୍ଟର ଅଫ୍ ଡାଟା ଫର୍ ପବ୍ଲିକ୍ ଗୁଡ୍‌ର ଅଧ୍ୟକ୍ଷ ପ୍ରଫେସର ଇନ୍ଦର ଗୋପାଳ ଓପନ-ସୋର୍ସ ଡାଟା ଏକ୍ସଚେଞ୍ଜ ପ୍ଲାଟଫର୍ମ ମାଧ୍ୟମରେ ପ୍ରମାଣ ଆଧାରିତ ନିଷ୍ପତ୍ତି ନେବା ପାଇଁ ଏକ ମାପନୀୟ ଏବଂ ନମନୀୟ ଇକୋସିଷ୍ଟମକୁ ପ୍ରୋତ୍ସାହିତ କରିବାର ଗୁରୁତ୍ୱ ଉପରେ ବକ୍ତବ୍ୟ ରଖିଥିଲେ । ପ୍ରମୁଖ ବୈଜ୍ଞାନିକ ତଥା ପ୍ରୋଗ୍ରାମ ମ୍ୟାନେଜର ସି.ଡି.ପି.ଜି. ଜ୍ୟୋତିର୍ମୟ ଦତ୍ତ ଏବଂ ପ୍ଲାଟଫର୍ମ ଡିପ୍ଲୋୟମେଣ୍ଟ ଆଣ୍ଡ ଆପ୍ଲିକେସନ ମ୍ୟାନେଜର ସି.ଡି.ପି.ଜି. ଅକ୍ଷତ ଶର୍ମା ମଧ୍ୟ ଏହି ଅବସରରେ ଉଦବୋଧନ ଦେଇଥିଲେ । ଆଇ.ଆଇ.ଏସ୍.ସି. ଟିମ୍ ଓପନ-ସୋର୍ସ ଡାଟା ଏକ୍ସଚେଞ୍ଜ ପ୍ଲାଟଫର୍ମର ସାମର୍ଥ୍ୟକୁ ଉପସ୍ଥାପନ କରିଥିଲେ, ଯାହାକୁ ସି. ଡି.ପି.ଜି. ଦ୍ୱାରା ଭାରତ ସରକାରଙ୍କ ସହରାଞ୍ଚଳ ବିକାଶ ମନ୍ତ୍ରଣାଳୟ, ତେଲେଙ୍ଗାନା ସରକାର ଏବଂ ସର୍ଭେ ଅଫ୍ ଇଣ୍ଡିଆ ସମେତ ବିଭିନ୍ନ ଅଂଶୀଦାରଙ୍କ ଦ୍ୱାରା ବିଭିନ୍ନ ଡୋମେନରେ ସଫଳତାର ସହ କାର୍ଯ୍ୟକାରୀ କରାଯାଇଛି। ରାଜ୍ୟ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ କହିଛନ୍ତି ଯେ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଡିପିଆଇସି ମାଧ୍ୟମରେ ପ୍ରଶାସନରେ ପ୍ରମାଣ ଆଧାରିତ ନିଷ୍ପତ୍ତି ନେବା ପାଇଁ ଅତ୍ୟାଧୁନିକ ଡାଟା ବିଜ୍ଞାନ ଉପକରଣ ଏବଂ ଉନ୍ନତ ଗବେଷଣା ପଦ୍ଧତିର ଲାଭ ଉଠାଇବା ପାଇଁ ମିଳିତ ପ୍ରୟାସ କରୁଛି । ସ୍ମାର୍ଟ ଗଭର୍ଣ୍ଣାନ୍ସ ପାଇଁ ତଥ୍ୟ ଆଦାନପ୍ରଦାନର ଶକ୍ତିକୁ ଉନ୍ମୁକ୍ତ କରିବାରେ ରାଜ୍ୟକୁ ସାହାଯ୍ୟ କରୁଥିବା ଏହି ଆଇଡିଆ ଫୋରମରେ ଅଂଶଗ୍ରହଣ କରିଥିବାରୁ ସେ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସକୁ ଧନ୍ୟବାଦ ଜଣାଇଛନ୍ତି ।

# ମେକ୍ ଇନ ଇଣ୍ଡିଆକୁ ପ୍ରାଥମିକତା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏକ ବଡ଼ ଆହ୍ୱାନ ହେଲା ସ୍ୱାବଲମ୍ବୀ ଭାରତ ଗଠନ କରିବା। ଏଥିପାଇଁ ସେ ମେକ୍ ଇନ ଇଣ୍ଡିଆ ଅଭିଯାନ ଆରମ୍ଭ କରିଛନ୍ତି। ଏଥିରେ ସଫଳତା ମଧ ମିଳୁଛି। ପ୍ରଥମତଃ ପ୍ରତିରକ୍ଷା କ୍ଷେତ୍ରରେ ଦେଶକୁ ସ୍ୱାବଲମ୍ବୀ କରିବାକୁ କେନ୍ଦ୍ର ସରକାର ନିରନ୍ତର ପ୍ରୟାସ କରିଆସୁଛନ୍ତି। ଏହା ଦ୍ୱାରା ପ୍ରତିରକ୍ଷା ଶିଳ୍ପ ବା ଡିଫେନ୍ସ ଇଣ୍ଡଷ୍ଟ୍ରୀ ସଶକ୍ତ ହେଉଛି। ପୂର୍ବରୁ ରୁଗ୍ଣ ହୋଇ ଯାଇଥିବା ହାଲ ଏବେ ଏକ ଲାଭଜନକ ସଂସ୍ଥାରେ ପରିଣତ ହୋଇଛି। ଏଥିପାଇଁ କ୍ଷେପଣାସ୍ତ୍ର, ହାଲୁକା ଯୁଦ୍ଧ ବିମାନଠାରୁ ଆରମ୍ଭ କରି ଶକ୍ତିଶାଳି ରାଇଫଲ ଏବଂ ଏୟାରକ୍ରାଫ୍ଟ କ୍ୟାରିୟର ପର୍ଯ୍ୟନ୍ତ ସବୁ କିଛି ଭାରତ ଏବେ ନିର୍ମାଣ କରିବା ଆରମ୍ଭ କରିଛି। ଫଳରେ ପ୍ରତିରକ୍ଷା ସାମଗ୍ରୀ ଆମଦାନୀ ବାବଦ ବ୍ୟୟ ହ୍ରାସ ପାଇବା ସହିତ ଭାରତ ଏହାକୁ ରପ୍ତାନୀ କରି ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରିବ। ଗତ ଦୁଇଦିନ ଭିତରେ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଦୁଇଟି ଚୁକ୍ତି ସ୍ୱାକ୍ଷର ହୋଇଛି। ପ୍ରଥମ ଚୁକ୍ତି ଅନୁଯାୟୀ ଭାରତ ସରକାର ୬୯୦୦ କୋଟି ଟଙ୍କାର ଅତ୍ୟାଧୁନୀକ କମାଣ କ୍ରୟ କରିବେ। ଦ୍ୱିତୀୟ ଚୁକ୍ତି ମୁତାବକ ଭାରତ ସରକାର ୨୫୦୦ କୋଟି ଟଙ୍କାର ଆଣ୍ଟି ଟ୍ୟାଙ୍କ ସିଷ୍ଟମ ଏବଂ ସେନା ବାହିନୀରେ ବ୍ୟବହାର ହେଉଥିବା ହାଲୁକା ଯାନ କ୍ରୟ କରାଯିବ। ଏହା ଦାରେ ସ୍ଥଳ ସେନା ଅଧିକ ଶକ୍ତିଶାଳି ହେବ। ଉଭୟ ଚୁକ୍ତି ୪ଟି ଘରୋଇ କମ୍ପାନୀ ସହ ହୋଇଛି। ଅର୍ଥାତ ଏହିସବୁ ପ୍ରତିରକ୍ଷା ସାମଗ୍ରୀ କ୍ରୟ ନିମନ୍ତେ ଭାରତ ସରକାର କୋ÷ଣସି ବିଦେଶୀ ସଂସ୍ଥାକୁ ଟଙ୍କା ଦେବେ ନାହିଁ। ଏହି ଟଙ୍କା ଭାରତରେ ରହିବ ଏବଂ ଭାରତୀୟ କମ୍ପାନୀ ଏଥିରେ ଉପକୃତ ହେବେ। ଏହିସବୁ କମ୍ପାନୀରେ ନିୟୋଜିତ କର୍ମଚାରୀମାନେ ଉପକୃତ ହେବେ। ଉଲ୍ଲେକ ଯୋଗ୍ୟ ଯେ, ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ପ୍ରତିରକ୍ଷା ସଂକ୍ରାନ୍ତୀୟ କ୍ୟାବିନେଟ କମିଟି ୫୪ ହଜାର କୋଟି ଟଙ୍କାର ପ୍ରତିରକ୍ଷା ସାମଗ୍ରୀ ପ୍ରସ୍ତାବକୁ ମଞ୍ଜୁର କରିଛନ୍ତି। ଏହା ସହିତ ଚଳିତ ଆର୍ôଥକ ବର୍ଷ ଅର୍ଥାତ ୨୦୨୪-୨୫ରେ ପ୍ରତିରକ୍ଷା ସାମଗ୍ରୀ କ୍ରୟ ପରିମାଣ ୧.୪ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏହିସବୁ ପ୍ରସ୍ତାବିତ ପ୍ରତିରକ୍ଷା ସାମଗ୍ରୀ ମଧରୁ ଅଧିକାଂଶ ସ୍ୱଦେଶୀ ହେବ। ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନରେ ସ୍ୱାବଲମ୍ବୀ ହେବା ଏକ ବହୁତ ବଡ଼ ସଫଳତା। ଏହା ଦ୍ୱାରା ସୁରକ୍ଷା ବ୍ୟବସ୍ଥା କେବଳ ସୁଦୃଢ଼ ହେବ ନି, ପ୍ରତିରକ୍ଷା ଶିଳ୍ପ ମଧ ସମୃଦ୍ଧ ହୋଇପାରିବ। ଭାରତ ଚାରିପଟେ ଚୀନ ଓ ପାକିସ୍ତାନ ଭଳି ଶକ୍ତିଶାଳୀ ଶତ୍ରୁ ରହିଛନ୍ତି। ସେମାନଙ୍କ ସହିତ ଭାରତର ଯୁଦ୍ଧ ସମ୍ଭାବନା ସବୁ ବେଳେ ରହିଛି। ତେଣୁ ଭାରତକୁ ସବୁ ବେଳେ ବିପୁଳ ଅର୍ଥ ପ୍ରତିରକ୍ଷା ବ୍ୟବସ୍ଥା ଲାଗି ବ୍ୟୟ କରିବାକୁ ପଡୁଛି। କିନ୍ତୁ ବିଦେଶରୁ ଲଢୁଆ ବିମାନ, ସବମେରିନ ଓ ମିସାଇଲ ସିଷ୍ଟମ ଆଣି ଭାରତ ଶକ୍ତିଶାଳୀ ଚୀନର ମୁକାବିଲା କରିପାରିବ ନାହିଁ। ଏଥିଲାଗି ଭାରତକୁ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ। ନିଜକୁ ଅସ୍ତ୍ରଶସ୍ତ୍ର, ଟ୍ୟାଙ୍କ, ସବମେରିନ ଓ ଲଢୁଆ ବିମାନ ପ୍ରସ୍ତୁତ କରିବାକୁ ପଡ଼ିବ। ଏହା ଦ୍ୱାରା ଆମେ ବିଦେଶକୁ ଏହା ରପ୍ତାନୀ କରି ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରିବା, ସାମରିକ କ୍ଷେତ୍ରରେ ଶକ୍ତିଶାଳୀ ହୋଇପାରିବା ଏବଂ ଚୀନ ଓ ପାକିସ୍ତାନର ମିଳିତ ମୁକାବିଲା କରିପାରିବା। ୨୦୧୪ରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ରରେ ଏନଡିଏ ସରକାର ଆସିବା ପରେ ପ୍ରତିରକ୍ଷା କ୍ଷେତ୍ରରେ ସ୍ୱାବଲମ୍ବୀ ହେବାକୁ ଭାରତ ପ୍ରୟାସ କରିଆସୁଛି। ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର, ଟ୍ୟାଙ୍କ ଓ କ୍ଷେପଣାସ୍ତ୍ର ପ୍ରସ୍ତୁତ ହେଉଛି। ଏହାକୁ ଆହୁରି ତ୍ୱରାନ୍ୱିତ କରିବାକୁ ପଡ଼ିବ। ଆଗାମୀ ୫ ବର୍ଷ ଭିତରେ ଭାରତ ସରକାର ୫ଲକ୍ଷ କୋଟି ଟଙ୍କାର ସ୍ୱଦେଶୀ ପ୍ରତିରକ୍ଷା ସାମଗ୍ରୀ କ୍ରୟ କରିବାକୁ ଯୋଜନା କରିଛନ୍ତି। ଏହା ମେକ ଇନ ଇଣ୍ଡିଆ ଅଭିଯାନର ଏକ ମାଇଲଖୁଣ୍ଟ ହେବ। ଏହା ଦ୍ୱାରା ଭାରତର ପ୍ରତିରକ୍ଷା ଶିଳ୍ପ ସମୃଦ୍ଧ ହେବା ସହିତ ଅନେକ ବ୍ୟକ୍ତି ନିଯୁକ୍ତି ସୁଯୋଗ ପାଇବେ ଏବଂ ଭାରତକୁ ଆଉ ଅସ୍ତ୍ରଶସ୍ତ୍ର ଲାଗି ଆମେରିକା ବା ଋଷିଆ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ସେହିପରି ୭୦ ପ୍ରତିଶତ ସ୍ୱଦେଶୀ ଜ୍ଞାନ କୋ÷ଶଳରେ ଆଇଏନଏସ ବିକ୍ରାନ୍ତ ପ୍ରସ୍ତୁତ ହୋଇଛି। ଏହା ପ୍ରତିରକ୍ଷା କ୍ଷେତ୍ରରେ ଭାରତର ଆତ୍ମନିର୍ଭରଶୀଳତାର ଏକ ମାଇଲଖୁଣ୍ଟ । ଯଦି ଏହି ପ୍ରକ୍ରିୟା ଜାରି ରହେ ତେବେ ଆଗାମୀ ୨୦ ବର୍ଷ ଭିତରେ ଭାରତ ସାମରିକ ଦୃଷ୍ଟିରୁ ଏକ ବିରାଟ ଶକ୍ତିଭାବେ ଉଭା ହେବ, ଏଥିରେ ସନ୍ଦେହ ନାହିଁ। କେବଳ ପ୍ରତିରକ୍ଷା କ୍ଷେତ୍ରରେ ନୁହେଁ, ସବୁ କ୍ଷେତ୍ରରେ ଭାରତ ଆତ୍ମନିର୍ଭରଶୀଳ ହେବା ଉଚିତ। ବିଶେଷ କରି କୃଷି କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ନିହାତି ଅପରିହାର୍ଯ୍ୟ ହୋଇପଡ଼ିଛି। ଏଥିପାଇଁ ସୁଯୋଗ ରହିଛି। କିନ୍ତୁ ଉଦ୍ୟମ ନାହିଁ। ଯଦି ଏବେଠାରୁ ଏଥିପାଇଁ ଯୋଜନାବଦ୍ଧ ଉଦ୍ୟମ କରାଯାଏ ତେବେ ଏହାର ସୁଫଳ ମିଳିବାକୁ ୧୦ ବର୍ଷ ଲାଗିଯିବ। କୃଷି ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ଦ୍ୱାରା ଅନେକ ବ୍ୟକ୍ତି ନିଯୁକ୍ତି ପାଇବେ, କୃଷକମାନେ ଉପକୃତ ହେବେ ଏବଂ ଭାରତ ବିଦେଶରୁ ଖାଇବା ତେଲ ଆମଦାନୀ କରିବା ପରିବର୍ତ୍ତେ ବିଦେଶକୁ ରପ୍ତାନୀ କରି ବୈଦେଶିକ ମୁଦ୍ରା ଅର୍ଜନ କରିବ। ନଚେତ ଆଜି ଶ୍ରୀଲଙ୍କାରେ ଯେପରି ପରିସ୍ଥିତି ସୃଷ୍ଟି ହୋଇଛି କାଲି ଭାରତରେ ସେପରି ପରିସ୍ଥିତି ସୃଷ୍ଟି ହୋଇପାରେ। ଆର୍ôଥକ ସଙ୍କଟ ଯୋଗୁ ଶ୍ରୀଲଙ୍କା ଆଜି ଦେବାଳିଆ ସ୍ଥିତିକୁ ଚାଲି ଆସିଛି। ଚୀନ ଓ ଭାରତର ସହାୟତା ଉପରେ ଶ୍ରୀଲଙ୍କା ନିର୍ଭର କରୁଛି। ଦେଶର ଅନେକ ଗରିବ ବ୍ୟକ୍ତି ଭାରତକୁ ଶରଣାର୍ଥୀ ଭାବେ ଚାଲିଆସୁଛନ୍ତି। ପଡ଼ୋଶୀ ପାକିସ୍ତାନରେ ମଧ ସମାନ ପରିସ୍ଥିତି। ଭାରତ ଏଥିରୁ ଶିକ୍ଷାଲାଭ କରି ନିଜକୁ ଭବିଷ୍ୟତର ସଙ୍କଟ ପାଇଁ ପ୍ରସ୍ତୁତ କରିବା ଉଚିତ। ୟୁକ୍ରେନ ଯୁଦ୍ଧ ଯୋଗୁ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବଢ଼ିଚାଲିଛି। ତେଣୁ ଭାରତରେ ପେଟ୍ରୋଲ, ଡିଜେଲ ଓ ଏଲପିଜି ଦର ମଧ ବଢ଼ିଛି। କାରଣ ଏସବୁ ସାମଗ୍ରୀ ଲାଗି ଭାରତକୁ ବିଦେଶ ଉପରେ ନିର୍ଭର କରିବାକୁ ପଡ଼ିଥାଏ। ଭାରତରେ ପେଟ୍ରୋଲ ଡିଜେଲର ଯେତିକି ଚାହିଦା ରହିଛି ତାହାର ୮୫ ପ୍ରତିଶତ ବିଦେଶରୁ ଆମଦାନୀ ହୋଇଥାଏ। ବିଶ୍ୱ ବଜାରରେ ତୈଳ ଦର ବଢ଼ିବା ଅର୍ଥ ଭାରତରେ ପେଟ୍ରୋଲ ଓ ଡିଜେଲ ଦର ବଢ଼ିବ। ଏଥିରେ ବିଶେଷ କିଛି କରିବାର ନାହିଁ। ସରକାର କେବଳ ଏହା ଉପରୁ କିଛିଟା ଟିକସ ହ୍ରାସ କରିପାରିବେ। କିନ୍ତୁ ସେଥିରେ ବିଶେଷ ତଫାତ ପଡ଼ିବ ନାହିଁ। ଆଉ ପେଟ୍ରୋଲ ଓ ଡିଜେଲ ଉପରୁ ଟିକସ ହ୍ରାସ ସରକାରଙ୍କ ବିପୁଳ ରାଜସ୍ୱ ହାନୀ କରିବ। ଭିତ୍ତିଭୂମି ବିକାଶ, ପ୍ରତିରକ୍ଷା, ସ୍ୱାସ୍ଥ୍ୟ ସେବା ଲାଗି ଅର୍ଥ କେଉଁଠୁ ଆସିବ? ରାଜ୍ୟ ସରକାରମାନେ ମଧ ପେଟ୍ରୋଲ ଓ ଡିଜେଲରୁ ଟିକସ ଆଦାୟ କରୁଛନ୍ତି। ସେମାନେ ବିକାଶମୂଳକ କାର୍ଯ୍ୟ ଓ କର୍ମଚାରୀଙ୍କ ଦରମା ବାବଦ ଅର୍ଥ କେଉଁଠୁ ଆଣିବେ? କିନ୍ତୁ ପେଟ୍ରୋଲ ଓ ଡିଜେଲର ଚାହିଦାକୁ ହ୍ରାସ କରାଯାଇପାରିବ। ଏଥିପାଇଁ ସରକାର ଇ-ଭେହିକଲ ବ୍ୟବହାରକୁ ପ୍ରୋତ୍ସାହିତ କରୁଛନ୍ତି ଯାହା ଆଗାମୀ ଦିନରେ ପେଟ୍ରୋଲ ଓ ଡିଜେଲ ଆମଦାନୀକୁ ହ୍ରାସ କରିବ ଏବଂ ଲୋକଙ୍କୁ ଆଉ ତୈଳ ଦର ବୃଦ୍ଧି ଲାଗି ହନ୍ତସନ୍ତ ହେବାକୁ ପଡ଼ିବ ନାହିଁ। ଏବେ ଏଥିପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ୟମ କରିବାକୁ ପଡ଼ିବ। ତେବେ ସେ ଯାହା ହେଉ ୟୁକ୍ରେନ ଯୁଦ୍ଧ ଭାରତକୁ ଅନେକ ଶିକ୍ଷା ପ୍ରଦାନ କରିଛି। ସବୁ କ୍ଷେତ୍ରରେ ଆମକୁ ଯଥାସମ୍ଭବ ସ୍ୱାବଲମ୍ବୀ ହେବାକୁ ପଡ଼ିବ, ଅନ୍ୟ ଉପରେ ନିର୍ଭର କରି ସବୁଦିନ ଚଳି ପାରିବା ନାହିଁ। ଯଦି ଭାରତ ଖାଇବା ତେଲ ଉତ୍ପାଦନରେ ସ୍ୱାବଲମ୍ବୀ ହୋଇପାରିଥାନ୍ତା ତେବେ ଆଜି ୟୁକ୍ରେନ ଯୁଦ୍ଧ ପ୍ରଭାବରୁ ଖାଇବା ତେଲ ଦରବୃଦ୍ଧି ହୋଇନଥାନ୍ତା କିମ୍ବା ଭାରତକୁ ବିକଳ୍ପ ଚିନ୍ତା କରିବାକୁ ପଡ଼ିନଥାନ୍ତା। ଯଦି ଭାରତରେ ମେଡିକାଲ ଶିକ୍ଷା ଲାଭ ନିମନ୍ତେ ପର୍ଯ୍ୟାପ୍ତ ସୁଯୋଗ ରହିଥାନ୍ତା ତେବେ ଭାରତରୁ ହଜାର ହଜାର ଛାତ୍ରଛାତ୍ରୀ ଏମବିବିଏସ ଡିଗ୍ରୀ ଲାଗି ୟୁକ୍ରେନ ଯାଇନଥାନ୍ତେ। ୨୦୪୭ରେ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତୀ ବେଳେ ଭାରତ ବିଶ୍ୱର ଏକ ବକଶିତ ରାଷ୍ଟ୍ରର ମାନ୍ୟତା ପାଇବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏହି ଲକ୍ଷ୍ୟ ହାସଲ ପାଇଁ ୨୫ ବର୍ଷ ଖୁବ କମ ସମୟ। ଏଥିପାଇଁ ଦେଶର ପ୍ରତ୍ୟେକ ନାଗରିକର ଅବଦାନ ଜରୁରୀ। ପ୍ରତ୍ୟେକ ବ୍ୟକ୍ତି ଟିକସ ପ୍ରଦାନରେ ସାଧୁତା ଅବଲମ୍ବନ କରିବା ଉଚିତ। ଏହା ସହିତ ସରକାର ମଧ ଲୋକଙ୍କ କଷ୍ଟଲବ୍ଧ ଟିକସ ଅର୍ଥର ସଦୁପଯୋଗ କରିବା ଉଚିତ। ଟିକସ ପଇସାକୁ ଶସ୍ତା କାର୍ଯ୍ୟକ୍ରମରେ ବିନିଯୋଗ ନକରି ଭିତ୍ତିଭୂମି ବିକାଶରେ ବିନିଯୋଗ କରିବା ଉଚିତ। ଉତ୍ପାଦନ ବୃଦ୍ଧି ଏବଂ ନିଯୁକ୍ତି ସୁବିଧା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହା ହିଁ ଆମ ଅଭିବୃଦ୍ଧିର ମାନଦଣ୍ଡ।

# ବିଜେପି ସଙ୍ଗଠନର ଅଗ୍ରଦୂତ ଦେବେନ୍ଦ୍ରବାବୁ

**ସୁବାସ ଷଡଙ୍ଗୀ**



ସମାଜସେବା ତ ଅନେକ ଲୋକ ନେତା କରନ୍ତି, କିନ୍ତୁ ସମସ୍ତେ ନେତା ହୋଇପାରନ୍ତି ନାହିଁ। ନେତା ହେବା ପାଇଁ ହେଲେ ଦରକାର ସାଧାରଣ ଲୋକଙ୍କ ସେବା। ସମାଜର ସବୁସ୍ତରର ଲୋକମାନଙ୍କ ସୁଖଦୁଃଖରେ ସମଭାଗୀ ହେବା। ଏମିତ ଜଣେ ନେତା ଥିଲେ ଦେବେନ୍ଦ୍ର ପ୍ରଧାନ। ବୃତିରେ ସେଥିଲେ ଡାକ୍ତର। ରୋଗୀଙ୍କ ସେବା ସେ କରୁଥିଲେ, ହେଲେ ସେଥିରେ ତାଙ୍କ ମନ ମାନୁ ନଥିଲା। ସେ ଚାହୁଁଥିଲେ ସମାଜର ତଳସ୍ତରର ଲୋକମାନଙ୍କର କିପରି ସେବା କରିପାରିବେ। ଡାକ୍ତର ବୃତିରେ ତାହା ସମ୍ଭବ ହୋଇପାରୁନଥିାରୁ ସେ ଚାକିରିରୁ ସ୍ୱେଚ୍ଛାବସର ନେଇ ରାଜନୀତି ପ୍ରତି ମନବଳାଇଲେ। କାରଣ ରାଜନୀତି ହେଉଛି ଏମିତି ଏକ ପ୍ଲାଟଫର୍ମ ଯେଉଁଥିରେ ସାଧାରଣ ଲୋକଙ୍କ ସେବା କରିହେବ।

୧୯୮୦ ମସିହାରେ ଗଠିତ ଭାରତୀୟ ଜନତା ଦଳରେ ସେ ଯୋଗଦେଲେ। ତା ପରେ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି। ଆଗକୁ ଆଗକୁ ମାଡି ଚାଲିଛନ୍ତି। ଦଳର ନେତଅତ୍ୱ ନେଇଛନ୍ତି। ନିଜର ଓ ଦଳର ସଙ୍ଗଠନକୁ ଅଧିକରୁ ଅଧିକ ମଜବୁତ କରିଛନ୍ତି। ଓଡିଶାରେ ଯେଉଁ କେତେଜଣ ନେତାଙ୍କ ସଙ୍ଗଠନ ଓ ଦକ୍ଷତା ଯୋଗୁ ବିଜେପି ଆଜି ଓଡିଶାରେ କ୍ଷମତା ହାସଲ କରିଛନ୍ତି, ସେମାନଙ୍କ ଭିତରେ ଦେବେନ୍ଦ୍ରବାବୁ ଥିଲେ ଅନ୍ୟତମ। ସେ ସମୟର ଢେଙ୍କାନାଳ ଜିଲ୍ଲାର ନଳାମ ଠାରେ ସେ ୧୯୪୧ ମସିହାରେ ଜନ୍ମ ଗ୍ରହଣ କରିଥିଲେ। ଏକ ଗଡଜାତ ଅଂଚଳ ହୋଇଥିଲେ ମଧ ନିଜର ମେଧାଫଳରେ ସେ ଏସସିବି ମେଡିକାଲ କଲେଜରୁ ଡାକ୍ତରି ପାସ କରିବା ପରେ ସରକାରୀ ଚାକିରିରେ ଯୋଗ ଦେଇଥିଲେ। କିନ୍ତୁ ପିଲାଟି ଦିନରୁ ଲୋକଙ୍କ ସେବା ତାଙ୍କ ମନ ଭିତରେ ଉଙ୍କି ମାରୁଥିଲା। ସେ ସୁଯୋଗ ଖୋଜୁଥିଲେ। ଆରଏସଏସର ଜଣେ କର୍ମୀ ଭାବରେ ସେ କାମ କରୁଥବଲେ। ଆଉ ହେତେବେଳେ ଦିଲ୍ଲିରେ ଅଟଳ ବିହାରି ବାଜପେୟିଙ୍କ ନେତୃତ୍ୱରେ ଭାରତୀୟ ଜନତା ଦଳ ଗଠିତ ହେଲା, ସେ ସେଥିଲେ ଯୋଗଦେଲେ। ପ୍ରଥମେ ନିଜର ରାଜନୈତିକ କ୍ୟାରିୟର ଆରମ୍ଭ କଲେ, ନିଜ ଅଂଚଳରୁ। ତାଙ୍କର ଅସାଧାରଣ ଦକ୍ଷତା ତାଙ୍କୁ ଉପରକୁ ନେଇଯାଇଥିଲା। ସେ ଦୁଇଥର ବିଜେପିର ରାଜ୍ୟ ସଭାପତି ହୋଇଥିଲେ। ତାହାପୁଣି ଲଗାତାର ଭାବରେ। ଏଥିରୁ ତାଙ୍କର ସାଙ୍ଗଠନିକ ଦକ୍ଷତା ପ୍ରତିପାଦିତ ହୁଏ।କେନ୍ଦ୍ରରେ ବାଜପେୟିଙ୍କ ସରକାର କ୍ଷମତାକୁ ଅସିଲା ପରେ ଅନକ କିଛି ପରିବର୍ତ୍ତନ ହେଲା। ୧୯୯୮ ମସିହା ନିର୍ବାଚନରେ ସେ ପ୍ରଥମ ଥର ପାଇଁ ଦେବଗଡ ଲୋକସଭା ଆସନରୁ ଜିତି ଲୋକସଭାକୁ ଗଲେ। ୧୯୯୯ରେ ବାଜପେୟି ତାଙ୍କୁ ଜଣେ ସହଯୋଗୀଭାବରେ



ନିଜ ମନ୍ତ୍ରୀମଣ୍ଡଳରେ ଗ୍ରହଣ କଲେ। ବିଭାଗ ଦେଲେ ସରଫେସ ଟ୍ରାନ୍ସପୋର୍ଟ। ସେତେବେଳେ ବାଜପେୟି ନୂଆକରି ନେସନାଲ ହାଇୱେ ପ୍ରୋଜେକ୍ଟ ଘୋଷଣା କରିଥାନ୍ତି। ବିଭିନ୍ନ ପ୍ରଦେଶ ଯଥା କାଶ୍ମିର ଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ରାସ୍ତାର ଉନ୍ନୟନ ଥିଲା ତାଙ୍କର ବିଶେଷ କରି ଉତର, ଦକ୍ଷିଣ. ପୂର୍ବ ପଶ୍ଚିମକୁ ଯୋଡିବା ଥିଲା ତାଙ୍କର ଅଭିଳାଷ। ସେଥିପାଇଁ ସେ ଘୋଷଣା କରିଥାନ୍ତି ସ୍ୱର୍ଣ୍ଣ ଚତୁର୍ଭୁଜ ଯୋଜନା। ଏଇ ଯୋଜନାର ରୂପାୟନ ଦାଇତ୍ô ପଡିଥିଲା ଦେବେନ୍ଦ୍ରବାବୁଙ୍କ ଉପରେ। ଆମ ଓଡିଶା ଦେଇ ଯାଇଥିବା ପାଂଚ ନମ୍ବର ଜାତୀୟ ରାଜପଥର ଉନ୍ନୟନ ତାଙ୍କ ପ୍ରତ୍ୟକ୍ଷ ତ୍ତ୍ୱାବଧାନରେ ଆରମ୍ଭ ହୋଇଥିଲା। ସେ ନିଜେ ତାହାର ରୂପାୟନ କରିଥିଲେ। ସେ କହୁଥିଲେ ଜାତୀୟ ରାଜପଥ ସହିତ ଗ୍ରାମୀଣ ଇଲାକାକୁ ଯୋଡାଯାଇପାରିଲେ, ବାଣିଜ୍ୟକାରବାର ଅତି ସହଜ ହୋଇପାରିବ। ପାରାଦୀପ ବନ୍ଦର ମଧ ତାଙ୍କରି ସମୟରେ ଆଧୁନିକୀକରଣ ହେବା ଆରମ୍ଭ ହୋଇଥିଲା। ପାରାଦୀପକୁ ସଂଯୋଗ ପାଇଁ ରାସ୍ତାର ଉନ୍ନୟନ କାମ ତାଙ୍କ ସମୟରୁ ଆରମ୍ଭ ହୋଇଥିଲା।

ଖାଲି ସେତିକି ନୁହେଁ, କୃଷି ବିଭାଗ ଦାଇତ୍ୱ ମଧ ତାଙ୍କୁ ମିଳିଥିଲା, ଦ୍ୱିତୀୟ ପାଳିରେ। ଚାଷୀମାନଙ୍କର କିପରି ବହୁବିଧ ଉନ୍ନତି ହୋଇପାରିବ ସେ ଦିଗରେ ସେ ଅନେକ ପଦକ୍ଷେପ ନେଇଥିଲେ।

ତାଙ୍କରି ଅସାଧାରଣ ସାଙ୍ଗଠନିକଦକ୍ଷତା ଯୋଗୁ ବିଜେପି ଆଜି କ୍ଷମତା ଦଖଲ କରିବାକୁ ସମର୍ଥ ହୋଇପାରିଛି। ୧୯୯୬ ମସିହା ପରେ ଓଡିଶା ରାଜନୀତିରେ ଯେଉଁ ପରିବର୍ତ୍ତନ ଘଟିଲା, ତାହାକୁ ସେ ଭଲ ଭାବରେ ତର୍ଜମା କରିଥିଲେ। ଆଂଚଳିକ ଦଳ ବିଜେଡି ଗଠିତ ହେଲା। ସେତେବେଳେ ବିଜେଡି ଗଂନକୁ ଦେବେନ୍ଦ୍ରବାବୁ ସମର୍ଥନ କରିଥବଲେ। କାରଣ ସେ ଭଲଭାବରେ ଜାଣିଥିଲେ ରାଜ୍ୟରେ କ୍ଷମତା ଦଖଲ କରିବାକୁ ହେଲେ ଆଂଚଳିକ ଦଳ ସହିତ ସମ୍ପର୍କ ରଖିବାକୁ ହେବ। ଏକୁଟିଆ କ୍ଷମତା ଦଖଲ ସହଜ ହେବ ନାହିଁ। ଯାହା ଫଳରେ ବିଜେଡି ସହିତ ମିଶି ବିଜେପି ନିର୍ବାଚନ ଲଢିଥିଲା ଓ ରାଜ୍ୟରେ କଂଗ୍ରେସକୁ ହରାଇ ନିଜର ମଳଦୁଆ ସ୍ଥାପନ କରିଥିଲା। ଯଦି ସେ ସମୟରେ ବିଜେଡି ସହିତ ମିଶି ସରକାର ଗଠନ କରି ନଥାନ୍ତା, ତେବେ ଓଡିଶାରେ ବିଜେପି କେଉଁ ଅବସ୍ଥାରେ ଥାଆନ୍ତା, ତାହା କିଏ କହିପାରିଥାନ୍ତ?

ଦେବେନ୍ଦ୍ରବାବୁ ନିର୍ବାଚନ ରାଜନୀତିରେ ଯଦିଓ କମ ସମୟ ପାଇଁ ରହିଛନ୍ତି, କିନ୍ତୁ ତାଙ୍କ ସାଙ୍ଗଠନିକ ଦକ୍ଷତା ପାଇଁ ଦଳ ଆଜି କ୍ଷମତାରେ। ଏକଥା ବିଜେପି ନେତାମାନଙ୍କୁ ସ୍ୱୀକାର କରିବାକୁ ହେବ। ସବୁଠାରୁ ବଡକଥା ହେଲା ସବୁ ଦଳର ନେତାଙ୍କ ସହିତ ତାଙ୍କର ସୁସମ୍ପର୍କ। ମଧୁର ବ୍ୟବହାର। ତାଙ୍କର ହସ ହସ ମୁହଁ, ସମସ୍ତଙ୍କୁ ମୋହିତ କରୁଥିଲା। ତାଙ୍କର ବିୟୋଗ କେବଳ ବିଜେପି ଦଳ ପାଇଁ ନୁହେଁ, ଓଡିଶା ରାଜନୀତି ପାଇଁ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି କରିଛି।

**ମୋବାଇଲ୍: ୯୪୩୯୬୫୨୩୨୨**

# ଭାରତର ସ୍ୱତନ୍ତ୍ର ପୁଞ୍ଜିବାଦର ଅସ୍ତିତ୍ୱକୁ ନେଇ ସନ୍ଦେହ



**ଗୋପାଳ ମହାପାତ୍ର**

ଏଇ ମାତ୍ର ୬ ମାସତଳେ ରିଲାଏନ୍ସ ଜିଓ ଏବଂ ଭାରତୀ ଏୟାରଟେଲ ଏଲନ ମସ୍କଙ୍କ କମ୍ପାନୀ ସ୍ପେସ ଏକ୍ସକୁ ବିରୋଧ କରୁଥିଲେ। ପ୍ରସଙ୍ଗ ଥିଲା ଭାରତରେ ଉପଗ୍ରହ ଇଣ୍ଟରନେଟ ସେବା ଦେବା ପାଇଁ ସ୍ପେସ ଏକ୍ସକୁ ସୁଯୋଗ ଦିଆନଯାଉ। ଏଲନ ମସ୍କଙ୍କ ସ୍ପେସ ଏକ୍ସର ଷ୍ଟାରଲିଙ୍କ ଭାରତରେ ଉପଗ୍ରହ ଇଣ୍ଟରନେଟ ସେବା ଦେବା ପାଇଁ ପ୍ରସ୍ତୁତି ଚଳାଇଛି ଓ ଏବେ ଜିଓ ଏବଂ ଏୟାରଟେଲ ଦୁଇ କମ୍ପାନୀ ଷ୍ଟାରଲିଙ୍କ ସହ ବୁଝାମଣା କରିଛନ୍ତି। ୬ମାସତଳେ ବିରୋଧ କରୁଥିବା ଜିଓ ଓ ଏୟାରଟେଲ କାହିଁକି ଷ୍ଟାରଲିଙ୍କ ସହ ବୁଝାମଣା କଲେ ସେ କଥା ତର୍ଜମାର ବିଶୟ ଏପରିକି ଏନେଇ ଅନେକ କଥା ଚର୍ଚ୍ଚା ହେଉଛି। ରିଲାଏନ୍ସ ଜିଓ ଭାରତରେ ତାର ବର୍ଚ୍ଚସ୍ୱ ବୃଦ୍ଧି କରିବାର ଯେଉଁ ମହତ୍ୱାକାଂକ୍ଷା ରହିଛି ତାହା ସମସ୍ତଙ୍କୁ ଜଣା। ସେତେବେଳେ ରିଲାଏନ୍ସ ଜିଓ କହୁଥିଲା ଯେ ସ୍ପେକ୍ଟ୍ରମ ନିଲାମ କରାଯାଉ। ଗତ ୨୦୨୪ ଅକ୍ଟୋବର ମାସରେ ଭାରତୀ ଏୟାରଟେଲ ମଧ ସରକାରଙ୍କ ନିକଟରେ ଏହି ଦାବି କରିଥିଲା। ଇଣ୍ଟରନେଟ ସେବା ପ୍ରଦାନକାରୀ ଏ ଦୁଇ ବୃହତ୍ କମ୍ପାନୀଙ୍କ ଦାବିକୁ ଏକ ବଡ଼ ଘଟଣା ବୋଲି କୁହାଯାଉଥିଲା। ସେତେବେଳେ କୁହାଯାଉଥିଲା ଯେ ସ୍ପେସ ଏକ୍ସ ଭାରତକୁ ଆସିଲେ ସାଟେଲାଇଟ ଇଣ୍ଟରନେଟ କ୍ଷେତ୍ରରେ ଜୋରଦାର ପ୍ରତିଦ୍ୱନ୍ଦିତା ହେବ। ପ୍ରଥମତଃ ସ୍ପେକ୍ଟ୍ରମ କ୍ରୟରେ ପ୍ରତିଦ୍ୱନ୍ଦିତା ଏବଂ ଦ୍ୱିତିୟତଃ ବଜାରରେ ନିଜର ଆଧିପତ୍ୟ ବିସ୍ତାରକୁ ନେଇ ପ୍ରତିଦ୍ୱନ୍ଦିତା। ସମୟ ଥିଲା ଯେତେବେଳେ ପୁଞ୍ଜିବାଦକୁ ସମର୍ଥନ କରୁଥିବା ଲୋକେ ପ୍ରତିସ୍ପର୍ଦ୍ଧାକୁ ଆର୍ଥୀକ ବ୍ୟବସ୍ଥାର ଏକ ଖାସ୍ ଗୁଣ ବୋଲି କୁହୁଥିଲେ। କୁହାଯାଉଥିଲା ଯେ ପ୍ରତିସ୍ପନ୍ଦ୍ୱୀ କାରଣରୁ କମ୍ପାନୀମାନେ ସେମାନଙ୍କ ଉତ୍ପାଦ ବା ସେବାରେ ଗୁଣବର୍ତ୍ତାକୁ ସୁଧାରିବା ପାଇଁ ବାଧ ହେବେ ଏପରିକି ସେମାନେ ନିଜ ନିଜର ଉତ୍ପାଦ ବା ସେବାକୁ କମ୍ ମୂଲ୍ୟରେ ଉପଲବ୍ଧ କରାଇବା ପାଇଁ ଉଦ୍ୟମ କରିବେ। ଏଣୁ ଉପଭୋକ୍ତାଙ୍କର ଲାଭ ହେବ।

ଭାରତର ଦୁର ସଞ୍ଚାର ବଜାରରେ ଏକ ସମୟରେ (୨୦୦୦ ରୁ ୨୦୧୧-୧୨ ପର୍ଯ୍ୟନ୍ତ) ବିଭିନ୍ନ କମ୍ପାନୀ ମାନଙ୍କ ମଧରେ ପ୍ରତିଦ୍ୱନ୍ଦୀତା ଦେଖିବାକୁ ମିଳିଥିଲା। ଉପଭୋକ୍ତା ବା ବ୍ୟବହାରକାରୀ ମାନେ ମଧ ଏହାର ଲାଭ ଉଠାଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଗୋଟିଏ ପରେ ଗୋଟିଏ କମ୍ପାନୀ ବଜାରରୁ ଉଭେଇଗଲେ ଏବଂ ମୋଟାମୋଟି ଭାବେ ଦୁର ସଞ୍ଚାର କ୍ଷେତ୍ରରେ ଜିଓ ଓ ଏୟାରଟେଲ ତାଙ୍କ ସ୍ଥିତିକୁ ମଜଭୁତ କରି ରହିଛନ୍ତି। ଯଦିଏ ବିଏସ୍ଏନ୍ଏଲ୍ ଏବଂ ଭୋଡାଫୋନ ରହିଛି କିନ୍ତୁ ଜିଓ ଓ ଏୟାରଟେଲ ଙ୍କ ସ୍ଥିତି ବେଶ୍ ଭଲ। ଏ ଦୁଇ କମ୍ପାନୀ ଦୂର ସଞ୍ଚାର କ୍ଷେତ୍ରକୁ ପୁରାପୁରି ଅକ୍ତିଆର କରି ନେଇଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। ଏବେ ଉପଗ୍ରହ ଇଣ୍ଟରନେଟ ସେବା ଉପଲବ୍ଧ ହେବାକୁ ଯାଉଛି ଓ ଆଶା କରାଯାଉଥିଲା ଜିଓ ଓ ଏୟାରଟେଲ ମଧରେ ପ୍ରତିଦ୍ୱନ୍ଦୀତା ରହିବ। ଉପଭୋକ୍ତା ମାନଙ୍କର ଲାଭ ହେବ ବୋଲି ଆଶା କରାଯାଉଥିଲା। କେତେକ ଜାତୀୟ ଗଣ ମାଧମରେ ଚର୍ଚ୍ଚା ହେଲା ଯେ ସ୍ପେକ୍ଟ୍ରମ ଆବଣ୍ଟନ ପ୍ରସଙ୍ଗରେ ମୋଦି ସରକାରଙ୍କ ସାମନାରେ ଅନେକ ଚାଲେଞ୍ଜ ରହିଛି। କୁହାଗଲା ଯେ ଗୋଟିଏ ପଟେ ଭାରତୀୟ କମ୍ପାନୀ ଓ ଅନ୍ୟପଟେ ଆମେରିକାର କମ୍ପାନୀ ଯାହାର ମାଲିକ ବିଶ୍ୱର ଧନୀ ନଂ ଓ୍ୟାନ ହୋଇଥିବା କାରଣରୁ ସରକାରଙ୍କୁ ନିଷ୍ପତ୍ତି ନେବାରେ ଅସୁବିଧା ହେଉଛି କିନ୍ତୁ ଗତ ଜାନୁୟାରୀ ମାସରେ ଡ଼ୋନାଲଡ଼ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ଭାବେ ଶପଥ ନେବା ପରେ ମସ୍କଙ୍କୁ ସରକାରରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ କରାଗଲା ଓ ସ୍ପେସଏକ୍ସର ଷ୍ଟାରଲିଙ୍କ ପାଇଁ ଭାରତ ତାର ବଜାର ଖୋଲିଦେଲା। ଏ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କ ଭୂମିକା କ'ଣ ସେବାବଦରେ କିଛି କହିବା ପାଇଁ ଆମ ପାଖରେ ଠୋସ୍ ପ୍ରମାଣ ନାହିଁ। କିନ୍ତୁ ଅନେକ ଆଶଙ୍କା ରହିଛି।

ଟ୍ରମ୍ପ ପ୍ରଶାସନ ପକ୍ଷରୁ ବିଶ୍ୱର ଅନେକ ଦେଶ ଉପରେ ଟାରିଫ ବୃଦ୍ଧି ପାଇଁ ଉଦ୍ୟମ କରାଯାଉଛି। ଏଥିରୁ ବର୍ତ୍ତିବା ପାଇଁ ଭାରତ ସରକାର ଆମେରିକାର ସ୍ପେସ ଏକ୍ସ କମ୍ପାନୀ ଆଗରେ ମୁଣ୍ଡନୁଆଁଇଛନ୍ତି ବୋଲି କୁହାଯାଇପାରେ। କିନ୍ତୁ ସ୍ପେସ ଏକ୍ସର ଷ୍ଟାରଲିଙ୍କସହ ବୁଝାମଣା କରି ମଧ ଦେଶର ଲାଭ କ'ଣ ହେବ ସେକଥା ବୁଝାପଡୁନାହିଁ। ମୋଦୀ ସରକାରଙ୍କ କାର୍ଯ୍ୟକାଳକୁ ଭାରତୀୟ ଅର୍ଥବ୍ୟବସ୍ଥାର ପ୍ରମୁଖ କ୍ଷେତ୍ରରେ ନୀତିଗତ ଭାବେ ଏକଛତ୍ରବାଦ ବା ମନୋପଲିର ସମୟ ବୋଲି କୁହାଯିବ। ମୋଦୀ ସରକାର ସମର୍ଥକ ଅର୍ଥଶାସ୍ତ୍ରୀମାନେ ଏହାକୁ ରାଷ୍ଟ୍ରୀୟ ବିକାଶର ମଡେଲ ବୋଲି କୁହୁଛନ୍ତି। କିନ୍ତୁ ପ୍ରକୃତରେ ଏହା ଦକ୍ଷିଣ କୋରିଆର ମଡ଼େଲର ଅନୁକରଣ ଅଟେ ଯେଉଁଥିରେ ସରକାର ବଡ଼ ବଡ଼ କମ୍ପାନୀଙ୍କ ସ୍ୱାର୍ଥପାଇଁ ନୀତି ନିର୍ମାଣ କରି ଅର୍ଥବ୍ୟବସ୍ଥାର ଆଧାରକୁ ମଜଭୁତ କରିଥିଲେ। ସାମସଙ୍ଗ, ଏଲ୍ଜି ଭଳି କମ୍ପାନୀ ମାନେ ଏହି ମଡ଼େଲର ପ୍ରତୀକ। ସମ୍ଭବତଃ ଏହି ମଡ଼େଲର ଅନୁରୁପ ସରକାରଙ୍କ ସହଯୋଗରେ ରିଲାଏନ୍ସ, ଆଦାନୀ, ଟାଟା, ଆଦିତ୍ୟ ବିରଳା, ଭାରତୀ ଏୟାରଟେଲ, ଜିନ୍ଦଲ ଆଦିର ମନୋପଲି ଅର୍ଥବ୍ରବସ୍ଥାକୁ ଅଲଗା ଅଲଗା କ୍ଷେତ୍ରରେ ପ୍ରାଧାନ୍ୟ ଦିଆଯାଉଛି। ପ୍ରଧାନମନ୍ତ୍ରୀ ନିଜେ ଏମାନଙ୍କୁ ପ୍ରଶଂସା କରୁଛନ୍ତି। ଏସବୁ କମ୍ପାନୀ ମାନେ ବିକଶିତ ଭାରତର ମାଧମ ବୋଲି କୁହାଯାଉଛି।

ଏବେ ବିଚାର କରାଯିବା କଥା ଯେ ସରକାରୀ ସହଯୋଗରେ ବଢ଼ିଥିବା ଏହି ଶିଳ୍ପପତି ପରିବାର ପ୍ରକୃତପକ୍ଷେ କେତେ 'ରାଷ୍ଟ୍ରୀୟ' ଅଟନ୍ତି। ରାଷ୍ଟ୍ରୀୟ ପୁଞ୍ଜିବାଦ/ ପୁଞ୍ଜିପତି ଶବ୍ଦର ଏକ ସ୍ୱତନ୍ତ୍ର ଅର୍ଥ ରହିଛି । ଏହା ସେହି ଲୋକମାନଙ୍କର ଯେଉଁମାନେ ଆନ୍ତର୍ଯ୍ୟାତୀୟ ପ୍ରତିସ୍ପଦ୍ଧାରେ କୌଣସି ରାଷ୍ଟ୍ର ବିଶେଷର ଆର୍ଥୀକ ସ୍ୱାର୍ଥର ବାହକ ହୋଇଥାନ୍ତି। ସିଦ୍ଧାନ୍ତ ହେଉଛି ଏହି ଲୋକମାନେ ବା ଗୋଷ୍ଠୀ ନିଜର ସଫଳତା ସହ ଅର୍ଥ ଉପାର୍ଜନ କରନ୍ତି। ପତ୍ୟକ୍ଷ ବା ପରୋକ୍ଷ ଭାବେ ସେମାନଙ୍କ ଲାଭ ସେହି ଦେଶର ସମସ୍ତ ଜନସାଧାରଣଙ୍କ ନିକଟରେ ପହଞ୍ôଚଥାଏ। ଯେ ପର୍ଯ୍ୟନ୍ତ ଦୁନିଆରେ ସାମ୍ରାଜ୍ୟବାଦ ରହିଛି - ଅର୍ଥାତ୍ ଐତିହାସିକ କାରଣରୁ ଧନୀ ହୋଇଥିବା ଦେଶର ଏମିତି ବ୍ୟବସାୟୀ, ଶିଳ୍ପପତି ଯେଉଁମାନେ ସାରା ବିଶ୍ୱର ସଂଶାଧନ ଏବଂ ବଜାରକୁ ହାସଲ କରିବାର ମହତ୍ୱାକାଂକ୍ଷା ରଖିଥାନ୍ତି ସେତେବେଳେ ରାଷ୍ଟ୍ରୀୟ ପୁଞ୍ଜିପତିଙ୍କ ସହ ଆନ୍ତର୍ଯ୍ୟାତୀୟ ବା ବହୁରାଷ୍ଟ୍ରୀୟ ବ୍ୟବସାୟୀଙ୍କ ମଧରେ ଲଢ଼େଇ ବା ପ୍ରତିଦ୍ୱନ୍ଦୀତା ଅପରିହାର୍ଯ୍ୟ ହୋଇପଡ଼େ। କିନ୍ତୁ ଏବେ ଯାହା ହେଲା ଏହାର ବିପରିତ। ସ୍ପେସ ଏକ୍ସ ଭାରତରେ ପ୍ରବେଶ କରିବାର ଉଦ୍ୟମ ବେଳେ ଭାରତୀୟ ଦୁଇ କମ୍ପାନୀ ରିଲାଏନ୍ସ ଜିଓ ଏବଂ ଭାରତୀ ଏୟାରଟେଲ ପାଇଁ ଏହାର ମୁକାବିଲା କରିବାର ସୁଯୋଗ ଥିଲା। କିନ୍ତୁ ଏହି ଦୁଇ କମ୍ପାନୀ ମାନେ ମୁକାବିଲା କରିବା ପରିବର୍ତ୍ତେ ପ୍ରଥମରୁ ପରାଜୟ ସ୍ୱୀକାର କରିନେଲେ ଯାହାକୁ ଆତ୍ମସମର୍ପଣ ବୋଲି ମଧ କୁହାଯିବ। ଏ ଦୁଇ କମ୍ପାନୀ ଏବେ ଷ୍ଟାରଲିଙ୍କର ସହାୟକ (ସବସାଇଡାରି) ପାଲଟି ଯାଇଛନ୍ତି। ଏହାର ଅର୍ଥ ହେଉଛି ଏମାନେ ଷ୍ଟାର ଲିଙ୍କ ସେବା ଦେବା ପାଇଁ ଜରୁରୀ ଉପକରଣ ବିକ୍ରିକରିବେ ଓ ସେବା ପ୍ରଦାତା (ଷ୍ଟାରଲିଙ୍କ)ର ଏଜେଣ୍ଟ ଭୂମିକା ତୁଲାଇବେ। ଅନ୍ୟ ଅର୍ଥରେ ଆମ ଦେଶର ନମ୍ବର ୱାନ ମାନେ ଏବେ ବହୁରାଷ୍ଟ୍ରୀୟ କମ୍ପାନୀର ଏଜେଣ୍ଟ। ଏହାଦ୍ୱାରା ଭାରତୀୟ ପୁଞ୍ଜିପତିଙ୍କ ସ୍ଥିତି ବା ଛବି କୁ ନେଇ ବିଦେଶରେ କ'ଣ ଚର୍ଚ୍ଚା ହେବ ସେକଥା ଅନୁମେୟ। ଏ ପ୍ରସଙ୍ଗରେ ଭାରତୀୟ ରାଜନୀତି ପୁରା ନୀରବ। କେବଳ କଂଗ୍ରେସ ସୁରକ୍ଷା ପ୍ରସଙ୍ଗ ଉଠାଇଛି ଓ ପ୍ରଶ୍ନ କରିଛି ଯେ ଷ୍ଟାରଲିଙ୍କ ସେବା କେଉଁଠାରୁ ଚାଲିବ? ଯଦି ବିଦେଶରୁ ଚାଲିବ ଏବଂ ସୁରକ୍ଷା ଆବଶ୍ୟକତା ବେଳେ ଯଦି ଏହିସେବାକୁ ନିୟନ୍ତ୍ରିତ କରାଯିବା ବା ବନ୍ଦ କରି ଦିଆଯିବାର ଆବଶ୍ୟକତା ପଡେ ତେବେ ସରକାର କ'ଣ କରିବେ ବୋଲି ମଧ କଂଗ୍ରେସ ପ୍ରଶ୍ନ କରିଥିଲା। ସରକାର ଏବାବଦରେ ସ୍ପଷ୍ଟିକରଣ ଦେଇକହିଛନ୍ତି ଯେ ଷ୍ଟାରଲିଙ୍କର ସଂଚାଳନ କେନ୍ଦ୍ର ଭାରତରେ ହିଁ ହେବ। କିନ୍ତୁ ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ କେତେକ ଗୁରୁତବପୂର୍ଣ୍ଣ ପ୍ରସଙ୍ଗରେ ପ୍ରଶ୍ନ କରାଯାଇଛି। ସେଥିରୁ ସୁରକ୍ଷା ପ୍ରସଙ୍ଗ ସହ ଅନ୍ୟ କେତେକ ପ୍ରସଙ୍ଗ ମଧ ରହିଛି। ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି ପ୍ରଶ୍ନ କରିଛି ଯେ ସ୍ପେକ୍ଟ୍ରମର ପ୍ରଶାସନିକ ଆବଣ୍ଟନ କରିବେ ନା ନାହିଁ? ଘରୋଇ କମ୍ପାନୀଙ୍କୁ ଉପଗ୍ରହୀୟ କକ୍ଷରେ ଉପଯୋଗ ପାଇଁ ଅନୁମତି ଦେଲେ ଏହାର ଅର୍ଥ ହେଉଛି ପ୍ରତିରକ୍ଷା ସମ୍ପର୍କରେ, ପାଣିପାଗ ସୂଚନା ପର୍ଯ୍ୟନ୍ତ ପହଞ୍ôଚବାର ଅନୁମତି ଦେବା ଯାହା ରାଷ୍ଟ୍ରୀୟ ସ୍ୱାର୍ଥବିରୋଧି।

ଏସବୁ ପରେ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏୟାରଟେଲ ଓ ଜିଓ ଆତ୍ମସମର୍ପଣ ପରେ ଷ୍ଟାରଲିଙ୍କର ଏକଛତ୍ରବାଦ ବଢ଼ିବାର ସମ୍ଭାବନା ମଧ ରହିଛି। ଭାରତର ଲୋକଙ୍କର ଏକଛତ୍ରବାଦ ସହିବାର ଅନୁଭବ ରହିଛି। କୋରେନା ମହାମାରୀ ସମୟ ପରେ ଦରଦାମ ବୃଦ୍ଧିର ପ୍ରମୁଖ କାରଣ ହେଉଛି ପୁଞ୍ଜିପତିଙ୍କ ଏକଛତ୍ରବାଦ ବା ମନୋପଲି ଓ ଏହି କାରଣରୁ ସେମାନେ ଅଧିକ ଲାଭ ପାଇଛନ୍ତି। କିନ୍ତୁ ସଦ୍ୟ ଘଟଣାକ୍ରମ (ଷ୍ଟାରଲିଙ୍କ ସହ ବୁଝାମଣା) ପରେ ଭାରତୀୟ / ରାଷ୍ଟ୍ରୀୟ ଧନପତି ମାନେ ବହୁରାଷ୍ଟ୍ରୀୟ ପୁଞ୍ଜିର ସେବକ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ଏଣୁ ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଏହି ଶିଳ୍ପପତି ମାନେ କ'ଣ ପ୍ରକୃତରେ 'ରାଷ୍ଟ୍ରୀୟ' ଅଟନ୍ତି? ଏମାନଙ୍କ ଭରଷାରେ ଶିଳ୍ପ/ ବ୍ୟବସାୟ ର ବିକାଶ ହୋଇପାରିବ କି? ଏମାନଙ୍କ ଯୋଗଦାନ ରାଷ୍ଟ୍ରୀୟ ବିକାଶ ଆଧାର ହୋଇ ପାରିବକି? ମାର୍କ୍ସବାଦୀ ବିମର୍ଷରେ ଦଲାଲ ପୁଞ୍ଜିବାଦ / ପୁଞ୍ଜିପତି ଶବ୍ଦର ପ୍ରଚଳନ ଅଧିକଥିଲା। ବିମର୍ଷର ପ୍ରସଙ୍ଗ ଥିଲା ଭାରତୀୟ ପୁଞ୍ଜିବାଦ ଚରିତ୍ର ସ୍ୱତନ୍ତ୍ର ରାଷ୍ଟ୍ରୀୟ ନା ଏହା ସାମ୍ରାଜ୍ୟବାଦୀ ଦେଶର ପୁଞ୍ଜିବାଦର ଦଲାଲ। ପ୍ରତ୍ୟକ୍ଷ ଉପନିବେଶବାଦର ବିଲୋପ ପରେ ପୁଞ୍ଜିବାଦର ଚରିତ୍ର କୌଣସି ଦେଶର ଅର୍ଥବ୍ୟବସ୍ଥା ଏବଂ ରାଜସତ୍ତା (ଶାସନବ୍ୟବସ୍ଥା) ବା ଅନ୍ୟ ଅର୍ଥରେ ପଲିଟିକାଲ ଇକୋନୋମିର ସ୍ୱରୂପ ନିର୍ଦ୍ଧାରକ ତତ୍ତ୍ୱ ଅଟେ। ସଦ୍ୟ ଘଟଣାକ୍ରମେ ଭାରତରେ ଏଭଳି ହେବାର ଆଶଙ୍କାକୁ ଅଧିକ ବଳବତ୍ତର କରିଛି। ଯେତେବେଳେ ରାଷ୍ଟ୍ରୀୟ କୁହାଯାଉଥିବା ଶିଳ୍ପ ପତିମାନେ ଏଜେଣ୍ଟ ହେବାପାଇଁ ପ୍ରସ୍ତୁତ ସେତେବେଳେ ଭାରତରେ ସ୍ୱତନ୍ତ୍ର ପଞ୍ଜିବାଦର ଅସ୍ତିତ୍ୱକୁ ନେଇ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ୍ ଅର୍ଥବ୍ୟବସ୍ଥା (ଯାହା ଏବେ ଅନିବାର୍ଯ୍ୟରୂପରେ ପୁଞ୍ଜିବାଦୀ ଭାବେ ଉଭାହୋଇଛି ଓ ସ୍ୱତନ୍ତ୍ର ଅସ୍ତିତ୍ୱରଖିବାରେ ଅସମର୍ଥ ହେଇଛି। ଏଣୁ ଏଥିରୁ ରାଜସତ୍ତା (ଶାସନବ୍ୟବସ୍ଥା)ର କେଉଁ ଚରିତ୍ର ଜଣାପଡୁଛି? ଏହାକୁ ନେଇ ମଧ ଅନେକ ପ୍ରଶ୍ନ ଉଠୁଛି। ଏସବୁ ପ୍ରସଙ୍ଗ ଉପରେ ଜାତୀୟ ଗଣମାଧମ ମଧ ନୀରବ। ଅଧିକାଂଶ ରାଜନୈତିକ ଦଳ ଏ ପ୍ରସଙ୍ଗକୁମଧ ଏଡ଼ାଇ ଚାଲିଛନ୍ତି। ଦୁର୍ଭାଗ୍ୟର କଥା ଯେ ଦେଶର ବୁଦ୍ଧିଜୀବୀ ବର୍ଗ ମଧ ଏହାକୁ ନେଇ ଚର୍ଚ୍ଚା କରୁନାହାଁନ୍ତି। କିନ୍ତୁ ଭାରତକୁ ସଙ୍କଟଗ୍ରସ୍ତ ସମୟରୁ ଉଦ୍ଧାର କରିବାକୁ ହେଲେ ଏ ପ୍ରସଙ୍ଗରେ ବ୍ୟାପକ ବିମର୍ଷ ହେବାର ଆବଶ୍ୟକତା ରହିଛି। ଏହା ଛଡା କୌଣସି ବିକଳ୍ପ ନାହିଁ।

**ରାମଚନ୍ଦ୍ରପୁର, ରଣପୁର**
**ମୋବାଇଲ୍: ୯୪୩୮୪୮୫୦୯୪**

# ଲିଭର୍ ବାୟୋପ୍‌ସି

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**



ଆମ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଉଛି ଯକୃତ। ଏହା ଆମେ ଖାଉଥିବା ଖାଦ୍ୟର ସାର ଅଂଶକୁ ଶରୀରର ବ୍ୟବହାର ଉପଯୋଗୀ କରିବା ସହ ହଜମ ପ୍ରକ୍ରିୟାରେ ଉନ୍ନତି ଆଣିଥାଏ। କିନ୍ତୁ ପରିବର୍ତ୍ତିତ ଜୀବନ ଶୈଳୀ ତଥା ଖାଦ୍ୟପେୟର ଅନିୟମିତତା ଯୋଗୁଁ ଯକୃତ ରୋଗ, ମଧୁମେହ, ରକ୍ତଚାପ ବୃଦ୍ଧି ପାଇ ଚାଲିଛି। ମଦ୍ୟପାନ ଏବଂ ମେଦବହୁଳତା ମଧ ଯକୃତ ରୋଗର ଏକ ପ୍ରମୁଖ କାରଣ। ତେଣୁ ଯକୃତ ଜନିତ ସମସ୍ୟା ହେଲେ ଶରୀରରେ କ'ଣ ସବୁ ଲକ୍ଷଣ ଦେଖାଯାଏ ଏବଂ କାହିଁକି ଯକୃତର ବାୟୋପ୍ସି ପରୀକ୍ଷା କରାଯାଏ ସେହି ସମ୍ପର୍କରେ ଆଜିର ଛୋଟିଆ ଆଲୋଚନାଟି ରଖୁଛୁ।

ଜଣେ ସୁସ୍ଥ ରହିବା ପାଇଁ ତାର ଯକୃତ ସମ୍ପୂର୍ଣ୍ଣ ରୂପେ ସୁସ୍ଥ ରହିବା ଜରୁରୀ। ତେବେ କୌଣସି କାରଣବଶତଃ ଶରୀରର ଏହି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କୁହାଯାଉଥିବା ଯକୃତଟି ଖରାପ ହେଲେ ସହଜରେ ଏହାର ଲକ୍ଷଣ ଜଣା ପଡ଼ିନଥାଏ। ଶରୀର ହଳଦିଆ ପଡ଼ିଯିବା, ଥକ୍କାପଣ ଅନୁଭବ, ପେଟ ଦରଜ, ଭୋକ ନଲାଗିବା, ଓଜନ କମିବା, ଖାଦ୍ୟ ହଜମ ନହେବା, ପେଟ ଫମ୍ପେଇ ଫୁଲିଯିବ, ବାନ୍ତି ଲାଗିବା, ପରିସ୍ରା ଓ ନଖରଙ୍ଗରେ ପରିବର୍ତ୍ତନ, ତ୍ୱଚା କୁଣ୍ଡାଇବା ଆଦି ଲକ୍ଷଣ ଦେଖାଯାଏ। ଯକୃତ ଜନିତ ରୋଗର ଯାଞ୍ଚ ପାଇଁ ବିଭିନ୍ନ ପ୍ରକାର ଟେଷ୍ଟ କରାଯାଉଥିବାବେଳେ ସ୍ଥିତି ଅତି ଗମ୍ଭୀର ହେଲେ ରୋଗର ସଠିକତା ଓ ସ୍ଥିତି ଯାଞ୍ଚ ପାଇଁ ଲିଭର ବାୟୋପ୍ସି କରାଯାଇଥାଏ। ଲିଭର ବାୟୋପ୍ସି ଟେଷ୍ଟ ଏକ ମେଡ଼ିକାଲ ଯାଞ୍ଚ ପ୍ରକ୍ରିୟା। ଏଥିରେ ଯକୃତରୁ ଛୋଟ ମାଂସ ଖଣ୍ଡକୁ ନେଇ ଲ୍ୟାବରେ ପରୀକ୍ଷା କରାଯାଏ। ଯାହା ମାଧମରୁ ଯକୃତର ସ୍ଥିତି, ରୋଗ ଓ ଚିକିତ୍ସା ବିଷୟରେ ସହଜରେ ଜଣାପଡ଼ିଥାଏ। ସାଧାରଣତଃ କର୍କଟ, ଲିଭର ସିରୋସିସ, ହେପାଟାଇଟିସ୍, ଫ୍ୟାଟିଲିଭର, ଯକୃତ ଅଚଳ, ଯକୃତ କର୍କଟ, ଯକୃତରେ ଔଷଧର ପାର୍ଶ୍ୱପ୍ରତିକ୍ରିୟାଜନିତ ପ୍ରଭାବ ଆଦି ଯାଞ୍ଚ ପାଇଁ ଯକୃତ ବାୟୋପ୍ସି ଟେଷ୍ଟ କରାଯାଏ। ଡାକ୍ତର ନମୁନା ନେବା ପୂର୍ବରୁ ରୋଗୀଙ୍କୁ କିଛି ସତର୍କତା ଅବଲମ୍ବନ କରିବାକୁ କୁହନ୍ତି।



ଲିଭର ବାୟୋପ୍ସି ପରୀକ୍ଷା ବିଭିନ୍ନ ପ୍ରକାରର ରହିଛି। ଯଥା ପରକ୍ୟୁଟେନିୟସ ଲିଭର ବାୟୋପ୍ସି ଟେଷ୍ଟ, ଟ୍ରନସଜୁଗଲର ଲିଭର ବାୟୋପ୍ସି ଟେଷ୍ଟ, ଲାପ୍ରୋସ୍କୋପିକ ବାୟୋପ୍ସି ଟେଷ୍ଟ ଇତ୍ୟାଦି। ଏହି ବାୟୋପ୍ସି କରାଯିବାର କିଛି ଘଣ୍ଟା ପୂର୍ବରୁ ଖାଲି ପେଟରେ ରହିବାକୁ ପରାମର୍ଶ ଦିଆଯାଇଥାଏ। ଆରାମ କରିବାକୁ ଔଷଧ ଦିଆଯାଏ ପରେ ଡାକ୍ତର ସାମ୍ପୁଲ ନେଇଥାନ୍ତି। ଯଦିଓ ଯକୃତ ବାୟୋପ୍ସି ଏକ ସୁରକ୍ଷିତ ଯାଞ୍ଚ ବୋଲି ବିବେଚନା କରାଯାଏ ତେବେ କିଛି ଜଣଙ୍କ ଠାରେ ଯନ୍ତ୍ରଣା, ରକ୍ତସ୍ରାବ, ସଂକ୍ରମଣ ଆଦି ପାର୍ଶ୍ୱପ୍ରତିକ୍ରିୟା ଦେଖାଯାଏ। ତେଣୁ ବାୟୋପ୍ସି ପରେ ରୋଗୀର ସଠିକ ଯତ୍ନ ଜରୁରୀ। ବାୟୋପ୍ସି ସ୍ଥାନକୁ ଶୁଖିଲା ରଖିବା ଆବଶ୍ୟକ। ଏ କ୍ଷେତ୍ରରେ ଲିଭର ବିଶେଷଜ୍ଞ ବା ହେପାଟାଲୋଜିଷ୍ଟଙ୍କ ପରାମର୍ଶ ଓ ସହାୟତା ନିଅନ୍ତୁ। ଯନ୍ତ୍ରଣା ଅଧିକ ସମୟ ରହିଲେ ଅଭିଜ୍ଞ ଲିଭର ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ଯନ୍ତ୍ରଣା ଦୂର କରିବାର ଔଷଧ ଗ୍ରହଣ କରିପାରିବେ। ଏହି ସମୟରେ ରୋଗୀକୁ ଭାରି ସାମଗ୍ରୀ ଉଠାଇବାକୁ ବାରଣ କରାଯାଇଥାଏ। ଯଦି ଶରୀରରେ ଅସାମାନ୍ୟ ଲକ୍ଷଣ ଯଥା କୌଣସି ଯନ୍ତ୍ରଣା, ବାନ୍ତି, ଜ୍ୱର, ଜଣ୍ଡିସ, ଦେହହାତ ଘୋଳାବିନ୍ଧା, ମୁଣ୍ଡ ବୁଲାଇବା ବା ଅନ୍ୟ କୌଣସି ପାର୍ଶ୍ୱପ୍ରତିକ୍ରିୟା ଜନିତ ଲକ୍ଷଣ ଦେଖୁଥାନ୍ତି ତେବେ ତୁରନ୍ତ ଲିଭର ବିଶେଷଜ୍ଞ ପରାମର୍ଶ ନିଅନ୍ତୁ। ଏହି ସମୟରେ ଥଣ୍ଡା ଖାଦ୍ୟ, ବାସି ଖାଦ୍ୟ, ଆମିଷ ଖାଦ୍ୟ, ଅତ୍ୟଧିକ ଗରମ ଖାଦ୍ୟ ଗ୍ରହଣ କରନ୍ତୁ ନାହିଁ। କୌଣସି ପ୍ରକାର ନିଶାଦ୍ରବ୍ୟ ସେବନରୁ ବିରତ ରୁହନ୍ତୁ। କଷ୍ଟକର ଶାରୀରିକ ପରିଶ୍ରମ କରନ୍ତୁ ନାହିଁ କିମ୍ବା କୌଣସି ରାତି ଅନିଦ୍ରା ଜନିତ କାର୍ଯ୍ୟ କରନ୍ତୁ ନାହିଁ। ସେହିପରି ଅଧିକ କ୍ୟାଲୋରୀ ଖର୍ଚ୍ଚ ହେଉଥିବା କଠିନ ବ୍ୟାୟାମ ଆଦିରୁ ନିବୃତ୍ତ ରୁହନ୍ତୁ। ନିଜ ଉପରେ ଭରଷା ରଖନ୍ତୁ ଏବଂ ବିଶେଷଜ୍ଞ ଡାକ୍ତରଙ୍କ ଉପରେ ଭରଷା ରଖିବା ସହ ତାଙ୍କ ପରାମର୍ଶ ଅନୁଯାୟୀ ଚିକିତ୍ସା ଜାରି ରଖନ୍ତୁ ଦେଖିବେ ଆପଣ ନିଶ୍ଚିନ୍ତ ଉପଶମ ପାଇବେ।

**ସହ-ପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ,**
**ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ମୋବାଇଲ୍: ୯୪୩୭୦୫୧୯୫୭**

## ବାକ୍ ସ୍ୱାଧୀନତା ସମାଜର ଅବିଚ୍ଛେଦ୍ୟ ଅଂଶ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୮।୩: ସୁପ୍ରିମ କୋର୍ଟ ଶୁକ୍ରବାର କହିଛନ୍ତି ଯେ ଅଭିବ୍ୟକ୍ତି ସ୍ୱାଧୀନତା ଏକ ସୁସ୍ଥ ସଭ୍ୟ ସମାଜର ଏକ "ଅବିଚ୍ଛେଦ୍ୟ ଅଂଶ"। ସୋସିଆଲ ମିଡିଆରେ କଂଗ୍ରେସ ସାଂସଦ ଇମ୍ରାନ ପ୍ରତାପଗଡ଼ୀଙ୍କ ଦ୍ୱାରା ଅପଲୋଡ୍ କରାଯାଇଥିବା ଏକ କବିତାକୁ ନେଇ ଗୁଜରାଟରେ ଦାୟର କରାଯାଇଥିବା ଏଫଆଇଆରକୁ ଖାରଜ କରି କୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି। ସୁପ୍ରିମକୋର୍ଟ ଗୁଜରାଟ ପୋଲିସ ବିରୁଦ୍ଧରେ କଡ଼ା ମନ୍ତବ୍ୟ ଦେଇ କହିଛନ୍ତି ଯେ ଶତ୍ରୁତାକୁ ପ୍ରୋତ୍ସାହିତ କରିବାର ଅପରାଧକୁ "ଅସୁରକ୍ଷିତ ଲୋକଙ୍କ" ମାନଦଣ୍ଡ ଦ୍ୱାରା ବିଚାର କରାଯାଇପାରିବ ନାହିଁ ଯେଉଁମାନେ ସବୁକିଛିକୁ ଏକ ବିପଦ କିମ୍ବା ସମାଲୋଚନା ଭାବରେ ଦେଖନ୍ତି।

## ଅନଶନ ଭାଙ୍ଗିଲେ କୃଷକ ନେତା ଡାଲଓ୍ୱାଲ



ନୂଆଦିଲ୍ଲୀ,୨୮।୩: କୃଷକମାନଙ୍କ ବିଭିନ୍ନ ଦାବି ନେଇ ୧୨୩ ଦିନ ହେଲା ଅନଶନରେ ବସିଥିବା କୃଷକ ନେତା ଜଗଜିତ ସିଂ ଡାଲଓ୍ୱାଲ ଶୁକ୍ରବାର ସକାଳେ ପାଣି ପିଇ ଅନଶନ ଭାଙ୍ଗିଛନ୍ତି। ଏନେଇ ପଞ୍ଜାବ ସରକାର ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। ଖନୌରୀ ଓ ଶମ୍ଭୁ ସୀମାରେ ଆନ୍ଦୋଳନରତ ଚାଷୀମାନଙ୍କୁ ହଟାଇ ଦିଆଯାଇ ରାସ୍ତା ଓ ରାଜପଥକୁ ଅବରୋଧ ମୁକ୍ତ କରାଯାଇଥିବା ପଞ୍ଜାବ ସରକାରଙ୍କ ଆଡ୍‌ଭୋକେଟ ଜେନେରାଲ ଗୁରମିନ୍ଦର ସିଂ ସର୍ବୋଚ୍ଚ ଅଦାଲତଙ୍କୁ କହିଛନ୍ତି। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଏନ୍. କୋଟିଶ୍ୱର ସିଂଙ୍କ ଖଣ୍ଡପୀଠ ଡାଲଓ୍ୱାଲଙ୍କ ଉଦ୍ୟମର ପ୍ରଶଂସା କରିଛନ୍ତି। ସେ କୌଣସି ରାଜନୈତିକ କାର୍ଯ୍ୟଯୋଜନା ରଖି ନ ଥିବା ପ୍ରକୃତ କୃଷକ ନେତା ବୋଲି ଖଣ୍ଡପୀଠ କହିଛନ୍ତି।

## କୁନାଲଙ୍କୁ ମିଳିଲା ଆଗୁଆ ଅନ୍ତରୀଣ ଜାମିନ

ଚେନ୍ନାଇ,୨୮।୩: ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କୁ ଥଟ୍ଟା କରି ବିବାଦର ସମ୍ମୁଖୀନ ହୋଇଥିବା ଷ୍ଟାଣ୍ଡିଂ କମେଡିଆନ୍ କୁନାଲ କାମ୍ରାଙ୍କୁ ମାଡ୍ରାସ ହାଇକୋର୍ଟ ଶୁକ୍ରବାର ଆଗୁଆ ଅନ୍ତରୀଣ ଜାମିନ ମଞ୍ଜୁର କରିଛନ୍ତି। ଏଥିପାଇଁ ତାଙ୍କୁ ତାମିଲନାଡୁ ଭିଲ୍ଲୁପୁରମ୍ ଜିଲା ପାନୁରସ୍ଥିତ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ବଣ୍ଡ୍ ଦାଖଲ କରିବାକୁ ହାଇକୋର୍ଟ ସର୍ତ୍ତ ରଖିଛନ୍ତି। ଏଥିସହିତ ବିଚାରପତି ସୁନ୍ଦର ମୋହନ ଦ୍ୱିତୀୟ ପକ୍ଷ ଖାର୍ ପୋଲିସକୁ ନୋଟିସ ଜାରି କରିବା ସହ ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୭କୁ ଧାର୍ଯ୍ୟ କରିଛନ୍ତି। ୨୦୨୧ରୁ କୁନାଲ ମୁମ୍ବାଇରୁ ଯାଇ ତାମିଲନାଡୁରେ ରହୁଛନ୍ତି। ମୁମ୍ବାଇ ପୋଲିସ ତାଙ୍କୁ ଗିରଫ କରିବା ଆଶଙ୍କା ଥିବାରୁ ସେ ଆଗୁଆ ଜାମିନ ପାଇଁ ହାଇକୋର୍ଟରେ ଆବେଦନ କରିଥିଲେ। ମୁମ୍ବାଇ ଖାର୍ ଅଞ୍ଚଳର ଦି ହାବିଟାଟ୍ କମେଡି କ୍ଲବ୍‌ରେ କୁନାଲ ଉପମୁଖ୍ୟମନ୍ତ୍ରୀ ଶିନ୍ଦେଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ଦେଇଥିଲେ। ପରେ ଉତ୍ତେଜିତ ଶିବସେନା କର୍ମୀମାନେ ଦି ହାବିଟାଟ୍ କ୍ଲବ୍‌ରେ ଭଙ୍ଗାରୁଜା କରିଥିଲେ। ମୁମ୍ବାଇ ପୋଲିସ କୁନାଲଙ୍କୁ ୨ ଥର ସମନ କରିବା ସତ୍ତ୍ୱେ ସେ ହାଜର ହୋଇ ନାହାନ୍ତି।

## ସ୍ୱାମୀଙ୍କୁ କଫିରେ ବିଷ ପିଆଇଲା ସ୍ତ୍ରୀ



ନୂଆଦିଲ୍ଲୀ,୨୮।୩: ସମ୍ପ୍ରତି ସ୍ତ୍ରୀମାନେ ସେମାନଙ୍କ ପ୍ରେମିକଙ୍କ ସହାୟତାରେ ସ୍ୱାମୀଙ୍କୁ ହତ୍ୟା କରିବାର ଖବର ବହୁତ ବଢ଼ିଯାଇଛି। ପ୍ରଥମେ ମୁସକାନ, ତା'ପରେ ପ୍ରଗତି ଏବେ ମୁଜାଫରପୁରର ପିଙ୍କି ନାମକ ମହିଳା ପ୍ରେମିକଙ୍କ ସାହାଯ୍ୟରେ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରିବାକୁ ଚେଷ୍ଟା କରିଛନ୍ତି। ୨ ବର୍ଷ ତଳେ ବିବାହିତ ପିଙ୍କି ତାଙ୍କ ସ୍ୱାମୀଙ୍କ କଫିରେ ବିଷ ଦେଇ ହତ୍ୟା କରିବାକୁ ଚେଷ୍ଟା କରିଥିଲେ। ଅନୁଜ ଶର୍ମା ୨ ବର୍ଷ ତଳେ ପିଙ୍କି ଶର୍ମାଙ୍କୁ ବିବାହ କରିଥିଲେ। ବିବାହର କିଛି ସମୟ ପରେ, ଅନୁଜ ସନ୍ଦେହ କରିବାକୁ ଲାଗିଲେ ଯେ ପିଙ୍କି ଅନ୍ୟ କାହା ସହିତ କଥା ହେଉଛନ୍ତି। ଏହା ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ସୃଷ୍ଟି କରିଥିଲା କାରଣ ଅନୁଜ ତାଙ୍କ କଥିତ ସମ୍ପର୍କ ବିଷୟରେ ତାଙ୍କ ସହିତ କଥା ହେବାକୁ ଚେଷ୍ଟା କରିଥିଲେ। ଅଭିଯୁକ୍ତ ପ୍ରେମିକ ପିଙ୍କିର ଜଣେ ସମ୍ପର୍କୀୟ। ଯୁକ୍ତିତର୍କ ପରେ, ପିଙ୍କି ଅନୁଜଙ୍କ କଫିରେ ବିଷ ଦେଇ ହତ୍ୟା କରିବାକୁ ଚେଷ୍ଟା କରିଥିଲେ। ଅନୁଜଙ୍କ ପରିବାର ସଦସ୍ୟଙ୍କ ଅଭିଯୋଗ ଆଧାରରେ, ପିଙ୍କି ବିରୋଧରେ ଏକ ମାମଲା ରୁଜୁ କରାଯାଇଛି। ଅନୁଜଙ୍କ ଭଉଣୀ ମୀନାକ୍ଷୀ କହିଛନ୍ତି ଯେ ଯେତେବେଳେ ସେ କାମକୁ ଯାଉଥିଲେ, ପିଙ୍କି ତାଙ୍କ ପ୍ରେମିକଙ୍କ ସହ ଘଣ୍ଟା ଘଣ୍ଟା ମୋବାଇଲରେ କଥା ହେଉଥିଲେ। ପରିସ୍ଥିତି ଏତେ ଖରାପ ହୋଇଗଲା ଯେ ପିଙ୍କି ଅନୁଜଙ୍କ ଘରୁ ବାହାରି ତାଙ୍କ ବିରୁଦ୍ଧରେ ଘରୋଇ ହିଂସାର ମାମଲା ଦାୟର କରିଥିଲେ।

## ଗ୍ରାହକଙ୍କ ଠାରୁ ସେବା ଦେୟ ଦାବି କରିପାରିବନି ରେଷ୍ଟୁରାଣ୍ଟ

ନୂଆଦିଲ୍ଲୀ,୨୮।୩: ଖାଦ୍ୟ ବିଲ୍ ଉପରେ ସେବା ଦେୟ ପୈଠ କରିବା ସ୍ୱେଚ୍ଛାକୃତ। ଗ୍ରାହକଙ୍କ ଉପରେ ରେଷ୍ଟୁରାଣ୍ଟ ଏହି ଦେୟ ଜବରଦସ୍ତ ଲାଗୁ କରିପାରିବ ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ ଶୁକ୍ରବାର କହିଛନ୍ତି। ହୋଟେଲ ଏବଂ ରେଷ୍ଟୁରାଣ୍ଟଗୁଡ଼ିକୁ ଖାଦ୍ୟ ବିଲ୍ ଉପରେ ବାଧ୍ୟତାମୂଳକ ସେବା ଦେୟ ଲାଗୁ ନ କରିବା ପାଇଁ କେନ୍ଦ୍ରୀୟ ଖାଉଟି ସୁରକ୍ଷା କର୍ତ୍ତୃପକ୍ଷ (ସିସିପିଏ) ମାର୍ଗଦର୍ଶିକା ଆଣିଥିବାବେଳେ ଏହାକୁ ଚ୍ୟାଲେଞ୍ଜ କରି ରେଷ୍ଟୁରାଣ୍ଟ ସଂଗଠନ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ୍ ପ୍ରତିଭା ଏମ୍. ସିଂ ରାୟ ଉକ୍ତ ପିଟିଶନକୁ ଖାରଜ କରିଦେଇଛନ୍ତି। ଖାଦ୍ୟ ବିଲ୍ ଉପରେ ବାଧ୍ୟତାମୂଳକ ସେବା ଦେୟ ଆଦାୟ ଖାଉଟି ଅଧିକାରର ଉଲ୍ଲଂଘନ। ଏହା ଆଇନ ବିରୋଧୀ। ତେବେ ଗ୍ରାହକ ସ୍ୱେଚ୍ଛାକୃତ ଭାବେ ଯଦି ସେବା ଦେୟ ଦେବାକୁ ଚାହାନ୍ତି, ତେବେ କିଛି ପ୍ରତିବନ୍ଧକ ନାହିଁ ବୋଲି ଅଦାଲତ କହିଛନ୍ତି।

## ପ୍ରଥମେ ପ୍ରେମିକା, ପରେ ନିଜକୁ ଗୁଳି କରିଦେଲା ପ୍ରେମିକ

ପାଟନା,୨୮।୩: ବିହାରର ପାଟନାରୁ ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ଏଠାରେ ଜଣେ ପ୍ରେମିକ ପ୍ରଥମେ ତାଙ୍କ ପ୍ରେମିକାଙ୍କୁ ଗୁଳି କରିବା ପରେ ନିଜକୁ ଗୁଳି କରିଛନ୍ତି। ଗୁଳି ବାଜିବାରୁ ଉଭୟଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଏହି ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି ଘଟଣା ପରେ, ପୋଲିସ ଘଟଣାସ୍ଥଳରେ ପହଞ୍ଚି ମାମଲାର ତଦନ୍ତ ଆରମ୍ଭ କରିଛି। ପାଟନାରେ ଏକ ମାରିନ ଡ୍ରାଇଭ ଅଛି। ଏହି ଘଟଣା ଶୁକ୍ରବାର ଦିନ ଜନାର୍ଦ୍ଦନ ଘାଟରେ ଘଟିଛି। କୁହାଯାଉଛି ଯେ ମଧୁବନୀର ବାସିନ୍ଦା ରାହୁଲ କୁମାର ପ୍ରେମିକାଙ୍କ ସହିତ ଗଙ୍ଗା କୂଳରେ ଥିବା ମାରିନ ଡ୍ରାଇଭକୁ ଆସିଥିଲେ। ପୂର୍ବରୁ ଦୁହେଁ ଜେପି ସେତୁର ୯୩ ନମ୍ବର ପିଲର ସାମ୍ନା ଶିଡ଼ିରେ ବସିଥିଲେ। ଦୁହେଁ ପ୍ରଥମେ ଥଣ୍ଡା ପାନୀୟ ପିଇଲେ ଏବଂ ତା'ପରେ କଥାବାର୍ତ୍ତା ଆରମ୍ଭ କଲେ। କଥାବାର୍ତ୍ତା କରୁଥିବା ସମୟରେ ଉଭୟଙ୍କ ମଧ୍ୟରେ କୌଣସି କଥାକୁ ନେଇ ଯୁକ୍ତିତର୍କ ହୋଇଥିଲା। ଏହା ପରେ ଯୁବକ ଜଣକ ଏକ ପିସ୍ତଲ ବାହାର କରି ଝିଅର ମୁଣ୍ଡକୁ ଗୁଳି କରିଥିଲେ। ଗୁଳି ବାଜିବା ପରେ ଝିଅଟି ଘଟଣାସ୍ଥଳରେ ଟଳି ପଡ଼ିଥିଲା। ଏହା ପରେ ଯୁବକ ଜଣଙ୍କ ନିଜ ମୁଣ୍ଡକୁ ଗୁଳି କରି ଆତ୍ମହତ୍ୟା କରିଥିଲେ। ଗୁଳି ବାଜିବା ପରେ ଦୁହେଁ ଘଟଣାସ୍ଥଳରେ ହିଁ ପଡ଼ି ଯାଇଗଲେ। ଏହି ଘଟଣା ସର୍ବସାଧାରଣରେ ଘଟିବା ପରେ ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ଖବର ପାଇବା ମାତ୍ରେ ଦୀଘା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ତଦନ୍ତ ଆରମ୍ଭ କରିଥିଲା।

# ଗଣତନ୍ତ୍ର ନୁହେଁ, ରାଜା ଶାସନ ଦରକାର

ନୂଆଦିଲ୍ଲୀ,୨୮।୩: ନେପାଳରେ ପୁଣି ଥରେ ରାଜା ଶାସନ ଲାଗୁ ଦାବି କରି ପ୍ରଦର୍ଶନକାରୀ ଜୋରଦାର ହଙ୍ଗାମା କରିଛନ୍ତି । ଏହାକୁ ନେଇ ପ୍ରଦର୍ଶନକାରୀ ଶୁକ୍ରବାର ଏକ ବିଲ୍ଡିଂରେ ଭଙ୍ଗାରୁଜା କରିବା ପରେ ନିଆଁ ଲଗାଇ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ପୁଣି ଥରେ ହିନ୍ଦୁ ରାଷ୍ଟ୍ର ଘୋଷଣା ଦାବି କରି କାଠମାଣ୍ଡୁରେ ଆଜି ପ୍ରଦର୍ଶନ ପାଇଁ ଡାକରା ଦିଆଯାଇଥିଲା। ଯାହା ପରେ ହିଂସାର ରୂପ ନେଇଥିଲା। ରିପୋର୍ଟ ଅନୁସାରେ ପ୍ରଦର୍ଶନକାରୀ ରାସ୍ତା କଡ଼ରେ ଥିବା ଘର ଝରକା ଭାଙ୍ଗି ଦେଇଥିଲେ । ଉତ୍ତେଜନା ସେତେବେଳେ ଆହୁରି ଅଧିକ ହୋଇଥିଲା, ଯେତେବେଳେ ପ୍ରଦର୍ଶନକାରୀ ସୁରକ୍ଷା ପ୍ରଚାରୀକୁ ଭାଙ୍ଗିବା ପାଇଁ ପ୍ରୟାସ କରିଥିଲେ । ଏହି ସମୟରେ ପୋଲିସ ଉପରେ ପଥର ମାଡ଼ କରିଥିଲେ, ଯାହାପରେ ସୁରକ୍ଷାକର୍ମୀ ଲୁହ ବୁହା ଗ୍ୟାସ୍ ଗୁଳି ମାଡ଼ କରିଥିଲା । ନେପାଳ ପୋଲିସ ରାଜ ଶାସନ ସମର୍ଥକଙ୍କୁ ଘୋଉଡାଇବା ପାଇଁ ୱାଟର କେନନ୍ ବ୍ୟବହାର କରିଥିଲେ। ଏପରିକି ପୋଲିସ ଫାଙ୍କା ଗୁଳି ଚାଳନା ମଧ୍ୟ କରିଥିଲା। ତିନକୁନେ ଅଞ୍ଚଳରେ ସ୍ଥିତି ନିୟନ୍ତ୍ରଣ ବାହାରକୁ ଯିବା ପରେ, ହଜାର ହଜାର ପ୍ରଦର୍ଶନକାରୀ 'ରାଜା ଆଓ, ଦେଶ ବଚାଓ', 'ଭ୍ରଷ୍ଟ ସରକାର ନିଜେ ଜାଓ' ଓ 'ହମେଁ ରାଜତନ୍ତ୍ର ଚାହିଏ' ପରି ନାରା ଦେଇଥିଲେ। ପ୍ରଦର୍ଶନକାରୀ ନିଜ ହାତରେ ନେପାଳର ରାଷ୍ଟ୍ରୀୟ ପତାକା ଓ ପୂର୍ବତନ ରାଜା ଜ୍ଞାନେନ୍ଦ୍ର ଶାହଙ୍କ ଫଟୋ ଧରିଥିଲେ । ସ୍ଥାନୀୟ ମିଡିଆ ରିପୋର୍ଟ ଅନୁସାରେ, ଏହି ସଂଘର୍ଷରେ ଜଣେ ବ୍ୟକ୍ତି ଆହତ ହୋଇଛନ୍ତି। ପ୍ରଦର୍ଶନକାରୀ ପ୍ରତିବନ୍ଧିତ ଅଞ୍ଚଳ ନ୍ୟୁ ବାନେଶ୍ୱର ଆଡ଼କୁ ବଢ଼ିବା ପାଇଁ ପ୍ରୟାସ କରିବା ବେଳେ ପୋଲିସ ଯୁବକମାନଙ୍କୁ ହେପାଜତକୁ ନେଇଛି। କାଠମାଣ୍ଡୁରେ ଶତାଧିକ ପୋଲିସକର୍ମୀଙ୍କୁ ମୁତୟନ କରାଯାଇଛି । ରାଜ ଶାସନ ସମର୍ଥକ ଓ ବିରୋଧୀଙ୍କ ଅଲଗା ଅଲଗା ପ୍ରଦର୍ଶନ ଯୋଗୁ ହିଂସା ଆହୁରି ବଢ଼ିବାର ଆଶଂକା କରାଯାଉଛି। ନେପାଳ ନ୍ୟୁଜର ରିପୋର୍ଟ ଅନୁସାରେ ସ୍ଥିତିକୁ ନିୟନ୍ତ୍ରଣକୁ ଆସିବା ପାଇଁ କାଠମାଣ୍ଡୁ ଜିଲ୍ଲା ପ୍ରଶାସନ (ଡିଏଓ) ତିନକୁନେରେ କର୍ଫ୍ୟୁ ଜାରି କରିଛନ୍ତି ।


ନେପାଳରେ ଜୋର୍‌ଦାର ହଙ୍ଗାମା

## ଅନ୍ତିମ ପ୍ରହାର ପାଇଁ ସଜବାଜ
### ଶେଷ ନିଃଶ୍ୱାସ ଗଣୁଛନ୍ତି ନକ୍ସଲ

ନୂଆଦିଲ୍ଲୀ,୨୮।୩: ସରି ଆସୁଛି ଡେଡ୍‌ଲାଇନ୍। ଶେଷ ନିଃଶ୍ୱାସ ଗଣୁଛନ୍ତି ନକ୍ସଲ। ଭୁଶୁଡୁଛି ଲାଲଗଡ଼। ବନ୍ଦ ହୋଇଗଲାଣି ଫଣ୍ଡିଂ। ଭାଙ୍ଗିଗଲାଣି ଅସ୍ତ୍ରଶସ୍ତ୍ର ସପ୍ଲାଇ ଚେନ୍। ଏବେ ବଳକା ଶକ୍ତିକୁ ଶେଷ କରିବା ଲକ୍ଷ୍ୟରେ ସୁରକ୍ଷାବାହିନୀ। ଅନ୍ତିମ ପ୍ରହାର ପାଇଁ ଚାଲିଛି ସଜବାଜ। ଅପରେଶନ ଅଲଆଉଟ୍ ଲକ୍ଷ୍ୟ। ଭୟରେ ଲାଲବାହିନୀ। ଏବେ ସରେଣ୍ଡର ନହେଲେ ଗୁଳି। ନକ୍ସଲଙ୍କ ପାଇଁ ଶେଷ ବିକଳ୍ପ। କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟସୀମା ଭିତରେ ଦେଶରୁ ନକ୍ସଲ ମୂଳପୋଛ ପାଇଁ ଜୋରଶୋରରେ ଚାଲିଛି ରଣନୀତି। ଉଚ୍ଚସ୍ତରରେ ଦିଆଯାଉଛି ଫାଇନାଲ୍ ଟଚ୍। ଏସବୁ ଉପରେ କଡ଼ା ନଜର ରଖିଛି ଗୃହ ମନ୍ତ୍ରାଳୟ। ଏହାରି ଭିତରେ ଆସିଛି ଆଉ ଏକ ବଡ଼ ଖବର। ସାଢେ ୩ ମାସ ଭିତରେ ପୁଣି ଥରେ ନକ୍ସଲଗଡ଼ ଯିବେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ଗୃହମନ୍ତ୍ରୀଙ୍କ ଦନ୍ତେୱାଡ଼ା ଗସ୍ତକୁ ନେଇ ଏବେ ନକ୍ସଲଙ୍କ ଛାତି ଧଡ଼ଧଡ଼। ଏପ୍ରିଲ ପ୍ରଥମ ସପ୍ତାହରେ ଦୁଇ ଦିନିଆ ଛତିଶଗଡ଼ ଗସ୍ତରେ ଯିବେ ଅମିତ ଶାହ। ଏପ୍ରିଲ ୪ ଏବଂ ୫ ତାରିଖରେ ରାୟପୁର ଓ ବସ୍ତରରେ ସେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ। ୪ ତାରିଖରେ ସୁରକ୍ଷା ଏବଂ ପ୍ରଶାସନିକ ବୈଠକରେ ସାମିଲ ହେବେ। ୫ ତାରିଖରେ ବସ୍ତର ଯିବେ। ଦନ୍ତେୱାଡ଼ାରେ ଆୟୋଜିତ ବସ୍ତର ପଣ୍ଡୁମ ମହୋତ୍ସବ ସମାପନ ସମାରୋହରେ ଯୋଗ ଦେବେ। ଏହି ସମୟରେ ସ୍ଥାନୀୟ ପ୍ରଶାସନ, ସୁରକ୍ଷା ବାହିନୀ ଏବଂ ରାଜ୍ୟ ସରକାରଙ୍କ ସହ ନକ୍ସଲ ସମସ୍ୟା ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିବେ।



ନକ୍ସଲ ପ୍ରଭାବିତ ଅଞ୍ଚଳରେ ସୁରକ୍ଷା ଅଭିଯାନର ସମୀକ୍ଷା କରିବେ। ଯବାନଙ୍କୁ ଉତ୍ସାହିତ କରିବେ। ଏହା ସହ ପରବର୍ତ୍ତୀ ରଣନୀତି ପାଇଁ ଚର୍ଚ୍ଚା କରିବେ। ଦେଶରୁ ନକ୍ସଲବାଦ ମୂଳପୋଛ କରିବାକୁ ସରକାର ୩୭୫ ଦିନର ଟାର୍ଗେଟ୍ ନେଇଛନ୍ତି। ୨୦୨୬ ମାର୍ଚ୍ଚ ସୁଦ୍ଧା ଲାଲଗଡ଼ ଭାଙ୍ଗିବାକୁ ଶାହଙ୍କ ଗ୍ୟାରେଣ୍ଟି ପୂରା କରିବାକୁ ସଶସ୍ତ୍ର ବାହିନୀ ଅଣ୍ଟା ଭିଡ଼ିଛନ୍ତି। ସିଆରପିଏଫ୍, ଡିଆରଜି, ଏସଟିଏଫ୍, ବିଏସଏଫ୍, ଏବଂ ଆଇଟିବିପି ଯବାନମାନେ ଜଙ୍ଗଲ ଭିତରେ କମ୍ବିଂ ଅପରେସନ କରୁଛନ୍ତି। ଧୀରେଧୀରେ ଏହା ସଫଳ ହେଉଥିବା ମଧ୍ୟ ଦେଖିବାକୁ ମିଳିଛି। ନକ୍ସଲଙ୍କ ଗଡ଼ ଛତିଶଗଡ଼ରେ ଗତ ଏକ ବର୍ଷ ଭିତରେ ୩୮୦ ନକ୍ସଲ ନିପାତ ହୋଇଛନ୍ତି।

## ବଢ଼ିଲା ଆଶାରାମଙ୍କ ଜାମିନ ଅବଧି

ନୂଆଦିଲ୍ଲୀ,୨୮।୩: ଗୁଜରାଟ ହାଇକୋର୍ଟ ଶୁକ୍ରାବାର ଆତ୍ମଘୋଷିତ ବାବା ଆଶାରାମ ବାପୁଙ୍କ ଜାମିନ ଅବଧି ଆଉ ୩ ମାସ ବଢ଼ାଇଛନ୍ତି। ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ଆଶାରାମଙ୍କ ଜାମିନ ଅବଧି ବଢ଼ାଇଛନ୍ତି ହାଇକୋର୍ଟ । ଦୁଷ୍କର୍ମ ମାମଲାରେ ସଜା କାଟୁଥିବା ଆଶାରାମ ବାପୁଙ୍କୁ ଏହା ପୂର୍ବରୁ ସୁପ୍ରିମକୋର୍ଟ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଅନ୍ତରୀଣ ଜାମିନ ପ୍ରଦାନ କରିଥିଲେ । ତାଙ୍କର ଏହି ଅସ୍ଥାୟୀ ଜାମିନ ଆଉ ୩ ମାସ ବଢ଼ାଇ ଦେଇଛନ୍ତି ଗୁଜରାଟ ହାଇକୋର୍ଟ । ଜାନୁଆରୀରେ ଆଶାରାମଙ୍କୁ ଅନ୍ତରୀଣ ଜାମିନ ଦେବା ସହ ତାଙ୍କର କୌଣସି ଆନୁଗତ୍ୟଙ୍କୁ ଭେଟିବାକୁ ବାରଣ କରିଥିଲେ ସୁପ୍ରିମକୋର୍ଟ । ଅଗଷ୍ଟ ୨୦୨୪ରେ ଗୁଜରାଟ ହାଇକୋର୍ଟ ତାଙ୍କର ଜାମିନ ଆବେଦନ ଖାରଜ କରିବା ପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

ସୁପ୍ରିମକୋର୍ଟ ତାଙ୍କୁ ମେଡିକାଲ୍ ଗ୍ରାଉଣ୍ଡରେ ଅନ୍ତରୀଣ ଜାମିନ ଦେଇଥିଲେ । ଆଜୀବନ କାରାଦଣ୍ଡ ଭୋଗୁଥିବା ୮୬ ବର୍ଷୀୟ ଆଶାରାମଙ୍କୁ ତାଙ୍କର ହୃଦରୋଗ ଏବଂ ବୟସ ସମ୍ପର୍କିତ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟାର ଚିକିତ୍ସା ପାଇଁ ଆଶ୍ୱସ୍ତି ମିଳିଛି। ସୂଚନା ଅନୁଯାୟୀ, ଆଶାରାମ ହାଇକୋର୍ଟରୁ ଛଅ ମାସର ମଧ୍ୟବର୍ତ୍ତୀକାଳୀନ ଜାମିନ ଆବେଦନ କରିଥିଲେ। ଦୁଇ ବିଚାରପତିଙ୍କ ଖଣ୍ଡପୀଠରେ ଭିନ୍ନ ମତ ଯୋଗୁଁ, ମାମଲାଟି ଏକ ବୃହତ୍ତର ଖଣ୍ଡପୀଠକୁ ଯାଇଥିଲା । ଶୁଣାଣି ସମୟରେ, ଖଣ୍ଡପୀଠ ତିନି ମାସ ପାଇଁ ତାଙ୍କୁ ମଧ୍ୟବର୍ତ୍ତୀକାଳୀନ ଜାମିନ ପ୍ରଦାନ କରିଛନ୍ତି।

## ହିଜବୁଲ୍ଲା ମୁଖ୍ୟାଳୟ ଉପରେ ହମଲା

ନୂଆଦିଲ୍ଲୀ,୨୮।୩: ଯୁଦ୍ଧବିରାମ ପରେ ପୁଣି ଥରେ ଘମାଘୋଟ ଲଢ଼େଇ । ହିଜବୁଲ୍ଲା ଉପରେ ବଡ଼ ପ୍ରହାର କରିଛି ଇସ୍ରାଏଲ । ଆଇଡିଏଫ ଲେବାନନର ରାଜଧାନୀ ବେରୁଟ ଉପରେ ହମଲା କରିଛି । ଭୟଙ୍କର ବିସ୍ଫୋରଣରେ ପୂରା ଅଞ୍ଚଳ ଧୂଆଁ ଧୂଆଁ ହୋଇଯାଇଛି । ଦକ୍ଷିଣ ଲେବାନନର ହିଜବୁଲ୍ଲା ହେଡକ୍ୱାର୍ଟର ଉପରେ ଏହି ଆକ୍ରମଣ ହୋଇଛି । ଏଥିରେ ବହୁ ସଂଖ୍ୟାରେ ଆତଙ୍କୀଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି । ହିଜବୁଲ୍ଲାର ସୈନ୍ୟ ମୁଖ୍ୟାଳୟରେ ଏହି ହମଲା ଏକ ଘଣ୍ଟା ଧରି ଚାଲିଥିଲା । ଯେଉଁଥିରେ ଇସ୍ରାଏଲର ବାୟୁସେନା ଘନଘନ ଆକ୍ରମଣ କରିଛି । ମିସାଇଲ୍ ମାଡ଼ରେ ଛାରଖାର ହୋଇଯାଇଛି ଆତଙ୍କବାଦୀ ସଂଗଠନ ହିଜବୁଲ୍ଲାର ସୈନ୍ୟ ଠିକଣା । ଇସ୍ରାଏଲ ଓ ହମାସ ମଧ୍ୟରେ ଯୁଦ୍ଧବିରାମ ଶେଷ ହେବା ପରେ ଆଇଡିଏଫ ପ୍ରଥମେ ଗାଜା ଉପରେ ଆକ୍ରମଣ କରିଥିଲା । ଏହା ପରେ ହିଜବୁଲ୍ଲା ବିରୋଧରେ ଅଭିଯାନ ଆରମ୍ଭ କରିଛି । ଇସ୍ରାଏଲ ସେନା ଲେବାନନ ଉପରେ ରକେଟ୍ ମାଡ଼ କରିଛି । ଇସ୍ରାଏଲ ସେନା ଅଧିକାରୀ କହିଛନ୍ତି, ଇସ୍ରାଏଲ ନାଗରିକଙ୍କ ସୁରକ୍ଷା ପାଇଁ ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଜାରି ରହିବ ।



## ରାଜସ୍ଥାନ ମୁଖ୍ୟମନ୍ତ୍ରୀଙ୍କୁ ପୁଣି ହତ୍ୟା ଧମକ



ଜୟପୁର,୨୮।୩: ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମାଙ୍କୁ ଶୁକ୍ରବାର ପୁଣି ଥରେ ହତ୍ୟା ଧମକ ମିଳିଛି । ଏହି ଧମକ ବିକାନେର କେନ୍ଦ୍ରୀୟ କାରାଗାରରେ ବନ୍ଦୀ ଆଦିଲ ନାମକ ଜଣେ କଏଦୀ ଦେଇଛି । ପୋଲିସ ଅଭିଯୁକ୍ତକୁ ହେପାଜତକୁ ନେଇଛି । ମୁଖ୍ୟମନ୍ତ୍ରୀଙ୍କୁ ଚତୁର୍ଥ ଥର ପାଇଁ ହତ୍ୟା ଧମକ ଦିଆଯାଇଛି । ଏସପି କବିନ୍ଦର ସିଂହ ସାଗର କହିଛନ୍ତି ଯେ, ଅଭିଯୁକ୍ତ ଜଣକ ବିକାନେର କେନ୍ଦ୍ରୀୟ କାରାଗାରରୁ ଫୋନ୍ କରି ମୁଖ୍ୟମନ୍ତ୍ରୀଙ୍କୁ ହତ୍ୟା ଧମକ ଦେବ ବୋଲି ଦାବି କରିଥିଲା। ଏହା ପରେ, ପୋଲିସ ତୁରନ୍ତ ବିକାନେର କେନ୍ଦ୍ରୀୟ କାରାଗାରରେ ପହଞ୍ଚି ଆଦିଲକୁ ହେପାଜତକୁ ନେଇଥିଲା। ଆଦିଲର ଉଦ୍ଦେଶ୍ୟ ଏବଂ ସେ କିପରି ଫୋନ୍ ପାଇଲା ତାହା ତଦନ୍ତ କରାଯାଉଛି ବୋଲି ଏସପି କହିଛନ୍ତି। ସେ କହିଛନ୍ତି ଯେ, ଆଦିଲ ଜଣେ ନିଶାଡ଼ି ଏବଂ ତାର ମାନସିକ ସ୍ୱାସ୍ଥ୍ୟ ସମସ୍ୟା ରହିଛି। ସେ ପୂର୍ବରୁ ମଧ୍ୟ ନିଜ ହାତ କାଟି ସାରିଛି । ତା ନିକଟରୁ ଏକ ମୋବାଇଲ୍ ଫୋନ୍ ଉଦ୍ଧାର କରାଯାଇଛି। ବୁଧବାର ଦିନ, ଉପମୁଖ୍ୟମନ୍ତ୍ରୀ ପ୍ରେମ ଚାନ୍ଦ ବୈରୱାଙ୍କୁ ମଧ୍ୟ ଜୟପୁର କେନ୍ଦ୍ରୀୟ କାରାଗାରର ଜଣେ କଏଦୀ ହତ୍ୟା ଧମକ ଦେଇଥିଲା । ପରଦିନ ପୋଲିସ ତିନିଜଣଙ୍କୁ ଅଟକ ରଖିଥିଲା। ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ପୂର୍ବରୁ ଦୌସା କେନ୍ଦ୍ରୀୟ କାରାଗାରରୁ ଦୁଇଥର ଧମକ ପାଇସାରିଛନ୍ତି। ଭିଭିଆଇପିମାନଙ୍କୁ ବାରମ୍ବାର ଧମକ ମିଳୁଥିବାରୁ ପୋଲିସ ବିଭାଗ ଚିନ୍ତାରେ ପଡ଼ିଯାଇଛି । ଉପମୁଖ୍ୟମନ୍ତ୍ରୀଙ୍କୁ ଧମକ ଦେବାର ଗୋଟିଏ ଦିନ ପୂର୍ବରୁ, ଡିଜିପି ନିଜେ ସ୍ୱୀକାର କରିଥିଲେ ଯେ, ବ୍ୟବସ୍ଥାରେ ତ୍ରୁଟି ଅଛି।

## ଆନ୍ଧ୍ରପ୍ରଦେଶରେ ବ୍ୟାପିଲା ବାର୍ଡ଼ ଫ୍ଲୁ

- ଓଡିଶା ପାଇଁ ସତର୍କ ଘଣ୍ଟି

ଭୁବନେଶ୍ୱର,୨୮।୩: ପଡୋଶୀ ଆନ୍ଧ୍ରପ୍ରଦେଶରେ ଆଠଟି ସ୍ଥାନରେ ବାର୍ଡ଼ ଫ୍ଲୁର ପ୍ରକୋପ ଦେଖାଦେଇଛି। ଶୁକ୍ରବାର ବିଶ୍ୱ ପଶୁ ସ୍ୱାସ୍ଥ୍ୟ ସଂଗଠନ କହିଛି ଯେ, ଫାର୍ମ ଓ କୁକୁଡ଼ାରେ ଏଚ୍୫ଏନ୍୧ ଲକ୍ଷଣ ଚିହ୍ନଟ କରାଯାଇଛି। ପ୍ୟାରିସ-ଭିତ୍ତିକ ସଂଗଠନ ଏକ ରିପୋର୍ଟରେ କହିଛି ଯେ ଆଭିଆନ୍ ଇନଫ୍ଲୁଏଞ୍ଜା, ଯାହାକୁ ସାଧାରଣତଃ ବାର୍ଡ଼ ଫ୍ଲୁ କୁହାଯାଏ। ଏହି ସମସ୍ତ ଘଟଣା ଆନ୍ଧ୍ରପ୍ରଦେଶର ପୂର୍ବ ଅଞ୍ଚଳରେ ଚିହ୍ନଟ କରାଯାଇଥିଲା। ଏହି କାରଣରୁ ମୋଟ ୬୦୨,୦୦୦ ପକ୍ଷୀଙ୍କ ହତ୍ୟା କରାଯାଇଛି।



## ଯୌନ ନିର୍ଯାତନା ମାମଲାରେ ପାଦ୍ରୀ ଦୋଷୀ ସାବ୍ୟସ୍ତ



ନୂଆଦିଲ୍ଲୀ,୨୮।୩: ୨୦୧୮ ଯୌନ ନିର୍ଯାତନା ମାମଲାରେ ଆତ୍ମଘୋଷିତ ପାଦ୍ରୀ ବଜିନ୍ଦର ସିଂହଙ୍କୁ ମୋହାଲିର ଏକ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏପ୍ରିଲ୍ ୧, ୨୦୨୫ରେ ତାଙ୍କ କ'ଣ ଦଣ୍ଡ ମିଳିବ ସେନେଇ କୋର୍ଟ ଘୋଷଣା କରାଯିବ। ଚୂଡ଼ାନ୍ତ ଶୁଣାଣି ପାଇଁ ବଜିନ୍ଦର ସିଂହଙ୍କ ସମେତ ୭ ଜଣ ଅଭିଯୁକ୍ତଙ୍କ ସହିତ ମୋହାଲିର ପୋକ୍ସୋ କୋର୍ଟରେ ହାଜର ହୋଇଥିଲେ। ପ୍ରମାଣ ଅଭାବରୁ କୋର୍ଟ ଅନ୍ୟ ୫ ଜଣଙ୍କୁ ଦୋଷମୁକ୍ତ କରିଛନ୍ତି । କିନ୍ତୁ ବଜିନ୍ଦର ସିଂହଙ୍କୁ ପ୍ରମାଣ ସହିତ ଦୋଷୀ ସାବ୍ୟସ୍ତ କରାଯାଇଛି। ସୂଚନା ଅନୁଯାୟୀ, ୨୦୧୮ ରେ ଜିରକପୁରର ଜଣେ ମହିଳା ପାଦ୍ରୀ ବଜିନ୍ଦର ସିଂହଙ୍କ ଉପରେ ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ। ପୀଡିତା ଅଭିଯୋଗ କରିଥିଲେ ଯେ, ଚମତ୍କାର ମାଧ୍ୟମରେ ଅନେକ ରୋଗ ଭଲ କରିବାର ଦାବି କରୁଥିବା ବଜିନ୍ଦର ସିଂହ ତାଙ୍କୁ ଯୌନ ଶୋଷଣ କରିଥିଲେ। ଏହି ଅଭିଯୋଗ ଉପରେ, ଆତ୍ମଘୋଷିତ ପାଦ୍ରୀଙ୍କ ସମେତ ୭ ଜଣଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା। ୨୦୧୮ ଜୁଲାଇରେ ଲଣ୍ଡନ ଯିବାକୁ ଉଦ୍ୟମ କରୁଥିବା ବେଳେ ବଜିନ୍ଦରଙ୍କୁ ବିମାନ ବନ୍ଦରରୁ ଗିରଫ କରିଥିଲା ପୋଲିସ । ବଜିନ୍ଦର ସିଂହ ଜାମିନରେ ଥିଲେ । ତଦନ୍ତ ପରେ ପୋଲିସ ଦାଖଲ କରିଥିବା ଚାର୍ଜସିଟରେ କୁହାଯାଇଛି ଯେ, ପାଦ୍ରୀ ବଜିନ୍ଦର ସିଂହ ତାଜପୁର ଗାଁର ଜଳନ୍ଧରର ଜଣେ ନାବାଳିକାଙ୍କ ସହିତ ଦୁଷ୍କର୍ମ କରିଥିଲେ। ପୀଡିତାଙ୍କ ଫୋନ୍ ନମ୍ବର ନେବା ପରେ, ସେମାନେ ତାଙ୍କୁ ଅଶ୍ଳୀଳ ମେସେଜ୍ ପଠାଉଥିଲେ ଏବଂ ତାଙ୍କୁ ଚର୍ଚ୍ଚରେ ଏକୁଟିଆ ବସାଇ ତାଙ୍କ ସହିତ ଅଶ୍ଳୀଳ ବ୍ୟବହାର କରୁଥିଲେ।

## ସୈତାନ ସାଜିଲା ସ୍ୱାମୀ
# ସ୍ତ୍ରୀକୁ ହତ୍ୟା କରି ଶଶୁର ଘରକୁ ଦେଲା ସୂଚନା

ବେଙ୍ଗାଲୁରୁ,୨୮।୩: ସୈତାନ ସାଜିଲା ସ୍ୱାମୀ। ସାତଜନ୍ମ ପାଇଁ ସାଥୀରେ ରହିବାକୁ କଥା ଦେଇଥିଲା ହେଲେ ଗୋଟିଏ ଜନ୍ମ ବି ପୂରଣ କଲା ନାହିଁ । ସ୍ତ୍ରୀକୁ ହତ୍ୟା କରି ସୁଟକେସରେ ଭର୍ତ୍ତି କଲା । ଶ୍ୱଶୁର ଘର ଲୋକଙ୍କୁ ଫୋନ କରି କହିଲା ମୁଁ ତୁମ ଝିଅକୁ ମାରି ଦେଇଛନ୍ତି। କର୍ଣ୍ଣାଟକ ରାଜଧାନୀ ବେଙ୍ଗାଲୁରୁରୁ ଏହି ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ଏ ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । ଅଭିଯୁକ୍ତ ସ୍ୱାମୀ ରାକେଶ ମହାରାଷ୍ଟ୍ରର । ସେ ଆଇଟି ପ୍ରୋଜେକ୍ଟ ମ୍ୟାନେଜର ଭାବେ କାମ କରନ୍ତି । ଗୌରୀ ଗୃହିଣୀ । ସେ ଚାକିରି ଖୋଜୁଥିଲେ । ଦୁଇବର୍ଷ ତଳେ ଦୁହିଁଙ୍କର ବିବାହ ହୋଇଥିଲା । ଅଫିସ୍ କାମ ପାଇଁ ସେ ବେଙ୍ଗାଲୁରୁର ହୁଲିମାଭା ଆସିଥିଲେ । ଦୁହିଁଙ୍କ ମଧ୍ୟରେ ଛୋଟମୋଟ ଝଗଡା ଲାଗୁଥିଲା । ଏହାର ପରିଣାମ ଏତେ ଭୟଙ୍କର ହେବ ବୋଲି କେହି କେବେ କଳ୍ପନା କରିନଥିଲେ । ୩୨ବର୍ଷୀୟ ପତ୍ନୀଙ୍କୁ ଗୌରୀ ଅନୀଲ ସାମ୍ବେଦକରଙ୍କୁ ରାକେଶ ହତ୍ୟା କରି ଫେରାର ହୋଇଥିଲେ । ପତ୍ନୀଙ୍କ ମୃତଦେହକୁ ଖଣ୍ଡଖଣ୍ଡ କରି ସୁଟକେସରେ ଭର୍ତ୍ତି କରିଥିଲେ। ଶ୍ୱଶୁର ଘର ଲୋକଙ୍କୁ ଫୋନ୍ କରି ଝିଅକୁ ମାରି ଦେଇଥିବା କଥା କହିଥିଲେ । ଘର ମାଲିକଙ୍କୁ ମଧ୍ୟ ଜଣାଇଥିଲେ । ପରିବାର ଲୋକଙ୍କୁ ତାଙ୍କର ଅନ୍ତିମ ସଂସ୍କାର କରିବାକୁ ଜଣାଇଦେବାକୁ ମାଲିକଙ୍କୁ କହିଥିଲେ । ସଇତାନ ପାଲଟିଲା ସ୍ୱାମୀ, ସ୍ତ୍ରୀକୁ ମାରି ପ୍ରେସରକୁକରରେ ସିଝେଇଲା ପୋଲିସର ସୂଚନାଅନୁସାରେ, ସୁଟକେସରେ ଥିବା ମୃତଦେହ ଗୌରୀଙ୍କର । ତାଙ୍କ ଶରୀର କ୍ଷତ ଚିହ୍ନ ରହିଛି । ସ୍ୱାମୀ ରାକେଶ ହତ୍ୟା କରିଥିବା ନେଇ ସ୍ୱୀକାର କରିଛନ୍ତି । ସେ ଅପରାଧ ଘଟାଇ ପୁନେ ଫେରାର ହେଉଥିବା ବେଳେ ଗିରଫ ହୋଇଛନ୍ତି । ତାଙ୍କ ଫୋନ୍ ନମ୍ବର ଟ୍ରେସ କରାଯାଇ ସତାରା ନିକଟରୁ ତାଙ୍କୁ ଗିରଫ କରାଯାଇଛି । ହତ୍ୟା ଘଟଣାର ୨୪ ଘଣ୍ଟା ଭିତରେ ପୋଲିସ ରାକେଶଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା ।

ଗତକାଲି (ଗୁରୁବାର) ଅପରାହ୍ନରେ ଘର ମାଲିକ ପୋଲିସ କଣ୍ଟ୍ରୋଲ ରୁମକୁ ଫୋନ୍ କରି ଘଟଣା ବାବଦରେ ଜଣାଇଥିଲେ। ଘଟଣାର ତଦନ୍ତ ଜାରି ରହିଛି । ଆଜି (ଶୁକ୍ରବାର) ରାକେଶଙ୍କୁ କୋର୍ଟରେ ହାଜର କରାଯିବ। ୟୁପି ମିରଟରେ କିଛି ଦିନ ତଳେ ପତ୍ନୀ ପ୍ରେମିକ ସହ ମିଶି ସ୍ୱାମୀକୁ ହତ୍ୟା କରିଥିଲେ। ମୃତଦେହକୁ ଖଣ୍ଡ ଖଣ୍ଡ କରି ଡ୍ରମରେ ରଖିଥିଲେ । ସେଥିରେ ସିମେଣ୍ଟ ଦେଇଥିଲେ। ଏ ଘଟଣା ଦେଶରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା । ଏବେ ଆଉ ଏକ ଘଟଣା ଚାଞ୍ଚଲ୍ୟ ଖେଳାଇ ଦେଇଛି ।



# ଇଂଲଣ୍ଡ ସିରିଜରୁ ଓହରିପାରନ୍ତି ଅଧିନାୟକ ରୋହିତ

**ମୁମ୍ବାଇ,୨୮।୩:** ରୋହିତ ଶର୍ମାଙ୍କ ଟେଷ୍ଟ କ୍ୟାରିୟରକୁ ନେଇ ପୁଣି ଅନିଶ୍ଚୟତା ଦେଖା ଦେଇଛି। ସେ ଇଂଲଣ୍ଡ ବିପକ୍ଷ ସିରିଜରୁ ଓହରିବାକୁ ବିଚାର କରୁଛନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ୍ ପରେ ଭାରତୀୟ କ୍ରିକେଟ ଟିମ୍ ଇଂଲଣ୍ଡ ଗସ୍ତ କରିବ। ଇଂଲଣ୍ଡ ବିପକ୍ଷରେ ୫ଟି ଟେଷ୍ଟ ମ୍ୟାଚ ଖେଳିବ। ଏହାକୁ ନେଇ ଏକ ବଡ଼ ଖବର ଆସୁଛି। ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଅଧିନାୟକ ରୋହିତ ଶର୍ମା ଏହି ଟେଷ୍ଟ ସିରିଜରୁ ଓହରିପାରନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ରୋହିତ ୩ଟି ମ୍ୟାଚ ଖେଳି ମାତ୍ର ୩୧ ରନ କରିଥିଲେ। ସିଡ଼ନୀରେ ଆୟୋଜିତ ଶେଷ ମ୍ୟାଚରୁ ସେ ନିଜେ ଓହରି ଯାଇଥିଲେ।



ତାହା ରୋହିତଙ୍କ ଶେଷ ଟେଷ୍ଟ ମ୍ୟାଚ ବୋଲି ଚର୍ଚ୍ଚା ହେଉଥିଲା। ଅଷ୍ଟ୍ରେଲିଆ ବିପକ୍ଷରେ ପାଞ୍ଚ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ଭାରତ ୧-୩ରେ ପରାସ୍ତ ହୋଇଥିଲା। କୋହଲିଙ୍କୁ ନେଇ ଅପଡେଟ- ଜାତୀୟ ଗଣମାଧ୍ୟମ ଅନୁସାରେ ରୋହିତ ବର୍ଡର-ଗାଭାସ୍କର ଟ୍ରଫିରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲେ। ତେଣୁ ସେ ଇଂଲଣ୍ଡ ବିପକ୍ଷ ସିରଜରୁ ଓହରିପାରନ୍ତି। ମାତ୍ର ବିରାଟ କୋହଲି ଦଳରେ ରହିବାର ଯଥେଷ୍ଟ ସମ୍ଭାବନା ରହିଛି। ଅଷ୍ଟ୍ରେଲିଆ ବିପକ୍ଷରେ ସିରିଜରେ ବିରାଟ କୋହଲି ୧୦ଟି ଇନିଂସରେ ୧୯୦ ରନ କରିଥିଲେ। ନିକଟରେ ସଦ୍ୟ ସମାପ୍ତ ଚାମ୍ପିଅନ୍ସ ଟ୍ରଫି ଟୁର୍ଣ୍ଣାମେଣ୍ଟରେ ଦମଦାର ପ୍ରଦର୍ଶନ କରି ଟ୍ରଫି ହାତେଇଥିଲେ ରୋହିତଙ୍କ ନେତୃତ୍ୱାଧୀନ ଭାରତ। ନ୍ୟୁଜିଲାଣ୍ଡ ବିପକ୍ଷରେ ରୋହିତ ୭୬ରନର ଇନିଂସ ଖେଳିଥିଲେ। କିଙ୍ଗ କୋହଲି ପାକିସ୍ତାନ ଓ ଅଷ୍ଟ୍ରେଲିଆ ବିପକ୍ଷରେ ଜବରଦସ୍ତ ପ୍ରଦର୍ଶନ କରିଥିଲେ। କରୁନ ନାୟାର ଭାରତୀୟ ଦଳରେ ସାମିଲ ହେବାର ସମ୍ଭାବନା ରହିଛି। ଏ ନେଇ ବିସିସିଆଇ ଯୋଜନା କରୁଥିବା ଜଣାପଡ଼ିଛି। ବୀରେନ୍ଦ୍ର ସେହ୍ୱାଗଙ୍କ ପରେ ଦ୍ୱିତୀୟ ଭାରତୀୟ ଭାବେ କରୁନ ନାୟାର ତ୍ରିଶତକ ହାସଲ କରିଛନ୍ତି। ୨୦୧୬ରେ ଇଂଲଣ୍ଡ ବିପକ୍ଷରେ ସେ ତ୍ରିଶତକୀୟ ଇନିଂସ ଖେଳିଥିଲେ।

## ଏ+ ଗ୍ରେଡ୍ ହରାଇ ପାରନ୍ତି କୋହଲି, ରୋହିତ, ଜାଡ଼େଜା



**ମୁମ୍ବାଇ, ୨୮।୩:** ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଚଳିତ ବର୍ଷ ଲାଗି ପୁରୁଷ ଦଳର କେନ୍ଦ୍ରୀୟ ଚୁକ୍ତି ଘୋଷଣା କରିନି। ନିକଟରେ ମହିଳା ଦଳର ଘୋଷଣା କରିଥିବାରୁ ପୁରୁଷ ଦଳର ମଧ ଶୀଘ୍ର ହେବାର ସମ୍ଭାବନା ରହିଛି। ମାର୍ଚ୍ଚ ୨୯ ତାରିଖରେ ଗୁଆହାଟୀରେ ହେବାକୁ ଥିବା ବିସିସିଆଇ ବୈଠକରେ କେନ୍ଦ୍ରୀୟ ଚୁକ୍ତି ସହ ଇଂଲଣ୍ଡ ବିପକ୍ଷ ଟେଷ୍ଟ୍ ଶୃଙ୍ଖଳା ଉପରେ ଆଲୋଚନା ହେବାର ରହିଛି। ବିରାଟ କୋହଲି, ରୋହିତ ଶର୍ମା ଓ ରବୀନ୍ଦ୍ର ଜାଡ଼େଜାଙ୍କ ଭଳି ବରିଷ୍ଠ ଖେଳାଳି ଏ+ ଗ୍ରେଡ୍ ହରାଇବାର ସମ୍ଭାବନା ରହିଛି ବୋଲି ଏକ ରିପୋର୍ଟରୁ ସୂଚନା ମିଳିଛି।

ରିପୋର୍ଟ ଅନୁଯାୟୀ ଯେଉଁ ଖେଳାଳି ୩ଟି ଯାକ ଫର୍ମାଟ୍‌ରେ ଭଲ କରୁଥିବେ ସେମାନେ ଏ+ରେ ରହିବେ। ତେଣୁ ଏହି ୩ ଜଣ ଟ୍ୱେଣ୍ଟି-୨୦ରୁ ଅବସର ନେଇସାରିଥିବାରୁ ଏଭଳି ଆଶା ଦେଖାଯାଇଛି। ଯଶ୍‌ପ୍ରୀତ ବୁମ୍‌ରା ଏ+ ଗ୍ରେଡ୍‌ରେ ରହିବା ପ୍ରାୟ ନିଶ୍ଚିତ ରହିଥିଲା ବେଳେ ଶ୍ରେୟସ ଆୟରଙ୍କ ପଦୋନ୍ନତି ହେବାର ଆଶା ଅଛି। ତେବେ ଶୃଙ୍ଖଳାଗତ କାରଣ ପାଇଁ ଗତବର୍ଷ ବିସିସିଆଇ କେନ୍ଦ୍ରୀୟ ଚୁକ୍ତିରୁ ବାଦ୍ ପଡ଼ିଥିବା ଶ୍ରେୟସ୍ ଆୟର ଏଥର ଏହାକୁ ଫେରିବାର ଶତପ୍ରତିଶତ ସମ୍ଭାବନା ରହିଛି। ସମାନ କାରଣ ପାଇଁ ଚୁକ୍ତିରୁ ବାଦ୍ ପଡ଼ିଥିବା ଈଶାନ କିଶନଙ୍କୁ ନେଇ କିନ୍ତୁ ସଂଶୟ ଜାରି ରହିଛି।

## ଫ୍ରାନ୍ସରେ ଛୁଟି କଟାଉଛନ୍ତି ଗମ୍ଭୀର

**ମୁମ୍ବାଇ, ୨୮।୩:** ସଂପ୍ରତି ଆଇପିଏଲ୍ ଚାଲିଥିବାରୁ ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଗୁରୁ ଦାୟିତ୍ୱରୁ ମୁକ୍ତ ଅଛନ୍ତି। ତେବେ ଭାରତ ଜୁନ୍‌ରେ ଇଂଲଣ୍ଡ ଗସ୍ତ କରିବା ପୂର୍ବରୁ ଗମ୍ଭୀରଙ୍କୁ ଦୁଇ ମାସ ଛୁଟି ମିଳିଯାଇଛି। ଏପରିକି ଆଇସିସି ଚାମ୍ପିଅନ୍ସ ଟ୍ରଫି ବିଜୟରେ ଖୁସିରେ ଥିବା ଗମ୍ଭୀର ପରିବାର ସହ ଏହି ସମୟ କାଟିବାକୁ ନିଷ୍ପତ୍ତି ନେଇଛନ୍ତି। ତାଙ୍କୁ ମିଳିଥିବା ବିରତି ସମୟକୁ ଗମ୍ଭୀର ଖୁବ୍ ଉପଭୋଗ କରିବାକୁ ପରିବାର ସହ ଫ୍ରାନ୍ସ ଗସ୍ତ କରିଛନ୍ତି। ପତ୍ନୀ ନତାଶା ଏବଂ ଦୁଇ ଝିଅ ଅଜୀନ ଓ ଅନାଇଜାଙ୍କ ସହ ଗମ୍ଭୀର ଫ୍ରାନ୍ସର ବରଫ ଆଚ୍ଛାଦିତ ପାହାଡ଼ପର୍ବତର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଖୁବ୍ ଉପଭୋଗ କରୁଛନ୍ତି। ଭାରତର ବରିଷ୍ଠ ଦଳ ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ୍ ଶୃଙ୍ଖଳା ଖେଳିବା ପୂର୍ବରୁ ଗମ୍ଭୀର ଭାରତୀୟ 'ଏ' ଦଳ ସହ ସେଠାକୁ ଗସ୍ତ କରିବେ। ସେଠାରେ ଇଂଲଣ୍ଡ ପାଣିପାଗରେ ରିଜର୍ଭ ଖେଳାଳି ଆକଳନ କରିବାର ସୁଯୋଗ ପାଇବେ ବୋଲି ଏକ ରିପୋର୍ଟରୁ ସୂଚନା ମିଳୁଛି।

## ସ୍ପିନ୍ ବୋଲିଂ ପ୍ରଶିକ୍ଷକ ପାଇଁ ଆବେଦନ ଆମନ୍ତ୍ରଣ କଲା ବିସିସିଆଇ



**ନୂଆଦିଲ୍ଲୀ, ୨୮।୩:** ସ୍ପିନ୍ ବୋଲିଂ ପ୍ରଶିକ୍ଷକ ପାଇଁ ବିସିସିଆଇ ଆବେଦନ ଆମନ୍ତ୍ରଣ କରିଛି। ବାସ୍ତବରେ ବିସିସିଆଇର ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସେଲେନ୍ସ ପାଇଁ ଜଣେ ସ୍ପିନ୍ ବୋଲିଂ ପ୍ରଶିକ୍ଷକ ଆବଶ୍ୟକ କରୁଛି। ଏଥିପାଇଁ ବିସିସିଆଇ ଏକ ଆଡ଼ଭାଇଜାରୀ ଜାରି କରିଛି। ଏଥିରେ କୁହାଯାଇଛି ଯେ ଜଣେ ସ୍ପିନ୍ ବୋଲିଂ ପ୍ରଶିକ୍ଷକ ପାଇଁ କ'ଣ ଆବଶ୍ୟକ? ପ୍ରକୃତରେ, ବାଙ୍ଗାଲୋରସ୍ଥିତ ସେଣ୍ଟରରେ, ଭାରତୀୟ ସିନିୟର ଦଳ ବ୍ୟତୀତ, ଭାରତ-ଏ, ଭାରତ ୧୯ ବର୍ଷରୁ କମ୍, ଭାରତ ୨୩ ବର୍ଷରୁ କମ୍, ଭାରତ ୧୬ ବର୍ଷରୁ କମ୍, ଭାରତ ୧୫ ବର୍ଷରୁ କମ୍, ରାଜ୍ୟ ଦଳ ଏବଂ ଅନ୍ୟାନ୍ୟ ଦଳର ସ୍ପିନରମାନଙ୍କ ଦକ୍ଷତା ଉନ୍ନତ କରିବା ଉପରେ କାର୍ଯ୍ୟ କରାଯାଏ।

### ଜାତୀୟ ମହିଳା ହକି ଲିଗ୍

# ଫାଇନାଲ୍‌ରେ ଓଡ଼ିଶା

**ଭୁବନେଶ୍ୱର, ୨୮।୩:** ରାଞ୍ଚିରେ ଚାଲିଥିବା ଜାତୀୟ ମହିଳା ହକି ଲିଗ୍‌ର ଫାଇନାଲ୍‌ରେ ପ୍ରବେଶ କରିଛି ଓଡ଼ିଶା। ଫାଇନାଲ୍‌ରେ ଓଡ଼ିଶା ଟେବୁଲ ଟପ୍ପର୍ ହରିୟାଣାକୁ ଭେଟିବ। ଏହି ମ୍ୟାଚ୍ ଶୁକ୍ରବାର ଖେଳାଯିବ। ଉଭୟ ଓଡ଼ିଶା ଓ ହରିୟାଣା ୧୫ ପଏଣ୍ଟ୍ ଲେଖାଏଁ ପାଇଥିଲେ ମଧ ଗୋଲ୍ ବ୍ୟବଧାନରେ ଉନ୍ନତ ସ୍ଥିତିରେ ରହି ହରିୟାଣା ଗୁରୁବାର ଶେଷ ହୋଇଥିବା ଏହି ପ୍ରତିଯୋଗିତାର ଅନ୍ତିମ ପର୍ଯ୍ୟାୟର ଶୀର୍ଷ ସ୍ଥାନରେ ରହି ଫାଇନାଲ୍‌କୁ ଯାଇଛି। ତୃତୀୟ ଓ ଚତୁର୍ଥ ସ୍ଥାନ ପାଇଁ ଆୟୋଜକ ଝାଡ଼ଖଣ୍ଡ ଓ ମିଜୋରାମ ମୁହାଁମୁହିଁ ହେବେ।



ଗୁରୁବାର ଗ୍ରୁପ୍-ଏ'ରେ ଥିବା ଓଡ଼ିଶା କିନ୍ତୁ ନିଜ ଶେଷ ଲିଗ୍ ମ୍ୟାଚ୍‌ରେ ଘରୋଇ ଝାଡ଼ଖଣ୍ଡଠାରୁ ୦-୨ରେ ହାରି ଯାଇଥିଲା। ଶାନ୍ତି କୁମାରୀ (୩ ମିନିଟ୍) ଏବଂ ହେମ୍ରମ ଲିଓନି (୪୨ ମିନିଟ୍) ଦୁଇଟି ଗୋଲ୍ ଦେଇ ଓଡ଼ିଶା ହାତରୁ ମ୍ୟାଚ୍ ଛଡ଼ାଇ ନେଇଥିଲେ। ଏହି ବିଜୟ ଆଧାରରେ ଝାଡ଼ଖଣ୍ଡ ୨ ପଏଣ୍ଟ ଅର୍ଜନ କରି ପଏଣ୍ଟ୍ ତାଲିକାର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଥିଲା। ଆଜିର ପରାଜୟ ସତ୍ତ୍ୱେ ଓଡ଼ିଶା ମୋଟ ୭ ମ୍ୟାଚ୍‌ରୁ ୫ ବିଜୟ (ଗୋଟିଏ ସୁଟ୍ ଆଉଟ୍ ବିଜୟ ସହ) ଓ ଦୁଇଟି ପରାଜୟ ବରଣ କରି ପଏଣ୍ଟ୍ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଥିଲା। ଦିନର ଅନ୍ୟ ଦୁଇଟି ମ୍ୟାଚ୍‌ରେ ମଣିପୁରକୁ ହକି ବେଙ୍ଗଲ ଏବଂ ହରିୟାଣାକୁ ମଧ୍ୟପ୍ରଦେଶ ୨-୧ ଗୋଲ୍‌ରେ ହରାଇଥିଲେ। ତୃତୀୟ ରୋମାଞ୍ଚକ ମୁକାବିଲାରେ ମହାରାଷ୍ଟ୍ର ସେହି ୨-୧ ଗୋଲ୍‌ରେ ମିଜୋରାମକୁ ମାତ୍ ଦେଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା...

ମନୋନିବେଶ କରି ବିକାଶ ଗତିକୁ ଆହୁରି କ୍ରିୟାଶୀଳ କରିବାକୁ ପଡ଼ିବ। ଏଥିପାଇଁ ବୈଜ୍ଞାନିକଙ୍କ ପ୍ରଚେଷ୍ଟା ହିଁ ସଫଳତା ଦେଇପାରିବ। ଆଜି ଭାରତୀୟ ବିଜ୍ଞାନ ମଧ୍ୟ ଖୁବ ଉଚ୍ଚରେ ରହିଛି। ମହାକାଶ ବିଜ୍ଞାନରେ ଚନ୍ଦ୍ରଯାନ, ଆଦିତ୍ୟ, ମଙ୍ଗଳଯାନ, ଗଗନଯାନ ଭଳି ଅନେକ ସଫଳ ପରୀକ୍ଷଣ ଆମକୁ ବିଶ୍ୱରେ ଏକ ବୈଜ୍ଞାନିକ ବିକାଶଶୀଳ ଦେଶ ଭାବେ ପ୍ରତିଷ୍ଠିତ କରିପାରିଛି। ଆମର ଜ୍ୟୋତିର୍ବିଦ୍ୟା, ଗଣିତ ଓ ଔଷଧଶାସ୍ତ୍ର ସାରା ପୃଥିବୀରେ ବେଶ୍ ଆଗୁଆ। ଆଜିର ଯୁଗର ସବୁଠାରୁ ଲୋକପ୍ରିୟ ବିଜ୍ଞାନ କ୍ଷେତ୍ର ହେଉଛି ଆଇଟି ସେକ୍ଟର ଓ ବିଶ୍ୱର ପ୍ରାୟ ସମସ୍ତ ଦେଶରେ ଭାରତୀୟମାନେ ହିଁ ପ୍ରମୁଖ ଭୂମିକା ନେଇଛନ୍ତି। ବିଶେଷକରି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆଜିର ସମୟରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ସ୍ତରକୁ ଆହୁରି ଉନ୍ନତ କରିପାରିଛି। ଭାରତୀୟ ବିଜ୍ଞାନ ମଧ୍ୟ ଆଜି ବିଶ୍ୱ ସ୍ତରରେ ଖୁବ ନାମ କମେଇପାରିଛି। ଆମ ରାଜ୍ୟ ବି ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳରେ ଆଦୌ ପଛୁଆ ନାହିଁ। ଆମ ସରକାର ଏ ଦିଗରେ ଅନେକ ପଦକ୍ଷେପ ନେଉଛନ୍ତି। ଡିପ୍‌ଟେକ୍ ଓ ଫ୍ରଣ୍ଟିୟର ଟେକ୍ନୋଲୋଜି ପ୍ରୟାସର ଏକ ଅଂଶ ଭାବେ ଆମେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ବ୍ଲକ ଚେନ୍, ରୋବୋଟିକ୍ସ ଓ କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଭଳି ଅଭିନବ ପ୍ରୟାସ ଉପରେ ବିଶେଷ ଧ୍ୟାନ ଦେଉଛୁ। ସେହିପରି ଉଦ୍ଭିଦ ଓ ଜୀବଜନ୍ତୁ ସମୃଦ୍ଧ ବିବିଧତା ସହ ଓଡିଶାରେ ଜୈବ-ପ୍ରଯୁକ୍ତିବିଦ୍ୟା ଗବେଷଣା, ବିଶେଷ କରି ଜୈବ ସମ୍ବଳ ଓ ପାରମ୍ପରିକ ଔଷଧ କ୍ଷେତ୍ରରେ ପ୍ରଚୁର ସମ୍ଭାବନା ରହିଛି। ରାଜ୍ୟରେ ସାମୁଦ୍ରିକ ଜୈବ-ପ୍ରଯୁକ୍ତିବିଦ୍ୟା କ୍ଷେତ୍ରକୁ ସୁଦୃଢ କରିବା ପାଇଁ ଓଡ଼ିଶା ମେରାଇନ୍ ବାୟୋଟେକ୍‌ନୋଲୋଜି ରିସର୍ଚ୍ଚ ଆଣ୍ଡ୍ ଇନୋଭେସନ୍ କରିଡର୍ ନାମକ ଏକ ପ୍ଲାଟଫର୍ମ ପ୍ରତିଷ୍ଠା କରାଯିବ। ଏହି ପ୍ଲାଟଫର୍ମ ମାଧ୍ୟମରେ ଶିକ୍ଷାବିତ୍, ଗବେଷକ, ଭଭାବକ, ଉଦ୍ୟୋଗୀ ଏବଂ ନୀତି ନିର୍ଦ୍ଧାରକ ଭଳି ବିଭିନ୍ନ ଅଂଶୀଦାରଙ୍କୁ ଏକାଠି କରି ପୂର୍ବ ଉପକୂଳରେ ବଙ୍ଗୋପସାଗରର ଜୈବ ସମ୍ଭାବନାକୁ ଉପଯୋଗ କରିବା ପାଇଁ ଏକ ରୋଡମ୍ୟାପ ପ୍ରସ୍ତୁତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ଯୋଗଦେଇ ବିଜ୍ଞାନ ଓ କାରିଗରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ, କୃଷ୍ଣଚନ୍ଦ୍ର ପାତ୍ର ଦିନକୁ ଦିନ ବିଜ୍ଞାନ ପ୍ରତି ଲୋକଙ୍କ ଆଗ୍ରହ ବଢ଼ି ଚାଲିଥିବାରୁ ଯିଏ ବିଜ୍ଞାନରେ ଶକ୍ତିଶାଳୀ ହେବ, ସେ ବାସ୍ତବିକ ଶକ୍ତିଶାଳୀ ବୋଲି କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରଫେସର ରାଜ କିଶୋର ପରମଗୁରୁ, ଡକ୍ଟର ଶୁଭ୍ରାଂଶୁ ଶେଖର ମହାପାତ୍ର, ପ୍ରଫେସର କୃଷ୍ଣଚନ୍ଦ୍ର ମହାନ୍ତି, ଡକ୍ଟର ରଘୁପତୃଣି ଭୀମା ରାଓ, ପ୍ରଫେସର ମଳୟ କୁମାର ମିଶ୍ରଙ୍କୁ ବରିଷ୍ଠ ବୈଜ୍ଞାନିକ ପୁରସ୍କାର ପ୍ରଦାନ କରିବା ସହ ପ୍ରଫେସର କ୍ଷୀରୋଦ କୁମାର ଜେନାଙ୍କୁ ବିଜୁ ପଟ୍ଟନାୟକ ପୁରସ୍କାର ପ୍ରଦାନ କରିଥିଲେ। ଏହାଛଡ଼ା ରବୀନ୍ଦ୍ରନାଥ ମାଝୀ ଓ ତୁଳସୀ ସ୍ୱାଇଁଙ୍କୁ ପ୍ରାଣକୃଷ୍ଣ ପରିଜା ଲୋକପ୍ରିୟ ବିଜ୍ଞାନ ପୁସ୍ତକ ପୁରସ୍କାର ଦିଆଯାଇଥିବା ବେଳେ ଡକ୍ଟର ସଙ୍ଘମିତ୍ରା ସାମନ୍ତରାୟ, ଡକ୍ଟର ବେଦାଙ୍ଗଦାସ ମହାନ୍ତି, ପ୍ରଫେସର ସୁବ୍ରତ କୁମାର ପଣ୍ଡା, ପ୍ରଫେସର ପିନାକି ଦତ୍ତଙ୍କୁ ସାମନ୍ତ ଚନ୍ଦ୍ରଶେଖର ପୁରସ୍କାର ଓ ଯୁବ ବୈଜ୍ଞାନିକ ପୁରସ୍କାରରେ ଡକ୍ଟର ସରିତ ଶେଖର ପଟ୍ଟନାୟକ, ଡକ୍ଟର ଅପ୍ରମିତା ଚାନ୍ଦ, ଡକ୍ଟର ରାଜେଶ କୁମାର ପୃଷ୍ଟି ଓ ଡକ୍ଟର ସଞ୍ଜୟ କୁମାର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜ୍ଞାନ ଓ କାରିଗରୀ, ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ ପ୍ରମୁଖ ଶାସନ ସଚିବ, ଚିତ୍ରା ଆରୁମୁଗମ ଯୋଗଦେଇ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ପ୍ରଫେସର ଆଶିଷ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ ।

### ଭୟାବହ...

ମଧ୍ୟ ହୃଦୟବିଦାରକ ରହିଛି। ଏହି ଭୂମିକମ୍ପର କେନ୍ଦ୍ରସ୍ଥଳ ନ୍ୟାସନାଲ ସେଣ୍ଟର ଫର୍ ସିସମୋଲୋଜି (ଏନ୍‌ସିଏସ୍) ଅନୁଯାୟୀ ଭୂପୃଷ୍ଠରୁ ୧୦ କିଲୋମିଟର ତଳେ ଥିଲା। ମିଆଁମାର ବ୍ୟତୀତ ଏହି ଭୂମିକମ୍ପର ଝଟ୍‌କା ପଡ଼ୋଶୀ ଥାଇଲାଣ୍ଡ୍ ରାଜଧାନୀ ବ୍ୟାଙ୍କକ୍ ଓ ଏହାର ଆଖପାଖ ଅଞ୍ଚଳରେ ମଧ୍ୟ ଅନୁଭୂତ ହୋଇଥିବା ଜଣାପଡ଼ିଛି। ଏହି ଭୂମିକମ୍ପରେ ରାଜଧାନୀ ନେପିଡ଼ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ସହାୟତା ସହାୟତା ହାତ ବଢ଼ାଇବାକୁ ଶାସକ ସାମରିକ ଦଳର ଜେନେରାଲ୍ ମିନ୍ ଆଙ୍ଗ ଏଚ୍‌ଲାଙ୍ଗ୍ ନିବେଦନ କରିଛନ୍ତି। ଏଥିସହ ପ୍ରଧାନମନ୍ତ୍ରୀ ପାଟୋଙ୍ଗଟାର୍ଣ୍ଣ ସିନାୱାତ୍ରା ସହରରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିବା ସହ ଭୂମିକମ୍ପର ପ୍ରଭାବ ମୂଲ୍ୟାଙ୍କନ ପାଇଁ ଏକ ଜରୁରୀ ବୈଠକ ଆହ୍ୱାନ କରିଛନ୍ତି। ଏହାଛଡ଼ା ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ପ୍ରାୟତ୍ ଚାନ୍-ଓ-ଚା ମଧ୍ୟ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି। ବ୍ୟାଙ୍କକ୍‌ଠାରୁ ୯୦୦ କିମି ଦୂର ପର୍ଯ୍ୟନ୍ତ ଏହି ଭୂମିକମ୍ପର ପ୍ରଭାବ ଅନୁଭୂତ ହୋଇଛି। ତେଣୁ ଏଥିରୁ ଭୂମିକମ୍ପର ଭୟାବହତା ଅନୁମାନ କରାଯାଇପାରେ।

ଏହି ଭୂମିକମ୍ପରେ ଦେଶର ଅନ୍ୟତମ ସର୍ବୋଚ୍ଚ ଅଟ୍ଟାଳିକା ମା ସୋଏ ୟାନେ ଭୁଶୁଡ଼ି ପଡ଼ିଥିବା ବେଳେ ପୂର୍ବତନ ରାଜପ୍ରସାଦ ଓ ସରକାରୀ କୋଠା ମଧ୍ୟ ଭୀଷଣ ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି।

ଏହାଛଡ଼ା କେତେକ ସେତୁ ଭୁଶୁଡ଼ି ପଡ଼ିଥିବା ବେଳେ ଏକ ନଦୀବନ୍ଧ ଭାଙ୍ଗିଯିବାରୁ ତଳିଆ ଅଞ୍ଚଳର ଲୋକେ ଜଳବନ୍ଦୀ ହୋଇଯାଇଥିବା ମଧ୍ୟ ଜଣାପଡ଼ିଛି। ଏହି ୧.୨ ନିୟୁତ ଜନସଂଖ୍ୟା ବିଶିଷ୍ଟ ଦେଶର ସର୍ବବୃହତ୍ ସହର ୟାଙ୍ଗୋନ୍ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଅନ୍ୟପକ୍ଷରେ ଉଦ୍ଧାର କାର୍ଯ୍ୟ ପରେ ବିଭିନ୍ନ ହସ୍ପିଟାଲ୍‌କୁ ମୃତାହତଙ୍କ ସୁଅ ଛୁଟୁଥିବା ବେଳେ ନେପିଡସ୍ଥିତ ୧୦୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲରେ ଭୟଙ୍କର ଦୃଶ୍ୟ ଦେଖିବାକୁ ମିଳିଛି। ବ୍ୟାପକ ମାତ୍ରାରେ ଆହତଙ୍କୁ ଏଠାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିବା ବେଳେ ପୂର୍ବରୁ ଏଠାରେ ଚିକିତ୍ସାଧୀନ ଶତାଧିକ ରୋଗୀ ପ୍ରଭାବିତ ହୋଇଛନ୍ତି। ସେହିପରି କେତେକ ଗଣମାଧ୍ୟମ ରିପୋର୍ଟ ଅନୁସାରେ ହସ୍ପିଟାଲ୍‌ରେ ସ୍ଥାନାଭାବ ଯୋଗୁଁ ଆହତଙ୍କୁ ରାସ୍ତା କଡ଼ରେ ବି ଚିକିତ୍ସା କରାଯାଉଛି। ଏହି ଭୂମିକମ୍ପ ଉତ୍ତର ଥାଇଲ୍ୟାଣ୍ଡ ପର୍ଯ୍ୟନ୍ତ ଅନୁଭୂତ ହୋଇଥିବା ବେଳେ ବ୍ୟାଙ୍କକରେ କିଛି ମେଟ୍ରୋ ସେବା ସ୍ଥଗିତ ରଖାଯାଇଥିଲା। ମେଟ୍ରୋ ପ୍ଲାଟଫର୍ମରେ ଅଟକି ଯାଇଥିବା ବେଳେ ଖୁବ୍ ଜୋରରେ ଥରୁଥିବା ସମ୍ବଳିତ ଦୃଶ୍ୟର ଭିଡିଓ ଭାଇରାଲ୍ ହୋଇଛି। ଏହାଛଡା ଆଗାମୀ ସପ୍ତାହରେ ହେବାକୁ ଥିବା ବିମ୍‌ଷ୍ଟେକ୍ ଆଞ୍ଚଳିକ ଗୋଷ୍ଠୀ ସମ୍ମିଳନୀର ସ୍ଥାନ ମଧ୍ୟ ପ୍ରଭାବିତ ହୋଇଛି, ଯେଉଁଥିରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଆହୁରି ଅନେକ ପ୍ରମୁଖ ନେତା ଯୋଗଦେବାର ଯୋଜନା ରହିଛି।

### ମୋଦି ଦେଲେ...

ଥିବା ମଧ୍ୟ କହିଛନ୍ତି। ଏହାଛଡ଼ା ଶ୍ରୀ ମୋଦି ତାଙ୍କ ଏକ୍ସ ଆକାଉଣ୍ଟରେ ଏହି ଶକ୍ତିଶାଳୀ ଭୂମିକମ୍ପ ପରିପ୍ରେକ୍ଷୀରେ ସମସ୍ତଙ୍କ ସୁରକ୍ଷା କାମନା କରିଛନ୍ତି। ସେ ସହାୟତା ସମ୍ପର୍କରେ ମଧ୍ୟ ଦର୍ଶାଇଛନ୍ତି ଯେ ଭାରତ ସମସ୍ତ ସମ୍ଭାବ୍ୟ ସହାୟତା ପ୍ରଦାନ କରିବାକୁ ପ୍ରସ୍ତୁତ। ଏଥିସହ ମିଆଁମାରସ୍ଥିତ ଭାରତୀୟ ଦୂତାବାସ କର୍ତ୍ତୃପକ୍ଷଙ୍କୁ ପ୍ରସ୍ତୁତ ରହିବାକୁ କୁହାଯାଇଛି। ଆହୁରି ବୈଦେଶିକ ମନ୍ତ୍ରଣାଳୟକୁ ମିଆଁମାର ଓ ଥାଇଲ୍ୟାଣ୍ଡ ସରକାରଙ୍କ ସହ ଯୋଗାଯୋଗରେ ରହିବାକୁ ମଧ୍ୟ କୁହାଯାଇଥିବା ପ୍ରଧାନମନ୍ତ୍ରୀ ଦର୍ଶାଇଛନ୍ତି।

### ପ୍ରଦୀପ ଜେନା...

ଆଇଏଏସ ଅଫିସର ମୁଖ୍ୟ ଶାସନ ସଚିବ ଭାବେ ଗତ ୨୦୨୩ ମାର୍ଚ୍ଚ ୧ରୁ ୨୦୨୪ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ଏହି ପଦବୀରେ ଯଦିଓ ତାଙ୍କୁ ୨୦୨୩ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ନିଯୁକ୍ତି ମିଳିଥିଲା, କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କ ଅବଧିକୁ ରାଜ୍ୟ ସରକାର ୬ ମାସ ପାଇଁ ବୃଦ୍ଧି କରିଥିଲେ। ମୁଖ୍ୟ ଶାସନ ସଚିବ ହେବା ପୂର୍ବରୁ ସେ ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ରିଲିଫ କମିଶନର ଓ ଉନ୍ନୟନ କମିଶନର ଭାବେ ମଧ୍ୟ କାର୍ଯ୍ୟ ସମ୍ପାଦନ କରିଥିଲେ। ଢେଙ୍କାନାଳ ଜିଲ୍ଲା ନିବାସୀ ଶ୍ରୀ ଜେନା ୧୯୯୧ରେ କଳାହାଣ୍ଡି ଜିଲ୍ଲାପାଳ ଭାବେ ତାଙ୍କ ପ୍ରଶାସକ ଦାୟିତ୍ୱ ଆରମ୍ଭ କରିଥିଲେ। ଶ୍ରୀ ଜେନା ମୁଖ୍ୟ ଶାସନ ସଚିବ ଭାବେ କାର୍ଯ୍ୟ କରିବା ଅବସରରେ ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ସହ ରାଜ୍ୟର ଅନ୍ୟାନ୍ୟ ମନ୍ଦିରଗୁଡ଼ିକର ବିକାଶ ଦିଗରେ ଠୋସ୍ ପଦକ୍ଷେପ ନିଆଯାଇଥିଲା। ତା'ଛଡ଼ା ଏସ୍‌ସିବି ମେଡିକାଲ୍ କଲେଜ ଓ ହସ୍ପିଟାଲ୍‌ର ଉନ୍ନତିକରଣ ହେବା ସହ ଜଳସେଚନ କ୍ଷେତ୍ରରେ କେତେଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଥିଲା। ତା'ଛଡ଼ା କରୋନା ମହାମାରୀ ପରିଚାଳନାରେ ମଧ୍ୟ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

### ୪ ସପ୍ତାହରେ...

କର୍ତ୍ତୃପକ୍ଷଙ୍କ ଅବହେଳାରୁ ଛାତ୍ରୀଙ୍କ ମୃତ୍ୟୁ ହୋଇଥିବା ଦର୍ଶାଯାଇଛି। ଗତ ମାସ ୬ରୁ ୮ ତାରିଖ ପର୍ଯ୍ୟନ୍ତ କିଟ୍ କାଣ୍ଡର ତଦନ୍ତ କରିଥିଲେ କମିଶନ୍‌ଙ୍କ ଦୁଇଜଣିଆ ଟିମ୍। ଏହି ଘଟଣାରେ କମିଶନ୍ କହିଛନ୍ତି ଯେ କିଟ୍ କର୍ତ୍ତୃପକ୍ଷ ଛାତ୍ରୀମାନଙ୍କ ସୁରକ୍ଷା ନେଇ ଆଦୌ ଚିନ୍ତିତ ନଥିଲେ। ସେମାନଙ୍କୁ କ୍ୟାମ୍ପସରୁ ବାହାର କରିଦିଆଯାଇଥିଲା। ସମ୍ବେଦନଶୀଳ ଘଟଣାକୁ ହାଲୁକା ଭାବେ ନେଇଥିଲେ କର୍ତ୍ତୃପକ୍ଷ। ତେଣୁ ଛାତ୍ରୀ ମୃତ୍ୟୁ ପାଇଁ କିଟ୍‌କୁ ଦାୟୀ କରିବା ସହ କମିଶନ୍ ମୁଖ୍ୟ ଶାସନ ସଚିବଙ୍କୁ ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ତଦନ୍ତର ଅଗ୍ରଗତି ବାବଦରେ ମଧ୍ୟ ଜଣାଇବାକୁ ପୁଲିସ କମିଶନରଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଏହାଛଡ଼ା ୟୁଜିସି ଗାଇଡଲାଇନର ଉଲ୍ଲଂଘନ ନେଇ ୟୁଜିସି ଅଧ୍ୟକ୍ଷ କିଟ୍ ଓ କିସ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ରିପୋର୍ଟ ଦାଖଲ କରିବେ ବୋଲି କମିଶନ୍ ତାଙ୍କ ନିର୍ଦ୍ଦେଶରେ କହିଛନ୍ତି ।

ସେହିପରି ନ୍ୟାସନାଲ ଆସେସମେଣ୍ଟ ଆଣ୍ଡ୍ ଆକ୍ରିଡେସନ କାଉନସିଲ୍ ଗାଇଡଲାଇନ୍ସ ଉଲ୍ଲଂଘନ ବାବଦରେ ଏନ୍‌ଏସିସି ଅଧ୍ୟକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୪ ସପ୍ତାହରେ ରିପୋର୍ଟ ଦାଖଲ କରିବେ। ଅନ୍ୟପକ୍ଷରେ କିସ୍ ପରିସରରେ ନିମ୍ନମାନର ରହଣୀ ସ୍ଥିତି ବାବଦରେ ଅନୁଧ୍ୟାନ କରି କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବା ପାଇଁ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ କମିଶନ୍ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଯୁଗ୍ମ ତଦନ୍ତକାରୀ ଟିମ୍ ଗଠନ କରି ଏହାର ତଦନ୍ତ ପାଇଁ ସୁପାରିସ କରିଥିଲେ ଶିଶୁ କଲ୍ୟାଣ କମିଟି।

ଅନ୍ୟପକ୍ଷରେ ଏହି ମାମଲାରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ ଏହା ଏକ ସ୍ୱର୍ଶକାତର ଘଟଣା ହୋଇଥିବାରୁ କାର୍ଯ୍ୟାନୁଷ୍ଠାନ ସମୟରେ ଆଇନରେ ଗଳା ବାଟ ଆଦୌ ରହିବନାହିଁ। ଯେତେ ବଡ଼ ଲୋକ ହୁଅନ୍ତୁ ନା କାହିଁକି, ଆଇନ ଅନୁଯାୟୀ ତାଙ୍କ ବିରୋଧରେ ପଦକ୍ଷେପ ନିଆଯିବ। କମିଶନଙ୍କ ରିପୋର୍ଟ ଆଧାରରେ ହିଁ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

### ଚିହ୍ନଟ ପାଇଁ...

କରିବା ସକାଶେ ବିଭାଗ ପକ୍ଷରୁ କୁହାଯାଇଥିଲା। ସରକାରଙ୍କଠାରୁ ନିଜ ଜମିର ସୂଚନା ପାଇବା ପରେ କଲେଜ କର୍ତ୍ତୃପକ୍ଷ ହତବାକ ହେବା ସହ ଜମି କେଉଁଠି ରହିଛି, ତାହା ଖୋଜିବା ଆରମ୍ଭ କରିଦେଇଥିଲେ। ପ୍ରଥମେ ଦେଖିବାକୁ ପାଇଲେ ଯେ ପ୍ରାୟ ୨ ଏକର ଜମି ଜବରଦଖଲ ହେବା ସହ ସେଠାରେ ପାରାମାଉଣ୍ଟ ସ୍ପୋର୍ଟିଂ କ୍ଲବ୍ ଚାଲିଛି। ଏହାର ଆଖପାଖ ଜମିକୁ ଜବରଦଖଲ କରି ସେଠାରେ ବିବାହ ମଣ୍ଡପ ଠିଆ ହୋଇଛି। ବର୍ଷସାରା ସିଜନ ବେପାର ହେଉଛି। ନିଜ ଜମି ଉପରେ ଏହି ଦୁଇପ୍ରକାର ବେପାର ଚାଲିଥିବା ନଜରକୁ ଆସିଥିବା ବେଳେ ଏବେ ପୁଣିଥରେ ଗୋଟିଏ ହୋଟେଲ ଖୋଲିଥିବା ଦେଖିବାକୁ ପାଇଛନ୍ତି ବିଜେବି କଲେଜ କର୍ତ୍ତୃପକ୍ଷ। କିଛି ବ୍ୟକ୍ତି ସେଠାରେ ହୋଟେଲ ଖୋଲି ଶସ୍ତା ଦରରେ ମିଲ୍ ବିକୁଛନ୍ତି। ମାତ୍ର ୭୦ ଟଙ୍କାରେ ମିଲ୍ ମିଳୁଥିବାରୁ ଆଖପାଖ ଲୋକଙ୍କ ସହ କଲେଜ ଷ୍ଟାଫ୍ ବି ବେଳେବେଳେ ସେଠାରେ ଭୋଜନ କରୁଛନ୍ତି।

ତେବେ ସରକାରୀ ଜମିରେ ଏତେପ୍ରକାର ବେପାର ଚାଲିଥିବା ବେଳେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଜାଣି ଅଜଣା ରହିଥିବା ଆଲୋଚନା ହେଉଛି। କାରଣ ବିବାହ ମଣ୍ଡପ ହେଉ କିମ୍ବା ହୋଟେଲ, ସବୁଠୁ ଆବର୍ଜନା ଉଠାଉଛି ବିଏମସି। ଆଖପାଖରେ ଝାଡୁ ବି ମାରୁଛି। ହେଲେ ସରକାରୀ ଜମିରେ ଏଭଳି ସେବା ଯୋଗାଉଥିବା ବିଏମ୍‌ସି ଜମିଟି କାହାର କିମ୍ବା ଉକ୍ତ ସଂସ୍ଥାର ମାଲିକ କିଏ, ତାହା ଜାଣିପାରୁନାହିଁ। ଓଲଟା ବିଏମ୍‌ସି ଏଠାରେ ମୋଟା ଅଙ୍କର ଅର୍ଥ ବ୍ୟୟ କରିଥିବା ନେଇ ଆଲୋଚନା ହେଉଥିଲା।

ତେବେ ଲଗାତାର ଭାବେ 'ସଂଚାର'ରେ ଖବର ପ୍ରକାଶ ପାଇବା ପରେ ସୂଚନା ଅଧିକାରୀ କର୍ମୀ ପ୍ରଦୀପ ପ୍ରଧାନ ବିଜେବି କଲେଜ କର୍ତ୍ତୃପକ୍ଷ ନିଜର ଜମି ଉଦ୍ଧାର ସଂକ୍ରାନ୍ତରେ କି ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି, ତାହା ଜାଣିବାକୁ ଚାହିଁଥିଲେ। ମିଳିଥିବା ତଥ୍ୟରେ କଲେଜ ଅଧ୍ୟକ୍ଷ ଜଣାଇଛନ୍ତି ଯେ କଲେଜକୁ ମିଳିଥିବା ସମସ୍ତ ଜମିର ଚିହ୍ନଟ କରିବାକୁ ଭୁବନେଶ୍ୱର ତହସିଲଦାରଙ୍କୁ ଗତ ୧୨ ତାରିଖରେ ପତ୍ର ଲେଖାଯାଇଛି। ଏବେ ତହସିଲଦାରଙ୍କ ପଦକ୍ଷେପକୁ ଅପେକ୍ଷା କରାଯାଉଛି।

ତେବେ ମିଳିଥିବା ସୂଚନାନୁଯାୟୀ, କଲେଜ କର୍ତ୍ତୃପକ୍ଷ ଏଭଳି ପଦକ୍ଷେପ ନେବା ପରେ ଜବରଦଖଲକାରୀମାନେ ଏବେ ଛାନିଆ ହୋଇ ବିଭିନ୍ନ ସ୍ଥାନରେ ଶରଣ ପଶୁଛନ୍ତି।

ହେଲେ ବିଜେବି କଲେଜ ଜମି ଘଟଣାରେ ମୁଣ୍ଡ ପୂରାଇବାକୁ କେହି ବି ରାଜି ହେଉନାହାନ୍ତି। ଅନ୍ୟ ପକ୍ଷରେ କଲେଜର ପୁରାତନ ଛାତ୍ର ସଂସଦ ଏବେ କଲେଜ ଜମି ଫେରସ୍ତ ଉପରେ ଜୋର ଦେଉଥିବା ବେଳେ ଜମି କେବେ ଫେରୁଛି ତାହା ଉପରେ ସମସ୍ତଙ୍କ ନଜର।

### ସମବେଦନା...

ଥାଇଲାଣ୍ଡ ଭୂମିକମ୍ପରେ ପ୍ରଭାବିତଙ୍କ ସୁରକ୍ଷା ପାଇଁ ପ୍ରାର୍ଥନା କରୁଛି। ଏଥିସହ ସେ ଏହି ଭୂମିକମ୍ପରେ ଆହତ ହୋଇଥିବା ଲୋକଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

### ୨% ବଢ଼ିଲା...

ଏଥିରେ ୪୮.୬୬ ଲକ୍ଷ କର୍ମଚାରୀ ଓ ୬୬.୬୫ ଲକ୍ଷ ପେନ୍‌ସନ୍ ଭୋଗୀ ରହିଛନ୍ତି। ଏହି ବର୍ଦ୍ଧିତ ଭତ୍ତା ବାବଦରେ କେନ୍ଦ୍ର ସରକାରଙ୍କ ଉପରେ ଅତିରିକ୍ତ ୬୬୧୪.୦୪ କୋଟି ଟଙ୍କାର ବୋଝ ପଡ଼ିବ ବୋଲି ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ପିଛିଲା ଭାବେ ଚଳିତ ବର୍ଷ ଜାନୁଆରୀ ୧ ତାରିଖରୁ ଲାଗୁ କରାଯିବ। ସର୍ବଭାରତୀୟ ଗ୍ରାହକ ଦର ସୂଚକାଙ୍କ ଜରିଆରେ ଡିଏର ହିସାବ କରାଯାଉଥିବା ବେଳେ ଏହି ସୂଚକାଙ୍କ ଖୁଚୁରା ବଜାରର ମୂଲ୍ୟକୁ ଭିତ୍ତି କରି କେତେ ପ୍ରତିଶତ ବଢ଼ିବ, ସେନେଇ ନିଷ୍ପତ୍ତି ନେଇଥାଏ। ସାଧାରଣତଃ ଡିଏ ଗୋଟଏ ବର୍ଷରେ ଦୁଇ ଥର ସଂଶୋଧିତ ହୋଇଥାଏ। କର୍ମଚାରୀଙ୍କୁ ସେମାନଙ୍କ ଜୀବନ ଧାରଣ କ୍ଷମତାରେ ଆର୍ଥିକ ସହାୟତା ପାଇଁ ଡିଏର ବ୍ୟବସ୍ଥା କରାଯାଇଛି।

### କଂଗ୍ରେସ ନିଶକୁ...

ନାହିଁ। ଏବେ ସବୁକିଛି ହାତରୁ ଖସିଯାଉଥିବା ବେଳେ ବିଜେଡିର ଯୁବ ନେତାମାନେ କଂଗ୍ରେସକୁ ପଛରେ ପକାଇବା ପାଇଁ ନିଜ ନିଜ ସ୍ତରରେ ଉଦ୍ୟମ ଆରମ୍ଭ କରିଛନ୍ତି।

କେତେକ ଯୁବନେତା କଂଗ୍ରେସ ସ୍ୱରରେ ସ୍ୱର ମିଳାଇ ସରକାରଙ୍କୁ ବିରୋଧ କରୁଥିବା ବେଳେ ଆଉ କିଛି ଏବେ ଗଣମାଧ୍ୟମ ଉପରେ ରାଗ ଶୁଝାଇବାରେ ଲାଗିଛନ୍ତି। ତେବେ କଂଗ୍ରେସ ବାଜିମାରି ନେଲା ପରେ ବିଜେଡିର ଏଭଳି ଆଚରଣ ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

### ୨ରୁ ଖାତାଦେଖା...

ଭୁଲ କରିନଥିବା ପରୀକ୍ଷାର୍ଥୀ ମଧ୍ୟ ସମସ୍ୟାରେ ପଡୁଥିଲେ। ତେବେ ଚଳିତ ବର୍ଷ ୩୦୦ ପରୀକ୍ଷାର୍ଥୀ ଏମପିରେ ବୁକ୍ ହୋଇଥିବା ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଅତ୍ୟଧିକ ଖରା ଯୋଗୁ ବହୁ ଶିକ୍ଷକଶିକ୍ଷୟିତ୍ରୀ ଖାତା ଦେଖିବାକୁ ଆସୁନଥିବା ସମସ୍ୟାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ମୂଲ୍ୟାୟନ କେନ୍ଦ୍ର ସଂଖ୍ୟା ବୃଦ୍ଧି ପାଇଛି। ପ୍ରାଥମିକ ପର୍ଯ୍ୟାୟରେ ୮ ହଜାର ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଖାତାଦେଖା ପାଇଁ ନିଯୁକ୍ତ କରାଯାଇଛି।

ଏକଜାମିନରଙ୍କ ସୁବିଧା ଦୃଷ୍ଟିରୁ ସେମାନଙ୍କୁ ନିଜସ୍ୱ ଜିଲ୍ଲାରେ ଥିବା ମୂଲ୍ୟାଙ୍କନ କେନ୍ଦ୍ରରେ ଖାତା ଦେଖିବା ପାଇଁ ନିୟୋଜିତ କରାଯାଇଛି। ୩୫, ୪୦ ଓ ୫୦ ମାର୍କ ଥିବା ବିଷୟଗୁଡିକ ପାଇଁ ୩୦ଟି ଖାତା ୫ ଘଣ୍ଟା ଭିତରେ ଶିକ୍ଷକମାନଙ୍କୁ ମୂଲ୍ୟାୟନ କରିବାକୁ ପଡ଼ିବ। ସେହିପରି ୭୦ ଓ ୮୦ ମାର୍କର ବିଷୟ ପାଇଁ ୫ ଘଣ୍ଟାରେ ୨୦ଟି ଖାତା ଦେଖିବେ ଶିକ୍ଷକଶିକ୍ଷୟିତ୍ରୀ।

ସେହିପରି ଖାତାଦେଖା ଦାୟିତ୍ୱ ପାଇଥିବା କୌଣସି ଶିକ୍ଷକଶିକ୍ଷୟିତ୍ରୀ ଏଥିପାଇଁ ମନା କରିପାରିବେ ନାହିଁ। ଯଦି ସେମାନଙ୍କର କିଛି ସମସ୍ୟା ଥିବ, ତା'ହେଲେ ସେମାନେ ଛୁଟି ପାଇଁ ଆବେଦନ କରିପାରିବେ। ପ୍ରଥମ ପର୍ଯ୍ୟାୟରେ ୮ ହଜାର ଶିକ୍ଷକ ଖାତାଦେଖା କାର୍ଯ୍ୟରେ ନିୟୋଜିତ ହେବେ। ଚଳିତ ବର୍ଷ ଖାତାଦେଖାରେ ୯୦-୯୫ ପ୍ରତିଶତ ଶିକ୍ଷକଙ୍କ ଉପସ୍ଥାନ ରହିବ ବୋଲି କହିଛନ୍ତି ଶ୍ରୀ ପରିଡ଼ା କହିଛନ୍ତି।

ସେହିପରି ପୂର୍ବରୁ ଯେଉଁସବୁ ଜିଲ୍ଲାରେ ଖାତା ଦେଖା ପାଇଁ କେନ୍ଦ୍ର ରହୁନଥିଲା, ସେଠାରେ ଚଳିତ ବର୍ଷ ମୂଲ୍ୟାୟନ କେନ୍ଦ୍ର କରାଯାଇଛି। ଚଳିତ ବର୍ଷ କମ ସମୟରେ ଖାତାଦେଖା ଶେଷ କରିବା ପାଇଁ ପ୍ରତି ଜିଲ୍ଲାରେ ମୂଲ୍ୟାୟନ ଜୋନ୍ ବି କରାଯାଇଛି। ଚଳିତ ବର୍ଷ ୨୦-୩୦ଟି ମୂଲ୍ୟାୟନ ଜୋନ ଅଧିକ କରାଯାଇଥିବା ବେଳେ ଯେଉଁ ଜିଲ୍ଲାରେ ମୂଲ୍ୟାୟନ ଜୋନ ନଥିଲା, ସେଠାରେ ବି ଜୋନ କରାଯାଇଛି। ଶ୍ରୀ ପରିଡ଼ା ଦେଇଥିବା ସୂଚନାନୁସାରେ, ଏପ୍ରିଲ ୨ରୁ ୧୪ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ, ଏପ୍ରିଲ ୧୬ରୁ ୨୮ ତାରିଖ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ମୂଲ୍ୟାୟନ ହେବ। ପ୍ରାତଃ ୭ଟାରୁ ମଧ୍ୟାହ୍ନ ସାଢ଼େ ୧୨ଟା ଓ ମଧ୍ୟାହ୍ନ ସାଢ଼େ ୧ଟାରୁ ଅପରାହ୍ନ ସାଢ଼େ ୬ଟା ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ମୂଲ୍ୟାୟନ ଚାଲିବ। ଏଥିସହ ମେ' ୧୫ ତାରିଖ ସୁଦ୍ଧା ଏକକାଳୀନ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାର ଫଳାଫଳ ପ୍ରକାଶ ପାଇବ ବୋଲି ଶ୍ରୀ ପରିଡ଼ା କହିଛନ୍ତି।

ଅନ୍ୟପକ୍ଷରେ ଅତ୍ୟଧିକ ଖରା ପାଇଁ ମୂଲ୍ୟାୟନ କେନ୍ଦ୍ରରେ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଛି । ସମସ୍ତ ରୁମ୍‌କୁ ଶୀତତାପ ନିୟନ୍ତ୍ରଣ କକ୍ଷ କରାଯିବା ସହ ପ୍ରଚୁର ପାଣିର ବ୍ୟବସ୍ଥା ହୋଇଛି। କିନ୍ତୁ ଖାଇବା ଜିନିଷ କେନ୍ଦ୍ର ମଧ୍ୟକୁ ନିଆଯିବାକୁ ବାରଣ କରାଯାଇଛି ବୋଲି ବିଜେବି କଲେଜ ଅଧ୍ୟକ୍ଷ ରଞ୍ଜନ ବଳ କହିଛନ୍ତି। ଚଳିତ ବର୍ଷ ୨୮ ଲକ୍ଷ ଖାତା ଦେଖାଯିବ ଓ ପ୍ରତିଟି ପରୀକ୍ଷାର୍ଥୀଙ୍କୁ ନ୍ୟାୟ ଦେବା ସକାଶେ ଯଥାସମ୍ଭବ ଉଦ୍ୟମ କରାଯିବ ବୋଲି ଶ୍ରୀ ପରିଡ଼ା କହିଛନ୍ତି।

ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ରାଜ୍ୟରେ ୩ ଲକ୍ଷ ୯୩ ହଜାର ୬୧୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ଏଥିରେ କଳାରେ ୨ ଲକ୍ଷ ୩୦ ହଜାର ୬୬୭ ଜଣ ଜଣ ରେଗୁଲାର୍, ୧୬ ହଜାର ୭୧୪ ଜଣ ଏକ୍ସରେଗୁଲାର, ବାଣିଜ୍ୟରେ ୨୩ ହଜାର ୬୫୬ ଜଣ ରେଗୁଲାର୍, ୧ ହଜାର ୮୭୦ ଜଣ ଏକ୍ସ ରେଗୁଲାର ଏବଂ ବିଜ୍ଞାନରେ ୧ ଲକ୍ଷ ୬ ହଜାର ୫୦୫ ଜଣ ରେଗୁଲାର୍ ଓ ୧୮ ହଜାର ୪୭୫ ଜଣ ଏକ୍ସ ରେଗୁଲାର ପରୀକ୍ଷାର୍ଥୀ ଏବଂ ଧନ୍ଦାମୂଳକ ଶିକ୍ଷାରେ ୫ ହଜାର ୪୯ ଜଣ ରେଗୁଲାର ଓ ୬୭୨ ଜଣ ଏକ୍ସରେଗୁଲାର ପରୀକ୍ଷାର୍ଥୀ ପରୀକ୍ଷାରେ ଉପନୀତ ହୋଇଛନ୍ତି।

# ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟକାରିତା ନେଇ ସନ୍ଦେହ

## ଶତାଧିକ ଇନ୍ଦିରା ଆବାସ ପରିତ୍ୟକ୍ତ | ସରକାରୀ ମାର୍ଗଦର୍ଶିକା ସତ୍ତ୍ୱେ ପ୍ରଶାସନ ଥଅମମ

**କାକଟପୁର/ଅସ୍ତରଙ୍ଗ, ୨୮।୩ (ସଂଚାର ବ୍ୟୁରୋ):** ସମାଜର ଆର୍ଥିକ ଅନଗ୍ରସରଙ୍କ ପାଇଁ ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟକାରୀ କରିଛନ୍ତି ରାଜ୍ୟ ସରକାର। ଗତ ୧ତାରିଖରେ ଉକ୍ତ ଯୋଜନାର ଏକ ମାର୍ଗଦର୍ଶିକା ସମ୍ପର୍କିତ ଚିଠିକୁ ସରକାର ବିଭିନ୍ନ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ପ୍ରେରଣ କରିଛନ୍ତି। ତଦନୁସାରେ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ପଞ୍ଚାୟତ ଯୋଗାଉ ଦିଆଯିବା ଉଚିତ ମଧ୍ୟରେ ଯେଉଁମାନେ ସରକାରୀ ଘର ପାଇଁ ଆବେଦନ କରିଛନ୍ତି ବା ଯେଉଁମାନଙ୍କର ପକ୍କାଘର ନାହିଁ ସେମାନଙ୍କୁ ଚିହ୍ନଟ କରି ଏକ ତାଲିକା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତା ଛଡା ଉକ୍ତ ତାଲିକାରୁ ଯେଉଁମାନେ



ପ୍ରକୃତ ଯୋଗ୍ୟ ହିତାଧିକାରୀ ସେମାନଙ୍କୁ ଚିହ୍ନଟ କରି ସରକାରଙ୍କୁ ଜଣାଇବାକୁ କୁହାଯାଇଛି। ଅପରପକ୍ଷେ ଏହି ଯୋଜନାରେ ସ୍ପଷ୍ଟ ମାର୍ଗଦର୍ଶିକା ଜାରି ହେବା ସତ୍ତ୍ୱେ ଆଦ୍ୟାବଧି ୧୯୯୯ ମହାବାତ୍ୟା ପରେ ଯେଉଁମାନେ ଇନ୍ଦିରା ଆବାସ ପାଇଥିଲେ ସେମାନଙ୍କୁ ସାମି ଅନ୍ତ୍ୟୋଦୟ ଗୃହ ଯୋଜନା କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯିବ କି ନାହିଁ ସେନେଇ ନିଷ୍ପତ୍ତି ନେବାରେ ପ୍ରଶାସନ ଥଅମତ ହେଉଥିବା ଲକ୍ଷ୍ୟ କରାଯାଉଛି।

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକଟି ୧୫ଗୋଟି ପଂଚାୟତ ହୋଇଥିବା ବେଳେ ସରକାର ପ୍ରତି ପଂଚାୟତରୁ ୧୫ଜଣ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରିବାକୁ ବିଡ଼ିଓ ମାନଙ୍କୁ ନିର୍ଦ୍ଦେଶ ଦେଇ ସାରିଛନ୍ତି। ଏ ପଟେ ୧୯୯୯ ମହାବାତ୍ୟା ପରେ ଇନ୍ଦିରା ଆବାସ ପାଇଥିବା ବହୁ ହିତାଧିକାରୀ କୋଠା ଘର ପୁରାପୁରି ପରିତ୍ୟକ୍ତ। ଅନେକ ମଧ୍ୟ ଘର ତୋଳିପାରି ନାହାନ୍ତି। କିନ୍ତୁ ଏ ବାବଦକୁ କିଛି ଅଗ୍ରିମ ରାଶି ସରକାରଙ୍କ ଠାରୁ ଗ୍ରହଣ କରିଛନ୍ତି। ଅନେକ ଇନ୍ଦିରା ଆବାସ ଘରକୁ ଆର୍ଥିକ ଅଭାବ କାରଣରୁ ସମ୍ପୂର୍ଣ୍ଣ କରିପାରିନାହାନ୍ତି। ଫଳରେ ବର୍ତ୍ତମାନ ସମୟରେ ସରକାରୀ କାଗଜପତ୍ରରେ ଏମାନଙ୍କ ଇନ୍ଦିରା ଆବାସ କୋଠା ଥିବା ଉଲ୍ଲେଖ ରହୁଥିଲେ ସୁଦ୍ଧା ବାସ୍ତବ ପକ୍ଷେ ଏମାନେ ତାଳ କୁଡ଼ିଆକୁ ଆଦରି ପଡ଼ି ରହିଛନ୍ତି। ଅଥଚ ମାର୍ଗଦର୍ଶିକା ଅନୁସାରେ ଏହି ଶ୍ରେଣୀବର୍ଗଙ୍କ ଅବସ୍ଥା, ଗରିବମାନେ ଉକ୍ତ ଯୋଜନାରେ ଘର ପାଇବା ପାଇଁ ଦରଖାସ୍ତ କରିପାରିବେ। ପୋର୍ଟାଲରେ ଏଥା ଅପଲୋଡ଼ ହେବା। ତେଣିକି ସରକାର ଯାହା ନିଷ୍ପତ୍ତି ନେବେ।

## ଦନ୍ତା ଆକ୍ରମଣରେ ୪ ଗୁରୁତର



**ବେତନଟୀ, ୨୮।୩ (ସଂଚାର ବ୍ୟୁରୋ):** ବେତନଟୀ ରେଞ୍ଜ ଅଧୀନ ଦନ୍ତା ଶୁକ୍ରବାର ଅପରାହ୍ନରେ ମାନଗୋବିନ୍ଦପୁର ଗ୍ରାମରେ ପଶି ଉତ୍ପାତ କରିବା ସହିତ ଏକାଧିକ ଘର ଭାଙ୍ଗିଥିଲେ ଓ ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲା। ଏହି ଦନ୍ତା ହାତୀ ଆକ୍ରମଣରେ ଦୁଇଜଣ ଯୁବକଙ୍କ ସମେତ ଜଣେ ବୃଦ୍ଧ ଓ ବୃଦ୍ଧା ଗୁରୁତର ହୋଇ ବାରିପଦା ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଥିବା ଜଣାପଡ଼ିଛି। ଗୁରୁତର ମାନେ ହେଲେ ମାନଗୋବିନ୍ଦପୁର ଗ୍ରାମର ପ୍ରତାପ ମହାପାତ୍ର (୮୫), ଲକ୍ଷ୍ମୀମଣି ପରିଡା (୬୨), ମନୋରଞ୍ଜନ ପରିଡା (୪୫), ଡେଙ୍କୁଳ ମୁଣ୍ଡା ଗ୍ରାମର କୁନା ସିଂ (୪୦)। ସୂଚନା ଅନୁଯାଇ ଦାଇଁ ଦୁଇ ସପ୍ତାହ ପାଖାପାଖି ବେଙ୍ଗିଙ୍କ ଥାନା ଅଧୀନ କ୍ଷୀରପଦା ଜଙ୍ଗଲରେ ଡେରା ପକାଇ ରହିଥିବା ତିନିଟିକିଆ ବଣୁଆହାତୀ ଆଗକୁ ଅଗ୍ରସର ହେଉନଥିବା ବେଳେ ରାତି ହେଲେ ବୁଢ଼ାବଳଙ୍ଗ ନଦୀ ଅବବାହିକାରେ ହୋଇଥିବା ଏକର ଏକର ଜମିର ପରିବା ବାଡ଼ିରେ ପଶି ଖାଇବା ସହିତ ବ୍ୟାପକ କ୍ଷୟକ୍ଷତି ଘଟାଇ ଚାଲିଛନ୍ତି।

### ଆଇପିଏଲ ମ୍ୟାଚରେ ଚଳଚଞ୍ଚଳ ଅସ୍ତରଙ୍ଗ

## ବେଟିଂରେ ମାତୁଛନ୍ତି ଯୁବବର୍ଗ, ପୁଲିସ ଟେର ପାଉନି

**କାକଟପୁର/ଅସ୍ତରଙ୍ଗ, ୨୮।୩ (ସଂଚାର ବ୍ୟୁରୋ):** ଆଇପିଏଲ କ୍ରିକେଟ ମ୍ୟାଚରେ ଚଳଚଞ୍ଚଳ ଯୁବବର୍ଗ। ଅନୁଷ୍ଠିତ ମ୍ୟାଚଦେଖିବା ସହିତ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳର ବିଭିନ୍ନ ଗାଁରେ ଯୁବବର୍ଗ ମୋବାଇଲି ଫୋନ୍ ମାଧ୍ୟମରେ ସ୍ୱତନ୍ତ୍ର ଆପ ଜରିଆରେ ବେଟିଂ ଲଗାଉଥିବା ଦେଖିବାକୁ ମିଳୁଛି। ଅନଲାଇନି ବେଟିଂ ବିଭିନ୍ନ ଦଳ ସପକ୍ଷରେ କିମ୍ବା ବ୍ୟାଟ୍ସ ମ୍ୟାନ, ବୋଲର ସପକ୍ଷରେ ବେଟିଂ ଲଗାଉଛନ୍ତି। ପୂର୍ବରୁ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗ୍ରାମ ହେଉ ଅବା ଛକରେ ଏହି ବେଟିଂ ବ୍ୟବସ୍ଥା ଜାରୀ ରହୁଥିବାରୁ ଟଙ୍କା ନେଣଦେଣ ଦେଖିବାକୁ ମିଳୁଛି। ହେଲେ ବର୍ତ୍ତମାନ ଅନଲାଇନି ବେଟିଂ ଆରମ୍ଭ ହେବା ପରେ ଯୁବକ ମାନେ କେତେ ଟଙ୍କା ବେଟିଂରେ ଲଗାଉଛନ୍ତି ତା, ଜାଣିବା ପାଇଁ ପୁଲିସ ପକ୍ଷରେ ମୁସ୍କିଲ ହୋଇ ପଡୁଛି।



ଆଇପିଏଲ ମ୍ୟାଚରେ ଯେଉଁ ଟିମ୍ ସପକ୍ଷରେ ଥିବା ଲୋକେ ପ୍ରଥମ ଇନିସି ପୂର୍ବେ ୧୦୦ଟଙ୍କାରେ ୨୩୦ଟଙ୍କା ଦେଉଥିବା ବେଳେ ଏବେ ପ୍ରଥମ ଇନିସି ପରେ ପ୍ରତି ୧୦୦ଟଙ୍କାରେ ୪୩୦ଟଙ୍କା ଦେଇଥିଲେ। ଏହି ଭଳି ଭଲ ବ୍ୟାଟ୍ସ ମାନେ ବ୍ୟାଟିଂ ପରେ ୧୦୦ଟଙ୍କା ୧୮ଶହ ରୁ ୨ହଜାର ଟଙ୍କା ପର୍ଯ୍ୟନ୍ତ ପହଂଚି ଯାଉଛି। କିଛି ଯୁବକ ଓଭର ରୁ ଓଭର ବେଟିଂ ଅନ ଲାଇନି ରେ କରୁଥିବା ଦେଖିବାକୁ ମିଳୁଛି। ତେବେ, ଅନ୍ୟ ପକ୍ଷରେ ମ୍ୟାଚ ଦେଖିବା ପାଇଁ ଅନେକ ଯୁବବର୍ଗ ଓ ଖେଳପ୍ରେମୀ ସ୍ୱତନ୍ତ୍ର ପ୍ରୋଜେକ୍ଟ ଲଗାଉଛନ୍ତି। ସେଇଠାରେ ବେଟିଂ ଲଗାଉଛନ୍ତି ଅନଲାଇନିରେ। ଅନେକ ଯୁବବର୍ଗ ବେଟିଂରେ ହଜାର ହଜାର ଟଙ୍କା ହାରି ନିରାଶ ହେଉଥିବା ବେଳେ କିଛି ଯୁବକ ବେଟିଂରେ ଜିତି ଉତ୍ସବ ମାହୋଲ କରୁଛନ୍ତି।

## ବିପୁଳ ପରିମାଣର ଦେଶୀ ମଦ ଜବତ, ୩ ଗିରଫ

**ବାରିପଦା, ୨୮।୩ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଅବକାରୀ ଅଧିକ୍ଷକ ପ୍ରଶାନ୍ତ କୁମାର କହଁରଙ୍କ ନିର୍ଦ୍ଦେଶକ୍ରମେ ରାଇରଙ୍ଗପୁର ଉପଖଣ୍ଡ ଅବକାରୀ ରେଞ୍ଜ ପକ୍ଷରୁ ରାଇରଙ୍ଗପୁର ଅବକାରୀ ନିରୀକ୍ଷକ ବିନୟ ପ୍ରକାଶ ତିର୍କୀ ଓ ରାଇରଙ୍ଗପୁର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ସାମଲ ଓ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ରାଇରଙ୍ଗପୁର ସହରାଞ୍ଚଳ ଥାନା ଅନ୍ତର୍ଗତ ଦାଣ୍ଡବୋଷ ଓ ପୋଖରିଆ ଗ୍ରାମ ଅଞ୍ଚଳରେ ଚଢ଼ାଉ କରାଯାଇ ୫୮ ଲିଟର ଦେଶୀ ରନ୍ଧା ମଦ ଏବଂ ୩ଟି ମୋଟର ସାଇକେଲ (ଓଡି-୧୧ଏ-୩୭୯୫, ଓଡି-୧୧ଡବ୍ଲୁ-୨୬୦୦ ଓ ଓଡି-୧୧ଡବ୍ଲୁ-୯୦୧୬) ଜବତ କରାଯାଇଛି। ଘଟଣାସ୍ଥଳରୁ ଚେମ୍ପରାଇ ଗ୍ରାମର ଦେବିଲାଲ ମୁର୍ମୁ, କୁମ୍ଭୀରଦା ଗ୍ରାମର ଆମେରିକା ସି ଏବଂ ପାସନା ଗ୍ରାମର କୁନା ବେଶ୍ରାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜବତ ହୋଇଥିବା ଏ ସମସ୍ତର ଆନୁମାନିକ ମୂଲ୍ୟ ୦୧ ଲକ୍ଷ ୬୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି । ଏନେଇ ରାଇରଙ୍ଗପୁର ଅବକାରୀ ଥାନା ପକ୍ଷରୁ ୩ ଗୋଟି ପୃଥକ ପୃଥକ ମାମଲା ରୁଜୁ କରାଯାଇଛି ।

### କିଟ୍‌ରେ ସହଯୋଗାତ୍ମକ ଶିକ୍ଷଣ କାର୍ଯ୍ୟକ୍ରମ

## ମଧୁର ସ୍ମୃତି ନେଇ ଫେରିଲେ ୱାଶିଂଟନ୍ ବିଶ୍ୱବିଦ୍ୟାଳୟ ପ୍ରତିନିଧିମଣ୍ଡଳ



**ଭୁବନେଶ୍ୱର, ୨୮।୩ (ସଂଚାର ବ୍ୟୁରୋ):** ମଧୁର ସ୍ମୃତି ନେଇ ସ୍ୱଦେଶ ଫେରିଛନ୍ତି ୱାଶିଂଟନ୍ ବିଶ୍ୱବିଦ୍ୟାଳୟ ପ୍ରତିନିଧିମଣ୍ଡଳ। ବିଦେଶୀ ବିଶ୍ୱବିଦ୍ୟାଳୟ ଓ ଭାରତୀୟ ବିଶ୍ୱବିଦ୍ୟାଳୟ ମଧ୍ୟରେ ଶିକ୍ଷା ବିନିମୟକୁ ପ୍ରାୟତଃ ସାଂସ୍କୃତିକ, ଶିକ୍ଷା ଓ ଗବେଷଣା ସହଯୋଗ ଦୃଷ୍ଟିକୋଣରୁ ଦେଖାଯାଏ। ଏହି କ୍ରମରେ ୧୦ ଦିନିଆ ଶିକ୍ଷା ବିନିମୟ କାର୍ଯ୍ୟକ୍ରମରେ କିଟ୍ ଓ କିସ୍‌କୁ ଆସିଥିବା ୱାଶିଂଟନ୍ ବିଶ୍ୱବିଦ୍ୟାଳୟ-ବୋଥେଲର ୧୮ ଜଣିଆ ପ୍ରତିନିଧିମଣ୍ଡଳ ଏହି କାର୍ଯ୍ୟକ୍ରମକୁ ଆଗେଇ ନେଇଛନ୍ତି । ୱାଶିଂଟନ୍ ବିଶ୍ୱବିଦ୍ୟାଳୟ ପ୍ରତିନିଧିଙ୍କ ଏକ ଗସ୍ତ ଏକ ନୂତନ ଧାରା ସୃଷ୍ଟି କରିଛି। ଏଥିରେ ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ୧୧ଜଣ ଛାତ୍ରଛାତ୍ରୀ ୨ ପ୍ରାଧ୍ୟାପକ ଓ କିଟ୍ ମ୍ୟାନେଜମେଣ୍ଟ ସ୍କୁଲ୍‌ର ୧୧ଜଣ ଛାତ୍ରଛାତ୍ରୀ ମିଳିତ ଭାବେ କ୍ଷେତ୍ର ଅଧ୍ୟୟନ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ। ସେହିପରି ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ୫ଜଣ ପ୍ରାଧ୍ୟାପକ କିଟ୍ ଓ କିସ୍‌ର ବିଭିନ୍ନ ସ୍କୁଲ୍‌ରେ ଶିକ୍ଷାଦାନ ଓ ଜ୍ଞାନ ବିନିମୟ କାର୍ଯ୍ୟରେ ନିୟୋଜିତ ଥିଲେ।

କିଟ୍ ଓ କିସ୍ ସହ ୱାଶିଂଟନ ବିଶ୍ୱବିଦ୍ୟାଳୟ-ବୋଥେଲ ପ୍ରତିନିଧିମଣ୍ଡଳର ଶୈକ୍ଷିକ ସହଯୋଗ କେବଳ ଏକ ବିନିମୟ କାର୍ଯ୍ୟକ୍ରମ ନଥିଲା, ବରଂ ଶିକ୍ଷାଦାନ, ବ୍ୟବସାୟିକ ସମସ୍ୟା ସମାଧାନ ଏବଂ ପାରସ୍ପରିକ ସାଂସ୍କୃତିକ ଶିକ୍ଷାର ସମନ୍ୱୟରେ ପ୍ରଥମ ଥର ଲାଗି ଭାରତରେ ଏଭଳି ଏକ କାର୍ଯ୍ୟକ୍ରମ ହୋଇପାରିଲା। ଉଭୟ ବିଶ୍ୱବିଦ୍ୟାଳୟର ଏହି ସଫଳ ସହଯୋଗିତା ବିଶ୍ୱର ଅନ୍ୟ ବିଶ୍ୱବିଦ୍ୟାଳୟ ପାଇଁ ଉଦାହରଣ ସୃଷ୍ଟି କରିଛି ବୋଲି ୱାଶିଂଟନ ବିଶ୍ୱବିଦ୍ୟାଳୟ ପ୍ରତିନିଧିମାନେ ପ୍ରକାଶ କରିଛନ୍ତି।

## ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଅଭିଭାବକ ସହଭାଗୀ ବୈଠକ




**କୋଣାର୍କ, ୨୮।୩ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଶୁକ୍ରବାର ପୂର୍ବାହ୍ନ ସମୟରେ ଅଭିଭାବକ ସହଭାଗୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିହାର ପ୍ରସାଦ ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ରାମକୃଷ୍ଣ ମହାନ୍ତି, ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ତଥା ଶିକ୍ଷାବିତ ରବିନ୍ଦ୍ର ନାଥ ବାହିନୀପତି, ସତ୍ୟସାଇ ସେବା ସଂଗଠନର ସଂପାଦକ ବାମଦେବ ଆଳୁକ ଓ କୋଣାର୍କ ମେଡିକାଲର ଆୟୁଷ ଡାକ୍ତର ବିଧୁଭୁଷଣ ନାୟକ, ବ୍ଲକ୍ ସମ୍ପ୍ରସାରଣ ଅଧିକାରୀ ଶ୍ରୀନିବାସ ମାହାନ୍ତି ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ପାରିପାର୍ଶ୍ୱିକ ଉନ୍ନୟନ, ଶୈକ୍ଷିକ ବାତାବରଣ ସୃଷ୍ଟି ଓ ଉନ୍ନତ ଶିକ୍ଷା ଦାନର ମାର୍ଗ ପ୍ରଶସ୍ତ କରିବା ଦିଗରେ ଅଧ୍ୟୟନରତ ଛାତ୍ର ଛାତ୍ରୀ ମାନଙ୍କ ଅଭିଭାବକ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଅଧ୍ୟୟନରତ ଛାତ୍ରଛାତ୍ରୀ ମାନଙ୍କ ପିତାମାତା ମାନଙ୍କ ସହଭାଗୀ ମନୋଭାବର ଦୃଢ଼ୀକରଣ ହୋଇପାରିଲେ ବିଦ୍ୟାଳୟର ବିକାଶ ଓ ଶିକ୍ଷାଦାନ ଉନ୍ନତିକରଣ ହୋଇ ଛାତ୍ରଛାତ୍ରୀ ମାନଙ୍କୁ ସୁସ୍ଥ ସମାଜ ଗଠନ ଦିଗରେ ବ୍ରତୀ କରିଥାଏ ବୋଲି ମତ ପ୍ରକାଶ ପାଇଥିଲା। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ନେଇ ଅନୁଷ୍ଠିତ ଝୋଟି ଓ ରଙ୍ଗୋଲି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଅନ୍ତର୍ଜାତୀୟ ସମବାୟ ବର୍ଷ ୨୦୨୫ ଓ ବାର୍ଷିକ ସାଧାରଣ ସଭା ପାଳିତ

**ବାଲିଅନ୍ତା, ୨୮।୩ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ୍ ଅନ୍ତର୍ଗତ ସତ୍ୟଭାମାପୁର ସେବା ସମବାୟ ସମିତି ଅନୁକୂଲ୍ୟରେ ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫ ଓ ଉକ୍ତ ସମବାୟର ବାର୍ଷିକ ସାଧାରଣସଭା ଛନ୍ଦୋଳ ଗ୍ରାମ ମେଳଣ ପଡ଼ିଆଠାରେ ପାଳିତ ହୋଇ ଯାଇଅଛି । ସମିତିର ସଭାପତି ବିପିନି ବିହାରୀ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଜୟଦେବ । ନିର୍ବାଚନ ମଣ୍ଡଳୀର ବିଧାୟକ ନବ କିଶୋର ମଲ୍ଲିକ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶୁଭ ଉଦ୍‌ଘାଟନ କରିଥିଲେ। ସଭାପତିଙ୍କ ସ୍ୱାଗତ ଭାଷଣ ପରେ ସମ୍ପାଦକ ଶାଗର ଶୁନ୍ଦରାୟ ବାର୍ଷିକ ବିବରଣି ପଠନ କରିଥିଲେ। ଡେପୁଟି ରେଜିଷ୍ଟ୍ରାର ଖୋରଧା, ଅଳକା ଜେନା ତାଙ୍କ ବକ୍ତବ୍ୟରେ ସମବାୟ ସମିତି ଗୁଡ଼ିକୁ କିପରି ଅଧିକ ସୁଦୃଢ଼ କରାଯାଇପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ସରକଣା ସେବା ସମବାୟ ସମିତିର ସଭାପତି ସୋମନାଥ ସ୍ୱାଇଁ ଆନ୍ତର୍ଜାତୀୟ ସମବାୟ ଦିବସ ପାଳନ ସଂପର୍କରେ ଅବଗତ କରାଇଥିଲେ। ବିଧାୟକ ଶ୍ରୀଯୁକ୍ତ ମଲ୍ଲିକ ତାଙ୍କ ଭାଷଣରେ ଜୟଦେବ ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତିରେ ସର୍ବଦା ତାଙ୍କ ସମର୍ପିତ ସେବା ଜାରି ରହିବ ବୋଲି ଉପସ୍ଥିତ ଲୋକମାନଙ୍କୁ ସମ୍ବୋଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରି ନିବନ୍ଧକ ଭୁବନେଶ୍ୱର ଲଳିତ କୁମାର ବିଶ୍ୱାଳ, କ୍ଷେତ୍ର ଅଧିକାରୀ ଅମିୟ କୁମାର ଖୁଣ୍ଟିଆ, ଆର୍.ସି.ଏମ୍.ଏସ୍ ଭୁବନେଶ୍ୱରର ସଭାପତି ଧିରେନ୍ କୁମାର କର, ବଇଁଚୁଆ ସେବା ସମବାୟର ସଭାପତି ବେଣୁଧର ପରିଡ଼ା, ପ୍ରତାପ ସସନ ସେବା ସମବାୟ ସମିତିର ସଭାପତି ନଳିନୀକାନ୍ତ ମହାପାତ୍ର, ଭିଙ୍ଗାରପୁର , ପ୍ରତାପରୁଦ୍ରପୁର ସେବା ସମବାୟ ସମିତି ସଭାପତି ,ସମସ୍ତ ସମିତିର ସମ୍ପାଦକଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସମବାୟବିତ୍‌ମାନେ ଯୋଗ ଦେଇଥିଲେ। ବରିଷ୍ଠ ବିଜେଡ଼ି ନେତା ତଥା ପୁରୁଖା ସମବାୟବିତ୍ ଅଚ୍ୟୁତାନନ୍ଦ ପାତ୍ର ସଭାଟିକୁ ସୁପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ଦାସିରୀ ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ



**ବୋରିଗୁମ୍ମା, ୨୮।୩ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ବ୍ଲକ ସଦର ମୋହକୁମା ସ୍ଥିତ ଦାସିରୀ ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ରାଜେଶ୍ୱରୀ ଦାସଙ୍କ ସଭାପତିତ୍ୱରେ ଏକ ବର୍ଣାଢ଼ିୟ ପରିବେଶ ମଧ୍ୟରେ ଧୁମ୍ ଧାମରେ ପାଳନ ହୋଇଯାଇଛି। ଏହି ଉତ୍ସବରେରେ ମୁଖ୍ୟ ଅତିଥି ଭାବେ ବୋରିଗୁମ୍ମା ଗୋଷ୍ଠୀ ଶିକ୍ଷାଧିକାରୀ ଡ଼. ସଚିନ କୁମାର ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ର ଛାତ୍ରୀଙ୍କ ଉଜ୍ୱଳ ଭବିଷ୍ୟତ କାମନା କରି ଆଗାମୀ ଦିନରେ କିପରି ଭଲ ପାଠ ପଢ଼ି ଭଲମଣିଷ ହୋଇପାରିବେ ସେନେଇ ଗୁରୁମନ୍ତ୍ର ଦେଇଥିଲେ ଏବଂ ମୂଖ୍ୟ ବକ୍ତା ଭାବେ ଲୋକନାଥ ବେହେରା କଠିନ ପରିଶ୍ରମ ବଳରେ ଉଜ୍ଜଳ ଭବିଷ୍ୟତ ଗଠନ ସାଙ୍ଗକୁ ଏକ ସୁସ୍ଥ ସମାଜ ନିର୍ମାଣରେ ସହାୟକ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ସଂଯୁକ୍ତା ପଣ୍ଡା, ଓ ବିଦ୍ୟାଳୟ ସଭାପତି ମଞ୍ଚାସିନ ଥିଲେ। ବିଦ୍ୟାଳୟରେ ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତା ଓ ଶିକ୍ଷାକ୍ଷେତ୍ରରେ କୃତି ଛାତ୍ର,ଛାତ୍ରୀ ଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ଆଦିବାସୀ ନୃତ୍ୟ ବେଶ୍ ଆକର୍ଷଣୀୟ ହୋଇଥିଲା।

### ଅବଧି ଶେଷ ପରେ ବି ସରୁନି ରାସ୍ତା କାମ

## ପ୍ରତିବାଦରେ ଗ୍ରାମବାସୀଙ୍କ ରାସ୍ତା ଅବରୋଧ

**ନାଉଗାଁ, ୨୮।୩ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ନାଉଗାଁ-ଡାବର ରାସ୍ତା ନିର୍ମାଣର ଅବଧୀ ସରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟ ସରୁନାହିଁ। ଯାହାଫଳରେ ଏହି ରାସ୍ତା ଦେଇ ଯିବା ଆସିବା କରିବା କଷ୍ଟସାଧ୍ୟ ହୋଇପଡ଼ିଛି। ତେଣୁ ଏହି ରାସ୍ତା କାର୍ଯ୍ୟ ଯଥାଶୀଘ୍ର ସାରିବା ପାଇଁ ଶୁକ୍ରବାର ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ଗୋଠଦା ଠାରେ ରାସ୍ତା ଅବରୋଧ କରାଯାଇଥିଲା। ଦୀର୍ଘ ୧ ଘଣ୍ଟା ଧରି ରାସ୍ତା ଅବରୋଧ କରାଯିବା ଯୋଗୁଁ ଯିବା ଆସିବାରେ ସମସ୍ୟା ଉପୁଜିଥିଲା। ଖବରପାଇ ଘଟଣାସ୍ଥଳରେ ପୁଲିସ ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ଯଥାଶିଘ୍ର ଯଦି ଏହି ରାସ୍ତା କାର୍ଯ୍ୟ କରା ନଯାଏ ତେବେ ପୁନର୍ବାର ରାସ୍ତା ଅବରୋଧ କରାଯିବ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି।



ଗ୍ରାମବାସୀଙ୍କ କହିବା ମୁତାବକ ରାସ୍ତା ନିର୍ମାଣ କରୁଥିବା ଠିକା ସଂସ୍ଥା ମନଇଚ୍ଛା କାର୍ଯ୍ୟ କରୁଛି। ଦୀର୍ଘ ଦିନ ହେବା ରାସ୍ତା ଉପରେ ମେଟାଲ ବିଛାଇବା ସହିତ ଡଷ୍ଟ ପକାଇଛି। ଅନେକ ସ୍ଥାନରେ ଡଷ୍ଟ ତଳୁ ମେଟାଲ ଉଠି ରାସ୍ତା ଉପରେ ବିଛାଡି ହୋଇପଡ଼ିଛି। ଯାହାଫଳରେ ଯାନବାହାନ ତ ଦୂରର କଥା ଖାଲି ପାଦରେ ଗାଁରେ ଚାଲି ଯାଇ ହେଉନାହିଁ। ସେହିପରି ଯାନବାହନ ଯିବା ସମୟରେ ଡଷ୍ଟ ଉଡି ଧୂଳିମୟ ହେଉଥିବାରୁ ଯିବା ଆସିବା କରିବା ଏପରିକି ରାସ୍ତା ପାର୍ଶ୍ୱରେ ଥିବା ଘରେ ରହିବା ମଧ୍ୟ କଷ୍ଟ ହେଉଛି। ରାସ୍ତାରୁ ମେଟାଲ ଉଠିବା ଦ୍ୱାରା ଛୋଟ ପିଲାମାନେ ବିଦ୍ୟାଳୟକୁ ସାଇକେଲରେ ଯିବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏହି ରାସ୍ତା କାର୍ଯ୍ୟ ଶୀଘ୍ର ସାରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ପ୍ରଶାସନ ନିକଟରେ ଦାବି କରାଯାଇଛି।

## ଶିଶୁ ସୁରକ୍ଷା ଓ ବାଲ୍ୟବିବାହ ରୋକିବା ନିମନ୍ତେ ପ୍ରଶିକ୍ଷଣ

**ନବରଙ୍ଗପୁର, ୨୮।୩ (ସଂଚାର ବ୍ୟୁରୋ):** ଜିଲ୍ଲାରେ ବାଲ୍ୟବିବାହକୁ ସାମ୍ପୂର୍ଣ୍ଣ ନିରାକରଣ ନିମନ୍ତେ ଆଜି ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ପୁଲିସ ଓ ବାଲ୍ୟ ବିବାହ ନିଷେଦ୍ଧ ଅଧିକାରୀଙ୍କର ଏକ ପ୍ରଶିକ୍ଷଣ ଶିବିର ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବରୁ ବାଲ୍ୟ ବିବାହକୁ ରୋକିବା ନିମନ୍ତେ କେବଳ ମହିଳା ଓ ଶିଶୁ ବିକାଶ ବିଭାଗର ଦାୟିତ୍ୱରେ ରହିଥିବା ବେଳେ ଏବେ ଏହି କ୍ଷମତାକୁ ବିକେନ୍ଦ୍ରୀକରଣ କରାଯାଇ ପଞ୍ଚାୟତରାଜ ବିଭାଗ, ଶିକ୍ଷ୍ୟା ବିଭାଗ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଓ ପୁଲିସ ବିଭାଗକୁ ଉତ୍ତର ଦାୟିତ୍ୱ ଦିଆଯାଇଛି ।



ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ ବୈଠକ ପ୍ରାରମ୍ଭରେ ସୂଚନା ଦେଇ କହିଥିଲେ ଯେ ଆଜି ଜିଲ୍ଲାରେ ୧୦ ବ୍ଲକ ଓ ୧୮୯ ଟି ଗ୍ରାମ ପଞ୍ଚାୟତ ସ୍ତରରେ ଶିଶୁ ସୁରକ୍ଷା କମିଟି, କିଶୋରୀ ସଶକ୍ତିକରଣ ଓ ବାଲ୍ୟବିବାହ ପ୍ରତିରୋଧ ଟାସ୍କ ଫୋର୍ସ, ଶିଶୁ ଶ୍ରମିକ ନିରାକରଣ କମିଟିର ଗଠନ କରାଯାଇଛି। ଗତ ପାଞ୍ଚବର୍ଷ ମଧ୍ୟରେ ଜିଲ୍ଲାରେ ମୋଟ ୧୪୨୫ ଗୋଟି ବାଲ୍ୟବିବାହକୁ ଜିଲ୍ଲା ପ୍ରଶାସନ ରୋକିବାରେ ସଫଳ ହୋଇପାରିଥିବା ବେଳେ ନୂତନ ଭାବରେ ନିଯୁକ୍ତି ପାଇଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ ପଞ୍ଚାୟତ ସ୍ତରରେ ବାଲ୍ୟବିବାହ ନିଷେଦ୍ଧ ଅଧିକାରୀ ଭାବରେ କାର୍ଯ୍ୟ କରିବା ପରେ ଜିଲ୍ଲାକୁ ବାଲ୍ୟବିବାହ ମୁକ୍ତ ଘୋଷଣା କରିବାରେ ପ୍ରକ୍ରିୟା ସହଜ ହୋଇ ପାରିବ । ପ୍ରଶିକ୍ଷକ ଭାବରେ ଯୋଗଦେଇ ସରକାରୀ ଓକିଲ ଡଃ ବି.ଗାୟତ୍ରୀ ଦେବୀ, ଆକ୍ସନଏଡ ସଂସ୍ଥାର ଜିଲ୍ଲା ପରାମର୍ଶ ଦାତା ଫକିର ଚରଣ ରାଉତ, ମନରମା ମାଝି ପ୍ରମୁଖ କିଶୋର ନ୍ୟାୟ ଆଇନ, ଶିଶୁ ଯୌନ ଶୋଷଣରୁ ସୁରକ୍ଷା ଆଇନ, ଶିଶୁ ଅଧିକାର,ବାଲ୍ୟବିବାହ ନିଷେଧ ଆଇନ ପ୍ରମୁଖ ଉପରେ ବିଷଦ ଭାବରେ ଆଲୋଚନା କରିଥିଲେ ।

## ଲଲାଟେନ୍ଦୁ ପରିଡ଼ା ନାଉଗାଁ ବ୍ଲକ ସାଂସଦଙ୍କ ପ୍ରତିନିଧି



**ନାଉଗାଁ, ୨୮।୩ (ସଂଚାର ବ୍ୟୁରୋ):** ଜଗତସିଂହପୁର ସାଂସଦ ଡଃ ବିଭୂପ୍ରସାଦ ତରାଇଙ୍କ ନାଉଗାଁ ବ୍ଲକ ପ୍ରତିନିଧି ଭାବେ ଜାମୁଗାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ଲଲାଟେନ୍ଦୁ ପରିଡ଼ାଙ୍କୁ ମନୋନୀତ କରାଯାଇଛି। ପତ୍ରସଂଖ୍ୟା ୭୫ ତା ୨୮ ମାର୍ଚ୍ଚ ୨୦୨୫ ରେ ଉକ୍ତ ବିଷୟରେ ଜିଲ୍ଲାପାଳ ଜେ.ସୋନାଲଙ୍କୁ ଅବଗତ କରାଯାଇଛି। ସାଂସଦଙ୍କ ଅନୁପସ୍ଥିତିରେ ଉକ୍ତ ବ୍ଲକରେ ପରିଡ଼ା ସମସ୍ତ କାର୍ଯ୍ୟାଳୟରେ କାର୍ଯ୍ୟ କରିପାରିବେ।

## ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଉଦଘାଟିତ




**ଖୋର୍ଦ୍ଧା, ୨୮।୩ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଉଦ୍ୟାନ କୃଷି କାର୍ଯ୍ୟାଳୟ ପରିସରରେ ଥିବା ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ଯୋଜନା ମାଧ୍ୟମରେ ୩ ଦିନିଆ ବ୍ଲକ ସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଉଦଘାଟିତ ହୋଇଯାଇଛି। ପ୍ରଥମ ଦିନରେ ଖୋର୍ଦ୍ଧା ବ୍ଲକର ୭ଟି ପଞ୍ଚାୟତ ଓ ଖୋର୍ଦ୍ଧା ପୌର ପରିଷଦର ମୋଟ ୧୦୦ ଜଣ ସକ୍ରିୟ ମହିଳା ଓ ପୁରୁଷ ଚାଷୀମାନଙ୍କ ମଧ୍ୟରେ ଉଦ୍ୟାନ କୃଷି ଉପରେ ଧାରଣା ଦେବା ସହିତ ଅଳ୍ପ ଖର୍ଚ୍ଚରେ କିଭଳି ଅଧିକ ରୋଜଗାର ହୋଇପାରିବ, ଉଦ୍ୟାନ କୃଷି କାର୍ଯ୍ୟ କରି ଯୁବ ବ୍ୟବସାୟୀ ସୃଷ୍ଟି ହେବେ ତାହା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ସେହିପରି ଚାଷୀମାନେ ଏକତାର ସହିତ ନିଜ ସହଭାଗିତାରେ ସରକାରୀ ସହାୟତାରେ କିଭଳି ଚାଷ କରିବେ,ସରକାରଙ୍କ କେଉଁ କେଉଁ ଯୋଜନା ଓ ତାର ରିହାତି ଉପରେ ଆଲୋକପାତ କରାଯାଇଥିଲା। ଉଦ୍ୟାନ କୃଷି ମିଶନ ଯୋଜନା ଏମ.ଆଇ.ଡି.ଏଚ ଓ ମନରେଗା ଯୋଜନାରେ କିଭଳି ଜଣେ ଚାଷୀ ଲାଭବାନ ହୋଇପାରିବେ, ଏହା ସହିତ ଫଳ,ଫୁଲ ଚାଷ,ପନିପରିବା, ଛତୁଚାଷ, ଓ ଜୈବିକ ପ୍ରଣାଳୀରେ ଓ ଅଳ୍ପ ଜଳ ବ୍ୟବହାର କରି କିଭଳି ଚାଷ କରିହେବ ତାହା ଉପରେ ଉପସ୍ଥିତ ଚାଷୀମାନଙ୍କୁ କୁହାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ କୃଷି ଉପ ନିର୍ଦ୍ଦେଶକ ଉଦ୍ୟାନ ପ୍ରଶିକ୍ଷଣ କେନ୍ଦ୍ର ଖୋର୍ଦ୍ଧାର ବିଜୟ ବେହେରା, ଉଦ୍ୟାନ କୃଷି ପ୍ରଶିକ୍ଷଣ କେନ୍ଦ୍ର ଖୋର୍ଦ୍ଧା ଉପ ନିର୍ଦ୍ଦେଶକ ଉର୍ମିଳା ମହାପାତ୍ର, ଖୋର୍ଦ୍ଧା ଉଦ୍ୟାନ କୃଷିର ସହକାରୀ ଉପ ନିର୍ଦ୍ଦେଶକ ସ୍ମିତା ମହାନ୍ତି,ସହକାରୀ ଉଦ୍ୟାନ ଅଧିକାରୀ ଗାୟତ୍ରୀ ମହାପାତ୍ର,ବେଗୁନିଆ ସହକାରୀ ଉଦ୍ୟାନ ଅଧିକାରୀ, ଖୋର୍ଦ୍ଧା ଉଦ୍ୟାନ ପରିଦର୍ଶକ ପ୍ରତାପ ଚନ୍ଦ୍ର ପାଇକରାୟ, ସହକାରୀ କୃଷି ଅଧିକାରୀ ବିନୋଦିନି ସାହୁ, ଆପିକଲର ଜିଲ୍ଲା ସଂଯୋଜକ ଶିବ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିବାବେଳେ ଉଦ୍ୟାନ କ୍ଷେତ୍ର କର୍ମଚାରୀ ସଂଗ୍ରାମ କେଶରୀ ଗୁମାନସିଂ,କୃଷକ ସାଥି ବିଶ୍ୱନାଥ ସାହୁ ଅନ୍ୟ କର୍ମଚାରି ମାନେ ସହଯୋଗ କରିଥିଲେ।

# ଏମଜିଏନଆରଇଜିଏସ କାର୍ଯ୍ୟରେ ଚଞ୍ଚକତା

## ଗୋଟିଏ ଦିନ ଏନ୍‌ଏମ୍‌ଏମ୍‌ଏସ୍ କରି ଦର୍ଶାଯାଉଛି ୬ ଦିନର ଉପସ୍ଥାନ

**ନାଉଗାଁ, ୨୮।୩ (ସଂଚାର ବ୍ୟୁରୋ):** ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମଜିଏନଆରଇଜିଏସ) ସରକାରଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଯୋଜନା। ଏହି ଯୋଜନା ମାଧ୍ୟମରେ ଜବକାର୍ଡଧାରୀ ଶ୍ରମିକମାନେ ନିଜ ଅଞ୍ଚଳରେ କାର୍ଯ୍ୟ କରିପାରିବେ। ଯାହା ଦ୍ୱାରା ରାଜ୍ୟରେ ଦାଦନ ଶ୍ରମିକକୁ ରୋକା ଯାଇପାରିବ। କିନ୍ତୁ ଏହି ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନଥିବାରୁ ପ୍ରକୃତ ଜବକାର୍ଡଧାରୀମାନେ ଏହାର ସୁଫଳ ପାଇ ପାରୁ ନାହାନ୍ତି। ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି ଜଗତସିଂହପୁର ଜିଲ୍ଲାର ନାଉଗାଁ ବ୍ଲକ। ଏହି ବ୍ଲକର ତିରୁଣା, ଓଷକଣା, ଡାବର, ଗଜରାଜପୁର ଆଦି ପଞ୍ଚାୟତରେ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି



ଯୋଜନାରେ କାର୍ଯ୍ୟ କରାଯାଉଛି। କିନ୍ତୁ ଏହି କାର୍ଯ୍ୟରେ ଚଞ୍ଚକତା କରାଯାଉଥିବା ଦେଖାଯାଇଛି।

ଏହି ଯୋଜନାରେ କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ପାଇଁ ଏନ୍‌ଏମ୍‌ଏମ୍‌ଏସ୍ ଆପ ବାଧ୍ୟତାମୂଳକ କରାଯାଇଥିବା ବେଳେ ଅନେକ ସମୟରେ ଉକ୍ତ ଆପରେ ଫଟୋ ଅପଲୋଡ କରାଯାଉନାହିଁ। କାର୍ଯ୍ୟ ଠିକ୍ ଭାବେ କରାଯାଉଛିକି ନାହିଁ ଏହାର ତଦାରଖ କରିବା ପାଇଁ ସମ୍ପୃକ୍ତ ପଞ୍ଚାୟତର ଯନ୍ତ୍ରୀ ଓ ଏଡିଇଓ, ବ୍ଲକସ୍ତରରେ ଏପିଓ ଓ ଜିଲ୍ଲାସ୍ତରରେ ଏମସିଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସବୁଠାରୁ ବଡ କଥା ହେଲା ଡାବର ପଞ୍ଚାୟତରେ ମେସିନ ଓ ଟ୍ରାକ୍ଟର ମାଧ୍ୟମରେ ମାଟି ଅଣା ଯାଇ କାର୍ଯ୍ୟ ସ୍ଥଳରେ ପକାଯାଇଥିବା ବେଳେ ତିରୁଣା ପଞ୍ଚାୟତରେ ଅମୃତ ସରୋବର ଖନନ ନାମରେ ବିନା କାର୍ଯ୍ୟରେ ଗୋଟିଏ ଦିନ ତଥା ସକାଳ ସମୟରେ ଏନ୍‌ଏମ୍‌ଏମ୍‌ଏସ୍ କରାଯାଇ ୬ଦିନର ଶ୍ରମିକଙ୍କ ଉପସ୍ଥାନ ଦର୍ଶାଯାଇଛି। ସେହିପରି ଓଷକଣା ପଞ୍ଚାୟତରେ ଉପସ୍ୱାସ୍ଥ୍ୟ କେନ୍ଦ୍ର ଚତୁଃପାର୍ଶ୍ୱରେ ମାଟି ପୋତେଇ ପାଇଁ ପୂର୍ବରୁ ମାଟି ପକାଯାଇ ନାମକୁ ମାତ୍ର ଜବକାର୍ଡଧାରୀଙ୍କୁ ଠିଆ କରାଯାଇ ୨୭ ତାରିଖରେ ଫଟୋ ଉତୋଳନ କରାଯାଇ ଏନ୍‌ଏମ୍‌ଏମ୍‌ଏସ୍ ଆପରେ ଫଟୋ ଅପଲୋଡ କରାଯାଇଛି। ପରବର୍ତି ସମୟରେ ଉକ୍ତ ମାଟିକୁ ସମତୁଲ କରିବା ପାଇଁ ଦାଦନ ଶ୍ରମିକଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଇଥିବା ଜଣାଯାଇଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ମନରେଗା କାର୍ଯ୍ୟରେ ନିୟୋଜିତ ହୋଇଥିବା ଜବକାର୍ଡଧାରୀଙ୍କୁ ସେମାନଙ୍କର ପ୍ରାପ୍ୟ ପ୍ରଦାନ ପାଇଁ ପ୍ରଶାସନ ପକ୍ଷରୁ ଖୋଳା ଯାଇଥିବା ସ୍ଥାନର ପିଟ୍‌କୁ ମାପ କରାଯାଇ ପ୍ରାପ୍ୟ ପ୍ରଦାନ କରାଯାଇଥାଏ। ହେଲେ ଓଷକଣା ପଞ୍ଚାୟତରେ ହୋଇଥିବା କାର୍ଯ୍ୟରେ କେଉଁଠୁ ମାଟି ଆସି ପୋତେଇ ହୋଇଛି ତାହା ତଦନ୍ତ ସାପେକ୍ଷ। ଏବିଷୟରେ ବ୍ଲକର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅଙ୍କିତା ଜାଲିଙ୍କୁ ପଚାରିବାରେ ବିଡିଓଙ୍କ ସହ ଆଲୋଚନା କରାଯିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ୨୫ ଭୂମିହୀନ ପରିବାର, ୩୧ ବିଦ୍ୟାଳୟକୁ ଜମିପଟ୍ଟା ବାଣ୍ଟିଲେ ସାଂସଦ



**ଭୁବନେଶ୍ୱର,୨୮।୩ (ସଂଚାର ବ୍ୟୁରୋ):** ଭୁବନେଶ୍ୱର ଜୟଦେବ ନିର୍ବାଚନ ମଣ୍ଡଳୀ ବାଲିଅନ୍ତା ତହସିଲ ଅଧୀନ ବିଭିନ୍ନ ପଞ୍ଚାୟତର ୨୫ ଭୂମିହୀନ ପରିବାର ଏବଂ ୩୧ ଟି ବିଦ୍ୟାଳୟକୁ ପଟ୍ଟା ବଣ୍ଟନ କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ସେଥିମଧ୍ୟରେ ୨୫ ଟି ପ୍ରାଥମିକ ଏବଂ ଅନ୍ୟ ୬ଗୋଟି ଉଚ୍ଚ ବିଦ୍ୟାଳୟ ରହିଛି। ଦୀର୍ଘ ବର୍ଷରୁ ଏହି ପରିବାର ଜମି ପଟ୍ଟାରୁ ବଞ୍ଚିତ ଥିଲେ। ସମସ୍ତେ ସରକାରୀ ଜମିରେ ରହୁଥିଲେ ମଧ୍ୟ କାହା ନିକଟରେ ଜମିର ମାଲିକାନା ନେଇ ପଟ୍ଟା ନଥିଲା। ଜମି ପଟ୍ଟା ଖଣ୍ଡିଏ ପାଇଁ ଏହି ଭୂମିହୀନ ପରିବାର ଗୁଡ଼ିକ ଭୁବନେଶ୍ୱର ସାଂସଦଙ୍କୁ ବିଭିନ୍ନ ସମୟରେ ସାକ୍ଷାତ କରି ଗୁହାରି କରି ଆସୁଥିଲେ। ଭୁବନେଶ୍ୱର ସାଂସଦଙ୍କ ଉଦ୍ୟମ ସକାଶେ ଆଜି ସେମାନଙ୍କର ବର୍ଷ ବର୍ଷର ସ୍ୱପ୍ନକୁ ପୂରଣ ହୋଇଛି। ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଏବଂ ବାଲିଅନ୍ତା ତହସିଲଦାରଙ୍କ ଉପସ୍ଥିତିରେ ବାଲିଅନ୍ତା ତହସିଲଦାରଙ୍କ କାର୍ଯ୍ୟାଳୟରେ ଏହି ପଟ୍ଟାବଣ୍ଟନ କାର୍ଯ୍ୟ ହୋଇଯାଇଛି । ଜମି ପଟ୍ଟା ପାଇବା ପରେ ସମସ୍ତେ ଖୁସି ପ୍ରଶ କରିଛନ୍ତି ।

ବହୁ ପୁରୁଣା ସ୍କୁଲ ଗୁଡ଼ିକ ନିକଟରେ ନିଜ ଜମି ପଟ୍ଟା ନଥିବାରୁ ବିଭିନ୍ନ ସରକାରୀ ଉନ୍ନତିକରଣ ଯୋଜନାରେ ଏଗୁଡ଼ିକ ସୁଫଳ ପାଇବାକୁ ବଂଚିତ ରହୁଥିଲେ । ଜମି ପଟ୍ଟା ମିଳିବା ପରେ ବାଲିଅନ୍ତା ଅଂଚଳର ଅନେକ ବୁଦ୍ଧିଜୀବୀ ଭୁବନେଶ୍ୱର ସାଂସଦଙ୍କ ଉଦ୍ୟମକୁ ପ୍ରଶଂସା କରିଛନ୍ତି । ଏହି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଏବଂ ବାଲିଅନ୍ତା ତହସିଲଦାର ଉପସ୍ଥିତ ରହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜୟଦେବ ନିର୍ବାଚନମଣ୍ଡଳୀ ସାଂସଦ ପ୍ରତିନିଧି ଚୌଧୁରୀ ଦ୍ୱରିକା ନାଥ ଦାଶ, ତହସିଲଦାର ବିମଳ କୁମାର ଲେଙ୍କା, ଶିକ୍ଷା ଅଧିକାରୀ ପ୍ରଜ୍ଞା ପରମିତା ଜେନା, ପ୍ରଦୀପ୍ତ ମହାନ୍ତି, ଶିବ ମଲ୍ଲିକ ଏବଂ ମଣ୍ଡଳ ସଭାପତି ବିଜୟ ମହାରଣାଙ୍କ ସମେତ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ଆଜି ବର୍ଷର ପ୍ରଥମ ସୂର୍ଯ୍ୟୋପରାଗ




**ଭୁବନେଶ୍ୱର,୨୮।୩ (ସଂଚାର ବ୍ୟୁରୋ):** ଶନିବାର ବର୍ଷର ପ୍ରଥମ ଆଂଶିକ ସୂର୍ଯ୍ୟୋପରାଗ ସଂଗଠିତ ହେବ। ଉତ୍ତର ଆମେରିକା, ଗ୍ରୀନ୍‌ଲ୍ୟାଣ୍ଡ, ଆଇସ୍‌ଲ୍ୟାଣ୍ଡ, ଉତ୍ତର ଆଟ୍‌ଲାଣ୍ଟିକ ମହାସାଗର, ୟୁରୋପ ଏବଂ ଉତ୍ତର-ପଶ୍ଚିମ ରୁଷରେ ଏହା ଦୃଶ୍ୟମାନ ହେବ। ତେବେ ବର୍ଷର ପ୍ରଥମ ସୂର୍ଯ୍ୟୋପରାଗ ଭାରତ କିମ୍ବା ଓଡିଶାରେ ଦୃଶ୍ୟମାନ ହେବ ନାହିଁ। ଏହା ଭାରତୀୟ ସମୟ ଦିନ ୨ଟା ୨୦ରୁ ଆରମ୍ଭ ହୋଇ ୪ଟା ୧୭ ମିନିଟରେ ସର୍ବାଧିକ ପରାଗ ୯୦% ହେବ। ସେହିପରି ଅପରାହ୍ନ ୪ ଟା ୧୪ ମିନିଟରେ ପରାଗ ଶେଷ ହେବ ବୋଲି ଜ୍ୟୋତିର୍ବିଜ୍ଞାନୀ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି।

୨ରେ ଶିଶୁ ବାଟିକା ପ୍ରବେଶ ଉତ୍ସବ

## ନାମ ଲେଖାଇବାକୁ ଘର ଘର ବୁଲି ନିମନ୍ତ୍ରଣ କଲେ ଜିଲ୍ଲାପାଳ

**ଛତ୍ରପୁର,୨୮।୩(ସଂଚାର ବ୍ୟୁରୋ):** ଆସନ୍ତା ୨ରେ ରାଜ୍ୟବ୍ୟାପି ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ପାଳନ ହେବ। ଏଥିପାଇଁ ଶିଶୁ ବାଟିକାରେ କୁନି କୁନି ପିଲାମାନେ ସରକାରୀ ବିଦ୍ୟାଳୟ ନାମ ଲେଖାଇବାକୁ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅବସରରେ ଛତ୍ରପୁର ଏନଏସି ଅଧୀନ ପୁତିଗୋପାଳପୁର ସ୍ଥିତ ବଡ଼ସାହିରେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା ସ୍ୱତନ୍ତ୍ର ନିମନ୍ତ୍ରଣ ବାଣ୍ଟିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଆସିଥିବା ନିମନ୍ତ୍ରଣ ପତ୍ର ପ୍ରଦାନ କରିବା ସହ ପରିବାର ସହ ଆଲୋଚନା କରିଥିଲେ। ନୂତନ ଜାତୀୟ ଶିକ୍ଷାନୀତି (ଏନ୍‌ଇପି) ୨୦୨୦ ଅନୁଯାୟୀ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଶିଶୁଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉଦ୍ଦେଶ୍ୟରେ ରାଜ୍ୟ ସରକାର ଚଳିତ ବର୍ଷ ନୂତନ ଶିକ୍ଷାନୀତି ଆରମ୍ଭ କରିଛନ୍ତି। ଏପ୍ରିଲ ୨ରେ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଯେଉଁମାନଙ୍କ ବୟସ ସେପ୍ଟେମ୍ବର ୧ ସୁଦ୍ଧା ୫ ବର୍ଷରୁ ଊର୍ଦ୍ଧ୍ୱ ସେମାନେ ଶିଶୁ ବାଟିକା ଓ ୬ ବର୍ଷରୁ ଊର୍ଦ୍ଧ୍ୱ ପ୍ରଥମ ଶ୍ରେଣୀରେ ନାମ ଲେଖାଇବେ। ଆସନ୍ତା ୨ ରୁ ୫ ତାରିଖ ପର୍ଯ୍ୟନ୍ତ ତିନି ଦିନ ସରକାରୀ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ପୁରୀ ରଥଯାତ୍ରା ଲାଗି ପହଞ୍ଚିଲା ରଥ କାଠ



**ପୁରୀ,୨୮।୩(ସଂଚାର ବ୍ୟୁରୋ):** ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଲାଗି ପୁରୀରେ ପହଞ୍ଚିଛି ରଥ କାଠ। ଆସନ୍ତା ଜୁନ ୨୭ ତାରିଖରେ ଅନୁଷ୍ଠିତ ହେବ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା । ଏହାପୂର୍ବରୁ ଓଡ଼ିଶାର ବିଭିନ୍ନ ବନଖଣ୍ଡରୁ ରଥ ନିର୍ମାଣ ଲାଗି ରଥ କାଠ ପହଞ୍ଚିଛି। ଆସନ୍ତା ରାମ ନବମୀରେ କଟକ ସ୍ଥିତ କରତ କଳରେ ରଥ କାଠ ଚିରଟ କାର୍ଯ୍ୟ ଅନୁକୂଳ ହେଉା ସହ ଅକ୍ଷୟ ତୃତୀୟା ଦିନ ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ ହେବ। ଚଳିତ ବର୍ଷ ରଥଯାତ୍ରାକୁ ଶୃଙ୍ଖଳିତ କରିବା ଲାଗି ଶ୍ରୀ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି ।

## ଜମି ଦୁର୍ନୀତିରେ ସବରେଜିଷ୍ଟ୍ରାରଙ୍କ ସମେତ ୨ ଗିରଫ



**ସମ୍ବଲପୁର,୨୮।୩(ସଂଚାର ବ୍ୟୁରୋ):** ଜମି ଦୁର୍ନୀତିରେ ସମ୍ବଲପୁର ସବରେଜିଷ୍ଟ୍ରାର ଗିରଫ । ଜମିବାଡି ଚଞ୍ଚକତା ଅଭିଯୋଗରେ ସମ୍ବଲପୁର ସବରେଜିଷ୍ଟ୍ରାରଙ୍କ ସମେତ ୨ ଗିରଫ । ସମ୍ବଲପୁର ଟାଉନ ଥାନା ପୋଲିସ ଡିଏସଆର ସୂର୍ଯ୍ୟ ନାରାୟଣ ସାମଲ ଓ ଚନ୍ଦ୍ର ପ୍ରସାଦ ଡୁଙ୍ଗୁରିଆଙ୍କୁ ଗିରଫ କରିଛି । ସ୍ୱର୍ଗତ ନବ ଦାସଙ୍କ ପୁତୁରା ସମୀର ଦାସଙ୍କୁ ଜମି ଦଲାଲ ମାନେ ଚଂଚକତା କରି ବୁଢାରଜାର ଏକ ଜମି ବିକ୍ରି କରିଥିଲେ । ତେବେ ସମୀର ଦାସଙ୍କ ବାପା ବ୍ରଜ ଦାସ ଏହି ଘଟଣାରେ ସନ୍ଦେହ ହେବାରୁ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଏନେଇ ଜଣାଇଥିଲେ । ଫଳରେ ଏହାର ତଦନ୍ତ ହେବା ପରେ ଡିଏସଆରଙ୍କ ସମ୍ପୃକ୍ତି ଥିବା ଜଣାପଡିବା ପରେ ପୋଲିସ ଗିରଫ କରିଛି । ଏହି ଘଟଣାରେ ୨ଜଣ ପୋଲିସ ଅଧିକାରୀଙ୍କର ମଧ୍ଯ ସମ୍ପୃକ୍ତି ଥିବା ସନ୍ଦେହ ହେଉଛି ।



ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଲୋକସେବା ଭବନରେ ସାକ୍ଷାତ କରିଛନ୍ତି।

# ଝାରସୁଗୁଡ଼ା ସବୁଠୁ ତତଲା, ୩୦ ଯାଏ ନିସ୍ତାର ନାହିଁ

**ଭୁବନେଶ୍ୱର,୨୮।୩(ସଂଚାର ବ୍ୟୁରୋ):** କାଳବୈଶାଖୀ ପ୍ରଭାବରେ ରାଜ୍ୟରେ କିଛି ଦିନ ବର୍ଷା ହେବା ଫଳରେ ଜନସାଧାରଣ ଭୀଷଣ ତାତିରୁ ରକ୍ଷା ପାଇଥିଲେ। ଏହାର ପ୍ରଭାବ ୪/୫ ଦିନ ରହିବା ପରେ ଏବେ ବିଭିନ୍ନ ସହରରେ ତାପମାତ୍ରା କ୍ରମଶଃ ଉପରମୁହାଁ ହୋଇଛି। ଫଳସ୍ୱରୂପ ଆଗାମୀ ୩ଦିନ ପର୍ଯ୍ୟନ୍ତ ଏହି ତାତିରୁ ଜନସାଧାରଣ ନିସ୍ତାର ପାଇବାର ସମ୍ଭାବନା କ୍ଷୀଣ। କାରଣ ଏହି ସମୟ ମଧ୍ୟରେ ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇବା ନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏଥିସହ ଆଗାମୀ ୩ ଦିନ ପାଇଁ କିଛି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ବି ଜାରି କରାଯାଇଛି। ଅନ୍ୟପକ୍ଷରେ ଗତ ୨୪ ଘଣ୍ଟା ମଧ୍ୟରେ ଝାରସୁଗୁଡ଼ା ରାଜ୍ୟର ସବୁଠୁ ଉତ୍ତପ୍ତ ସହ ରହିଛି, କାରଣ ଏଠାରେ ସର୍ବାଧିକ ତାପମାତ୍ରା ୪୨ ଡିଗ୍ରୀ ଉପରେ ରହିଥିବା ଜଣାପଡ଼ିଛି। ଗତକାଲି ଏଠାରେ ୪୧.୪ ଡିଗ୍ରୀ ତାପମାତ୍ରା ଥିବା ବେଳେ ଆଜି ଅପରାହ୍ନ ସୁଦ୍ଧା ଏହା ଆହୁରି ବଢ଼ିଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ସେହିପରି ଆସନ୍ତା ୨୪ ଘଣ୍ଟାରେ ସମ୍ବଲପୁର ଓ ଝାରସୁଗୁଡ଼ାରେ ଗ୍ରୀଷ୍ମ ଲହରୀ ନେଇ ୱାର୍ଣ୍ଣିଂ ଜାରି କରାଯାଇଛି। ଆହୁରି ଆସନ୍ତାକାଲି ପାଇଁ କଳାହାଣ୍ଡି, ବଲାଙ୍ଗୀର, ସୋନପୁର, ବୌଦ୍ଧ, ସମ୍ବଲପୁର ଓ ଝାରସୁଗୁଡ଼ାରେ ତାପମାତ୍ରା ବଢ଼ିବା ସମ୍ଭାବନା ପ୍ରକଟ କରି ବିଭାଗ ପକ୍ଷରୁ ଏହିସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଆସନ୍ତା ରବିବାର ଅର୍ଥାତ୍ ୩୦ ତାରିଖ ମଧ୍ୟ ପାଣିପାଗ ବିଭାଗ ପକ୍ଷରୁ କଳାହାଣ୍ଡି, ବଲାଙ୍ଗୀର, ସୋନପୁର, ବୌଦ୍ଧ, ସମ୍ବଲପୁର ଓ ଝାରସୁଗୁଡ଼ା ଆଦି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ଗତ ୨୪ ଘଣ୍ଟାରେ ରାଜ୍ୟର ୮ଟି ସହରରେ ତାପମାତ୍ରା ୪୦ ଉପରେ ରେକର୍ଡ କରାଯାଇଛି। ଏହି ତାଲିକାରେ ଝାରସୁଗୁଡ଼ା ବ୍ୟତୀତ ହୀରାକୁଦ ରହିଛି, ଯେଉଁଠି ୪୦.୧ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଏହାଛଡ଼ା ରାଜଧାନୀ ଭୁବନେଶ୍ୱର ଓ କଟକରେ ଗତ ୨୪ ଘଣ୍ଟାରେ ତାପମାତ୍ରା ଯଥାକ୍ରମେ ୩୮.୫ ଓ ୩୬.୮ ଡିଗ୍ରୀ ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି। ସେ କହିଛନ୍ତି ଯେ ଆଗାମୀ ୩ ଦିନ ପାଇଁ କିଛି ଜିଲ୍ଲାରେ ତାପମାତ୍ରା ୪୨ ଡିଗ୍ରୀ ଟପିବାର ସମ୍ଭାବନା ମଧ୍ୟ ବ୍ୟକ୍ତ କରାଯାଉଛି, ଯେଉଁଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ତାପମାତ୍ରା ବଢୁଥିବାରୁ ସମସ୍ତେ ପ୍ରଚୁର ମାତ୍ରାରେ ପାଣି ପିଇବା ସହ ସମସ୍ତ ପ୍ରକାର ସତର୍କତାମୂଳକ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ ଆସନ୍ତା ୨ ତାରିଖ ପରେ ପାଣିପାଗରେ ପରିବର୍ତ୍ତନ ସମ୍ଭାବନା ରହିଛି। କାରଣ ସେତେବେଳେ କିଛି ଜିଲ୍ଲାରେ ବର୍ଷା ହୋଇପାରେ। ଆର୍ଦ୍ରତା ପରିମାଣ ବୃଦ୍ଧି ସହ ବାୟୁର ଦିଗ ପରିବର୍ତ୍ତନ ପରିପ୍ରେକ୍ଷୀରେ ୨ କିମ୍ବା ୩ ତାରିଖ ବେଳକୁ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ଜିଲ୍ଲାରେ ବର୍ଷା ଆଶା କରାଯାଉଛି ବୋଲି ନିର୍ଦ୍ଦେଶିକା କହିଛନ୍ତି।

### ୩ରେ ଘୂର୍ଣ୍ଣିବଳୟ !



**ଆସନ୍ତା ସପ୍ତାହକ ମଧ୍ୟରେ** ଦକ୍ଷିଣ ବଙ୍ଗୋପସାଗର ନିକଟରେ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ପ୍ରକଟ କରିଛି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)। ସୂଚନାନୁସାରେ, ଦକ୍ଷିଣ ବଙ୍ଗୋପସାଗର ନିକଟ ଭୂମଧ୍ୟ ଭାରତ ମହାସାଗରରେ ଆସନ୍ତା ୩ ତାରିଖ ମଧ୍ୟରେ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଅକ୍ଷାଂଶର ସମାନ୍ତରାଳ ଭାବେ ବହୁଥିବା ପବନରେ ଅସଙ୍ଗତି ଓ ଭୂମଧ୍ୟରେଖୀୟ ଢେଉ ଯୋଗୁଁ ଏହି ଘୂର୍ଣ୍ଣିବଳୟ ସୃଷ୍ଟି ପାଇଁ ଅନୁକୂଳ ପରିବେଶ ରହିଛି। ଭାରତ ମହାସାଗରରେ ନେଗେଟିଭ ଇଣ୍ଡିଆନ୍ ଡାଇପୋଲ୍ ସ୍ଥିତି ରହିଛି। ଅର୍ଥାତ ପଶ୍ଚିମ ଭାରତ ମହାସାଗରରେ ପାଣି ସ୍ୱାଭାବିକଠାରୁ ଥଣ୍ଡା ରହିଥିବା ବେଳେ ପୂର୍ବ ଭାରତ ମହାସାଗରର ସମୁଦ୍ର ପାଣି ଉଷ୍ମ ରହିଛି, ଯାହାକି ଘୂର୍ଣ୍ଣିବଳୟ ସୃଷ୍ଟି ପାଇଁ ଅନୁକୂଳ ବାତାବରଣ।

# ଭିଜିଲାନ୍ସ ଜାଲରେ ସିନିୟର କ୍ଲର୍କ



**ଅନୁଗୋଳ,୨୮।୩ (ସଂଚାର ବ୍ୟୁରୋ):** ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଶୁକ୍ରବାର ଭିଜିଲାନ୍ସ ହାତରେ ଧରାପଡିଛନ୍ତି ଅନୁଗୋଳ ଜିଲା ଆଠମଲ୍ଲିକ ତହସିଲ କାର୍ଯ୍ୟାଳୟର ବରିଷ୍ଠ କିରାଣୀ ସତ୍ୟପ୍ରିୟ ନାୟକ। ଭିଜିଲାନ୍ସ ଟିମ୍ ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରିଥିବା ସୂଚନା ମିଳିଛି। ମିଳିଥିବା ସୂଚନା ମୁତାବକ, କୌଣସି ଏକ କାମକୁ ନେଇ କିରାଣୀ ସତ୍ୟପ୍ରିୟ ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ଭିଜିଲାନ୍ସ ପାଖରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ଯୋଜନା ମୁତାବକ, ସତ୍ୟପ୍ରିୟ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ମାଡି ବସିଥିଲା। ଅପରପକ୍ଷେ ଆୟ ବହିର୍ଭୂତ ସମ୍ପତ୍ତି ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ତଦନ୍ତ କରାଯାଉଥିବା ସୂଚନା ମିଳିଛି।

## ପୁଲିସ କର୍ମଚାରୀଙ୍କ ବେପରୁଆ ଗାଡ଼ିଚାଳନା, ଘର ଭିତରେ ପଶିଲା ଗାଡ଼ି



**ଢେଙ୍କାନାଳ,୨୮।୩ (ସଂଚାର ବ୍ୟୁରୋ):** କାର୍ଯ୍ୟରତ ପୋଲିସ କର୍ମଚାରୀଙ୍କ ବେପରୁଆ ଗାଡି ଚାଳନା। ନିଶାଶକ୍ତ ଅବସ୍ଥାରେ ବେପରୁଆ କାର ଚଳାଇ ଏକ ଜଳଖିଆ ଠେଲାକୁ ଧକ୍କା ଦେଇ ଜଣଙ୍କ ଘରର ଭିତରେ ପଶେଇଦେଲେ ଗାଡି। ଘରର ମୁଖ୍ୟ ଫାଟକ ଭାଙ୍ଗି ଘର ଭିତରକୁ ଗାଡିଟି ପଶିଯାଇଥିବା ବେଳେ ସେହି ସମୟରେ ରାସ୍ତାରେ ଯାଉଥିବା ଜଣେ ମହିଳା ତାଙ୍କ ଶିଶୁ କନ୍ୟା ଅଳ୍ପକେ ବର୍ତ୍ତିଯାଇଛନ୍ତି । ଢେଙ୍କାନାଳ ଟାଉନଥାନା ଅନ୍ତର୍ଗତ ଜୁବୁଲି ଟାଉନ କଦମ ଛକଠାରେ ଏହି ଦୁର୍ଘଟଣା ଘଟିଛି। ପୋଲିସଜଣଙ୍କ ହେଲେ ଈଶ୍ୱର ଚନ୍ଦ୍ର ତରାଇ। ତାଙ୍କୁ ଏବଂ ତାଙ୍କ ସହିତ ଥିବା ଅନ୍ୟ ଜଣଙ୍କୁ ସାହି ଲୋକ କାବୁ କରି ରଖିଛନ୍ତି। ଟାଉନ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି ।

## ସମ୍ବଲପୁରରେ ମୁତୟନ ହେବେ ବିଏସ୍‌ଏଫ ଫୋର୍ସ



**ସମ୍ବଲପୁର,୨୮।୩ (ସଂଚାର ବ୍ୟୁରୋ):** ସମ୍ବଲପୁରରେ ରାମନବମୀ ଏବଂ ହନୁମାନ ଜୟନ୍ତୀ ପାଇଁ ପ୍ରଶାସନ ପକ୍ଷରୁ ବଡ଼ ପଦକ୍ଷେପ ନିଆଯାଇଛି। ରାମନବମୀ ଏବଂ ହନୁମାନ ଜୟନ୍ତୀରେ ସୁରକ୍ଷାକୁ ଦୃଷ୍ଟିରେ ସମ୍ବଲପୁରରେ କେନ୍ଦ୍ରୀୟ ଫୋର୍ସ ମୁତୟନ କରାଯିବ ବୋଲି ଶୁକ୍ରବାର ସମ୍ବଲପୁର ଏସ୍‌ପି ମୁକେଶ ଭାମୁ ସୂଚନା ଦେଇଛନ୍ତି। ସମ୍ବଲପୁରରେ ୨ କମ୍ପାନୀ ବିଏସ୍‌ଏଫ୍ ଫୋର୍ସ ମୃତୟନ କରାଯିବ। ଏପରିକି ଗୋଟିଏ କମ୍ପାନୀ ରାପିଡ୍ ଆକ୍ସନ ଫୋର୍ସ ମୁତୟନ ହେବେ। ଏଥିସହ ୧୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିବେ ବୋଲି ସମ୍ବଲପୁର ଏସ୍‌ପି କହିଛନ୍ତି।

## କଂଗ୍ରେସ ବିଧାନସଭା ଘେରାଉ, ପୁଲିସ ରୁଜୁ କଲା ଦଙ୍ଗା ମାମଲା




**ଭୁବନେଶ୍ୱର,୨୮।୩ (ସଂଚାର ବ୍ୟୁରୋ):** ନାରୀ ନିର୍ଯାତନା ନେଇ କଂଗ୍ରେସର ବିଧାନସଭା ଘେରାଉ ଘଟଣା । ଲୋୟର ପିଏମଜିରେ ବିଶୃଙ୍ଖଳା ନେଇ ରୁଜୁ ହେଲା ମାମଲା । ବିଶୃଙ୍ଖଳାକାରୀଙ୍କ ବିରୋଧରେ ଲାଗିଲା ଦଙ୍ଗା ମାମଲା । ଏପରିକି ପୋଲିସ ଗାଡି ପୋଡି ଓ ବିଧାନସଭା ୩ ନମ୍ବର ଗେଟରେ ବଳପୂର୍ବକ ଧସେଇ ପଶିବା ନେଇ ରୁଜୁ ହୋଇଛି ମାମଲା । ଏନେଇ କମିଶନରେଟ ପୋଲିସ ପକ୍ଷରୁ କ୍ୟାପିଟାଲ ଥାନାରେ ତିନୋଟି ମାମଲା ରୁଜୁ କରାଯାଇଛି। କେସ ନମ୍ବର ୧୨୮,୧୨୯,୧୩୦ରେ ତିନୋଟି କେସ ରୁଜୁ ହୋଇଥିବା । କ୍ୟାପିଟାଲ ଥାନାଧିକାରି ଦୟାନିଧି ନାୟକ ସୂଚନା ଦେଇଛନ୍ତି । ଗତ ୨୬ ତାରିଖରେ ଇଷ୍ଟର୍ଣ୍ଣ ଗେଟ ଅର୍ଥାତ୍ ଗେଟ୍ ନମ୍ବର ୩ ବଳ ପୂର୍ବରୁ ଧସେଇ ପସିବାକୁ ଉଦ୍ୟମ ବେଳେ ପୋଲିସ ସହ ମୁହାଁମୁହିଁକୁ ନେଇ କେସ ନମ୍ବର ୧୨୮/୨୫,ରେ ମାମଲା ରୁଜୁ ହୋଇଛି । ୧୮୯(୨),୨୧୧,୨୯୬,୧୩୨,୧୯୦,BNS ୯୬ ଓ ୟୁପି ଆକ୍ଟରେ ମାମଲା ରୁଜୁ କରି ଅନେକ କଂଗ୍ରେସ ନେତା ଓ କର୍ମୀଙ୍କ ବିରୋଧରେ ମାମଲା ରୁଜୁ ହୋଇଛି।ଏପରିକି ସେହି ତାଲିକାରେ ବହୁ ବରିଷ୍ଠ ନେତା ଓ କର୍ମୀ ଓ ବରିଷ୍ଠ ନେତା ମଧ୍ୟ ରହିଛନ୍ତି । ଏମାନେ ରାତି ଅଧରେ ବିଧାନସଭା ତିନି ନମ୍ବର ଗେଟରେ ପଶିବାକୁ ଉଦ୍ୟମ କରୁଥିବା ବେଳେ ଅଟକାଇଲା ଥିଲା ପୋଲିସ । ଏମାନେ ଧସେଇ ପଶିବାକୁ ଉଦ୍ୟମ କରୁଥିଲେ ଏନେଇ ବିଧାନସଭାର ସୁରକ୍ଷାକୁ ଆଧାରକରି ପୋଲିସ ୨୬ତାରିଖ ରାତି ଘଟଣା ପାଇଁ ସ୍ୱତନ୍ତ୍ର କେସ କରି ତନାଘନା ଜାରି ରଖିଛି ।

## ମାତ୍ର ୨୦ ଟଙ୍କା ପାଇଁ ସ୍ୱାମୀ ସ୍ତ୍ରୀ କଳି, ଜୀବନ ହାରିଲେ ମହିଳା




**ଜଳେଶ୍ୱର ,୨୮।୩ (ସଂଚାର ବ୍ୟୁରୋ):** ମାତ୍ର ୨୦ ଟଙ୍କା ପାଇଁ ସ୍ୱାମୀ ସ୍ତ୍ରୀ ଭିତରେ କଳି । ବିଷ ପିଇ ଜୀବନ ହାରିଲେ ମହିଳା। ତେବେ ହତ୍ୟା ଅଭିଯୋଗ ଆଣିଛନ୍ତି ମୃତ ମହିଳାଙ୍କ ବାପଘର ଲୋକ । ଥାନାରେ ଲିଖିତ ଅଭିଯୋଗ ପରେ ସ୍ୱାମୀଙ୍କୁ ଅଟକ ରଖି ପଚରାଉଚରା କରୁଛି ପୋଲିସ। ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ଗୋବରଘୋଟି ଗାଁର ଘଟଣା। ମୃତ ମହିଳାଙ୍କ ନାଁ ରିଙ୍କି । ଅଭିଯୋଗ ଅନୁସାରେ ସ୍ୱାମୀ ସ୍ତ୍ରୀଙ୍କ ଭିତରେ ଅଧିକାଂଶ ସମୟରେ ପାଟିତୁଣ୍ଡ ହେଉଥିଲା। ଗତକାଲି ସଂଧ୍ୟାରେ କିଛି କିଣିବା ପାଇଁ ରିଙ୍କି ତାଙ୍କ ସ୍ୱାମୀ ଜଗନଙ୍କୁ ୨୦ ଟଙ୍କା ମାଗିଥିଲେ । ଏହାକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ଭିତରେ ପାଟିତୁଣ୍ଡ ହୋଇଥିଲା। କିଛି ସମୟ ପରେ ଘରେ ଥିବା କୀଟ ନାଶକ ପିଇ ରିଙ୍କି ଜୀବନ ହାରିଥିବା ଅଭିଯୋଗ ହୋଇଥିଲା। ତେବେ ମୃତ ରିଙ୍କିଙ୍କ ବାପଘର ଲୋକ ହତ୍ୟା ଅଭିଯୋଗ ଆଣିଛନ୍ତି । ହତ୍ୟା ଅଭିଯୋଗ ଆଧାରରେ ତଦନ୍ତ କରୁଛି ପୋଲିସ ।

# ପୁଲିସ୍ ମାନୁଆଲ ରୁଲ୍‌ର ଉଲ୍ଲଙ୍ଘନ କରିଛନ୍ତି ଡିଜି: ବିଜେଡି



**ଭୁବନେଶ୍ୱର,୨୮।୩(ସଂଚାର ବ୍ୟୁରୋ):** ରାଜ୍ୟର ପୁଲିସ୍ ମହାନିର୍ଦ୍ଦେଶକ (ଡିଜି) ୱାଇବି ଖୁରାନିଆ ଗତକାଲି କ୍ୟାପିଟାଲ ହସ୍ପିଟାଲରେ ଆହତ ପୁଲିସ କର୍ମଚାରୀଙ୍କୁ ଭେଟିବା ସମୟରେ ଗଣମାଧ୍ୟମକୁ ଦେଇଥିବା ମନ୍ତବ୍ୟକୁ ବିଜେଡି ସମାଲୋଚନା କରିଛି। ଆହତ ପୁଲିସ କର୍ମଚାରୀଙ୍କୁ ଦେଖି ଫେରିବା ପରେ ଶ୍ରୀ ଖୁରାନିଆ କ୍ରୋଧାନ୍ୱିତ ହୋଇ ଆନ୍ଦୋଳନକାରୀଙ୍କୁ ଅସାମାଜିକ କହିବା ସହ ସେମାନଙ୍କ କାର୍ଯ୍ୟକଳାପକୁ ଆତଙ୍କରାଜ ବୋଲି ସମ୍ବୋଧନ କରିଥିଲେ। ଏଥିସହ ଆନ୍ଦୋଳନ ସମୟରେ ହିଂସାକାଣ୍ଡ ଭିଆଇଥିବା ଲୋକମାନେ ଯେଉଁଠି ଥିଲେ ବି ସେମାନଙ୍କୁ ଜେଲରେ ଭର୍ତ୍ତି କରାଯିବ ଓ ଏପରି ଆଚରଣକୁ ଆମେ ସହ୍ୟ କରିବୁ ନାହିଁ ବୋଲି କହିବା କେତେଦୂର ଯୁକ୍ତିଯୁକ୍ତ ବୋଲି କହି ଡିଜି ପୁଲିସ୍ ମାନୁଆଲ୍ ରୁଲ୍‌ର ଖୋଲାଖୋଲି ଉଲ୍ଲଙ୍ଘନ କରିଛନ୍ତି ବୋଲି ଆଜି ଦଳ ପକ୍ଷରୁ ଜାରି ଏକ ବିବୃତିରେ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ଡିଜିଙ୍କ ଏପରି ପ୍ରତିହିଂସା ପରାୟଣ ମନ୍ତବ୍ୟ ଗ୍ରହଣୀୟ ନୁହେଁ। କଂଗ୍ରେସ ଆନ୍ଦୋଳନ ସମୟରେ କର୍ତ୍ତବ୍ୟରତ ପୁଲିସ କର୍ମଚାରୀ ଆହତ ହେବା ନିଶ୍ଚିତ ଦୁଃଖଦାୟକ ଘଟଣା। ସେମାନଙ୍କ ପ୍ରତି ବିଜେଡିର ସମବେଦନା ରହିଛି ଓ ଦଳ ସେମାନଙ୍କ ଆଶୁ ଆରୋଗ୍ୟ କାମନା କରୁଛି। ତା’ଛଡା ବିଗତ ଦିନରେ ମଧ୍ୟ ଆନ୍ଦୋଳନରେ ପୁଲିସ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ହିଂସାତ୍ମକ ପରିବେଶ ସୃଷ୍ଟି ହୋଇଛି। କିନ୍ତୁ ସେତେବେଳେ କୌଣସି ଡିଜି ଏପରି ପ୍ରତିହିଂସା ପରାୟଣ ମନ୍ତବ୍ୟ ଦେଇନାହାନ୍ତି। ରାଜ୍ୟର ସାଧାରଣ ନାଗରିକ ସହ ପୁଲିସ୍ କର୍ମଚାରୀଙ୍କ ସୁରକ୍ଷା ଦାୟିତ୍ୱ ଡିଜିଙ୍କ ହାତରେ ରହିଛି। କିନ୍ତୁ ପୁଲିସ୍ କୌଣସି କ୍ଷେତ୍ରରେ ପ୍ରତିହିଂସା ପରାୟଣ ହୋଇପାରିବ ନାହିଁ ବୋଲି ମାନୁଆଲ୍ ରୁଲ୍‌ରେ ଉଲ୍ଲେଖ ରହିଛି। ତେଣୁ ଡିଜି ଏହାର ଖୋଲା ଉଲ୍ଲଙ୍ଘନ କରିଥିବାରୁ ସେ ରାଜ୍ୟବାସୀଙ୍କ ନିକଟରେ ଦୁଃଖ ପ୍ରକାଶ କରିବା ଉଚିତ ବୋଲି ଡ. ମହାନ୍ତି କହିଛନ୍ତି।

## ଓଷ୍ଟେଟ ୨୦୨୪ ପରୀକ୍ଷା ଫଳ ପ୍ରକାଶିତ

**ଭୁବନେଶ୍ୱର,୨୮।୩ (ସଂଚାର ବ୍ୟୁରୋ):** ଓଷ୍ଟେଟ ୨୦୨୪ ପରୀକ୍ଷା ଫଳ ପ୍ରକାଶିତ। ଓଡ଼ିଶା ସେକେଣ୍ଡାରୀ ସ୍କୁଲ ଟିଚର ଏଲିଜିବିଲିଟ ଟେଷ୍ଟ ( ଓଷ୍ଟେଟ) ପରୀକ୍ଷା ଫଳ ବାହାରିଲା । ମାଧ୍ୟମିକ ଶିକ୍ଷା ପରିଷଦ କରୁଛି ଏହି ପରୀକ୍ଷା। ଗତ ଜାନୁଆରୀ ୧୭ ରେ ୪୮ ହଜାର ୨ ଜଣ ଆଶାୟି ଶିକ୍ଷକ ଶିକ୍ଷୟତ୍ରୀ ଦେଇଥିଲେ ଏହି ପରୀକ୍ଷା । ww.bseodisha.ac.in ୱେବସାଇଟରେ ରେଜଲ୍ଟ ଉପଲବ୍ଧ । କୃତୀ ପରୀକ୍ଷାର୍ଥୀ ଡିଜିଟାଲ ସାର୍ଟିଫିକେଟ ମେ ୨୮ ଭିତରେ ଡାଉନଲୋଡ଼ କରି ପାରିବେ । ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଏହି ସୂଚନା ଦିଆଯାଇଛି ।

# ନାହିଁ ସ୍ପଷ୍ଟ ନୀତି, ହେଉନି ପଦୋନ୍ନତି



**ଭୁବନେଶ୍ୱର,୨୮।୩:** ଅଣସଂରକ୍ଷିତ ସରକାରୀ ପଦ ପଦବୀରେ ଯୋଗ୍ୟତା, ଦକ୍ଷତା ଓ ବରିଷ୍ଠତା ଭିତ୍ତିରେ ସଂରକ୍ଷିତବର୍ଗର କର୍ମଚାରୀମାନଙ୍କୁ ପଦୋନ୍ନତି ଦିଆଯିବା ଘେନି ରାଜ୍ୟ ସରକାରଙ୍କ ସ୍ପଷ୍ଟ ନୀତି ନଥିବାରୁ ବିଭିନ୍ନ ପାହ୍ୟାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ବହୁ କର୍ମଚାରୀ ପଦୋନ୍ନତି ପାଇପାରୁ ନାହାନ୍ତି । ଏମିତିକି ଯୋଗ୍ୟତା ପ୍ରଦର୍ଶନ କରିବା ସତ୍ତ୍ୱେ ବି କେତେକ ସ୍ଥଳରେ ସଂରକ୍ଷିତବର୍ଗର ପ୍ରାର୍ଥୀମାନଙ୍କୁ ଅଣସଂରକ୍ଷିତ ଆସନରେ ପ୍ରତ୍ୟକ୍ଷ ନିଯୁକ୍ତି ଦିଆଯାଇ ପାରୁନାହିଁ । ଏଥିଘେନି ମାମଲା ସଂଖ୍ୟା ବଢ଼ି ଚାଲୁଥିବାବେଳେ ପଦବୀ ପୂରଣ ହେଉନଥିବାରୁ ସରକାରୀ କାମ ବ୍ୟାହତ ହେଉଛି ଏବଂ ବିନା ପଦୋନ୍ନତିରେ ଅନେକ କର୍ମଚାରୀ ଅବସର ଗ୍ରହଣ କରିବାକୁ ବାଧ୍ୟ ହେଉଛନ୍ତି।

ଦୀର୍ଘବର୍ଷ ଧରି ପୂର୍ତ୍ତ ବିଭାଗରେ ପ୍ରାୟ ତିନିଶହ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପଦବୀ ଖାଲି ପଡିଛି। ପ୍ରତ୍ୟକ୍ଷ ନିଯୁକ୍ତି କୋଟା ପରେ ଏଗୁଡିକ ପଦୋନ୍ନତି ଭିତ୍ତିରେ ପୂରଣ କରାଯିବାକଥା । ଏଥିଲାଗି ସହକାରୀ ଯନ୍ତ୍ରୀ ପାହ୍ୟାର ଚୂଡ଼ାନ୍ତ ବରିଷ୍ଠତା ତାଲିକା ପ୍ରକାଶ ପରେ ଗତବର୍ଷ ସେପ୍ଟେମ୍ବର ମାସରେ ବିଭାଗୀୟ ପଦୋନ୍ନତି କମିଟି ବୈଠକ ବସାଯାଇ ଯୋଗ୍ୟ ପ୍ରାର୍ଥୀମାନଙ୍କ ନାମ ସୁପାରିଶ୍ କରାଯାଇଥିଲା । ତେବେ ସ୍ଥାନ ସଂରକ୍ଷଣ ସଂକ୍ରାନ୍ତରେ ସ୍ପଷ୍ଟନୀତି ନଥିବାରୁ ଏହି ଡିପିସିକୁ ଗତ ଚଳିତମାସରେ ବାତିଲ କରାଯାଇ ସାନି ଡିପିସି ବସାଇବାପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି ।

‘ପୋଷ୍ଟ ବେସ୍‌ଡ ରୋଷ୍ଟର’ ବ୍ୟବସ୍ଥା ଏବଂ ଅଣସଂରକ୍ଷିତ ଆସନରେ ସଂରକ୍ଷିତବର୍ଗଙ୍କୁ ନିଯୁକ୍ତି ଓ ପଦୋନ୍ନତି ଦେବା ଘେନି ସରକାରୀକଳ ଦ୍ୱନ୍ଦରେ ରହୁଥିବାରୁ ଏଥିପାଇଁ ବାରମ୍ବାର ନିର୍ଦ୍ଦେଶନାମା ଜାରି ହେଉଛି ଏବଂ ସ୍ପଷ୍ଟିକରଣ ଆଳରେ ତାହାକୁ ପ୍ରତ୍ୟାହାର କରିନିଆଯାଉଛି । ଏମିତିକି ଯେକୌଣସି ପଦବୀ ପୂରଣ ପୂର୍ବରୁ ଏ ସଂକ୍ରାନ୍ତରେ ଆଇନ୍ ବିଭାଗ ଏବଂ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ମତାମତ ନେବାପାଇଁ କୁହାଯାଉଛି ।

ସୁପ୍ରିମକୋର୍ଟଙ୍କ ରାୟ ଆଧାରରେ ରାଜ୍ୟ ସରକାର ସ୍ଥାନ ସଂରକ୍ଷଣ ଆଇନ୍‌ର ସଂଶୋଧନ କରୁନଥିବାରୁ ପରସ୍ପର ବିରୋଧି ସରକାରୀ ସର୍କୁଲାର ଯୋଗୁଁ ସଂରକ୍ଷିତ ଓ ଅଣସଂରକ୍ଷିତବର୍ଗର କର୍ମଚାରୀଙ୍କ ମଧ୍ୟରେ ଆଇନ୍‌ଗତ ବିବାଦ ବଢ଼ି ଚାଲୁଛି । ଢେର ବରିଷ୍ଠ ହୋଇଥିଲେ ମଧ୍ୟ ସଂରକ୍ଷିତବର୍ଗର ହୋଇଥିବାରୁ ତାଙ୍କୁ ଅଣସଂରକ୍ଷିତ ଆସନରେ ପଦୋନ୍ନତିରୁ ବଞ୍ଚିତ କରାଯିବା ଘଟଣାରେ ଲଳିତ କୁମାର ନାୟକ ନାମକ କେନ୍ଦୁଝର ଜିଲ୍ଲାର ଜଣେ ସରକାରୀ କର୍ମଚାରୀ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ । ସୁପ୍ରିମ୍‌କୋର୍ଟଙ୍କ ବିଭିନ୍ନ ମାମଲାର ନଜିର, ସାମ୍ବିଧାନିକ ବିଧିବ୍ୟବସ୍ଥା ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିୟମାବଳୀକୁ ଆଧାର କରି ହାଇକୋର୍ଟ ଏହି ମାମଲାରେ ଅଣସଂରକ୍ଷିତ ଆସନ କୌଣସି ବର୍ଗପାଇଁ ସଂରକ୍ଷିତ ନୁହେଁ ଏବଂ ଏସସି, ଏସଟି, ଏସ୍‌ଇବିସି ଆଦିର ପ୍ରାର୍ଥୀମାନେ ଅଣସଂରକ୍ଷିତ ଆସନ ପାଇଁ ଯୋଗ୍ୟତା, ଦକ୍ଷତା ଓ ବରିଷ୍ଠତା ଆଧାରରେ ପଦୋନ୍ନତି ପାଇପାରିବେ ବୋଲି ହାଇକୋର୍ଟ ଏହି ମାମଲାରେ ସ୍ପଷ୍ଟକରିଦେବା ସହ ଏହାକୁ ଆଧାର କରି ଇତି ମଧ୍ୟରେ ଆଉ ଅନେକ ରାୟ ଦେଇସାରିଛନ୍ତି।

ଏହା ସତ୍ତ୍ୱେ ବି ଆଇନ୍ ବିଭାଗ ଓ ପୂର୍ତ୍ତ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ ଡିପିସି ହେବା ଓ ତାହା ବାତିଲ କରାଯିବା ଆଦି ଘଟଣା ଯୋଗୁଁ ପ୍ରାୟ ୩ଶହ ଯନ୍ତ୍ରୀ ପଦୋନ୍ନତ ସୁଯୋଗରୁ ବଞ୍ଚିତ ହେଉଛନ୍ତି । ଏହି ଘଟଣା ଏବେ ପୁଣି ଆଇନ୍ ଅଦାଲତର ପରିସରକୁ ଆସିଥିବାବେଳେ ସରକାରୀ କର୍ତ୍ତୃପକ୍ଷ ଏହା ଉପରେ ବିଶେଷ ଗୁରୁତ୍ୱ ଦେଉନଥିବା ଘେନି ପଦୋନ୍ନତି ଆଶାୟୀ ଉଭୟ ସଂରକ୍ଷିତ ଓ ଅଣସଂରକ୍ଷିତବର୍ଗର ବହୁ ଯନ୍ତ୍ରୀ କ୍ଷୋଭପ୍ରକାଶ କରୁଛନ୍ତି । (ତଥ୍ୟ)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






## ଆଜିର ସୁନା ଦର

ଦେଶ ଓ ରାଜ୍ୟରେ ଜାରି ହୋଇଛି ସୁନା ଓ ରୂପାର ନୂଆ ଦର। ପ୍ରତିଦିନ ସୁନା ଓ ରୂପା ଦର ନିର୍ଦ୍ଧାରଣ କରାଯାଇଥାଏ। କେଉଁ ଦିନ ଦର କମିଥାଏ ତ କେବେ ବଢ଼ିଥାଏ ଆଉ ପୁଣି କେବେ ସମାନ ରହିଥାଏ। ସୁନା କିଣିବାକୁ ଯାଉଥିଲେ ନଜର ପକାନ୍ତୁ ଆଜି ଓଡ଼ିଶା ସମେତ ଦେଶର ପ୍ରମୁଖ ସହର ମାନଙ୍କରେ କେତେ ରହିଛି ସୁନା ଦର। ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ୧୦ ଗ୍ରାମ ପିଛା ୯୦ ହଜାର ୯୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୩ ହଜାର ୪୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୦ ହଜାର ୮୦୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୮୩, ୪୦୦ ଟଙ୍କା ଛୁଇଁଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୮୩,୪୦୦ ଟଙ୍କା ଓ ୯୦, ୯୮୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୮୩, ୫୫୦ ଟଙ୍କା ଓ ୯୧, ୧୩୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୮୩,୪୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୯୦, ୯୮୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୮୩, ୪୦୦ ଓ ୯୦,୯୮୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୫,୦୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ ଦର

ଆଜି ଦେଶର କିଛି ସ୍ଥାନରେ ତୈଳ ଦର ସ୍ଥିର ରହିଥିବା ବେଳେ ଅନ୍ୟ କିଛି ସ୍ଥାନରେ ତୈଳ ଦରରେ ପରିବର୍ତ୍ତନ ହୋଇଛି। ଭୁବନେଶ୍ୱର ପେଟ୍ରୋଲ ଦରରେ ମଧ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

ହୁରୁନ୍ ଧନୀ ତାଲିକା

# ଏଲନ୍ ମସ୍କ ସବୁଠୁ ବିତ୍ତଶାଳୀ

## ମୁକେଶ ଅମ୍ବାନି ଦେଶରେ ଏକ ନମ୍ବର, ଗୌତମ ଆଦାନି ଦ୍ୱିତୀୟ



**ନୂଆଦିଲ୍ଲୀ,୨୮।୩:** ପ୍ରକାଶ ପାଇଛି ହୁରୁନ୍ ଗ୍ଲୋବାଲ ଧନୀ ତାଲିକା। ଏଥିରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧକ୍ଷ ମୁକେଶ ଅମ୍ବାନି ଭାରତର ସବୁଠାରୁ ଧନୀ ବ୍ୟକ୍ତି ମାନ୍ୟତାକୁ ବଜାୟ ରଖିଛନ୍ତି। ତେବେ ଗତବର୍ଷ ତୁଳନାରେ ତାଙ୍କ ସମ୍ପତ୍ତି ୧ ଲକ୍ଷ କୋଟି ଟଙ୍କା ଖସିବା ଦ୍ୱାରା ସେ ବିଶ୍ୱର ଶ୍ରେଷ୍ଠ ୧୦ ଧନୀ ତାଲିକାରୁ ବାହାରି ଯାଇଛନ୍ତି। ଅନ୍ୟପକ୍ଷରେ, ସେ ଏବେ ବି ଏସିଆର ସର୍ବଶ୍ରେଷ୍ଠ ଧନୀ ରହିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଦ୍ୱିତୀୟ ସ୍ଥାନରେ ଅଛନ୍ତି ଆଦାନି ଗ୍ରୁପ୍ ଅଧକ୍ଷ ଗୌତମ ଆଦାନି। ସେ ଦେଶରେ ସବୁଠାରୁ ଅଧିକ ସମ୍ପତ୍ତି ଯୋଡ଼ିଛନ୍ତି। ତାଙ୍କ ନେଟ୍ ସମ୍ପତ୍ତିରେ ୧୩% ବା ୧ ଲକ୍ଷ କୋଟି ଟଙ୍କା ବୃଦ୍ଧି ଘଟିଛି।

ଏଚ୍‌ସିଏଲ୍‌ର ରୋଶ୍‌ନୀ ନାଦାର ଦେଶର ଧନୀ ତାଲିକାରେ ତୃତୀୟ ସ୍ଥାନରେ ଅଛନ୍ତି। ନିକଟରେ ଏଚ୍‌ସିଏଲ୍ ପ୍ରତିଷ୍ଠାତା ଶୀବ ନାଦାର ଝିଅ ରୋଶ୍‌ନୀଙ୍କୁ କମ୍ପାନିର ୪୭% ଅଂଶଧନ ଟ୍ରାନ୍ସଫର କରିଥିଲେ। ଏହି କାରଣରୁ ପ୍ରଥମ ଥର ରୋଶ୍‌ନୀ ଦେଶର ଟପ୍ ଟେନ୍ ଧନୀ ତାଲିକାରେ ସାମିଲ ହୋଇଛନ୍ତି। ଟେସ୍‌ଲା ଏବଂ ସ୍ପେସ୍‌ଏକ୍ସ ମୁଖ୍ୟ ଏଲନ୍ ମସ୍କ ୩୪.୩୨ ଲକ୍ଷ କୋଟି ଟଙ୍କାର ନେଟ୍ ସମ୍ପତ୍ତି ସହ ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ଭାବେ ସ୍ଥାନ ବଜାୟ ରଖିଛନ୍ତି। ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ଆମେରିକା ରାଷ୍ଟ୍ରପତି ମନୋନୀତ ହେବା ପରେ ମସ୍କଙ୍କ ନେଟ୍ ସମ୍ପତ୍ତିରେ ୮୨% ବା ୧୮୯୦୦ କୋଟି ଡଲାର ବୃଦ୍ଧି ହୋଇଛି। ବିଶ୍ୱ ଧନୀ ତାଲିକାରେ ଆମାଜନ୍‌ର ପ୍ରତିଷ୍ଠାତା ଜେଫ୍ ବେଜୋସ୍ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୨୦୨୫ ହୁରୁନ୍ ତାଲିକା ଅନୁସାରେ, ବିଶ୍ୱରେ ୩,୪୫୬ ଅରବପତି ଅଛନ୍ତି, ଯାହାକି ୨୦୨୪ରେ ୩,୨୭୯ ଥିଲା। ଏ କ୍ଷେତ୍ରରେ ୫% ବୃଦ୍ଧି ଘଟିଛି। ତାଲିକା ଅନୁସାରେ ଭାରତରେ ଅରବପତି ସଂଖ୍ୟା ୨୦୨୪ର ୨୭୧ ତୁଳନାରେ ୨୮୪କୁ ବୃଦ୍ଧି ପାଇଛି। ଏମାନଙ୍କ ମୋଟ ସମ୍ପତ୍ତି ୯୮ ଲକ୍ଷ କୋଟି ଟଙ୍କା। ୧୨୯ ଅରବପତିଙ୍କ ସହ ନ୍ୟୁୟର୍କ ବିଶ୍ୱର ଅରବପତି ରାଜଧାନୀ ରହିଛି। ୯୭ ଅରବପତିଙ୍କ ସହ ଲଣ୍ଡନ ଏ କ୍ଷେତ୍ରରେ ଦ୍ୱିତୀୟ ସ୍ଥାନରେ ଅଛି। ୯୦ ଅରବପତି ଥିବା ସତ୍ତ୍ୱେ ମୁମ୍ବାଇ ଏସିଆର ବିଲିୟନେୟାର ରାଜଧାନୀର ମୁକୁଟ ହରାଇଛି।

## ଶ୍ରେଷ୍ଠ ଆର୍ଥିକ ପ୍ରଦର୍ଶନ ଓଡ଼ିଶା ଶ୍ରେଷ୍ଠ ପ୍ରଦର୍ଶନକାରୀ

**ଭୁବନେଶ୍ୱର, ୨୮।୩:** ଆର୍ଥିକ ସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ କରୁଥିବା ରାଜ୍ୟଗୁଡ଼ିକର ଏକ ତାଲିକା ଜାରି ହୋଇଛି। ଶ୍ରେଷ୍ଠ ଚାରିଟି ରାଜ୍ୟ ଭିତରେ ଓଡ଼ିଶା ରହିଛି। ଗୁଜରାଟ, କର୍ଣ୍ଣାଟକ ଓ ମହାରାଷ୍ଟ୍ର ସହିତ ଓଡ଼ିଶା 'ଆଉଟ୍‌ପରଫର୍ମର' (ଶ୍ରେଷ୍ଠ ପ୍ରଦର୍ଶନକାରୀ) ବର୍ଗରେ ରହିଛି। ୧୫ଟି ରାଜ୍ୟକୁ ନେଇ ପ୍ରସ୍ତୁତ କରାଯାଇଥିବା ଏହି ରିପୋର୍ଟକୁ କେୟାରଏଜ୍ ରେଟିଂସ୍ ପକ୍ଷରୁ ଜାରି କରାଯାଇଛି। ରାଜ୍ୟଗୁଡ଼ିକୁ ତିନିଟି ବର୍ଗ ଯଥା ଆଉଟ୍‌ପର୍‌ଫର୍ମର, ହାଇ ପର୍‌ଫର୍ମର୍ (ଉଚ୍ଚ ପ୍ରଦର୍ଶନକାରୀ) ଓ ମଡରେଟ୍ ପର୍‌ଫର୍ମର୍ (ମଧ୍ୟମ ପ୍ରଦର୍ଶନକାରୀ) ବର୍ଗରେ ରଖାଯାଇଛି। ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟଗୁଡ଼ିକ ସମ୍ପର୍କରେ ରିପୋର୍ଟରେ କୁହାଯାଇଛି ଯେ ରାଜସ୍ୱରେ ଏହି ରାଜ୍ୟଗୁଡ଼ିକ ଆତ୍ମନିର୍ଭରଶୀଳ। ସେମାନଙ୍କ ରାଜସ୍ୱ ଆୟର ୬୦-୮୦ ପ୍ରତିଶତ ହେଉଛି ରାଜ୍ୟ ନିଜସ୍ୱ ଟିକସ। ଏହି ରାଜ୍ୟଗୁଡ଼ିକର ରାଜସ୍ୱ ନିଅଣ୍ଟ ନିମ୍ନ ସ୍ତରରେ ରହିଥିବାରୁ, ବିକାଶମୂଳକ କାର୍ଯ୍ୟରେ ଅଧିକ ଖର୍ଚ୍ଚ କରିବା ଲାଗି ସେମାନେ ଭଲ ସ୍ଥିତିରେ ରହିଛନ୍ତି। ଋଣ ସ୍ତର ମଧ୍ୟ କମ୍ ରହିଛି। ଉପରୋକ୍ତ ରାଜ୍ୟଗୁଡ଼ିକର ମୋଟ ରାଜ୍ୟ ଘରୋଇ ଉତ୍ପାଦ (ଜିଏସ୍‌ଡିପି)କୁ ଋଣ ଅନୁପାତ ୧୬-୨୭ ପ୍ରତିଶତ ମଧ୍ୟରେ ରହିଛି। ଯଦିଓ ଟିକସ ରାଜସ୍ୱ ବଢ଼ୁଛି, କିନ୍ତୁ ଏହି ରାଜ୍ୟଗୁଡ଼ିକୁ ପୁଞ୍ଜି ବ୍ୟୟ ଲକ୍ଷ୍ୟ ହାସଲ କରିବା ପାଇଁ ଭିତ୍ତିଭୂମି ପ୍ରକଳ୍ପରେ ଖର୍ଚ୍ଚ ବଢ଼ାଇବାର ଆବଶ୍ୟକତା ଥିବା ରିପୋର୍ଟରେ କୁହାଯାଇଛି। ଦେଶର ପ୍ରମୁଖ ୧୫ଟି ରାଜ୍ୟ ସମ୍ପର୍କରେ ରିପୋର୍ଟରେ କୁହାଯାଇଛି ଯେ ଏହି ରାଜ୍ୟଗୁଡ଼ିକ ୭.୫ ଲକ୍ଷ କୋଟି ଟଙ୍କା ବ୍ୟୟ କରିବେ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ସେଥିରୁ ସେମାନେ ମାତ୍ର ୪୮ ପ୍ରତିଶତ ବ୍ୟୟ କରିଛନ୍ତି। ତେଣୁ ମାର୍ଚ୍ଚ ମାସରେ ସେମାନଙ୍କୁ ଆହୁରି ଅଧାରୁ ଅଧିକ ବ୍ୟୟ କରିବାର ଚାପ ରହିଛି। ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ୯ ମାସରେ ସେମାନେ ୩.୫୭ ଲକ୍ଷ କୋଟି ଟଙ୍କାର ପୁଞ୍ଜି ବ୍ୟୟ କରିଥିଲେ ଯାହା ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୪ ପ୍ରତିଶତ କମ୍। ଗତବର୍ଷ ନିର୍ବାଚନ ହେବାରୁ ଏଭଳି ସ୍ଥିତି ଦେଖାଦେଇଥିବା ଅନୁମାନ କରାଯାଉଛି।

## ଜିଓକୁ ଭାରତ ସରକାରଙ୍କ 'ଜାତୀୟ ବୌଦ୍ଧିକ ସମ୍ପଦ ପୁରସ୍କାର' ପ୍ରଦାନ

**ନୂଆଦିଲ୍ଲୀ,୨୭।୩:** ପ୍ରଯୁକ୍ତି କମ୍ପାନୀ ଜିଓ ପ୍ଲାଟଫର୍ମସ ଲିମିଟେଡ୍ (ଜେପିଏଲ) କୁ ମିଳିଲା ଦୁଇଟି ପ୍ରତିଷ୍ଠିତ ବୌଦ୍ଧିକ ସମ୍ପଦ (ଇଣ୍ଟେଲେକଚୁଆଲ ପ୍ରପର୍ଟି) ପୁରସ୍କାର। ଗୋଟିଏ ପକ୍ଷରେ ଭାରତ ସରକାର ଜିଓ ପ୍ଲାଟଫର୍ମକୁ ଜାତୀୟ ବୌଦ୍ଧିକ ସମ୍ପଦ ପୁରସ୍କାର (ନ୍ୟାସନାଲ ଇଣ୍ଟେଲେକଚୁଆଲ ପ୍ରପର୍ଟି ଆୱାର୍ଡ) ରେ ସମ୍ମାନିତ କରିଛନ୍ତି। ସମାନ ସମୟରେ, ବିଶ୍ୱ ବୌଦ୍ଧିକ ସମ୍ପଦ ସଂଗଠନ (ୱାର୍ଲଡ ଇଣ୍ଟେଲେକଚୁଆଲ ପ୍ରପର୍ଟି ଅର୍ଗାନାଇଜେସନ) ପକ୍ଷରୁ ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନରେ ଅସାଧାରଣ ଉତ୍କର୍ଷତା ପାଇଁ ଜିଓ ପ୍ଲାଟଫର୍ମସକୁ ଟ୍ରଫି ପ୍ରଦାନ କରି ପୁରସ୍କୃତ କରାଯାଇଛି। ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ ସମାରୋହରେ କେନ୍ଦ୍ର ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ ପୀୟୁଷ ଗୋୟଲ ଏହି ସମ୍ମାନ ପ୍ରଦାନ କରିଛନ୍ତି।

## ରୟାଲ୍ ଏନ୍‌ଫିଲ୍ଡର କ୍ଲାସିକ୍ ୬୫୦



**ଭୁବନେଶ୍ୱର, ୨୮।୩:** ରୟାଲ୍ ଏନ୍‌ଫିଲ୍ଡ ପକ୍ଷରୁ ନୂଆ କ୍ଲାସିକ୍ ୬୫୦କୁ ରାଜଧାନୀର ବିଭିନ୍ନ ଡିଲର୍‌ସିପ୍‌ରେ ଉନ୍ମୋଚନ କରାଯାଇଛି। ୧୯୪୮ ଲଣ୍ଡନ୍ ମୋଟରସାଇକଲ୍ ସୋ'ରେ ଉନ୍ମୋଚନ କରାଯାଇଥିବା କମ୍ପାନିର ପ୍ରଥମ ସମାନ୍ତରାଳ ଟ୍ୱିନ୍ '୫୦୦ ଟ୍ୱିନ୍'ରୁ ଅନୁପ୍ରାଣିତ ହୋଇ ପ୍ରସ୍ତୁତ କରାଯାଇଥିବା ଏହି ମୋଟରସାଇକଲ୍‌ରେ କମ୍ପାନିର ମୂଳ ଡିଏନ୍‌ଏ ରହିଛି। ଏହା ହେଉଛି ପାରମ୍ପରିକ ସୌନ୍ଦର୍ଯ୍ୟ ଓ ଆଧୁନିକ ଶକ୍ତିର ଏକ ଚମତ୍କାର ମିଶ୍ରଣ। ଏହାର ଏକ୍ସ ସୋ'ରୁମ୍ ଦାମ୍ ୩,୩୬,୬୧୦ ଟଙ୍କା ରହିଛି। ଗ୍ରାହକମାନେ ଉଭୟ ଅନ୍‌ଲାଇନ୍ ଓ ସୋ'ରୁମ୍‌ରେ ଏହାର ବୁକିଂ କରିପାରିବେ। ଏହା ଜରିଆରେ କମ୍ପାନିର କ୍ଲାସିକ୍ ମୋଟରସାଇକଲ୍ ବର୍ଗମାଳା ଆହୁରି ସୁଦୃଢ଼ ହୋଇଛି, ଯେଉଁଥିରେ କ୍ଲାସିକ୍ ୫୦୦, ୨୦୨୪ କ୍ଲାସିକ୍ ୩୫୦ ଓ କ୍ଲାସିକ୍ ୬୫୦ ରହିଛି। ଭାଲମ୍ ରେଡ୍, ବ୍ରୋଣ୍ଟିଂଥ୍ରୋପ୍ ବ୍ଲୁ, ଟିଲ୍ ଓ ବ୍ଲାକ୍ କ୍ରୋମ୍ ଭଳି ଚାରିଟି ରଙ୍ଗ ଓ ତିନିଟି ଭାରିଆଣ୍ଟରେ ଏହା ଉପଲବ୍ଧ ହୋଇଛି। ନୂଆ ମୋଟରସାଇକଲ୍‌ରେ ଏଲ୍‌ଇଡି ହେଡ୍‌ଲ୍ୟାମ୍ପ, ପାଇଲଟ୍ ଲାଇଟ୍, ଏଲ୍‌ଇଡି ଟର୍ଣ୍ଣ ଇଣ୍ଡିକେଟର, ଆଡ୍‌ଜଷ୍ଟ କରିହେଉଥିବା କ୍ଲଚ୍ ଓ ବ୍ରେକ୍, ୟୁଏସ୍‌ବି ଚାର୍ଜିଂ ପୋର୍ଟ, ଗିୟର ସ୍ଥିତି ସୂଚକ ଆଦି ଅତ୍ୟାଧୁନିକ ସୁବିଧା ରହିଛି।

## ନିଶାନ ବି-ଏମ୍‌ପିଭିର ଅନାବରଣ



ନୂଆଦିଲ୍ଲୀ,୨୮।୩: ନିଶାନ ମୋଟର ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ବି-ଏମ୍‌ପିଭିର ଅନାବରଣ ନିକଟରେ ହୋଇଯାଇଛି। ଏପରିକି ଏହି ନୂଆ ୭ ସିଟର 'ବି-ଏମ୍‌ପିଭି'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ସେହିଭଳି ଜାପାନର ୟୋକୋହାମାଠାରେ ଉଦ୍‌ଯାପିତ ଗ୍ଲୋବାଲ ପ୍ରଡକ୍ଟ ଶୋ'କେସ୍ ଇଭେଣ୍ଟରେ କମ୍ପାନୀ ଭାରତ ପାଇଁ ନିର୍ମିତ ଦୁଇଟି ନୂତନ ଉପତ୍ାଦକୁ ପ୍ରଦର୍ଶିତ କରିଥିଲା। ଏଠାରେ ପ୍ରଥମ ଥର ପାଇଁ ନୂଆ ୭-ସିଟର ବି-ଏମ୍‌ପିଭି (ମଲ୍ଟି-ପର୍‌ପୋଜ ଭେଇକିଲ)ର ବିଶ୍ୱସ୍ତରୀୟ ଉନ୍ମୋଚନ ସହ ନିଶାନ ଏହାର ଯୋଜନାବଦ୍ଧ ଉତ୍ପାଦ ଲଞ୍ଚ ଆରମ୍ଭ କରିଛି। ଏହି ନୂଆ ଉତ୍ପାଦକୁ ୨୦୨୫ ଆର୍ଥିକ ବର୍ଷରେ କମ୍ପାନୀର ଭାରତ ଉତ୍ପାଦ ପୋର୍ଟଫୋଲିଓର ନୂଆ ଅଂଶ ଭାବେ ଲଞ୍ଚ କରାଯିବ। ସେହିପରି ୨୦୨୬ରେ ପୂର୍ବରୁ ଘୋଷଣା କରାଯାଇଥିବା ଏକ ୫ ସିଟର ସି-ଏସ୍‌ୟୁଭି (କମ୍ପାକ୍ଟ ସ୍ପୋର୍ଟସ ୟୁଟିଲିଟି ଭେଇକିଲ) ମଧ ଲଞ୍ଚ କରାଯିବ। କମ୍ପାନୀ ଆଜି ଭାରତୀୟ ଗ୍ରାହକଙ୍କ ପାଇଁ ଏହି ଦୁଇଟି ନୂତନ ଉତ୍ପାଦର ଟିଜର ଶେୟାର କରିଛି, ଯାହା ଉଭୟ ଗାଡ଼ିର ଲଞ୍ଚ ସମୟକୁ ନିଶ୍ଚିତ କରୁଛି। ନିଶାନ ମୋଟର ଇଣ୍ଡିଆ ବି/ସି ଓ ଡି-ଏସ୍‌ୟୁଭି ସେଗ୍‌ମେଣ୍ଟରେ ଭାରତୀୟ ଗ୍ରାହକଙ୍କ ପାଇଁ ୨୦୨୬ ଆର୍ଥିକ ବର୍ଷ ସୁଦ୍ଧା ୪ଟି ନୂତନ ଉତ୍ପାଦର ବଜାର ପ୍ରବେଶ କରାଇବା ପାଇଁ ଟ୍ରାକ୍‌ରେ ରହିଛି। ଆଉ ଏକ ଆଇକୋନିକ ନିଶାନ ଏସ୍‌ୟୁଭିରୁ ପ୍ରେରିତ ହୋଇଥିବା ନୂଆ ସି-ଏସ୍‌ୟୁଭି ନିଶାନ ପାଟ୍ରୋଲଠାରୁ ଏହାର ଡିଜାଇନ ପ୍ରେରଣା ହାସଲ କରିଛି। ଏହି ସି-ଏସ୍‌ୟୁଭି ପ୍ରକୃତ ନିଶାନ ଏସ୍‌ୟୁଭି ଡିଏନଏ ଏବଂ ସମାନ ନିର୍ଭରଯୋଗ୍ୟତା, ପ୍ରିମିୟମ କାରିଗରୀ ଓ ଟେକ୍ନୋଲୋଜି ପ୍ରଦାନ କରିବ ଯାହା ପାଇଁ ନିଶାନ ବିଶ୍ୱବ୍ୟାପୀ ଲୋକପ୍ରିୟ । ଅନ୍ୟପକ୍ଷରେ ନିଶାନ ୭-ସିଟର ବି-ଏମ୍‌ପିଭି ନିଜର କ୍ରୟକୁ ସର୍ବାଧିକ କରିବାକୁ ଚାହୁଁଥିବା ମୂଲ୍ୟ ସଚେତନ ଗ୍ରାହକଙ୍କୁ ଅତୁଳନୀୟ ମୂଲ୍ୟ, ଗୁଣବତ୍ତା ଓ ଆରାମ ପ୍ରଦାନ କରିବ। ନିଶାନ ବି-ଏମପିଭି ମସ୍କୁଲାର ଷ୍ଟାଇଲିଂ ପ୍ରଦାନ କରିବ ଯାହା ନିଶାନର ଭିନ୍ନ ଡିଜାଇନ ଦର୍ଶନ ପାଇଁ ସ୍ୱତନ୍ତ୍ର ।

## ଚାକିରି ଛଡ଼ାଇ ନେବେ ଏଆଇ ଓ ରୋବର୍ଟ: ମସ୍କ

**ନୂଆଦିଲ୍ଲୀ, ୨୮।୩:** ଏଲୋନ୍ ମସ୍କ ପୁଣି ଥରେ ସଭିଙ୍କୁ ଚକିତ କରିବା ପରି ଏକ ଭବିଷ୍ୟବାଣୀ କରିଛନ୍ତି। ଏଥର ସେ ଭବିଷ୍ୟବାଣୀ କରିଛନ୍ତି କୃତ୍ରିମ ବୁଦ୍ଧିମତ୍ତା ବା ଏଆଇକୁ ନେଇ। ତାଙ୍କ କହିବା କଥା ହେଲା ଏଆଇ ପାଇଁ ଆଗକୁ ଆଉ କାହା ପାଖରେ ଚାକିରି ରହିବ ନାହିଁ। ସେ ବିଶ୍ୱାସ କରନ୍ତି ଯେ ସବୁକିଛି ଦିନକୁ ଦିନ ଏଆଇ ଏବଂ ରୋବର୍ଟ ନିୟନ୍ତ୍ରଣାଧୀନ ହୋଇଯିବ। ଯୁଗ ବଦଳିବା ସହ ଟେକ୍ନଲୋଜି ବି ବଦଳିବାରେ ଲାଗିଛି। ଅନେକ କ୍ଷେତ୍ରରେ ଲୋକଙ୍କୁ ଏହାର ସୁଫଳ ବି ମିଳୁଛି। ଏଆଇ ଆସିବା ଦିନରୁ ଲୋକଙ୍କ ଅନେକ କାମ ଏବେ ଏଆଇ କରିନେଉଛି। ବଡ ବଡ କମ୍ପାନୀମାନେ ମଧ ଏଆଇ ଦ୍ୱାରା କାମ କରିବା ଆରମ୍ଭ କରିଲେଣି। ମଣିଷ ଅପେକ୍ଷା ଏଆଇ ସବୁ କାମକୁ ସଠିକ୍ ଏବଂ ଠିକ୍ ସମୟରେ କରିପାରୁଛି। ଏହାରି ଭିତରେ ଏଲନ୍ ମସ୍କଙ୍କ ଭବିଷ୍ୟବାଣୀ ଚିନ୍ତା ବଢ଼ାଇଦେଇଛି। ପ୍ୟାରିସରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମସ୍କ ତାଙ୍କ ଭାଷଣରେ କହିଛନ୍ତି, ବିଶ୍ୱରେ କୌଣସି ଚାକିରି ରହିବ ନାହିଁ। ଏଆଇ ଏବଂ ରୋବୋଟ୍ ସବୁକିଛି କରିବେ। ମଣିଷ କେବଳ ନିଜର ସଉକ ପାଇଁ କାମ କରିବ।

## ଆଇସିଏଫ୍‌ଏଆଇ ଇନ୍‌କ୍ୟୁବେଟର୍-ଟି ହବ୍ ବୁଝାମଣା

**ହାଇଦ୍ରାବାଦ, ୨୮।୩:** ଆଇସିଏଫ୍‌ଏଆଇ ଇନ୍‌କ୍ୟୁବେଟର୍ ଓ ଟି ହବ୍ ଫାଉଣ୍ଡେସନ୍ ମଧରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଆଇସିଏଫ୍‌ଏଆଇ ଫାଉଣ୍ଡେସନ୍ ଫର୍ ହାୟର୍ ଏଜୁକେସନ୍‌ର କୁଳପତି ଡ. ଏଲ୍ ଏସ୍ ଗଣେଶ ଓ ଟି-ହବ୍‌ର ସିଆଇଓ ସୁଜିତ ଜାଗିରଦାର ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ଡ. ଗଣେଶ କହିଛନ୍ତି ଯେ ଛାତ୍ରଛାତ୍ରୀ ଓ ଗବେଷଣାମାନେ ଯେଭଳି ନିଜ ଚିନ୍ତାଧାରାକୁ ଏକ ସ୍ଥାୟୀ ବ୍ୟବସାୟରେ ପରିଣତ କରିପାରିବେ, ସେଥିପାଇଁ ପରିବେଶ ସୃଷ୍ଟି କରିବାରେ ଆଇସିଏଫ୍‌ଏଆଇର ବିଶ୍ୱାସ ରହିଛି।

ଏହି ସହଯୋଗିତା ଆଇସିଏଫ୍‌ଏଆଇର ଦେଶବ୍ୟାପୀ ଉପସ୍ଥିତି ଏବଂ ଉଦ୍ୟମିତା କ୍ଷେତ୍ରରେ ଟି-ହବ୍‌ର ଅଭିଜ୍ଞତାକୁ ବ୍ୟବହାର କରି ନବସୃଜନ, ଷ୍ଟାର୍ଟଅପ୍ ଓ ଉଦ୍ୟମିତାକୁ ସୁଦୃଢ଼ କରିବ ବୋଲି ସେ କହିଛନ୍ତି। ଟି-ହବ୍‌ର ସିଆଇଓ ଶ୍ରୀ ଜାଗିରଦାର କହିଛନ୍ତି ଯେ ଷ୍ଟାର୍ଟଅପ୍‌କୁ ସମୃଦ୍ଧ କରିବାରେ ଟି-ହବ୍ ଅଗ୍ରଣୀ ରହିଛି ଏବଂ ଆଇସିଏଫ୍‌ଏଆଇ ସହିତ ଏମ୍‌ଓୟୁ ନବସୃଜନକୁ ଆହୁରି ସୁଦୃଢ଼ କରିବ। ଶିକ୍ଷାଗତ ଗବେଷଣା ଓ ଷ୍ଟାର୍ଟଅପ୍ ଇନ୍‌କ୍ୟୁବସେନ୍ ମଧରେ ରହିଥିବା ଅନ୍ତର ଦୂର କରି ଆମେ ଭବିଷ୍ୟତ ଲାଗି ପ୍ରସ୍ତୁତ ଉଦ୍ୟୋଗୀ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ ବୋଲି ସେ କହିଛନ୍ତି।




# ବୟନିକାର ବିଶେଷ ରିହାତି ସୁବିଧା ଆରମ୍ଭ

### ସମସ୍ତ ଶାଖା, ଜନତା ମୈଦାନ ଓ ପ୍ରଦର୍ଶନୀ ପଡ଼ିଆ ଷ୍ଟଲରେ ୩୫ ପ୍ରତିଶତ ରିହାତି

### 'ବୟନିକା ଅନନ୍ୟ' ଶାଖାରେ ଖୋଲିଲା ରାତ୍ରୀ ବଜାର, ଅତିରିକ୍ତ ୫ ପ୍ରତିଶତ ରିହାତି

### ୩୧ ମାର୍ଚ୍ଚ ପର୍ଯ୍ୟନ୍ତ ମିଳିବ ବିଶେଷ ରିହାତି



**ଭୁବନେଶ୍ୱର,୨୮।୩(ସଂଚାର ବ୍ୟୁରୋ):** ଓଡ଼ିଶା ଦିବସ ଉପଲକ୍ଷେ ବିଶେଷ ସରକାରୀ ରିହାତି ଦରରେ ବୟନିକାର ବିକ୍ରୟ ଆଜିଠୁ ଆରମ୍ଭ ହୋଇଛି। ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଏହାର ଶୁଭାରମ୍ଭ କରି କହିଛନ୍ତି ଯେ ବୟନିକା ହସ୍ତତନ୍ତ ସାମଗ୍ରୀର ପ୍ରଚାର ପ୍ରସାର ଓ ବୁଣାକାରଙ୍କ ଆର୍ଥିକ ସମୃଦ୍ଧିକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି। ହସ୍ତତନ୍ତ କ୍ଷେତ୍ରର ନିରନ୍ତର ଅଭିବୃଦ୍ଧି ଓ ଅନ୍ତର୍ଜାତୀୟ ସ୍ୱୀକୃତି ସୁନିଶ୍ଚିତ କରିବା ସହ ଏହାର ସଂରକ୍ଷଣ ଓ ପ୍ରୋତ୍ସାହନ ପାଇଁ ଓଡ଼ିଶା ସରକାର ପ୍ରତିବଦ୍ଧ ଅଛନ୍ତି। ଓଡ଼ିଶା ଦିବସ ପାଳନ ଅବସରରେ ଏହା ପର୍ଯ୍ୟଟକ ତଥା ଗ୍ରାହକମାନଙ୍କୁ ଓଡ଼ିଶାର ସମୃଦ୍ଧ ହସ୍ତତନ୍ତର ଐତିହ୍ୟ ସମ୍ପର୍କରେ ମଧ୍ୟ ପରିଚିତ କରାଇବ। ଏହି ସୁବିଧା ୨୭ ରୁ ୩୧ ମାର୍ଚ୍ଚ ପର୍ଯ୍ୟନ୍ତ ଉପଲବ୍ଧ ହେବ। ସମସ୍ତ ହସ୍ତତନ୍ତ ଉତ୍ପାଦ ଉପରେ ୨୦% + ୧୦% + ୫% ବିଶେଷ ରିହାତିର ସୁବିଧା ମିଳିବ। ବୟନିକାର ସମସ୍ତ ବିକ୍ରୟ ଶାଖା, ସ୍ଥାନୀୟ ପ୍ରଦର୍ଶନୀ ପଡିଆରେ ଚାଲିଥିବା ଜାତୀୟ ହସ୍ତତନ୍ତ ମେଳା ଓ ଜନତା ମଇଦାନରେ ଚାଲିଥିବା ତୋଷାଳୀ ଜାତୀୟ ହସ୍ତଶିଳ୍ପ ମେଳାରେ ରେ ଖୋଲିଥିବା ବୟନିକା ଷ୍ଟଲରେ ଏହି ବିଶେଷ ରିହାତି ସୁବିଧା ଉପଲବ୍ଧ ହେବ। ବୟନ ଭବନ ସ୍ଥିତ "ବୟନିକା ଅନନ୍ୟ" ଶାଖାରେ ରାତି ୧୧ଟା ରୁ ସକାଳ ୭ଟା ପର୍ଯ୍ୟନ୍ତ ବିକ୍ରୟ ଉପରେ ଅତିରିକ୍ତ ୫% ରିହାତି (୨୦%+୧୦%+୫%+୫%) ସୁବିଧା ମିଳିବ। କାର୍ଯ୍ୟକ୍ରମରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର, ବୟନିକାର ସଭାପତି ପ୍ରକାଶ ଚନ୍ଦ୍ର ମେହେର, ହସ୍ତଶିଳ୍ପ ନିର୍ଦ୍ଦେଶକ ତଥା ବୟନିକାର ପରିଚାଳନା ନିର୍ଦ୍ଦେଶକ ପ୍ରଣତି ଛୋଟରାୟ, ଅତିରିକ୍ତ ଶାସନ ସଚିବ ବିକ୍ରମାଦିତ୍ୟ ବାରିକ, ବୟନିକାର ସାଧାରଣ ପ୍ରବନ୍ଧକ ତଥା ସମ୍ପାଦକ ସୁଷମା ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସମସ୍ତ ପୃଷ୍ଠପୋଷକ ଓ ଗ୍ରାହକ ଖଣ୍ଡିଏ ଲେଖାଏଁ ହସ୍ତତନ୍ତ ସାମଗ୍ରୀ କିଣି ରାଜ୍ୟର ଏହି ସମୃଦ୍ଧ ପରମ୍ପରାକୁ ଆଗେଇ ନେବାକୁ ମନ୍ତ୍ରୀ ନିବେଦନ କରିଛନ୍ତି।

## ଜିଲ୍ଲାସ୍ତରୀୟ 'ନିପୁଣ ଓଡ଼ିଶା ମେଳା'



**ନବରଙ୍ଗପୁର,୨୮।୩(ସଂଚାର ବ୍ୟୁରୋ):** ସ୍ଥାନୀୟ ଜିଲ୍ଲା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ନବରଙ୍ଗପୁର ଠାରେ ଜିଲ୍ଲା ସ୍ତରୀୟ ' ନିପୁଣ ଓଡିଶା ମେଳା' ୨୦୨୪-୨୫ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମ ପ୍ରଥମ ରୁ ତୃତୀୟ ଶ୍ରେଣୀ ର ପିଲାମାନଙ୍କ ମୌଳିକ ଭାଷା ଓ ସଂଖ୍ୟାଜ୍ଞାନ ର ଉନ୍ନତି ପାଇଁ ଉଦ୍ଦିଷ୍ଟ। ଏହି କାର୍ଯ୍ୟକ୍ରମ କୁ ଜିଲ୍ଲାପାଳ ତଥା ଅଧ୍ୟକ୍ଷ, ସମଗ୍ର ଶିକ୍ଷା, ଡ. ଶୁଭଙ୍କର ମହାପାତ୍ର ଉଦଘାଟନ କରିଥିବା ବେଳେ 'ବିଦ୍ୟାଳୟ ରେ ଶିକ୍ଷାଦାନ ସହିତ ଉଚିତ୍ ଶିକ୍ଷଣ ସାମଗ୍ରୀ ର ଚୟନ ହିଁ ପ୍ରକୃତ ଶିକ୍ଷକ ର ପରିଚୟ' ର ବାର୍ତ୍ତା ରଖିଥିଲେ। ବରେଣ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଲିପିକା ବାରୋଇ, ପି.ଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ନବରଙ୍ଗପୁର ର ଅଧ୍ୟକ୍ଷ ହିତେଶ ବର୍ମା, ସମସ୍ତ ବ୍ଲକ ର ଗୋଷ୍ଠି ଶିକ୍ଷା ଅଧିକାରୀ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ନବରଙ୍ଗପୁର ର ଅଧ୍ୟକ୍ଷ ଓ ପିରାମଲ ଫାଉଣ୍ଡେସନ ର ଜିଲ୍ଲା ପ୍ରତିନିଧି ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମ କୁ ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ପରିଚାଳନା କରିଥିବା ବେଳେ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ରେଶମଲାଲ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ରେ ୧୦ ଗୋଟି ବ୍ଲକରୁ ୧୦୦ ରୁ ଉର୍ଦ୍ଧ୍ୱ ଶିକ୍ଷକ ଙ୍କ ଦ୍ୱାରା ବିଭିନ୍ନ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କରିବା ସହ, ସମଗ୍ର ଶିକ୍ଷା ତରଫରୁ ୨ ଗୋଟି ଶିକ୍ଷଣ ସାମଗ୍ରୀ ଷ୍ଟଲ ପ୍ରଦର୍ଶନୀ କରାଯାଇଥିଲା। ଏହା ସହିତ ଜିଲ୍ଲା ପ୍ରୟୋଗଶାଳା ର ୩୦ ଜଣ ଶିଶୁ ଙ୍କ ସହ ସେମାନଙ୍କ ପିତାମାତା ଓ ଅଭିଭାବକ ଯୋଗ ଦେଇ ଶିକ୍ଷଣ ସାମଗ୍ରୀ ଷ୍ଟଲ୍ ଗୁଡ଼ିକ ବୁଲି ଦେଖିଥିଲେ।

## ସ୍କାଉଟସ୍ ଓ ଗାଇଡସ୍‌ର 'ପ୍ରତିବିମ୍ବ' ଶିବିର



**ଭୁବନେଶ୍ୱର,୨୮।୩(ସଂଚାର ବ୍ୟୁରୋ):** ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡ଼ସ୍ ଦ୍ୱାରା ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ସ୍କାଉଟ ଓ ଗାଇଡ୍‌ମାନଙ୍କୁ ନେଇ ଗତ ୨୫ ତାରିଖରୁ ଆରମ୍ଭ ହୋଇଥିବା "ପ୍ରତିବିମ୍ବ" ଆଜି ସଂଧ୍ୟାରେ ଉଦ୍‌ଯାପିତ ହୋଇଅଛି। ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡଃ କାଳି ପ୍ରସାଦ ମିଶ୍ର ନିଜ ବକ୍ତବ୍ୟରେ କହିଥିଲେଯେ ଏହି ଶିବିରଟି ପିଲାମାନଙ୍କ ପାଇଁ ବହୁ ଉପାଦେୟ ହେବ। ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରେ ଲୁଚି ରହିଥିବା ଯୁବ ପ୍ରତିଭାମାନଙ୍କୁ ଖୋଜି ବାହାର କରି ସେମାନଙ୍କୁ ଉତ୍ସାହିତ କରିବା ଲାଗି ଏହି ଶିବିରର ଆୟୋଜନ କରାଯାଇଛି। ଏହି ଶିବିରରେ ଓଡ଼ିଶାର ୨୫ ଗୋଟି ଜିଲ୍ଲାରୁ ମୋଟ ୫୯୦ ଜଣ ସ୍କାଉଟ, ଗାଇଡ୍, ସ୍କାଉଟ ମାଷ୍ଟର ଏବଂ ଗାଇଡ୍ କ୍ୟାପଟେନ ଯୋଗ ଦେଇ "ପ୍ରତିବିମ୍ବ"ର ବିଭିନ୍ନ ଦିବସରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମ ଯଥା ପେପର କ୍ରାଫ୍ଟ, କ୍ଷୁଦ୍ର ନାଟକ, ଟେଷ୍ଟଫେଷ୍ଟ, ଦଳଗତ ନୃତ୍ୟ, ଯୋଗ, ଗୋଲ୍ଡେନ୍ ଇରା ଅଫ ବଲିଉଡ/ଓଲିଉଡ୍, କ୍ୟାମ୍ପଫାୟାର, ଏରୋବିକ୍, ଜୁମ୍ବା, ବକ୍ତୃତା, କ୍ୱିଜ୍ ଆଦି ବିଭିନ୍ନ ପ୍ରତିଯୋଗିତା ମାନ କରାଯାଇଥିଲା। ଏହି ଶିବିରଟି ରାଜ୍ୟ ସମ୍ପାଦକ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ପାଇକରାୟଙ୍କ ତତ୍ତ୍ୱାବଧାନରେ କରାଯାଇଥିବା ବେଳେ କାର୍ଯ୍ୟାଳୟର ସମସ୍ତ ପଦାଧିକାରୀ ଏହି ଶିବିରରେ ସହାୟତା କରିଥିଲେ। ଶେଷରେ ପ୍ରତିବିମ୍ବରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ହାସଲ କରିଥିବା ସ୍କାଉଟ ଏବଂ ଗାଇଡ୍‌ମାନଙ୍କୁ ରାଜ୍ୟ ମୁଖ୍ୟ କମିଶନର ଡଃ. ମିଶ୍ରଙ୍କ ଦ୍ୱାରା ମେଡାଲ୍, ମାନପତ୍ର ଓ ଫଳକ ପୁରସ୍କୃତ କରାଯାଇଥିଲା।

## ମୁଖ୍ୟମନ୍ତ୍ରୀ ଗସ୍ତ ପାଇଁ ଜିଲ୍ଲା ବିଜେପିର ପ୍ରସ୍ତୁତି ବୈଠକ




**କଳାହାଣ୍ଡି,୨୮।୩(ସଂଚାର ବ୍ୟୁରୋ):** ଆସନ୍ତା ୩୦ ତାରିଖରେ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମାନ୍ୟବର ମୋହନ ଚରଣ ମାଝୀ ଭବାନୀପାଟଣା କୃଷ୍ଣାନଗର ପଡ଼ିଆ ଠାରେ ଏକ ବିଶାଳ ଜନସମାବେଶରେ ଅନ୍ତୋଦୟ ଗୃହ ଯୋଜନାର ଶୁଭାରମ୍ଭ କରିବା ପାଇଁ ଜିଲ୍ଲାକୁ ଆସୁଛନ୍ତି। ରାଜ୍ୟରେ ଭାରତୀୟ ଜନତା ପାର୍ଟୀର ସରକାର ଆସିବା ପରେ ବହୁ ଜନହିତକର ଓ ଲୋକାଭିମୁଖୀ କାର୍ୟକ୍ରମ ଗ୍ରହଣ କରୁଛନ୍ତି। ନିର୍ବାଚନ ସମୟରେ କଥା ଦେଇଥିବା ଅନେକ ପ୍ରତିଶ୍ରୁତିକୁ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରତ୍ୟକ୍ଷ ଭାବରେ ଜନସାଧାରଣ ଙ୍କ ସାଙ୍ଗରେ ମିଶୁଛନ୍ତି। ମହିଳା ମାନଙ୍କ ପାଇଁ ସୁଭଦ୍ରା ଯୋଜନା ହେଉ ଅଥବା କୃଷକ ମାନଙ୍କ ପାଇଁ ୮୦୦ ଟଙ୍କା ଇନ୍ପୁଟ ରିହାତି ଦେବା ପାଇଁ ବିଳମ୍ବ କରିନାହାନ୍ତି। ସରକାରଙ୍କ ବିଭିନ୍ନ ଯୋଜନାରେ ସୁଫଳ ପାଇ ପାରୁ ନଥିବା ଗ୍ରାମାଞ୍ଚଳ ର ବିକାଶ ପାଇଁ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଭଳି ଏକ ଅଭୂତପୂର୍ବ ଯୋଜନା ର ଶୁଭାରମ୍ଭ କରି ଗ୍ରାମାଞ୍ଚଳ ବିକାଶ କୁ ଏକ ନୂଆ ବାଟ ଦେଖାଇଛନ୍ତି। ମୋହନ ମାଝୀ ଙ୍କ ଭାରତୀୟ ଜନତା ପାର୍ଟି ସରକାର ଲୋକଙ୍କ ସାଙ୍ଗରେ ରହିଛି ଓ ଲୋକଙ୍କ ପାଇଁ ଯୋଜନା ପ୍ରସ୍ତୁତ କରି ସଫଳ ରୂପାୟନ ପାଇଁ ଅହରହ ଉଦ୍ୟମ ଜାରି ରଖିଛି। ଏଥିରେ କିଛି ଅସହିଷ୍ଣୁ ରାଜନୈତିକ ଦଳ ଯେତେ ବାଡ଼େଇ କଚାଡ଼ି ହେଲେ ସଚେତନ ଓଡ଼ିଶା ର ଜନସାଧାରଣ ସବୁ ଜାଣି ପାରୁଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ରେ ଭାରତୀୟ ଜନତା ପାର୍ଟି ସରକାର ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ଗରିବ ପରିବାରକୁ ପକ୍କା ଘର ଯୋଗାଇବା ପାଇଁ ସାତ ହଜାର ପାଞ୍ଚ ଶହ ପଚାଶ କୋଟି ଟଙ୍କା ର ବ୍ୟୟ ଅନୁଦାନରେ ଚଳିତ ବଜେଟ୍ରେ ଏକ ନୂଆ ଯୋଜନା "ଅନ୍ତୋଦୟ ଗୃହ ଯୋଜନା" ର ଶୁଭାରମ୍ଭ କରିବାକୁ ଯାଉଛନ୍ତି। ଚଳିତ ବର୍ଷ ୫୦ ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ୨୬୦୩ କୋଟି ଟଙ୍କା ବଜେଟ ରେ ଅର୍ଥ ବ୍ୟବସ୍ଥା କରିଛନ୍ତି। ଆସନ୍ତା ତିନି ବର୍ଷରେ ଓଡ଼ିଶା ରାଜ୍ୟ ରେ ୨ ଲକ୍ଷ ୨୫ ହଜାର ପକ୍କା ଘର ଯୋଗ୍ୟ ହିତାଧିକାରୀଙ୍କୁ ପକ୍କା ଘର ଯୋଗାଇ ଦିଆଯିବ।

### ଆନ୍ଦୋଳନର ଚେତାବନୀ ଦେଲେ ପଞ୍ଚାୟତ ବାସୀ

# ଚାଲିଛି ନିମ୍ନ ମାନର ରାସ୍ତା କାର୍ଯ୍ୟ



**ବାଲିଆପାଳ,୨୮।୩(ସଂଚାର ବ୍ୟୁରୋ):** ଜଳସେଚନ ବିଭାଗ ଅଧିନରେ ରହିଥିବା କାଳରଭଇ ଠାରୁ ଜାମକୁଣ୍ଡା ପର୍ଯ୍ୟନ୍ତ ୫ କି.ମି. ରାସ୍ତା ୨୦୦୨ ମସିହାରେ ତତ୍କାଳୀନ ସାଂସଦ ଖାରବେଳ ସ୍ୱାଇଁଙ୍କ ଉଦ୍ୟମରେ ମେଟାଲିଙ୍ଗ ଓ ପିଚୁ ହୋଇଥିଲା। ୨୦୦୨ ମସିହା ପରେ ମଧ୍ୟ କାର୍ଯ୍ୟ ହୋଇଥିଲା ଏହି ରାସ୍ତାରେ ତେବେ ଏହି ରାସ୍ତାରେ ଏବେ ପିଚୁର ଚିହ୍ନବର୍ଣ୍ଣ ନାହିଁ। ରାସ୍ତା ସାରା ମେଟାଲ ଉଠି ରହିଛି।କେବଳ ପ୍ରତିବର୍ଷ ବର୍ଷା ଦିନ ପୂର୍ବରୁ ରାସ୍ତାରେ ହୋଇଥିବା ଗର୍ତ୍ତ ଗୁଡିକୁ ମୋରମ ଓ ଇଟା ଖୁଆରେ ଭର୍ତ୍ତି କରାଯାଏ। ବର୍ଷା ଦିନ ପରେ ରାସ୍ତାରେ ପୁଣି ଗାତ ହୋଇ ପୂର୍ବସ୍ଥିତିକୁ ଆସିଯାଏ।। ସେଥିରେ ଖୁଆ ଓ ମୋରମ ବିଛା ଯାଇ ରାସ୍ତା ମରାମତି ହୋଇଥିଲା। ଏବେ ରାସ୍ତାର ଅବସ୍ଥା ପୂର୍ବ ସ୍ଥିତିକୁ ଆସିଯାଇଛି। ଏବେ ସରକାର ଙ୍କ ତରଫରୁ କାଳରଭଇ ରୁ ଜାମକୁଣ୍ଡା ରାସ୍ତା ପିଚୁ ପାଇଁ ୨ କୋଟି ୧୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ସେହି ରାସ୍ତାରେ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି। ପ୍ରଥମରୁ ରାସ୍ତା କାର୍ଯ୍ୟ ନିମ୍ନ ମାନର ହେଉଛି ବୋଲି ପଂଚାୟତ ବାସୀ ଅଭିଯୋଗ କରିଛନ୍ତି। ପ୍ରଥମେ ରାସ୍ତାରେ ମାଟି ବଦଳରେ ପଙ୍କ, କାଦୁଅ ପକାଉଥିବାର ଅଭିଯୋଗ ହୋଇଛି। ବହୁ ବର୍ଷ ପରେ ଏହି ରାସ୍ତା କୁ ଏତେ ଟଙ୍କା ମଞ୍ଜୁର କରାଯାଇଛି କିନ୍ତୁ ରାସ୍ତା ନିମ୍ନ ମାନର ହେଉଛି। ଏ ବିଷୟରେ ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ନନୀ ଗୋପାଳ ସେଣ କୁପଚାରିବାରୁ ସେ ଚୁପ୍ ରହିଥିଲେ। ପଂଚାୟତବାସୀ ତରଫରୁ ଆଗାମୀ ଦିନରେ ଯଦି ରାସ୍ତା କୁ ସଠିକ ଭାବରେ କରାନଯାଏ ତେବେ ଆନ୍ଦୋଳନର କରିବେ ବୋଲି ଚେତାବନୀ ଦେଇଛନ୍ତି। ବ୍ରିଟିଶ ଅମଳରେ ନିର୍ମିତ ଏହି ରାସ୍ତା ବାଲିଆପାଳ ବ୍ଲକର ଏକ ପ୍ରମୁଖ ରାସ୍ତା। ପ୍ରତିଦିନ ହଜାର ହଜାର ଲୋକ ଏହି ରାସ୍ତା ଦେଇ ସୁବର୍ଣରେଖା ନଦୀର ପନ୍ତେଇ ଘାଟ ପାର ହୋଇ ଭୋଗରାଇ ଓ ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳକୁ ଯାଇଥାଆନ୍ତି। ଦୀଘା ଓ କିର୍ତ୍ତନିଆରୁ ବାଲିଆପାଳକୁ ମାଛ ଓ ବାଲିଆପାଳ ଅଞ୍ଚଳରୁ ପରିବାପତ୍ର ମଧ୍ୟ ସେସବୁ ଅଞ୍ଚଳକୁ ଏହି ରାସ୍ତା ଦେଇ ଦୈନିକ ପରିବହନ ହୋଇଥାଏ। ସମଗ୍ର ଜାମକୁଣ୍ଡା ପଂଚାୟତର ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ଦୀର୍ଘ ଦିନ ଧରି ରାସ୍ତାର ଏହିଭଳି ଦୁରାବସ୍ଥା ଯୋଗୁଁ ପ୍ରତିଦିନ ଛୋଟ ବଡ ଦୁର୍ଘଟଣା ଘଟୁଛି। ରାସ୍ତାର ଏଭଳି ଶୋଚନୀୟ ଅବସ୍ଥା ଯୋଗୁଁ ଜାମକୁଣ୍ଡା ପଂଚାୟତରୁ ବାଲିଆପାଳର ବିଭିନ୍ନ କଲେଜ ଓ ସ୍କୁଲ ପ୍ରଭୃତିକୁ ଯାଉଥିବା ଛାତ୍ର ଛାତ୍ରୀ, ବୟସ୍କ ଲୋକଙ୍କ ସମେତ ରୋଗୀ ଓ ଗର୍ଭବତୀ ମହିଳାଙ୍କୁ ଡାକ୍ତରଖାନା ନେବାରେ ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡୁଥିଲା। ଏପରିକି ସାଇକେଲ ଓ ବାଇକରେ ଯାତାୟତ ସମୟରେ ସାମାନ୍ୟ ଅସାବଧାନ ହେଲେ ୮/୧୦ ଫୁଟ ତଳକୁ ଖସି ଗୁରୁତର ଆହତ ହେବା ସହ ଜୀବନ ହାନୀ ହେବାର ମଧ୍ୟ ଆଶଙ୍କା ରହିଥିଲା। ସେହି ରାସ୍ତାରେ ଏତେ କୋଟି ଟଙ୍କା ର କାମ ହେଉଛି କିନ୍ତୁ ନା ଅଛି ଫଳକ ନା ହେଉଛି ସଠିକ ଭାବରେ କାମ। ଜଳସେଚନ ବିଭାଗୀୟ ସହକାରୀ ଯନ୍ତ୍ରୀ କାର୍ଯ୍ୟ କୁ ତଦାରଖ କରୁନଥିବାର ଅଭିଯୋଗ ହୋଇଛି।

### ଘଷିପୁରା ଅଗର୍ଦ୍ଦା ଗାଁରେ ୪୦ରୁ ଅଧିକ ଆକ୍ରାନ୍ତ

## ବଢୁଛି ଜଣ୍ଡିସ୍ ରୋଗୀ, ଚାଲିଛି ଝଡ଼ାଫୁଙ୍କା



**ଘଷିପୁରା,୨୮।୩(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ୍ ଅଗର୍ଦ୍ଦା ଗାଁ । ଏବେ ଜଣ୍ଡିସକୁ ନେଇ ଆତଙ୍କିତ ଗ୍ରାମବାସୀ। ଲୋକଙ୍କ ପେଟ ଦରଜ ଏବଂ ଜ୍ୱର ହେବା ସହ ଆଖି ଓ ଗୋଡ଼ହାତ ହଳଦିଆ ପଡ଼ିବା ଭଳି ଲକ୍ଷଣ ଦେଖାଦେଉଛି। କିଛି ଲୋକ ଡାକ୍ତରଖାନାରେ ଚିକିତ୍ସା କରାଉଛନ୍ତି । କିନ୍ତୁ ଅଧିକାଂଶ ଲୋକ ଝଡ଼ାଫୁଙ୍କାକୁ ଭରସା କରୁଥିବା ଦେଖିବାକୁ ମିଳୁଛି । ମାସେରୁ ଅଧିକ ସମୟ ଧରି ଗାଁରେ ଏହି ରୋଗ ଆତଙ୍କ ସୃଷ୍ଟି କରିଛି । ଦୂଷିତ ପାନୀୟଜଳ ଯୋଗୁ ଜଣ୍ଡିସ ରୋଗ ବ୍ୟାପୁଥିବା ସନ୍ଦେହ କରାଯାଉଛି । ହେଲେ ଏଯାଏଁ ଗାଁରେ କୌଣସି ଡାକ୍ତରୀ ଦଳ ପହଞ୍ଚି ନାହିଁ । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ କରି ରୋଗ ନିରାକରଣର ବ୍ୟବସ୍ଥା କରିବା ନିହାତି ଜରୁରୀ ହୋଇପଡ଼ିଛି।

## ସମ୍ବଲପୁର ଅଭିମୁଖେ ଯାତ୍ରା ବରିଷ୍ଠ ନାଗରିକ




**ସୁନ୍ଦରଗଡ଼,୨୮।୩(ସଂଚାର ବ୍ୟୁରୋ):** ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ଶୁକ୍ରବାର ସୁନ୍ଦରଗଡ଼ ଜିଲ୍ଲାରୁ ତୀର୍ଥଯାତ୍ରୀ ମାନେ ସମ୍ବଲପୁର ଅଭିମୁଖେ ଯାତ୍ରା କରିଛନ୍ତି। ସମ୍ବଲପୁରରୁ ଆସନ୍ତା କାଲି ସ୍ୱତନ୍ତ୍ର ଟ୍ରେନ ଯୋଗେ ଅଯୋଧ୍ୟା ଓ ବାରାଣାସୀ ଅଭିମୁଖେ ଯାତ୍ରା କରିବେ। ଏହି ଅବସରରେ ସ୍ଥାନୀୟ ବିକାଶ ଭବନ ପରିସରରେ ବିଭିନ୍ନ ବ୍ଲକରୁ ଆସିଥିବା ତୀର୍ଥ ଯାତ୍ରୀ ମାନଙ୍କର ବସକୁ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ, ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ନିରଞ୍ଜନ ମହାପାତ୍ର, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ଏବଂ ଅନ୍ୟାନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଏଥିରେ ଜିଲ୍ଲାରୁ ମୋଟ ୧୮୦ ଜଣ ତୀର୍ଥଯାତ୍ରୀ ସାମିଲ ହୋଇଛନ୍ତି।

## କ୍ରୀଡ଼ା ଓ ପ୍ରମୁଖ ସଚିବଙ୍କ ସମୀକ୍ଷା ବୈଠକ



**ସୁନ୍ଦରଗଡ଼,୨୮।୩(ସଂଚାର ବ୍ୟୁରୋ):** ରାଜ୍ୟ କ୍ରୀଡ଼ା ଏବଂ ଯୁବ ସେବା ବିଭାଗର ପ୍ରମୁଖ ଶାସନ ସଚିବ ତଥା ସୁନ୍ଦରଗଡ଼ ଜିଲ୍ଲା ପାଇଁ ନୋଡାଲ ଅଧିକାରୀ ଭାବେ ନିଯୁକ୍ତ ହୋଇଥିବା ଭାସ୍କର ଜ୍ୟୋତି ଶର୍ମାଙ୍କ ସୁନ୍ଦରଗଡ଼ ଜିଲ୍ଲା ଗସ୍ତର ଦ୍ୱିତୀୟ ଦିବସରେ ଗୁରୁବାର ସ୍ଥାନୀୟ ସଦଭାବନା ଭବନଠାରେ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ବିଭିନ୍ନ ଯୋଜନା, ପ୍ରକଳ୍ପ ଆଦି ଉପରେ ସମୀକ୍ଷା କରିଥିଲେ। ବୈଠକରେ ଜିଲ୍ଲାପାଳ ମନୋଜ ମହାଜନ ସମଗ୍ର ଜିଲ୍ଲାର ଭୌଗଳିକ ଅବସ୍ଥିତି ଉପରେ ଉପସ୍ଥାପନ କରିବା ସହିତ ଜିଲ୍ଲାରେ ଚାଲୁଥିବା ବିଭିନ୍ନ ଯୋଜନା, କାର୍ଯ୍ୟକ୍ରମ ଗୁଡିକ ଉପରେ ଆଲୋକପାତ କରିଥିଲେ। ପରେ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଜିଲ୍ଲାର ସ୍ୱାସ୍ଥ୍ୟ ଭିତ୍ତିଭୂମି, ଡାକ୍ତର, ଅଣ ଡାକ୍ତର, ପାରା ମେଡିକାଲ ଷ୍ଟାଫ, ସ୍ୱାସ୍ଥ୍ୟ ମିତ୍ର ମାନଙ୍କ ତଥ୍ୟ ଉପସ୍ଥାପନ କରିବା ସହିତ ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଚାଲୁଥିବା ବିଭିନ୍ନ ଯୋଜନା ଗୁଡିକ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ଉପରେ ଉପସ୍ଥାପନ କରିଥିଲେ। ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପ, ନଳକୂପ, ଗ୍ରାମୀଣ ଗୃହ ନିର୍ମାଣ, ଅନ୍ତୋଦୟ ଗୃହ ଯୋଜନା, ସ୍ୱଚ୍ଛ ଭାରତ ମିଶନ, ଏମଜିଏନଆରଇଜିଏ ତଥା ଓରମାସ ଏବଂ ଓଡ଼ିଶା ଜୀବିକା ମିଶନ ଦ୍ୱାରା ଜିଲ୍ଲାର ବିଭିନ୍ନ ଜୀବିକା ସମ୍ପର୍କିତ କାର୍ଯ୍ୟକ୍ରମ ଗୁଡ଼ିକ ଉପରେ ଆଲୋଚନା କରିଥିଲେ।

## ରାତାରାତି ଗାଏବ ହେଉଛି ବାଲିର ପାହାଡ଼

● ଚଢ଼ଉ ପରେ ବି ସାବାଡ ହେଉନାହାନ୍ତି ବାଲି ମାଫିଆ



**ବେତନଟୀ,୨୮।୩(ସଂଚାର ବ୍ୟୁରୋ):** ବେଆଇନ ବାଲି ଉତ୍ତୋଳନ ଓ ଚୋରାଚାଲାଣ ରୋକିବା ଦିଗରେ ରାଜ୍ୟବ୍ୟାପୀ ପୁଲିସ ପ୍ରଶାସନ ପକ୍ଷରୁ ଚଢ଼ଉ ଜାରି ରହିଥିବା ବେଳେ ବେତନଟୀ ଅଞ୍ଚଳରେ ମଧ୍ୟ ପୁଲିସ -ବାଲିମାଫିଆ ଭିତରେ ଛକାପଞ୍ଝା ଜାରି ରହିଛି। ମୟୂରଭଞ୍ଜ ପୁଲିସ ପ୍ରଶାସନ ପକ୍ଷରୁ ଧରପଗଡ ଜାରି ରହିଥିବା ବେଳେ ଅଧିକାଂଶ ଦିନ ଚଢ଼ଉ କରି ଚୋରାବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଉଛି। ତଥାପି ବାଲି ମାଫିଆଙ୍କୁ ସାବାଡ କରିବାରେ ପୁଲିସ ପ୍ରଶାସନ ବିଫଳ ରହିଥିବା ବେଳେ ବୋଲ ମାନୁନାହାନ୍ତି ମାଫିଆ। ମେର୍ଦ୍ଦା ଠାରେ ରାସ୍ତା ପାର୍ଶ୍ୱରେ ଖୁଲ୍ଲମ୍‌ଖୁଲ୍ଲା ବାଲିର ପାହାଡ ତିଆରି କରାଯାଇଥିବା ବେଳେ ସକାଳ ପାହିବା ପୂର୍ବରୁ ରାତାରାତି ଏହି ମନୁଷ୍ୟକୃତ ବାଲିର ପାହାଡ ଗାଏବ ହୋଇଯାଉଛି। ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ଓ ପରିବହନ ଦାୟିତ୍ୱ ରାଜସ୍ୱ (ତହସିଲ) ବିଭାଗ ଠାରୁ ପ୍ରତ୍ୟାହାର କରି ଇସ୍ପାତ ଓ ଖଣି ବିଭାଗକୁ ଦିଆଯିବା ପରେ ଚୋରାବାଲି ଉତ୍ତୋଳନ ଓ ଚାଲାଣ ଅଣାୟତ୍ତ ହୋଇପଡିଛି। ଜିଲ୍ଲା ମୁଖ୍ୟାଳୟରେ ଜଣେ ମାତ୍ର ମାଇନିଂ ଅଧିକାରୀ ରହୁଥିବା ବେଳେ ସମଗ୍ର ଜିଲ୍ଲା ଗସ୍ତକରି ବେଆଇନ ବାଲିର ପାହାଡ ଜବତ କରିବା କିମ୍ବା ନିଲାମ କରିବା ସମ୍ଭବପର ହୋଇପାରୁନାହିଁ । ଏପଟେ ଚୋରାବାଲି ଚାଲାଣ ସମୟରେ ଗାଡି ଜବତ କରିବାର କ୍ଷମତା ପୁଲିସ ନିକଟରେ ରହିଥିବା ବେଳେ ରାସ୍ତା ପାର୍ଶ୍ୱରେ ବେଆଇନ ଭାବରେ ଗଚ୍ଛିତ ରଖାଯାଇଥିବା ବାଲିର ପାହାଡ ଜବତ କିରବା ପୁଲିସ କ୍ଷମତା ବାହାରେ । ଏହାର ସୁଯୋଗ ନେଇ ବାଲିମାଫିଆ ମାନେ ସମ୍ପୂର୍ଣ୍ଣ ବେଫିକର ହୋଇ ସ୍ପଷ୍ଟ ଦିବାଲୋକରେ ବାଉଁଶ ନଦୀରୁ ବେଆଇନ ବାଲି ଉତ୍ତୋଳନ କରିବାରେ ଲାଗିଛନ୍ତି।

ବର୍ତ୍ତମାନ ମୟୂରଭଞ୍ଜ ଜିଲ୍ଲାରେ ପୁଲିସ-ବାଲିମାଫିଆ ଛକାପଞ୍ଝା ଏକ ରୋଚକ ମୋଡ ନେଇଥିଲେ ହେଁ ତଥାପି ବୋଲ ମାନୁନାହାନ୍ତି ମାଫିଆ। ତେବେ ସ୍ପଷ୍ଟ ଦିବାଲୋକରେ ରାସ୍ତା ପାଶ୍ୱ ର୍ରେ ଏଭଳି ମନୁଷ୍ୟକୃତ ବାଲିର ପାହାଡ ଜିଲ୍ଲାପ୍ରଶାସନ ସମେତ ପୁଲିସ ଓ ମାଇନିଂ ବିଭାଗ ପାଇଁ ଏକ ଖୋଲା ଚାଲେଞ୍ଜ ସୃଷ୍ଟି କରିଛି ।

## ପମ୍ପ ହାଉସରେ ବାରମ୍ବାର ମଟର ପୋଡ଼ି

**କଣାସ,୨୮।୩(ସଂଚାର ବ୍ୟୁରୋ):** କଣାସ ବ୍ଲକ ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବାରୁ ବର୍ଷସାରା ପାନୀୟ ଜଳ ସମସ୍ୟା ଲାଗିରହୁଥିବାବେଳେ ପାନୀୟ ଜଳ ଯୋଗାଇବା ପାଇଁ ଦୟା, ରଜୁା।, ମଲାଗୁଣୀ, ମକରା, ଲୁଣା ନଦୀରେ କେତୋଟି ହାତ ଗଣତି ପାଇପ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିବାବେଳେ ବେଣାଗାଁଠାରେ ଦୟା ନଦୀରେ ନିର୍ମାଣ କରାଯାଇଥିବା ପାଇପ ଜଳ ପ୍ରକଳ୍ପ କାର୍ଯ୍ୟାଳୟରେ ୧୫ ଦିନ ମଧ୍ୟରେ ଦୁଇଥର ବିଦ୍ୟୁତ ମଟର ପୋଡି ଯାଇଥିବାରୁ ବାରମ୍ବାର ପାନୀୟ ଜଳ ଯୋଗାଣ ବ୍ୟାଘତ ହେଉଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ଏହି ପାଇପ ଜଳ ପ୍ରକଳ୍ପରୁ ଦୟା ବିହାର, ବେଣାଗାଁ, ଡିମିରି, ବିଶ୍ୱାଳିପଡ଼ା, ଗାଣ୍ଡପଡ଼ା, କଣାସ, କୃଷ୍ଣ ନଗର, ପୋତାଘର, ସହନା ଗ୍ରାମକୁ ପାନୀୟ ଜଳ ଯୋଗାଣ କରାଯାଉଥିଲା। ଏ ସମ୍ପର୍କରେ ଗ୍ରାମ୍ୟ ଜଳ ଯୋଗାଣ ସହକାରୀ ଯନ୍ତ୍ରୀ ରଞ୍ଜନ କୁମାର ସାମନ୍ତରାୟଙ୍କୁ ପଚାରିବାରୁ ସେ କୁହନ୍ତି ଆମେ କଣ କରିବୁ ମଟର ପାଇଁ ୪୨୦ ଭୋଲଟେଜ ଦରକାର ହେଉଥିବାବେଳେ ବିଦ୍ୟୁତ ବିଭାଗ ପକ୍ଷରୁ ମାତ୍ର ୩୨୦ ଭୋଲଟେଜ ବିଦ୍ୟୁତ ଆସୁଥିବାରୁ ତିନୋଟି ମଟର ପୋଡିଗଲାଣି। ବିଦ୍ୟୁତ ବିଭାଗକୁ କହିଲେ ମଧ୍ୟ ସେମାନେ ଶୁଣୁ ନାହାଁନ୍ତି। ପ୍ରକଳ୍ପର ଫଟୋ ଇ ମେଲରେ ପଠାଗଲା

### ପାନୀୟ ଜଳ ପାଇଁ ଲୋକେ ଡହଳ ବିକଳ



# ଡିଜିଟାଲ ରୂପାନ୍ତରଣକୁ ଆଗେଇ ନେଉଛି ଟିପିଏସ୍‌ଓଡିଏଲ୍

### ଡ୍ରୋନ୍ ଟେକ୍ନୋଲୋଜି ଓ ଏଡିଏମ୍ଏସ୍ ସେବା ଆରମ୍ଭ



**ବ୍ରହ୍ମପୁର,୨୮।୩(ସଂଚାର ବ୍ୟୁରୋ):** ବିଦ୍ୟୁତ ବଣ୍ଟନ ସେବାକୁ ଉନ୍ନତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ, ଟିପି ଦକ୍ଷିଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସଓଡିଏଲ୍) ଦୁଇଟି ପ୍ରମୁଖ ଡିଜିଟାଲ ପଦକ୍ଷେପ ଆରମ୍ଭ କରିଛି। ଜିଆଇଏସ୍ ସର୍ଭେ ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷ ପାଇଁ ଡ୍ରୋନ ଟେକ୍ନୋଲୋଜି, ଏବଂ ବ୍ରହ୍ମପୁର ସିଟି ସର୍କଲର ବିଇଡି-୨ ଡିଭିଜନରେ ଆଡଭାନ୍ସଡ ଡିଷ୍ଟ୍ରିବ୍ୟୁସନ ମ୍ୟାନେଜମେଣ୍ଟ ସିଷ୍ଟମ (ଏଡିଏମଏସ)ର ପ୍ରଥମ ପର୍ଯ୍ୟାୟ ଆରମ୍ଭ ହୋଇଛି। ଟିପିଏସ୍‌ଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ ଉଭୟ ପଦକ୍ଷେପର ଉଦଘାଟନ କରିଥିଲେ। ଏହା କାର୍ଯ୍ୟକ୍ଷମ ଦକ୍ଷତା, ସୁରକ୍ଷା ଏବଂ ଗ୍ରାହକ ସେବା ଦିଗରେ ଏକ ବଳିଷ୍ଠ ପଦକ୍ଷେପ ହେବ। ଅତ୍ୟାଧୁନିକ ଡ୍ରୋନ ଟେକ୍ନୋଲୋଜିର ବ୍ୟବହାର ସହିତ, ଟିପିଏସଓଡିଏଲ ଭିତ୍ତିଭୂମି ନିରୀକ୍ଷଣକୁ ମଜବୁତ କରିବା ଏବଂ ସେବା ନିର୍ଭରଯୋଗ୍ୟତା ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ଜିଆଇଏସ୍ ସାମର୍ଥ୍ୟ ସହିତ ସଜ୍ଜିତ ଡ୍ରୋନଗୁଡ଼ିକ ବିଦ୍ୟୁତ ସମ୍ପତ୍ତି ଯେପରିକି ଖୁଣ୍ଟ, ଟ୍ରାନ୍ସଫର୍ମର ଏବଂ ସବଷ୍ଟେସନର ଉଚ୍ଚ-ନିର୍ଭୁଲତା ସର୍ଭେକୁ ସହଜ କରିବ। ଏହା ପାହାଡ଼ିଆ ଓ ଦୁର୍ଗମ ଅଞ୍ଚଳରେ ବେଶ ସହାୟକ ହେବ। ଉପରୁ ନିରୀକ୍ଷଣ, ଥର୍ମାଲ ହଟସ୍ପଟ ଏବଂ ସମ୍ଭାବ୍ୟ ତ୍ରୁଟିଗୁଡ଼ିକୁ ଚିହ୍ନଟ କରିବାରେ ସାହାଯ୍ୟ କରିବ, ଯାହା ଅଧିକ ନିର୍ଭରଯୋଗ୍ୟ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବ। ପ୍ରାକୃତିକ ବିପର୍ଯ୍ୟୟ ଯେପରିକି ଘୂର୍ଣ୍ଣିଝଡ଼ ଏବଂ ବନ୍ୟା ସମୟରେ, ଡ୍ରୋନଗୁଡ଼ିକ କ୍ଷୟକ୍ଷତିର ତୁରନ୍ତ ମୂଲ୍ୟାଙ୍କନ ପାଇଁ ରିଅଲ-ଟାଇମ ସର୍ଭେ ପ୍ରଦାନ କରିବ। କର୍ମଚାରୀଙ୍କ ସୁରକ୍ଷା ଏକ ପ୍ରମୁଖ ପ୍ରାଥମିକତା ଏବଂ ଡ୍ରୋନ-ଆଧାରିତ ନିରୀକ୍ଷଣ ଏହି ସୁରକ୍ଷା ପଦକ୍ଷେପଗୁଡ଼ିକୁ ଆହୁରି ବୃଦ୍ଧି କରିବ। ଏହା ସହିତ, ୭-୮ କିଲୋମିଟର ବ୍ୟାପ୍ତି ବିଶିଷ୍ଟ ଡ୍ରୋନଗୁଡ଼ିକ ପ୍ରତିରୋଧୀ ଅଞ୍ଚଳରେ ବିଦ୍ୟୁତ ଚୋରିକୁ ଚିହ୍ନଟ ଏବଂ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିବ, ଯାହା ଟିପିଏସ୍‌ଓଡିଏଲର କାର୍ଯ୍ୟକ୍ଷମ ଉତ୍କର୍ଷ ଏବଂ ଦକ୍ଷତା ପ୍ରତି ପ୍ରତିବଦ୍ଧତାକୁ ଦୃଢ଼ କରିବ। ସେହିପରି ଡିଜିଟାଲ ରୂପାନ୍ତରଣ ଯାତ୍ରାକୁ ଆହୁରି ମଜବୁତ କରି, ଟିପିଏସଓଡିଏଲ ଏଡିଏମଏସର ପ୍ରଥମ ପର୍ଯ୍ୟାୟ ଆରମ୍ଭ କରିଛି। ଏହା ଏକ ସ୍ମାର୍ଟ ସିଷ୍ଟମ ଯାହା ବିଦ୍ୟୁତ ଯୋଗାଣ ପରିଚାଳନା ଏବଂ ଗ୍ରାହକ ସେବାକୁ ସୁଗମ କରିବା ପାଇଁ ଡିଜାଇନ କରାଯାଇଛି। ବ୍ରହ୍ମପୁରର ବିଇଡି-୨ ଡିଭିଜନରେ ପ୍ରାରମ୍ଭିକ ଭାବେ ଏହା ଆରମ୍ଭ ହୋଇଛି। ବିଦ୍ୟୁତ ଯୋଗାଣ ବାଧାକୁ କମ କରିବା, ସେବା ନିର୍ଭରଯୋଗ୍ୟତା ବୃଦ୍ଧି କରିବା ଏବଂ କ୍ଷେତ୍ରୀୟ କାର୍ଯ୍ୟକ୍ରମରେ ସୁରକ୍ଷା ଏବଂ ଦକ୍ଷତା ଉନ୍ନତି କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଏହି ସିଷ୍ଟମ ବିଦ୍ୟୁତ ଯୋଗାଣ ସମ୍ପର୍କିତ ଏବଂ ଗ୍ରାହକ ଅଭିଯୋଗର ତୁରନ୍ତ ପ୍ରତିକ୍ରିୟା ସକ୍ଷମ କରିବ ଏବଂ ସେ ସମ୍ପର୍କରେ ସକ୍ରିୟ ଯୋଗାଯୋଗକୁ ସହଜ କରିବ। ବ୍ରହ୍ମପୁରର ବିଇଡି-୨ ଡିଭିଜନରେ ସଫଳ କାର୍ଯ୍ୟକ୍ଷମ ପରେ ପର୍ଯ୍ୟାୟକ୍ରମେ ଏହା ବିଭିନ୍ନ ସ୍ଥାନରେ ଲାଗୁ ହେବ। ଏହା ଲୋଡ ପୂର୍ବାନୁମାନ ଏବଂ ଅନ୍ୟାନ୍ୟ ଅଟୋମେସନ ଅନ୍ତର୍ଭୁକ୍ତ ହେବ। ଏହି ପଦକ୍ଷେପଗୁଡ଼ିକ ଅତ୍ୟାଧୁନିକ ଟେକ୍ନୋଲୋଜିକୁ ଗ୍ରହଣ କରି ଏକ ସ୍ମାର୍ଟ, ସୁରକ୍ଷିତ ଏବଂ ଅଧିକ ନିରନ୍ତର ବିଦ୍ୟୁତ ବଣ୍ଟନ ନେଟୱାର୍କ ସୃଷ୍ଟି କରିବା ପ୍ରତି ଟିପିଏସ୍‌ଓଡିଏଲର ପ୍ରତିବଦ୍ଧତାକୁ ନିଶ୍ଚିତ କରିଛି। ଯାହା ଏହାର ଗ୍ରାହକମାନଙ୍କ ପାଇଁ ନିର୍ଭରଯୋଗ୍ୟ ଏବଂ ଗୁଣବତ୍ତାଯୁକ୍ତ ସେବା ସୁନିଶ୍ଚିତ କରେ।

## ୱାଇବିପିଏସ ରୁପ୍ରାରୋଡର ବାର୍ଷିକୋତ୍ସବ

**ନର୍ଲା,୨୮।୩(ସଂଚାର ବ୍ୟୁରୋ):** ୟଙ୍ଗ ବ୍ଲଡ଼ ପବ୍ଲିକ ସ୍କୁଲ (ୱାଇବିପିଏସ) ରୁପ୍ରାରୋଡର ଦ୍ୱିତୀୟ ବାର୍ଷିକ ଉତ୍ସବ ଉଦଯାପିତ ହୋଇଯାଇଛି। ନର୍ଲା ବ୍ଲକ ରୁପ୍ରାରୋଡ ସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏନେଇ ଆୟୋଜିତ ଉଦଯାପନୀ ସମାରୋହରେ ସ୍କୁଲର ଭାଇସ୍ ଚ୍ୟାରମେନ୍ ରତନ କୁମାର ଅଗ୍ରୱାଲ, ସମ୍ପାଦକ ସୁମିତ କୁମାର ଅଗ୍ରୱାଲ, ବରିଷ୍ଠ ସଦସ୍ୟ ଆନନ୍ଦ କୁମାର ଅଗ୍ରୱାଲ, ମହେଶ ଅଗ୍ରୱାଲ, କୈଳାଶ କୁମାର ଅଗ୍ରୱାଲ, ରୂପଚନ ଜୈନ, ପ୍ରଦୀପ କୁମାର ଅଗ୍ରୱାଲ ଓ ଦେବେଶ କୁମାର ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ। ଉପଦେଷ୍ଟା ଦେବୀଦେବ ଶର୍ମା ଓ ସୁବାସ ଚନ୍ଦ୍ର ଅଗ୍ରୱାଲ ଛାତ୍ରଛାତ୍ରୀମାନଙ୍କ ସର୍ବାଙ୍ଗିନ ବିକାଶ ଦିଗରେ କାର୍ଯ୍ୟ କରିବାକୁ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ବାର୍ତ୍ତା ପ୍ରେରଣ କରିଥିଲେ। ରୁପ୍ରାରୋଡ ସରପଞ୍ଚ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ପ୍ରୀତି ଉପହାର ପ୍ରଦାନ ସହ ସ୍କୁଲର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

ସଭାର ଅଧ୍ୟକ୍ଷତା କରିଥିଲେ ସ୍କୁଲର ଭାଇସ ପ୍ରିନ୍ସପାଲ ବିଭୁ ରଞ୍ଜନ ମହାନ୍ତି। ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ସ୍କୁଲ ପରିଚାଳନା କମିଟିର କାର୍ଯ୍ୟକର୍ତ୍ତା ଓ ସଦସ୍ୟମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ପାଇଁ ଜମିଦାନ କରିଥିବା ଜମିଦାତାମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍କୁଲର କୁନି କୁନି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷିତ ହୋଇଥିଲା। ଶିକ୍ଷୟତ୍ରୀ ଅନିମା ଅଗ୍ରୱାଲ, ନିବେଦିତା ସାହୁ, ତୁଳସୀ ବେହେରା, ପ୍ରେମାଞ୍ଜଳୀ ପୋଢ, ପୂଜା ଅଗ୍ରୱାଲ, ଅଞ୍ଜୁ ବେହେରା, କୁନ୍ତୀ ଭୋଇ, ଶିକ୍ଷକ ବିଜୟ କୁମାର ମହାପାତ୍ର, ଚୈତନ୍ୟ ସାହୁ, ପଦ୍ମନାଭ ଝାଙ୍କର, ତୁଷାର ଗଉଡ, ଦେବେନ୍ଦ୍ର ସେନାପତିଙ୍କ ସମେତ ବିଦ୍ୟାଳୟର କର୍ମଚାରୀ ଧିରୋଜ ସେଠୀ, ସୁମିତ୍ରା ପୋଢ, ବୃନ୍ଦାବନ ସା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମର ଅବିଭାବକ/ ଅବିଭାବିକା ଓ ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ।

SANCHAR
ସଂଚାର
ଶନିବାର ୨୯ ମାର୍ଚ୍ଚ ୨୦୨୫

# ଶ୍ରଦ୍ଧାଞ୍ଜଳି























## ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ



**ବ୍ରହ୍ମପୁର,୨୮।୩(ସଂଚାର ବ୍ୟୁରୋ):** ଶ୍ରୀମନ୍ଦିର ପୁରୀ ମୁକ୍ତି ମଣ୍ଡପ ଦ୍ୱାରା ସଂଶୋଧିତ ଓ ଅନୁମୋଦିତ ପଞ୍ଜିକା ବିଷୟରେ ଓ ମୁକ୍ତି ମଣ୍ଡପ ଅବଗତି ଉଦ୍ଦେଶ୍ୟରେ ଗଞ୍ଜାମ ଜିଲ୍ଲାର ବ୍ରାହ୍ମଣ ପୁରୋହିତ ମାନେ ବ୍ରହ୍ମପୁର ଉପ ଜିଲ୍ଲାପାଳଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ପ୍ରକାଶଥାଉକି ଚଳିତ ୨୦୨୫-୨୬ ମସିହାରେ ପୁରୀ ମୁକ୍ତିମଣ୍ଡପ ପଣ୍ଡିତ ସଭା ଦ୍ୱାରା ୫ ଟି ପଞ୍ଜିକାକୁ ଅନୁମୋଦିତ କରାଯାଇଥିଲା ଓ ସମସ୍ତ ପଞ୍ଜିକାରେ ବିବାହ ଆଦି ଯୋଗ ସମାନ ରହିବ ବୋଲି କୁହାଯାଇଥିଲା। କିନ୍ତୁ ଭାଗ୍ୟଦୀପ ପଞ୍ଜିକରେ ଭିନ୍ନ ଦେଖିବାକୁ ମିଳିଛି ଯାହା ପୁରୋହିତ ତଥା ସାଧାରଣ ଲୋକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ସମସ୍ତ ପଞ୍ଜିକରେ ଜୁନ ୮ ରେ ବୃହସ୍ପତି ବୃଦ୍ଧ ଓ ଅଶୁଦ୍ଧ କାଳ ବୋଲି ଉଲେଖ ରହିଛି ଓ ବିବାହ ଆଦି ଯୋଗକୁ ମନା କରାଯାଇଛି କିନ୍ତୁ ଭାଗ୍ୟଦୀପ ପଞ୍ଜିକାରେ ଜୁନ ୮ ତାରିଖ ପରେ ଜୁନ ୯, ୧୪, ଓ ୨୩ ତାରିଖରେ ବିବାହ ଯୋଗ ଦିଆଯାଇଛି। ଏଣୁ ଅନ୍ୟ ୪ ଟି ପଞ୍ଜିକାରେ ଯୋଗ ଦିଆଯାଇନଥିବା ବେଳେ ଏହି ପଞ୍ଜିକାରେ କିପରି ଯୋଗ ଦିଆଯାଇଛି ଓ ପୁରୀ ମୁକ୍ତିମଣ୍ଡପ ପଣ୍ଡିତ ସଭା ଏହାକୁ କିପରି ସଂଶୋଧିତ ଓ ଅନୁମୋଦିତ ଦେଇଛନ୍ତି ତାକୁ ନେଇ ବ୍ରାହ୍ମଣ ମାନେ ଦ୍ୱନ୍ଦ୍ୱରେ ରହିଛନ୍ତି। ଏହାର ପୁଙ୍ଖାନୁପୁଙ୍ଖ ତର୍ଜମା କରିବା ନେଇ ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ ଜରିଆରେ ପୁରୀ ମୁକ୍ତିମଣ୍ଡପ ପଣ୍ଡିତ ସଭା ଓ ଶ୍ରୀ ମନ୍ଦିର ମୁଖ୍ୟ ପ୍ରଶାସକଙ୍କ ନିକଟକୁ ପୁରୋହିତ ମାନେ ନିବେଦନ କରିବା ସହ ଦାବି ପତ୍ର ପ୍ରଦାନ କରିଥିଲେ। ଏହି ଅବସରେ ସନ୍ତୋଷ କର, ପ୍ରକାଶ ଚନ୍ଦ୍ର ଦାଶ, ଯଂଜ୍ଞ ରଥ, ନାରାୟଣ ଦାଶ, ଚିତ୍ତ ରଞ୍ଜନ ପାଠୀ, ଟୁଟୁ ରଥ ବିଭୁ ନନ୍ଦନ ପଣ୍ଡା, ଦୁର୍ଗା ମାଧବ ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ମଦ ଭାଟି କର୍ମଚାରୀଙ୍କଠାରୁ ଲୁଟ ଘଟଣାରେ ଦୁଇ ଦୁର୍ବୃତ୍ତ ଗିରଫ



**ବୋରିଗୁମ୍ମା,୨୮।୩(ସଂଚାର ବ୍ୟୁରୋ):** ବୋରିଗୁମ୍ମା ବ୍ଲକ ରେ ଥିବା ସରକାରୀ ଦେଶୀ ମଦ ଭାଟି କର୍ମଚାରୀ ଙ୍କ ଠାରୁ ଲୁଟ ଘଟଣା ରେ ପୋଲିସ ଦୁଇ ଜଣ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।ସେମାନେ ହେଲେ ବନ୍ଧଗୁଡା ଗ୍ରାମର ରାମଚନ୍ଦ୍ର ହରିଜନ(୨୪ ବର୍ଷ) ଓ ରାଜୁ ହରିଜନ(୨୨ ବର୍ଷ)। ପୋଲିସ ସୂତ୍ରରୁ ପ୍ରକାଶ ଯେ ସରକାରୀ ଦେଶୀ ମଦ ଭାଟି ର କର୍ମଚାରୀ ଅଜୟ କୁମାର ଯାଦବ ନିଜ ବାଇକ ଯୋଗେ କୌଣସି କାମରେ ଗାଦବାଗୁଡା ଗ୍ରାମ ଦେଇ ଫେରୁଥିବା ବେଳେ ଡାଳଖାଇ ଛକ ରେ ଦୁଇ ଦୁର୍ବୃତ୍ତ ଅଜୟ କୁ ଅଟକାଇ ଜୋର ଜବରଦସ୍ତ ବାଇକ ଛଡାଇ ନେବା ସହ ମୋବାଇଲ କୁ ନେଇ ସେଠାରୁ ଚମ୍ପଟ ମାରିଥିଲେ। ପରେ ଭାଟି ମେନେଜର ବିନୟ କୁମାର ଗୁପ୍ତା ଙ୍କ ସହଯୋଗ ରେ କର୍ମଚାରୀ ଅଜୟ କୁମାର ଯାଦବ ବୋରିଗୁମ୍ମା ଥାନାରେ ଲିଖିତ ଭାବେ ଜଣାଇଥିଲେ।ପୋଲିସ ତୁରନ୍ତ ଦୁଇ ଦୁର୍ବୃତ୍ତ ଙ୍କୁ ଗିରଫ କରିବାରେ ସଫଳ ହୋଇଛି।ଏନେଇ ଥାନାରେ ଏକ ମାମଲା କେସ ନମ୍ବର--୫୯/୨୦୨୫ ଦଫା ୩୦୯(୪) ଓ ୩(୫) ରୁଜୁ କରାଯାଇଛି ବୋଲି ଥାନା ଭାରପ୍ରାପ୍ତ ଅଧିକାରୀ ରଚିତା ମାଡକାମୀ ସୂଚନା ଦେଇଛନ୍ତି।ଏନେଇ ଅଧିକ ତଦନ୍ତ ଚାଲିଛି ବୋଲି ତଦନ୍ତକାରୀ ଏଏସଆଇ ଚନ୍ଦନ ପ୍ରସାଦ ମାଝୀ କହିଛନ୍ତି।

## ଖରାରେ ଲୋକଙ୍କ ଶୋଷ ମେଣ୍ଟାଉଛି ଲସି



**ଯାଜପୁର ରୋଡ଼, ୨୮।୩(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର ପାଣିକୋଇଲି ଛକରେ ବାବା ମଣି ଲସି ଏବେ ଫେମସ ହେବାକୁ ଯାଉଛି। ସାରା ରାଜ୍ୟରେ ଏବେ ଗ୍ରୀଷ୍ମର ପ୍ରକୋପ ବଢ଼ିବାରେ ଲାଗିଛି। ଏହାକୁ ଆଖି ଆଗରେ ରଖି ପାଣିକୋଇଲି ଛକର ବଜାରରେ ସୁନା'ନାମକ ବ୍ୟକ୍ତିଙ୍କ ବାବା ମଣି ଲସି ଦୋକାନରେ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳୁଛି। ମାତ୍ର ୫୦ଟଙ୍କାରେ ଗ୍ରାହକଙ୍କ ମନପସନ୍ଦର ରାବିଡି ଲସି ମିଳୁଥିବା ଦେଖିବାକୁ ମିଳୁଛି। ଜାତୀୟ ରାଜପଥ ନମ୍ବର - ୨୦ ଓ ୧୬ ନମ୍ବର ଜାତୀୟ ରାଜପଥର ମଧ୍ୟସ୍ଥଳ ପାଣିକୋଇଲି ବଜାର ହୋଇଥିବାରୁ ପ୍ରତିଦିନ ସକାଳ ଠାରୁ ରାତି ପର୍ଯ୍ୟନ୍ତ ଏହି ଛକର ବାବା ମଣି ଲସି ଦୋକାନରେ ରାବିଡି ଲସି ସମସ୍ତ ଙ୍କୁ ଆକର୍ଷଣୀୟ କରିଥାଏ। ଯଦି କେବେ କେଉଁ ବ୍ୟକ୍ତି କଟକ, ବାଲେଶ୍ୱର, କେନ୍ଦୁଝର, ଯାଜପୁର ରୋଡ଼, କଳିଙ୍ଗନଗର ଶିଳ୍ପା ଅଞ୍ଚଳକୁ ଆସୁଛନ୍ତି ତେବେ ପାଣିକୋଇଲି ଠାରେ ଥିବା ସୁନାଭାଇଙ୍କ ବାବା ମଣି ଲସି ଦୋକାନରେ ଟିକେ ମୁହଁ ମିଠା ଓ ପେଟ ଥଣ୍ଡା କରି ଯିବା ପାଇଁ ଲସି ଦୋକାନର ସୁନା ଅନୁରୋଧ କରିଛନ୍ତି।

## ବାବା ଗତୀଶ୍ୱର ଦେବ କଲ୍ୟାଣ ମଣ୍ଡପ ବିଧାୟକଙ୍କ ଦ୍ୱାରା ଭିତ୍ତି ପ୍ରସ୍ତର ସ୍ଥାପିତ



**କଣାସ,୨୮।୩ (ସଂଚାର ବ୍ୟୁର):** କଣାସ ବ୍ଲକ ଗଡ଼ବଡପୁଟ ପଞ୍ଚାୟତ ବାରିମଣ୍ଡଳଠାରେ ନିର୍ମାଣ ହେବାକୁଥିବା କଲ୍ୟାଣମଣ୍ଡପର ଭିତ୍ତି ସ୍ଥାପନ ଆଜି ସତ୍ୟବାଦୀ ଯୁବ ବିଧାୟକ ଓମ ପ୍ରକାଶ ମିଶ୍ରଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଭିତ୍ତି ସ୍ଥାପନ ସମୟରେ କଣାସ ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ ଉପସ୍ଥିତି ଥିଲେ। ଫଟୋ ଇ ମେଲରେ ପଠାଗଲା

### ଖତ ଖାଉଛି ଲକ୍ଷ ଲକ୍ଷ ଟଙ୍କାର ପ୍ରକଳ୍ପ

# କାମରେ ଲାଗୁନି ଭେଣ୍ଡିଂ ଜୋନ୍



**ସୁବର୍ଣ୍ଣପୁର,୨୮।୩(ସଂଚାର ବ୍ୟୁରୋ):** ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚରେ ଭେଣ୍ଡିଂ ଜୋନ୍ ଓ ଖୋଲା ବଜାର ନିର୍ମାଣ କରାଗଲା। ଲାଗୁଥିଲା ବ୍ୟବସାୟୀ ଏଠାରେ ବସି ବେପାର କରିବେ। ହେଲେ ସେମିତି କିଛି ହେଲା ନାହିଁ। ବ୍ୟବହାର ଅନୁପଯୋଗୀ ହୋଇ ପଡ଼ିରହିଥିବା ଷ୍ଟଲ୍ ବେପାରୀଙ୍କୁ ଦିଆଯାଇନାହିଁ। ବର୍ତ୍ତମାନ ସ୍ଥିତିକୁ ଦେଖିଲେ, ଦୋକାନ ଘର କାହା ଉଦ୍ଦେଶ୍ୟରେ ନିର୍ମାଣ ହୋଇଛି ବୋଲି ପ୍ରଶ୍ନ ଉଠିଛି। ସୁବର୍ଣ୍ଣପୁର ପୌରପରିଷଦ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଭେଣ୍ଡିଂ ଜୋନ୍ କରାଯାଇଛି। ୧୫ଲକ୍ଷ ଟଙ୍କାରେ ଖୋଲା ବଜାର କରାଯାଇଛି। ଦୀର୍ଘ ଦିନର ନିର୍ମାଣ ପରେ ବି ଦୋକାନ ଘରଗୁଡ଼ିକୁ କାହାକୁ ଦିଆଯାଉନାହିଁ। ଏବେ ସେଗୁଡ଼ିକ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ଅଭିଯୋଗ ହୋଇଛି। ଷ୍ଟଲ୍ ପରିସରରେ ମଦ ବୋତଲ ଗଡୁଥିବା ଦେଖିବାକୁ ମିଳୁଛି। ସୁବର୍ଣ୍ଣପୁର ପୌର ପରିଷଦର ସୋନ୍‌ପୁର ବ୍ଲକ ଛକ ଜନଗହଳିପୂର୍ଣ୍ଣ ଅଞ୍ଚଳ। ସବୁବେଳେ ଭିଡ଼ ଲାଗିଥାଏ। ପରିବା ବେପାରୀ ରାସ୍ତା କଡ଼ରେ ବସିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ବିଭିନ୍ନ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟିବା ଖବର ନଜରକୁ ଆସୁଛି। ତଥାପି ଭେଣ୍ଡିଂ ଜୋନ୍ ଦୋକାନୀଙ୍କୁ ଯୋଗାଇ ଦିଆଯାଉନଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ଜିଲ୍ଲାପାଳ କହିଛନ୍ତି, ବାରମ୍ବାର କହିବା ସତ୍ତ୍ୱେ ପରିବା ବିକାଳି ବଜାର ପ୍ରାଙ୍ଗଣକୁ ଯାଉନାହାଁନ୍ତି। ବେପାରୀ କଥା ଶୁଣୁନଥିବା ଜିଲ୍ଲାପାଳ କହିବା ପରେ ପୌର ପ୍ରଶାସନ ଏଦିଗରେ ଦୃଷ୍ଟି ଦେବାକୁ ଦାବି ହୋଇଛି। ହେଲେ ପୌର ନିର୍ବାହୀ ଅଧିକାରୀ ଏନେଇ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେବାକୁ ନାରାଜ୍।

## ମାସିକ ପ୍ରୋତ୍ସାହନ ଦାବିରେ ଏକାଠି ହେଲେ ଗାଁସାଥୀ



**ଭୁବନେଶ୍ୱର,୨୮।୩(ସଂଚାର ବ୍ୟୁରୋ):** ପଞ୍ଚାୟତିରାଜ ବିଭାଗ ସମେତ ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗରେ ଯୋଗ୍ୟତା ଅନୁସାରେ ସ୍ଥାୟୀ ନିଯୁକ୍ତି ଓ ନ୍ୟାୟ ଆଶାୟୀ ସମସ୍ତ ଗାଁସାଥୀ (ମେଟ୍)ଙ୍କୁ ସଠିକ୍ ଚିହ୍ନଟ କରି ମାସିକ ୧୨ ହଜାରରୁ ଉର୍ଦ୍ଧ୍ୱ ପ୍ରୋତ୍ସାହନ ରାଶି ପ୍ରଦାନ ଦାବିରେ ଗାଁସାଥୀ ସଂଘ ତରଫରୁ ଏକ ସ୍ୱତନ୍ତ୍ର ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଗାଁସାଥୀ (ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି, ଓଡ଼ିଶା ପ୍ରଦେଶର ସଭାପତି ଲକ୍ଷ୍ମୀଧର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଉତ୍କଳ ସାମ୍ବାଦିକ ଭବନ ପରିସରରେ କିଛି ନିଆରା ଶୈଳୀରେ ଉକ୍ତ କାର୍ଯ୍ୟକ୍ରମ ସମାପିତ ହୋଇଯାଇଛି। ସାରା ଓଡ଼ିଶାରୁ ଆସିଥିବା ଶତାଧିକ ଗାଁସାଥୀ (ମେଟ୍) ସଂଗଠକମାନେ ଓଡ଼ିଶାର ମାନନୀୟ ମୁଖ୍ୟମନ୍ତ୍ରୀ ଓ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅବିଳମ୍ବେ ଗାଁସାଥୀ (ମେଟ୍)ଙ୍କର ସ୍ଥାୟୀ ନିଯୁକ୍ତି ଓ ମାସିକ ପ୍ରୋତ୍ସାହନ ପାଇଁ ହୋଇଥିବା ସରକାରୀ ପ୍ରକ୍ରିୟାକୁ ଚୂଡ଼ାନ୍ତ ରୂପଦେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରିବା ଲାଗି ସେହି ସାମ୍ବାଦିକ ଭବନରୁ ଥାଇ ମୁଣ୍ଡରେ ଗୋଲାପି ରିବନ୍ ବାନ୍ଧି ଦଣ୍ଡ ପ୍ରଣାମ ସହିତ ଦୃଢ଼ ନିବେଦନ ଜଣାଇଛନ୍ତି। ମାନନୀୟ ମୁଖ୍ୟମନ୍ତ୍ରୀଙ୍କର ପୂର୍ବ ପ୍ରତିଶ୍ରୁତି, ବିଜେପିର ଇସ୍ତାହାର ଲେଖା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଜୀଙ୍କ ଚିଠି ଓ ବିଜେପିର ଯଶସ୍ୱୀ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଚିଠିକୁ ସମ୍ମାନ ଦେଇ ଗାଁସାଥୀ (ମେଟ୍)ଙ୍କ ଚାକିରୀ ପ୍ରଦାନ ପ୍ରସଙ୍ଗରେ ହୋଇଥିବା ଫାଇଲିଂକୁ ତୁରନ୍ତ ଆଗେଇ ନେଇ କ୍ୟାବିନେଟ୍ ନିଷ୍ପତ୍ତି ପରେ ବିଜ୍ଞପ୍ତି ପ୍ରକାଶ ଲାଗି ସଂଘ ଦୃଢ଼ ଦାବି ଜଣାଉଅଛି। ଏହି ବାବଦରେ ବିଭିନ୍ନ ମୋସନ ଜରିଆରେ ୨୯ ମାର୍ଚ୍ଚରେ ଓଡ଼ିଶା ବିଧାନସଭାରେ ସ୍ୱର ଉତ୍ତୋଳନ ପାଇଁ ବିଧାନସଭାର ମାନ୍ୟବର ବିଧାୟକ ଓ ବିଧାୟିକାମାନଙ୍କୁ ସଂଘ ତରଫରୁ ବିନମ୍ର ଅନୁରୋଧ ଜଣାଇ ଦିଆଯାଉଅଛି।

### ବିଶ୍ୱ ନାଟ୍ୟ ଦିବସ ପାଳନ

## 'ମହୋଦଧି'ରେ ଅପରାଧିର ମନସ୍ତତ୍ତ୍ୱ



**ବାଲେଶ୍ୱର,୨୮।୩(ସଂଚାର ବ୍ୟୁରୋ):** ବିଶ୍ୱ ନାଟ୍ୟ ଦିବସ ପାଳନ ଅବସରରେ 'କଳାକାର' ଦ୍ୱାରା ଗାନ୍ଧି ସ୍ମୃତି ଭବନରେ ସ୍ୱର୍ଗତଃ ନାଟ୍ୟକାର ମନୋରଞ୍ଜନ ଦାସଙ୍କ ବେତାର ନାଟକ 'ମହୋଦଧି'ର ରୂପାନ୍ତରିତ ମଞ୍ଚରୂପ ସୁରଞ୍ଜନ ଦାସମହାପାତ୍ରଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ ହୋଇଯାଇଛି। ମଣିଷ ସବୁବେଳେ ଯାହା କରେ ତା' ପାଇଁ କେବଳ ସେହିଁ କାହିଁକି ଉତ୍ତରଦାୟୀ ହେବ? ତା'ର ପାରିପାର୍ଶ୍ୱିକ ପରିସ୍ଥିତି କାହିଁକି ଦାୟୀ ନୁହେଁ? ଜଣେ ହତ୍ୟାକାରୀର ଏ ପ୍ରକାର ପ୍ରଶ୍ନର ଉତ୍ତର ଖୋଜା ଚାଲେ ନାଟକଟିରେ। ଏଥିରେ ଶ୍ରୀତମ୍ ସିଂହ, ଅଶ୍ୱିନୀ ସ, ଅମରନାଥ ଗୋଚ୍ଛାୟତ, କାଜଲ୍ ପାଣିଗ୍ରାହୀ, ବର୍ଷାରାଣୀ ପଣ୍ଡା ଓ ରାକ୍ଷୀ ଅଭିନୟ କରିଥିବାବେଳେ ଅନିକେତ କାନୁନ୍‌ଗୋ ଆବାହନୀ ସଙ୍ଗୀତ ସଂଯୋଜନା କରିଥିଲେ। ନାଟକ ପୂର୍ବରୁ ଆୟୋଜିତ ଉଦ୍‌ଯାପନୀ ସଭାରେ ସଭାପତିତ୍ୱ କରିଥିଲେ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର ଓ ଅତିଥି ଭାବରେ ମଞ୍ଚାସୀନ ଥିଲେ ଡାକ୍ତର ପ୍ରଭାତ ଚୌଧୁରୀ, ନାଟ୍ୟକାର ସୁଧାଂଶୁ ମୋହନ ଦ୍ୱିବେଦୀ, ମଞ୍ଚ ଆହ୍ୱାନ କରିଥିଲେ ସୁରଞ୍ଜନ ଦାସମହାପାତ୍ର। ଆଶୀଷ ବର୍ଦ୍ଧନ ଆଦ୍ୟସୂଚନା ପ୍ରଦାନ କରିଥିବାବେଳେ ଧନ୍ୟବାଦ ପ୍ରସ୍ତାବ ରଖିଥିଲେ ଲକ୍ଷ୍ମୀନାରାୟଣ ଘୋଷ। ଅଧ୍ୟାପକ ସୌମ୍ୟରଞ୍ଜନ ପ୍ରଧାନ 'ବିଶ୍ୱ ନାଟ୍ୟ ଦିବସ ବାର୍ତ୍ତା' ପଠନ କରିଥିଲେ। 'କଳାକାର' ଓ 'ଶୋଭା' ଅନୁଷ୍ଠାନ ପକ୍ଷରୁ ମଞ୍ଚ ରୂପଶିଳ୍ପୀ ବାସନ୍ତୀ ପାତ୍ର ଏବଂ ଅଭିନେତା, ନାଟ୍ୟକାର ସୁଧାଂଶୁ ମୋହନ ଦ୍ୱିବେଦୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ହୀରାଲାଲ୍ ଯାଦୁରତ୍ନ କଲ୍‌ଚୁରାଲ୍ ଏସୋସିଏସନ୍, ବାରବାଟୀ ପକ୍ଷରୁ ରୀତା ରକ୍ଷିତ୍ ଉଦ୍‌ଘାଟନୀ ଉତ୍ସବର ନାଟକ 'କଳାମଲ୍ଲୀ'ରେ ବଳରାମ ଦାସ ଭୂମିକାରେ ନିଖୁଣ ଅଭିନୟ ପାଇଁ 'କଳାକାର'ର ଅନିକେତ କାନୁନ୍‌ଗୋଙ୍କୁ ପୁରସ୍କୃତ କରିଥିଲେ। ବାଲେଶ୍ୱରର ଏକ ସ୍ୱୟଂସମ୍ପୂର୍ଣ୍ଣ ପ୍ରେକ୍ଷାଳୟର ଜରୁରୀ ଆବଶ୍ୟକତା ଉପରେ ଅତିଥିମାନେ ଗୁରୁତ୍ୱ ଆରୋପ କରିଥିଲେ।

## ବ୍ଲକସ୍ତରୀୟ ଦକ୍ଷତା ବିକାଶ ଓ ତାଲିମ ଶିବିର

**ନୀଳଗିରି,୨୮।୩ (ସଂଚାର ବ୍ୟୁର):** ଉଦ୍ୟାନବିଭାଗ ତରଫରୁ ଆରଏମସି ସମ୍ମିଳନୀ କକ୍ଷରେ ଏକ ବ୍ଲକସ୍ତରୀୟ ଦକ୍ଷତାବିକାଶ ଓ ତାଲିମଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଉପଜିଲ୍ଲାପାଳ ଶୁଭଶ୍ରୀ ରଥ ଯୋଗଦେଇଥିବା ବେଳେ ସମ୍ମାନିତଅତିଥି ଭାବରେ ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ଆତ୍ମାର ଅଧ୍ୟକ୍ଷ କୃତିବାସ ବେହେରା ଓ ଜିଲ୍ଲା ଉଦ୍ୟାନକୃଷି ନିର୍ଦ୍ଦେଶକ ତପନ କୁମାର ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ନିଜନିଜର ବକ୍ତବ୍ୟ ରଖିଥିଲେ। ନୀଳଗିରି ଉଦ୍ୟାନକୃଷି ବିଭାଗର ଉପନିର୍ଦ୍ଦେଶକ ଗୋପୀନାଥ କର, ନୀଳଗିରି ପ୍ରାଣୀଚିକିତ୍ସକ ହିମାଂଶୁ ଶେଖର ଦେ, ଜିଲ୍ଲା କୃଷିଅଧିକାରୀ ସୁମନ୍ତ ନାଏକ, ବ୍ଲକ ମତ୍ସ୍ୟଅଧିକାରିଣୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ପୃଷ୍ଟି, ଆରଏମସି ସମ୍ପାଦିକା ସୁକାନ୍ତି ପାତ୍ର ପ୍ରମୁଖ ଯୋଗଦେଇ ବିଭିନ୍ନ ସରକାରୀ ଯୋଜନା ବାବଦରେ ଆଲୋଚନା କରିଥିଲେ।

## ବ୍ଲକସ୍ତରୀୟ 'ଆମ କୁନି ପିଲା' ତାଲିମ




**ଭଞ୍ଜନଗର,୨୮।୩ (ସଂଚାର ବ୍ୟୁର):** ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ସ୍ଥାନୀୟ ଆର୍‌ଏମ୍‌ସି କାର୍ଯ୍ୟାଳୟ ନିକଟ କଲ୍ୟାଣମଣ୍ଡପଠାରେ ବ୍ଲକର ଅଙ୍ଗନବାଡି କର୍ମୀମାନଙ୍କୁ ନେଇ ଆମ କୁନି ପିଲା ବ୍ଲକ ସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ତିନିଦିନିଆ ଏହି ତାଲିମ ଶିବିର ରେ ନବଜାତକରୁ ତିନି ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କ ମାନସିକ ଓ ବୌଦ୍ଧିକ ବିକାଶ ଦିଗରେ କିଭଳି କାର୍ଯ୍ୟ କରାଯିବ ଓ ଅଙ୍ଗନବାଡି କର୍ମୀ ମାନଙ୍କ କ'ଣ ଭୂମିକା ରହିବ ସେନେଇ ଉପସ୍ଥିତ କର୍ମୀମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। ଶୁକ୍ରବାର ଦ୍ୱିତୀୟ ଦିବସରେ ସିଡିପିଓ ମିଲିମା କୁମାରୀ ପଣ୍ଡା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଏସିଓ ଶବର,ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ ଅତିଥି ଭାବେ ଯୋଗଦେଇ ଅଙ୍ଗନବାଡି କର୍ମୀଙ୍କ କର୍ତ୍ତବ୍ୟ ବାବଦରେ କହିଥିଲେ। ବ୍ରହ୍ମପୁର ଓ୍ୱାନଷ୍ଟପ ସେଣ୍ଟର ଓ ଶକ୍ତି ସଦନ କେନ୍ଦ୍ରର ମହେଶ୍ୱେତା ପାଢ଼ୀ, ସୌଦାମିନୀ ସାହୁ,ଲିପ୍ସା ରାଣୀ ଦାସ ପ୍ରମୁଖ ଯୋଗଦେଇ ଉପସ୍ଥିତ ଅଙ୍ଗନବାଡି କର୍ମୀଙ୍କୁ ଏ ବାବଦରେ ତାଲିମ ଦେଇଥିଲେ। ଏହା ସହ ବଳାତ୍କାର, ଅପହରଣ,ପାରିବାରିକ ହିଂସା, ଏସିଡ ଆକ୍ରମଣ, ଯୌନ ଉତ୍ପୀଡନ,ମହିଳା ଚାଲାଣ, ଶିଶୁ ଯୌନ ଉତ୍ପୀଡନ,ବାଲ୍ୟ ବିବାହ,ସାଇବର କ୍ରାଇମ,ଯୌତୁକ ନିର୍ଯାତନା ଓ ମୃତ୍ୟୁ ସମେତ ଅନ୍ୟାନ୍ୟ ହିଂସା ର ମନସ୍ତାତ୍ତ୍ୱିକ ଓ ସାମାଜିକ ପରାମର୍ଶ ଓ ଡାକ୍ତରୀ,ପୋଲିସ ଓ ଆଇନଗତ ଭଳି ଅନ୍ୟ ଯେକୌଣସି ସହାୟତା ବାବଦରେ ପରାମର୍ଶ ଦେଇଥିଲେ।

## ଛାତ୍ର କଂଗ୍ରେସର ମଦ ଦୋକାନ ସ୍ଥାନାନ୍ତର ଦାବି



**ଜଗତସିଂହପୁର,୨୮।୩(ସଂଚାର ବ୍ୟୁର):** ଜଗତସିଂହପୁର ସହର ର ସାନ ବଜ଼ାର ରେ ଥିବା ମଦ ଦୋକାନକୁ ସ୍ଥାନସ୍ତର କରିବା ପାଇଁ ଆଜି ରାଜ୍ୟ ଛାତ୍ର କଂଗ୍ରେସର ସାଧାରଣ ସମ୍ପାଦକ କୃଷ୍ଣ ଚନ୍ଦ୍ର ପ୍ରଧାନ ଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ ଉଦ୍ୟସରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି। କାଲେଜ ଛକରୁ ପୁରୋହିତପୁର ପର୍ଯ୍ୟନ୍ତ ଏକ ଭଲ କ୍ରବସ୍ଥସ୍ଥ ରାସ୍ତା ରହିଛି, ପ୍ରତେକ ଦିନ ହଜାର ହାଜର ଲୋକ ସେଇ ରାସ୍ତା ଦେଇ ଯିବା ଆସିବ କରନ୍ତି, ସେଇ ରାସ୍ତା କଡରେ ଏକ ଠିପି ବନ୍ଦ ମଦ ଦୋକନ ରହିଛି, ପ୍ରତେକ ଦିନ ମଦ ଦୋକାନ ଆଗରେ ମଦ ପିଇକି ଅନେକ ଲୋକ ଅଭଦ୍ର ଭାଷାରେ ନିଜ ନିଜ ଭିତରେ କଳିଗୁଳଜ ହୁଅନ୍ତି, ମରା ପିଟା ହୋଇ ରାସ୍ତା ରେ ଯାଉଥିବା ଲୋକ ମାନଙ୍କ ଉପରେ ପଡନ୍ତି ଓ ସେଇ ଲୋକ ମାନେ ଦୁର୍ଘଟଣାର ସମ୍ମୁଖୀନ ହୁଅନ୍ତି, ସନ୍ଧ୍ୟା ହେଲା ମାତ୍ରେ ମଦ ଦୋକାନ ବହୁତ ଜାମ ହୁଏ, ସେଇ ରାସ୍ତା ଦେଇ ସାଧାରଣ ଲୋକ ମନେ ଯିବା ଆସିବ କରିବାକୁ ଭୟ କରୁଛନ୍ତି।ମଦ ଦୋକାନର ୩୦୦ମିଟର ଭିତରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ର, ପୌରପରିଷଦ କାଯ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ, ଥାନା, ଭାରତୀୟ ଡାକ ଘର, ଜିଲ୍ଲାପାଳ ଙ୍କ କାଯ୍ୟଳୟ, ମୁଖ୍ୟ କଥା ହେଲା ପରିବା ବଜ଼ାର ମଧ୍ୟ୍ୟ ରହିଛି ପ୍ରତେକ ଦିନ ସହ ସହ ଲୋକ ପରିବା କିଣିବାକୁ ଆସନ୍ତି ଏତେ ସବୁ ଥାଇ ମଧ୍ୟ୍ୟ କି ଭଳି ଭାବେ ମଦ ଦୋକାନ ଖୋଲିବାକୁ ଅନୁମତି ମିଳିଲା ଶ୍ରୀ ପ୍ରଧାନ ପ୍ରଶ୍ନ କରିଚନ୍ତି, ତୁରନ୍ତ ସେ ମଦ ଦୋକାନ ବନ୍ଦ କରାଯାଉ ନାଚତେ ସେ ଜାଗାରୁ ଅନ୍ୟ ଜାଗାକୁ ସ୍ଥାନାସ୍ତର କରାଯାଉ ବୋଲି ଛାତ୍ର କଂଗ୍ରେସ ଦାବି କରିଛି। ଏହି ମାନଙ୍କ ମଧ୍ୟ୍ୟରେ ପଙ୍କଜ ପଣ୍ଡା, ରୁଦ୍ର ନାରାୟଣ ବେହେରା, ଜ୍ୟୋତି ରଞ୍ଜନ ବେହେରା, ଲକ୍ଷ୍ମୀଧର ପ୍ରଧାନ, ସୁମନ୍ତ କୁମାର ସେଠି, ପାପୁନ ପ୍ରଧାନ, ବିଶ୍ୱଜିତ ଦାସ, ଆକାଶ ସ୍ୱାଇଁ, ପ୍ରକାଶ ଦାସ ଭଳି ଅନେକ ଛାତ୍ର ନେତା ଯୋଗ ଦେଇଥିଲେ।

## ଜାତୀୟ ସ୍କଚ୍ ଆୱାର୍ଡ ପାଇବ ଗଞ୍ଜାମ

**ଛତ୍ରପୁର,୨୮।୩ (ସଂଚାର ବ୍ୟୁର):** ଗଞ୍ଜାମ ଜିଲା ଅଭିନବ ନିରୀକ୍ଷଣ କାର୍ଯ୍ୟକ୍ରମରେ ଗର୍ଭବତୀଙ୍କ ସୁରକ୍ଷା ଓ ଠିକ ସମୟରେ ସ୍ୱାସ୍ଥ୍ୟସେବା ଯୋଗାଇଥିବାରୁ ଜାତୀୟ ସ୍କଚ ଆୱାର୍ଡ-୨୦୨୫ ପାଇବାକୁ ମନୋନୀତ ହୋଇଛି। ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ୨୯ ତାରିଖରେ ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ହାବିଟାଟ ସେଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ପୁରସ୍କାର ଗ୍ରହଣ କରିବେ। ଜିଲାପାଳ ଏଥିପାଇଁ ଗଞ୍ଜାମ ଜିଲା ସ୍ୱାସ୍ଥ୍ୟ ବିଭାଗ ଟିମକୁ ଶ୍ରେୟ ଦେଇଛନ୍ତି। ସୂଚନାଯୋଗ୍ୟ, ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ଗର୍ଭବତୀଙ୍କୁ ଠିକ ସ୍ୱାସ୍ଥ୍ୟ ସେବା, ଟ୍ରାକିଙ୍ଗ, ମାଗଣାରେ ଉଭୟ ସରକାରୀ ଓ ଘରୋଇ ମେଡିକାଲରେ ଅଲଟ୍ରାସାଉଣ୍ଡ ବ୍ୟବସ୍ଥା, ସୁରକ୍ଷିତ ପ୍ରସବ ଆଦି ନେଇ ନିରୀକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରିଥିଲା। ଏହା ସଫଳ ହୋଇଛି।

## ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏଡସ ସଚେତନତା ଦିବସ ପାଳିତ




**ବୈଶିଙ୍ଗା,୨୮।୩(ସଂଚାର ବ୍ୟୁରୋ):** ବୈଶିଙ୍ଗା ସ୍ଥିତ ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ଦିନ 'ଏଡ଼ସ ସଚେତନତା ଦିବସ ' ଯୁବ ରେଡ଼କ୍ରସ ନେତୃତ୍ୱରେ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନିକ ଭାବରେ ବିଦ୍ୟାଳୟର ଅଧ୍ୟକ୍ଷ ବୀରେନ୍ଦ୍ର କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଶ୍ରୀଯୁକ୍ତ ବେହେରା ପ୍ରାରମ୍ଭିକ ଭାଷଣ ପ୍ରଦାନ କରି କିପରି ଛାତ୍ରଛାତ୍ରୀ ନିଜକୁ ସଚେତନ ରଖି ସମାଜରେ କିପରି ଏଡ଼ସ ରୋଗୀକୁ ଘୃଣା ନକରି ଏଡ଼ସ ସଚେତନତାକୁ ଲୋକମାନଙ୍କ ମଧ୍ୟରେ ବଢ଼ାଯାଇପାରିବ ଏ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ। ମୁଖ୍ୟ ଅତିଥି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅବସରପ୍ରାପ୍ତ ବରିଷ୍ଠ ପ୍ରାଧ୍ୟାପକ, ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନ ରଞ୍ଜନ ମଣ୍ଡଳ ତାଙ୍କର ଆଶ୍ରୀର୍ବଚନ ଦେଇ ଜୀବନରେ କର୍ମର ମହତ୍ତ୍ୱ ଓ ତାର ଫଳ ସମ୍ପର୍କରେ ସୂଚନା ଦେଇ ପିଲାମାନଙ୍କୁ ଏଡ଼ସ ସମ୍ପର୍କରେ ସଚେତନ କରାଇଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ଶ୍ରୀଯୁକ୍ତ ଦେବବ୍ରତ ରାଉତ ଏଡ଼ସର କାରଣ, ପ୍ରଭାବ ଓ ତାର ନିରାକରଣ ବିଷୟରେ ସବିଶେଷ ଜ୍ଞାନ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଅଧ୍ୟାପିକା ଶ୍ରୀମତୀ ମିନାକ୍ଷୀ ଦାସ ଜୀବନକୁ କିପରି ଯୋଗ ମାର୍ଗରେ ନେଇ ନିଜେ ଏଡ଼ସ ସମ୍ପର୍କରେ ଜାଣି ଅନ୍ୟକୁ କିପରି ସଚେତନ କରିବା ବୁଝାଇଥିଲେ। ବିଦ୍ୟାଳୟର ପ୍ରାକ୍ତନ ରେଡ଼କ୍ରସ ଅଧିକାରୀ ଏଡ଼ସ ବିରୁଦ୍ଧରେ ଲଢ଼ିବାର ଉପାୟମାନ ପିଲାମାନଙ୍କୁ ପ୍ରଦାନ କରିଥିଲେ। ବିଦ୍ୟାଳୟର ରେଡ଼କ୍ରସ ମୁଖ୍ୟ ଶ୍ରୀଯୁକ୍ତ ମହେନ୍ଦ୍ର କୁମାର କର ଏହି ସଭାକାର୍ଯ୍ୟକୁ ସଂଯୋଜନା ଦେଇ ସଭାକୁ ସଫଳ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ବରିଷ୍ଠ ପ୍ରାଧ୍ୟାପକ, ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ, ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଛାତ୍ରଛାତ୍ରୀ ମାନେ ଏହି କାର୍ଯ୍ୟରେ ଯୋଗଦେଇ ସଭାକୁ ସଫଳ ରୂପାୟନ କରିଥିଲେ।

## ପ୍ରତିଭାକୁ ପ୍ରୋତ୍ସାହିତ କରେ ପୁରସ୍କାର

- 'ଆମ ସଂସ୍କୃତି, ଆମ ଖେଳନା'କର୍ମଶାଳା



**କାକଟପୁର/ଅସ୍ତରଙ୍ଗ, ୨୮।୩(ସଂଚାର ବ୍ୟୁରୋ):** ସମଗ୍ର ଶିକ୍ଷା ଅଭିଯାନ, ପୁରୀଙ୍କ ନିର୍ଦ୍ଦେଶ କ୍ରମେ ଅସ୍ତରଙ୍ଗ ମଣ୍ଡଳଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ ଆଳଙ୍ଗପୁର ପ୍ରାଥମିକ ବିଦ୍ୟାଳୟ ରେ ଶୁକ୍ରବାର ଦିନ "ଆମ ସଂସ୍କୃତି ଆମ ଖେଳନା "ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ କୁନି କୁନି ପିଲାମାନଙ୍କୁ ଖେଳନା ମାଧ୍ୟମରେ ପାଠ ପଢ଼ାଇବା ଉଦ୍ଦେଶ୍ୟରେ ଆୟୋଜିତ ଏହି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଆୟୋଜିତ କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ସମାଜସେବୀ ପବିତ୍ର ସ୍ୱାଇଁ, ମୁଖ୍ୟବକ୍ତା ସୁଧାଂଶୁବାଳା ଶତପଥୀ, ସମ୍ମାନିତ ଅତିଥି ସାଧନ ସଂଯୋଜକ ସନ୍ତୋଷ ସ୍ୱାଇଁ, ରବୀନ୍ଦ୍ର ପରିଡା,ସମାଜସେବୀ ପ୍ରଶାନ୍ତ ଭୋଳ,ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ କୈକେକୀ ମ୍ୟାଡମ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ର ଛାତ୍ରୀଙ୍କ ପାଠପଢ଼ାକୁ ଆନନ୍ଦ ଦାୟକ, ଆଗ୍ରହପୂର୍ଣ୍ଣ କରିବା ସହ ପିଲାମାନେ କିପରି ବିଦ୍ୟାଳୟ ପ୍ରତି ଆକୃଷ୍ଟ ହେବେ ସେଥିପାଇଁ କିପରି ସ୍ୱଳ୍ପ ମୂଲ୍ୟରେ ଓ ବିନା ମୂଲ୍ୟରେ ଶିକ୍ଷାଦାନ ସାମଗ୍ରୀ ପ୍ରସ୍ତୁତ କରାଯାଇ ପାରିବ ସେ ସମ୍ପର୍କରେ ଏହି କର୍ମଶାଳା ରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଶ୍ରୀ ସ୍ୱାଇଁ ଯୋଗଦେଇ କହିଥିଲେ ସଂସ୍କୃତି ଓ ପରମ୍ପରାକୁ ନେଇ ଶୈକ୍ଷିକ ଖେଳନା ପ୍ରସ୍ତୁତି ବାବଦରେ ଉପସ୍ଥିତ ଶିକ୍ଷକ, ଶିକ୍ଷୟତ୍ରୀଙ୍କୁ ସୂଚନା ଦେଇଥିଲେ।

## ନରଦା ସମବାୟ ସମିତିର ବାର୍ଷିକ ଅଧିବେଶନ

**ବାଲିପାଟଣା,୨୮।୩(ସଂଚାର ବ୍ୟୁରୋ):** ବାଲିପାଟଣା ବ୍ଲକ ଅନ୍ତର୍ଗତ ନରଦା ସେବା ସମବାୟ ସମିତି ର ୮୪ ତମ ବାର୍ଷିକ ସାଧାରଣ ଅଧିବେଶନ ଆଜି ତୁରିନ୍ତିରକ୍ଷ ଗ୍ରାମ ପଞ୍ଚାୟତ କଲ୍ୟାଣୀ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନରଦା ସମବାୟ ସମିତି ର ସଭାପତି ବାଉରୀବନ୍ଧୁ ଦଳାଇ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ଶକ୍ତି ପ୍ରସନ୍ନ ଜେନା, ବାଲିପାଟଣା ବ୍ଲକ ସମବାୟ ସମ୍ପ୍ରସାରଣ ଅଧିକାରୀ ଦିବ୍ୟ ରଞ୍ଜନ ପ୍ରଧାନ, ଏ ଆଇ କେଦାରନାଥ ବେହେରା, ସ୍ଥାନୀୟ ସରପଞ୍ଚ ମିତାରାଣୀ ମଲ୍ଲିକ, ସମବାୟ ଉପ ସଭାପତି ସନ୍ଧ୍ୟାରାଣୀ ଦାସ, ପଞ୍ଚାୟତ ପି ଇ ଓ ଦେବାଶିଷ ଦାସ ଏବଂ ସମସ୍ତ ଡାଇରେକ୍ଟର ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ। ସମିତି ର ସମ୍ପାଦକ ସୁକାନ୍ତ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ନରଦା ସେବା ସମବାୟ ସମିତି ଗତ ୨୦୧୫ ଠାରୁ ଲଗାତାର ଭାବରେ ଲାଭ କରୁଅଛି ଏବଂ ଆଗାମୀ ସମୟରେ ସମିତି ପାଇଁ ଏକ ଶୌଚାଳୟ ଓ ପାନୀୟ ଜଳ ର ସୁବିଧା କରାଯିବ ବୋଲି ସମ୍ପାଦକ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏହି ଅବସରରେ ସଫଳ ଚାଷୀ ରମେଶ ଚନ୍ଦ୍ର ସେନାପତି, ଧଡେଶ୍ୱର ଖଟେଇ, ମୀର ଶାହାଜାନ ଅଲ୍ଲୀ, ଶରତ କୁମାର ପଟ୍ଟନାୟକ, ଘନଶ୍ୟାମ ନାୟକ, କୈଳାସ ନାୟକ, ବିପିନ ବିହାରୀ ସ୍ୱାଇଁ, ପୂର୍ଣ୍ଣ ଚନ୍ଦ୍ର ପଣ୍ଡା, ବାବାଜୀ ମଲ୍ଲିକ, ମାୟାଧର ସାହୁ, ଦିଲ୍ଲୀପ କୁମାର ତ୍ରିପାଠୀ, ଅର୍ଜୁନ ଜେନା ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ସମିତି ର ସମସ୍ତ ଡାଇରେକ୍ଟର ଏବଂ ଚାଷୀ ଉପସ୍ଥିତ ଥିଲେ। ଡାଇରେକ୍ଟର ପ୍ରତାପ କେଶରୀ ନାୟକ ତାଙ୍କ ବକ୍ତବ୍ୟରେ ପ୍ରତ୍ୟେକ ବର୍ଷ ସମିତି ର ସାଧାରଣ ଅଧିବେଶନ ଡକାଇବା ସହିତ ସମିତିର ସମସ୍ତ ଚାଷୀଙ୍କୁ ସମ୍ବର୍ଦ୍ଧିତ କରିବା ଏବଂ ବାର୍ଷିକ ଆୟ ବ୍ୟୟ ର ସୂଚନା ଚାଷୀ ମାନଙ୍କୁ ସରଳ ଭବରେ ବୁଝାଇବାକୁ ପ୍ରସ୍ତାବ ରଖିଥିବା ବେଳେ ସଭାପତି ବାଉରୀବନ୍ଧୁ ଦଳାଇ ଉକ୍ତ ବିଷୟ ପ୍ରତି ଦୃଷ୍ଟି ଦେବାକୁ ସମ୍ମତି ପ୍ରକାଶ କରିଥିଲେ।